# ଯାଜପୁର ଜିଲ୍ଲାରେ ଯାଜପୁର ତହସିଲର ୟୁନିଟ ନମ୍ବର ୭ ଶୀତଳେଶ୍ୱର ଗ୍ରାମ ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ବେସରକାରୀ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ





ପ୍ରଦାନ କଲେ :

**ଆମିଟି ହ୍ୟୁମାନିଟି ଫାଉଣ୍ଡେସନ.**
ପ୍ଲଟ ନଂ - ଏନ୍ ୩ -୧୮୩
(ଏକାମ୍ର ପାର୍କ ସମ୍ମୁଖ)
ଆଇ.ଆର.ସି. ଭିଲେଜ, ନୟାପଲ୍ଲି ଭୁବନେଶ୍ୱର, ଓଡ଼ିଶା
-୭୫୧୦୧୫
ଫୋନ -ନଂ :.: ୦୬୭୪ ୨୫୫୦୦୦୫/୯୩୩୭୧୨୦୦୧୩
E-mail: csatapathy@bbsr.amity.edu


ପ୍ରଦତ୍ତ ହେଲା:

ରାଜ୍ୟ ସାମାଜିକ ପ୍ରଭାବ ମୂଲ୍ୟାୟନ ବିଭାଗ
ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନ୍.ସି.ଡି.ଏସ),
(ICSSR Research Institute in Collaboration with Govt. of Odisha)
ଭୁବନେଶ୍ୱର - ୭୫୧୦୧୩, ଓଡ଼ିଶା
ଫୋନ -ନଂ : ୦୬୭୪ ୨୩୦୧୦୯୪/ ୨୩୦୧୬୧୭/ ୨୩୦୦୪୭୧
E-mail: sia.ncds@gov.in

# ଯାଜପୁର ଜିଲ୍ଲାରେ ଯାଜପୁର ତହସିଲର ୟୁନିଟ ନମ୍ବର ୭ ଶୀତଳେଶ୍ୱର ଗ୍ରାମ ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ବେସରକାରୀ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

*ପ୍ରଦତ୍ତ ହେଲା:*

ରାଜ୍ୟ ସାମାଜିକ ପ୍ରଭାବ ମୂଲ୍ୟାୟନ ବିଭାଗ

ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନ୍.ସି.ଡି.ଏସ),

**(ICSSR Research Institute in Collaboration with Govt. of Odisha)**

ଭୁବନେଶ୍ୱର - ୭୫୧୦୧୩, ଓଡ଼ିଶା

ଫୋନ -ନଂ : ୦୬୭୪ ୨୩୦୧୦୯୪/ ୨୩୦୧୬୧୭/ ୨୩୦୦୪୭୧

**E-mail: sia.ncds@gov.in**

*ପ୍ରଦାନ କଲେ :*


**ଆମିଟି ହ୍ୟୁମାନିଟି ଫାଉଣ୍ଡେସନ (ଏ ଏଚ୍ ଏଫ)**

ପ୍ଲଟ ନଂ - ଏନ୍ ୩ -୧୮୩ (ଏକାମ୍ର ପାର୍କ ସମ୍ମୁଖ)

ଆଇ.ଆର.ସି. ଭିଲେଜ, ନୟାପଲ୍ଲି ଭୁବନେଶ୍ୱର, ଓଡ଼ିଶା -୭୫୧୦୧୫

ଫୋନ -ନଂ :.: ୦୬୭୪ ୨୫୫୦୦୦୫/୯୩୩୭୧୨୦୦୧୩

**E-mail: csatapathy@bbsr.amity.edu**

*ଡଃ. ସି. ଶତପଥି ପିଏଚ୍.ଡି. ଆଇ ଏ ଆର ଆଇ*
*ନିର୍ଦ୍ଦେଶକ, ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର*
**Email: csatapathy@bbsr.amity.edu, Mob:** ୯୩୩୭୧୨୦୦୧୩

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ୍, ଭୁବନେଶ୍ୱରର ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନସିଡିଏସ୍), ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ୟୁନିଟ ନମ୍ବର ୭ ଶୀତଳେଶ୍ୱର ଗ୍ରାମରେ (ଯାଜପୁର ମୁନ୍ସିପାଲିଟି) ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ୧.୯୭୭୫ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱରରକୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦାୟିତ୍ୱ ପ୍ରଦାନ କରିଛନ୍ତି।

ପ୍ରଭାବିତ ଅଞ୍ଚଳରେ ଅଧ୍ୟୟନ ସମୟରେ ଆମେ ସରକାରୀ ଅଧିକାରୀ, ବିଶେଷତଃ ତହସିଲଦାର, ଯାଜପୁର; ଭୂ-ଅର୍ଜନ ଅଧିକାରୀଙ୍କ ସମେତ ତାଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଯାଜପୁର ପୌର ପରିଷଦର ସଦସ୍ୟଙ୍କ ଠାରୁ ପୂର୍ଣ୍ଣ ସମର୍ଥନ ଏବଂ ସହଯୋଗ ଲାଭ କରିଥିଲୁ, ଆମେ ସେମାନଙ୍କ ନିକଟରେ କୃତଜ୍ଞ । ପ୍ରକଳ୍ପ ବିଷୟରେ ଆବଶ୍ୟକ ସୂଚନା ପ୍ରଦାନ କରି ସହାୟତା ପ୍ରଦାନ କରିଥିବାରୁ ସହକାରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠା ବିଭାଗ ଯାଜପୁରଙ୍କ ନିକଟରେ ଆମେ କୃତଜ୍ଞ ।

ଏହି ବିବରଣୀରେ ଆମେ ସୂଚନା ସଂଗ୍ରହର ସର୍ବୋତ୍ତମ ଏବଂ ଉପଯୁକ୍ତ ପଦ୍ଧତି ଗ୍ରହଣ କରିବାକୁ ଚେଷ୍ଟା କରିଛୁ ଯାହା ପାଇଁ ଆମେ ବିବରଣୀରେ ସଠିକ୍ ସ୍ଥାନରେ ସଠିକ୍ ତଥ୍ୟ ରଖିବାରେ ସକ୍ଷମ ହୋଇପାରିଛୁ । ମୁଁ ଆଶା କରୁଛି ଏହି ଦଲିଲ ଉଭୟ ଜମି ଆବଶ୍ୟକ କରୁଥିବା ସଂସ୍ଥା ଏବଂ ପ୍ରକଳ୍ପ ପ୍ରଭାବିତ ପରିବାରକୁ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟାର ଉଦ୍ଦେଶ୍ୟ ପୂରଣ କରିବାରେ ସାହାଯ୍ୟ କରିବ ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀଟିକୁ ଠିକ ସମୟରେ ସଂପୂର୍ଣ୍ଣ କରିବା ପାଇଁ ଆବଶ୍ୟକୀୟ ସମର୍ଥନ ଏବଂ ମାର୍ଗଦର୍ଶନ ପାଇଁ ପ୍ରଫେସର ଶିବଲାଲ ମେହେର, ସଂଯୋଜକ, ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ୍, ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନସିଡିଏସ୍), ଭୁବନେଶ୍ୱରର ଏବଂ ତାଙ୍କ ଦଳର ସମସ୍ତ ସଦସ୍ୟଙ୍କ ନିକଟରେ ଆମେ କୃତଜ୍ଞ । ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର ମଧ୍ୟ ଦଳମୁଖ୍ୟ ଶ୍ରୀଯୁକ୍ତ ଜଗମୋହନ ଦେବତା, କ୍ଷେତ୍ର ଅନୁସନ୍ଧାନକାରୀ ଶ୍ରୀଯୁକ୍ତ ଅଭୟ କୁମାର ତ୍ରିପାଠୀ ଏବଂ ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମି ସ୍ୱାଇଁ ଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରସ୍ତୁତି ପାଇଁ ପରିବାର ବିଷୟରେ ସୂଚନା ଦେବା ସହିତ ଆବଶ୍ୟକ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରିଥିବାରୁ ମୁଁ ପ୍ରଭାବିତ ପରିବାରର ସହଯୋଗକୁ ମଧ୍ୟ ସ୍ୱୀକାର କରୁଛି ।

ଆମର ବୈଜ୍ଞାନିକ ଶ୍ରୀଯୁକ୍ତ ନିର୍ମଳ କୁମାର ରଥ, ଶ୍ରୀଯୁକ୍ତ ଦୀପକ କୁମାର ସାହୁ ଏବଂ ସୁଶ୍ରୀ ସସ୍ମିତା ପଣ୍ଡାଙ୍କ ଅବଦାନ ଏବଂ ସହଯୋଗ ଯଥାର୍ଥରେ ସ୍ୱୀକାର ଯୋଗ୍ୟ ।

ପୁନଶ୍ଚ, ଆମେ ଉଲ୍ଲେଖ କରୁଛୁ ଯେ, ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନସିଡିଏସ୍), ଭୁବନେଶ୍ୱରର ଅଧିକାରୀଙ୍କ ସହଯୋଗ ଓ ସମର୍ଥନ ଯୋଗୁ ଆମ୍ଭେ ସଠିକ ସମୟରେ ଅଧ୍ୟୟନ କାର୍ଯ୍ୟ ସମାପ୍ତ କରିଛୁ ତେଣୁ ଆମେ ତାଙ୍କ ନିକଟରେ ଋଣି ।

*ଡଃ. ସି. ଶତପଥି*

# ସୂଚୀପତ୍ର

**ସୂଚୀପତ୍ର** ........ ii
**ସାରଣୀ ସୂଚୀ** ........ iv
**ଚିତ୍ର ସୂଚୀ** ........ v
**କାର୍ଯ୍ୟନିର୍ବାହୀ ସାରାଂଶ** ........ ୧
**ପ୍ରଥମ ଅଧ୍ୟାୟ : ପ୍ରକଳ୍ପ ପରିଚୟ ଓ ବର୍ଣ୍ଣନା** ........ ୯
୧.୧ ପ୍ରକଳ୍ପର ପୃଷ୍ଠଭୂମି ........ ୯
୧.୨ ପରିଚାଳନାର ଢାଞ୍ଚା ........ ୧୨
୧.୩ ପ୍ରକଳ୍ପର ଆବଶ୍ୟକତା, ଯଥାର୍ଥତା ଓ ସାର୍ବଜନିନ ଉଦ୍ଦେଶ୍ୟ ସାଧନ ........ ୧୩
୧.୪ ପ୍ରକଳ୍ପର ଆକାର ଓ ଢାଞ୍ଚାର ବିସ୍ତୃତ ବିବରଣୀ ........ ୧୮
୧.୫ ବିକଳ୍ପର ପରୀକ୍ଷଣ ........ ୨୦
୧.୬. ଶ୍ରମିକ ବଳର ଆବଶ୍ୟକତା (ଅସ୍ଥାୟୀ ଓ ସ୍ଥାୟୀ) ........ ୨୧
୧.୭ ପ୍ରଯୁଜ୍ୟ ଆଇନ କାନୁନ ........ ୨୧
୧.୮ ବିବରଣୀ ପ୍ରସ୍ତୁତ ପ୍ରଣାଳୀ ........ ୪୨
**ଦ୍ୱିତୀୟ ଅଧ୍ୟାୟ: ଅଧ୍ୟୟନ ର ଉଦ୍ଦେଶ୍ୟ , ସୁଯୋଗ, କାର୍ଯ୍ୟପ୍ରଣାଳୀ, କୌଶଳ ଏବଂ ପ୍ରକ୍ରିୟା** ୪୩
୨.୧ ଉପକ୍ରମ ........ ୪୩
୨.୨ ଆକଳନ ର ପରିସର ........ ୪୩
୨.୩ ଆକଳନ ଅଧ୍ୟୟନର ଉଦ୍ଦେଶ୍ୟ ........ ୪୫
୨.୪ ବର୍ଣ୍ଣନା ଏବଂ ବ୍ୟବହୃତ କାର୍ଯ୍ୟପ୍ରଣାଳୀର ପ୍ରଯୁଜ୍ୟତା ........ ୪୬
୨.୫ ଅଧ୍ୟୟନ କାର୍ଯ୍ୟ ସମ୍ପାଦନ ଏବଂ ବିଶେଷଜ୍ଞ ମଣ୍ଡଳୀ ........ ୪୬
୨.୬ ଅଧ୍ୟୟନ ଦଳ ଗଠନ ........ ୪୭
୨.୭ ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟପନ୍ଥା ଓ ପ୍ରଣାଳୀ : ........ ୪୯
୨.୮ ଅନୁସନ୍ଧାନ ପଦ୍ଧତି/ ଉପକରଣ ........ ୫୦
୨.୯ ଚିଠା ବିବରଣୀ ........ ୫୮
୨.୧୦ ଜନଶୁଣାଣି ........ ୫୮
୨.୧୧ ଅଧ୍ୟୟନର ସୀମାବଦ୍ଧତା ........ ୫୮
**ତୃତୀୟ ଅଧ୍ୟାୟ: ଜମିର ଆକଳନ** ........ ୬୦
୩.୧ ଉପକ୍ରମ ........ ୬୦
୩.୨ ଅଧିଗ୍ରହଣ କରାଯାଉଥିବା ଜମିର ମାଲିକାନା ସ୍ୱତ୍ତ୍ୱର ବିବରଣୀ ........ ୬୦
୩.୭ ଜମିର ମୂଲ୍ୟ ........ ୬୫
**ଚତୁର୍ଥ ଅଧ୍ୟାୟ: ପ୍ରଭାବିତ ଅଞ୍ଚଳର ପାର୍ଶ୍ୱଚିତ୍ର, ପ୍ରଭାବିତ ପରିବାରର ଗଣନା** . ୬୮

୪.୧. ଓଡିଶା ରାଜ୍ୟ ସମ୍ବନ୍ଧରେ ............ ୬୮
୪.୨ ଯାଜପୁର ଜିଲ୍ଲା ସମ୍ବନ୍ଧରେ ............ ୬୮
୪.୩ ପ୍ରଭାବିତ ଅଞ୍ଚଳ ତଥା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ପାର୍ଶ୍ବଚିତ୍ର............ ୭୪
୪.୪ ମହିଳାମାନଙ୍କର ଭାଗିଦାରୀତା ............ ୮୮
୪.୫ ଜୀବନଧାରଣ ପରିବେଶ ଓ ତାର ଗୁଣବତ୍ତା............ ୮୮
**ପଞ୍ଚମ ଅଧ୍ୟାୟ: ପ୍ରକଳ୍ପ ସମ୍ବନ୍ଧରେ ପରିବାରର ଧାରଣା ଏବଂ ପ୍ରକଳ୍ପର ପ୍ରଭାବ ୮୯**
୫.୧ ପ୍ରକଳ୍ପ ସମ୍ବନ୍ଧରେ ସଚେତନତା ............ ୮୯
୫.୨ ପ୍ରକଳ୍ପରୁ ମିଳିବାକୁ ଥିବା ଲାଭ : ସାମାଜିକ ଏବଂ ଅର୍ଥନୈତିକ ............ ୯୦
୫.୩ ପ୍ରକଳ୍ପ ପ୍ରତି ପରିବାରର ମନୋଭାବ ............ ୯୦
୫.୪ କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାରଗୁଡିକର ଆଶା ଏବଂ ପସନ୍ଦ:............ ୯୨
୫.୫ ପ୍ରକଳ୍ପ ପ୍ରଭାବ: ............ ୯୩
୫.୬ କେନ୍ଦ୍ରୀଭୂତ ଦଳଗତ ଆଲୋଚନା :............ ୯୭
**ଷଷ୍ଠ ଅଧ୍ୟାୟ: ସାମାଜିକ ପ୍ରଭାବ ପରିଚାଳନା ଯୋଜନା ............ ୯୯**
୬.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା............ ୯୯
**ସପ୍ତମ ଅଧ୍ୟାୟ: ମୂଲ୍ୟ ସହ ଲାଭର ବିଶ୍ଳେଷଣ ............ ୧୦୬**
୭.୧ ଉପକ୍ରମ............ ୧୦୬
୭.୨ ଖର୍ଚ୍ଚ ଓ ଲାଭର ବିଶ୍ଳେଷଣ............ ୧୦୬
**ଅଷ୍ଟମ ଅଧ୍ୟାୟ: ଜନଶୁଣାଣି ର ବିଶଦ ବିବରଣୀ............ ୧୧୧**
**ନବମ ଅଧ୍ୟାୟ: ଉପସଂହାର ଓ ସୁପାରିଶ ............ ୧୧୫**
**ଅନୁସୂଚୀ ............ ୧୧୭**
ଅନୁସୂଚୀ-୧ ............ ୧୧୮
ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ବିଜ୍ଞପ୍ତି ଏବଂ ଭୂମି ଅନୁସୂଚୀ . ୧୧୮
ଅନୁସୂଚୀ- ୨ ............ ୧୨୧
ସର୍ବେକ୍ଷଣ କରାଯାଇଥିବା ପରିବାରର ତାଲିକା ............ ୧୨୧
ଅନୁସୂଚୀ-୩ ............ ୧୨୮
କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ଭାଗ ନେଇଥିବା ବ୍ୟକ୍ତିମାନଙ୍କ ତାଲିକା ......
ଅନୁସୂଚୀ-୪ ............ ୧୨୯
ଜନଶୁଣାଣିର ବିଜ୍ଞପ୍ତି ............ ୧୨୯
ଅନୁସୂଚୀ-୫ ............ ୧୩୦
ଜନଶୁଣାଣି ରେ ଭାଗ ନେଇଥିବା ବ୍ୟକ୍ତିମାନଙ୍କ ତାଲିକା ............ ୧୩୦
ଅନୁସୂଚୀ-୬ ............ ୧୩୪
ସାମାଜିକ ମାନଚିତ୍ର............ ୧୩୪
ଅନୁସୂଚୀ – ୭ ............ ୧୩୫

ସର୍ବେକ୍ଷଣ ସମୟରେ ଉପଲବ୍ଧ ହୋଇନଥିବା ବ୍ୟକ୍ତିମାନଙ୍କ ତାଲିକା .......... ୧୩୫
ଅନୁସୂଚୀ – ୮ .......... ୧୩୬
ପରିବାର ସର୍ବେକ୍ଷଣ ଅନୁସୂଚୀ.......... ୧୩୬
ଫୋଟୋଗ୍ରାଫ.......... ୧୬୨

## ସାରଣୀ ସୂଚୀ


| | | |
|---|---|---|
| ସାରଣୀ :- ୧.୧ | ଓଡ଼ିଶାରେ ବିଭିନ୍ନ ପ୍ରକାର ସଡ଼କର ଦୈର୍ଘ୍ୟ, ୨୦୧୮-୧୯ | ୧୨ |
| ସାରଣୀ :- ୧.୨ | ଓଡିଶା ସରକାରଙ୍କ ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତାପୁନର୍ବାସ ଓ ଥଇଥାନ ନୀୟମ , (ଓ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆଣ୍ଡ ଆର୍) ୨୦୧୬ ସାରାଂଶ | ୩୫ |
| ସାରଣୀ :- ୧.୩ | ଜମି ମାଲିକମାନଙ୍କ ନିମନ୍ତେ କ୍ଷତିପୂରଣ | ୩୮ |
| ସାରଣୀ :- ୧.୪ | ସମସ୍ତ ପ୍ରଭାବିତ ପରିବାର ନିମନ୍ତେ ପୁନର୍ବାସ ଏବଂ ଥଇଥାନ ଅଧିକାରର ଉପାଦାନ | ୩୯ |
| ସାରଣୀ :- ୨.୧ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ପାର୍ଶ୍ୱଚିତ୍ର | ୪୯ |
| ସାରଣୀ :- ୨.୨ | ସର୍ବେକ୍ଷଣ କରାଯାଇଥିବା ପରିବାର | ୫୫ |
| ସାରଣୀ :- ୩.୧ | ସର୍ବେକ୍ଷଣ କରାଯାଇଥିବା ପ୍ରଭାବିତ ପରିବାରର ବିସ୍ତୃତ ବିବରଣୀ | ୬୨ |
| ସାରଣୀ :- ୩.୨ | କେଉଁ ଉତ୍ସରୁ କେତେ ପରିମାଣର ଜମି ଅଧିଗ୍ରହଣ କରାଯିବ (ଏକର ଆକାରରେ) | ୬୨ |
| ସାରଣୀ :- ୩.୩ | ରାସ୍ତା ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ଜମିର ପ୍ରକାର | ୬୩ |
| ସାରଣୀ :- ୩.୪ | ୟୁନିଟ -୭ ଶୀତଳେଶ୍ୱର ଗ୍ରାମରେ ଘରୋଇ ମାଲିକାନାରେ ଥିବା ତଥା ଅଧିଗ୍ରହଣ କରାଯାଇଥିବା ଜମିର ବିସ୍ତୃତ ବିବରଣୀ (ଏକର ରେ) | ୬୩ |
| ସାରଣୀ :- ୩.୫ | ପ୍ରଭାବିତ ଜମିର ବେଞ୍ଚମାର୍କ ମୂଲ୍ୟ (ଟଙ୍କା/ ଏକର) | ୬୬ |
| ସାରଣୀ :- ୩.୬ | ଦୁରତ୍ୱର ପରିଧି, ବିଭିନ୍ନ ଗୁଣକ ଏବଂ ସ୍ଲାଇଡିଂ ସ୍କେଲ | ୬୭ |
| ସାରଣୀ :- ୩.୬ | ହିସାବ ପ୍ରଣାଳୀର ନମୁନା | ୬୮ |
| ସାରଣୀ :- ୪.୧ | ଜିଲ୍ଲା ସମ୍ବନ୍ଧରେ ମୌଳିକ ତଥ୍ୟ | ୭୦ |
| ସାରଣୀ :- ୪.୨ | ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା | ୭୧ |
| ସାରଣୀ :- ୪.୩ | ଯାଜପୁର ଜିଲ୍ଲାର ଜନସଂଖ୍ୟା ସମ୍ବନ୍ଧୀତ ଚିତ୍ର | ୬୯ |
| ସାରଣୀ :- ୪.୪ | କୃଷି ପରିସ୍ଥିତି, ଜଳବାୟୁ, ଜଳ ବିଜ୍ଞାନ ଏବଂ ଭୂଭାଗର ରୂପ | ୭୨ |
| ସାରଣୀ :- ୪.୫ | ବିଭିନ୍ନ ବ୍ଲକର ଭୌଗଳିକ ଅଞ୍ଚଳ (ହେକ୍ଟରରେ) | ୭୪ |
| ସାରଣୀ :- ୪.୬ | ଯାଜପୁର ଜିଲ୍ଲାରେ ଜମି ବ୍ୟବହାର ପ୍ରଣାଳୀ | ୭୬ |
| ସାରଣୀ :- ୪.୭ | ଯାଜପୁର ଜିଲ୍ଲାରେଥିବା ରାସ୍ତା ଯୋଗାଯୋଗ ବ୍ୟବସ୍ଥା | ୭୬ |
| ସାରଣୀ :- ୪.୮ | ଧର୍ମ ଓ ସାମାଜିକ ଗୋଷ୍ଠୀ ଆଧାରରେ ପ୍ରଭାବିତ ପରିବାର ଗୁଡ଼ିକର ସଂରଚନା | ୭୭ |
| ସାରଣୀ :- ୪.୯ | ପ୍ରଭାବିତ ପରିବାର ମୁଖ୍ୟମାନଙ୍କର ଲିଙ୍ଗଗତ ସଂରଚନା | ୭୮ |
| ସାରଣୀ :- ୪.୧୦ | ପ୍ରଭାବିତ ପରିବାର ଗୁଡ଼ିକର ଜନସଂଖ୍ୟାରେ ଲିଙ୍ଗଗତ ବିତରଣ | ୭୮ |
| ସାରଣୀ :- ୪.୧୧ | ପ୍ରଭାବିତ ଏବଂ ଅଣ ପ୍ରଭାବିତ ପରିବାର ମଧ୍ୟରେ ବୟସ ଅନୁଯାୟୀ ବର୍ଗୀକରଣ | ୭୮ |

| | | |
|---|---|---|
| ସାରଣୀ :- ୪.୧୨ | ବୈବାହିକ ସ୍ଥିତି ଆଧାରରେ ପ୍ରଭାବିତ ପରିବାର ଗୁଡ଼ିକର ଆବଣ୍ଟନ | ୮୦ |
| ସାରଣୀ :- ୪.୧୩ | ଶିକ୍ଷାର ବିଭିନ୍ନ ସ୍ତରକୁ ବିଚାରକୁ ନେଇ ସଦସ୍ୟଙ୍କ ର ବିତରଣ | ୮୦ |
| ସାରଣୀ :- ୪.୧୪ | ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ଲୋକମାନଙ୍କର ବିତରଣ | ୮୨ |
| ସାରଣୀ :- ୪.୧୫ | ଜୀବିକା ର କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର ବିଭାଜନ | ୮୩ |
| ସାରଣୀ :- ୪.୧୬ | ଆୟ ଶ୍ରେଣୀ ଅନୁସାରେ ପରିବାର ଗୁଡ଼ିକର ବିଭକ୍ତିକରଣ | ୮୪ |
| ସାରଣୀ :- ୪.୧୭ | ଋଣର ସବିଶେଷ ବିବରଣୀ | ୮୫ |
| ସାରଣୀ :- ୪.୧୮ | ସ୍ଥାୟୀ ଉପଭୋକ୍ତା ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ପଦ | ୮୫ |
| ସାରଣୀ :- ୪.୧୯ | ଗୃହନିର୍ମାଣ ବ୍ୟବସ୍ଥା | ୮୬ |
| ସାରଣୀ :- ୪.୨୦ | ଗୃହ ମଧ୍ୟରେ ଅନ୍ୟାନ୍ୟ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ | ୮୭ |
| ସାରଣୀ :- ୪.୨୧ | ରୋଗ ବିରାଗ ଓ ସ୍ୱାସ୍ଥ୍ୟ ସୁବିଧା | ୮୭ |
| ସାରଣୀ :- ୪.୨୨ | ଅସୁରକ୍ଷିତ ଅବସ୍ଥାରେ ଥିବା ପ୍ରଭାବିତ ପରିବାର | ୮୮ |
| ସାରଣୀ :- ୫.୧ | ପ୍ରକଳ୍ପର ସକରାତ୍ମକ ସୂଚକ ଉପରେ ପରିବାରର ପ୍ରତିକ୍ରିୟା | ୯୨ |
| ସାରଣୀ :- ୫.୨ | ପ୍ରକଳ୍ପର ନକରାତ୍ମକ ସୂଚକ ଉପରେ ପରିବାରର ପ୍ରତିକ୍ରିୟା | ୯୨ |
| ସାରଣୀ :- ୫.୩ | ସ୍ଥାନୀୟ ଅର୍ଥନୀତି ଉପରେ ପ୍ରଭାବ ସମ୍ପର୍କରେ ଧାରଣା | ୯୫ |
| ସାରଣୀ :- ୫.୪ | ଅଧିଗ୍ରହଣ ହେତୁ ପ୍ରଭାବିତ ହେବାକୁ ଥିବା ସର୍ବସାଧାରଣ ସମ୍ପତ୍ତି | ୯୬ |
| ସାରଣୀ :- ୫.୫ | ଜନସେବା ଏବଂ ଉପଯୋଗୀତା ଉପରେ ପ୍ରଭାବ ଉପରେ ପରିବାରର ଧାରଣା | ୯୬ |
| ସାରଣୀ :- ୫.୬ | ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ସମ୍ପର୍କରେ ବିପଦ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଖର୍ଚ୍ଚ ଉପରେ ପ୍ରଭାବ ସମ୍ପର୍କରେ ପରିବାରର ଧାରଣା | ୯୮ |
| ସାରଣୀ :- ୬.୧ | ସାମାଜିକ ପ୍ରଭାବ ପରିଚାଳନା ଯୋଜନା | ୧୦୨ |
| ସାରଣୀ :- ୭.୧ | ଜମିର ମୂଲ୍ୟ | ୧୦୫ |
| ସାରଣୀ :- ୭.୧ | ଜମିର କ୍ଷତିପୂରଣ ହିସାବ | ୧୦୯ |
| ସାରଣୀ :- ୭.୧ | ପ୍ରକଳ୍ପର ମୋଟ ଖର୍ଚ୍ଚ | ୧୧୦ |


## ଚିତ୍ର ସୂଚୀ


| | | | | |
|---|---|---|---|---|
| ଚିତ୍ର | :- | ୪.୧ | ଜାତି ଅନୁଯାୟୀ ବିଭାଜନ | ୭୭ |
| ଚିତ୍ର | :- | ୪.୨ | ବିଭନ୍ନ ବୟସ ଅନୁଯାୟୀ ଲୋକସଂଖ୍ୟା ର ପ୍ରତିଶତ ଅନୁଯାୟୀ ବିଭାଜନ (ପ୍ରଭାବିତ ଏବଂ ଅଣ ପ୍ରଭାବିତ) | ୭୯ |
| ଚିତ୍ର | :- | ୪.୩ | ଲୋକସଂଖ୍ୟାର ଶିକ୍ଷାଗତ ଯୋଗ୍ୟତାର ସ୍ଥିତି | ୮୧ |
| ଚିତ୍ର | :- | ୪.୪ | ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର ବିଭାଜନ | ୮୩ |
| ଚିତ୍ର | :- | ୪.୫ | ଜୀବିକା ର କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର ବିଭାଜନ | ୮୩ |
| ଚିତ୍ର | :- | ୪.୬ | ଆୟ ବର୍ଗରେ ପ୍ରଭାବିତ ପରିବାରର ବିତରଣ | ୮୪ |
| ଚିତ୍ର | :- | ୫.୧ | ସାମାଜିକ ଏବଂ ଅର୍ଥନୈତିକ ସୁବିଧା | ୯୧ |
| ମାନଚିତ୍ର | :- | ୧ | ଯାଜପୁର ନଗରପାଳିକା ଅଞ୍ଚଳ | ୧୫ |
| ମାନଚିତ୍ର | :- | ୨ | ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବିତ ଜମିକୁ ଚିହ୍ନିତ କରି ଶୀତଳେଶ୍ୱର ଗ୍ରାମର କାଡାଷ୍ଟ୍ରାଲ ମାନଚିତ୍ର | ୬୪ |
| ମାନଚିତ୍ର | :- | ୩ | ଯାଜପୁର ଜିଲ୍ଲା ମାନଚିତ୍ର | ୭୦ |

# କାର୍ଯ୍ୟନିର୍ବାହୀ ସାରାଂଶ

କୌଣସି ଗୋଟିଏ ଅଞ୍ଚଳର ଅର୍ଥନୈତିକ ଉନ୍ନତି ନିମନ୍ତେ ସେହି ଅଞ୍ଚଳର ଭିତ୍ତିଭୂମିର ଉନ୍ନତି ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ । କାରଣ ଏହା, ଭିତ୍ତିଭୂମିର ଅଭାବ ହେତୁ ଘଟୁଥିବା ବିଭିନ୍ନ ବାଧାବିଘ୍ନକୁ ଦୂରକରି ଉତ୍ପାଦକତାରେ ସୁଧାର ଆଣିବାରେ ସହାୟକ ହୋଇଥାଏ, ଯାହା ପରୋକ୍ଷରେ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟତା ପ୍ରଦାନ କରେ । ଭାରତଭଳି ଏକ ବିକାଶଶୀଳ ରାଷ୍ଟ୍ର ଭବିଷ୍ୟତ ଉନ୍ନତି ଲାଗି ଭିତ୍ତିଭୂମି ଉନ୍ନୟନରେ ବିନିଯୋଗ କରିବାରେ ଆବଶ୍ୟକ ଅଛି । ଭିତ୍ତିଭୂମି କହିଲେ, ରାସ୍ତାଘାଟ, ରେଳପଥ, ବିମାନ ବନ୍ଦର, ସାମୁଦ୍ରିକ ବନ୍ଦର, ବନ୍ଧ, ବିଜୁଳି, ଜଳସେଚନ, ଦୂରସଞ୍ଚାର ବ୍ୟବସ୍ଥା, ଜଳଯୋଗାଣ ବ୍ୟବସ୍ଥା, ସ୍ୱଚ୍ଛତା ପ୍ରଣାଳୀ, ଦେଶ ଦେଶ ମଧ୍ୟରେ ସମ୍ବନ୍ଧ ଏବଂ ଅନ୍ତର୍ଦ୍ଦେଶୀୟ ଜଳ ପଥ ବିକାଶ ଆଦି କାର୍ଯ୍ୟକ୍ରମକୁ ବୁଝାଏ । ଏ ସମସ୍ତ ମଧ୍ୟରେ ରାସ୍ତା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭିତ୍ତିଭୂମି ଅଟେ, ଯାହା ସହିତ ଜାତୀୟ ଅର୍ଥନୀତି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଜଡିତ ।

ପ୍ରସ୍ତାବିତ ରାଜ୍ୟ ଯୋଜନା ସ୍କିମ ୨୦୧୮-୧୯ ଅର୍ଥରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ଯାଜପୁର ମୁନିସିପାଲିଟି ଅଧୀନରେ ଥିବା ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ପ୍ରକଳ୍ପ ଏକ ସରକାରୀ ପାଣ୍ଠି ନିୟୋଜିତ ପ୍ରକଳ୍ପ ଅଟେ ଏବଂ ଏହା ଓଡ଼ିଶା ସରକାରଙ୍କର ରାସ୍ତା ଓ ଗୃହନିର୍ମାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟଟି ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ଦ୍ୱାରା କାର୍ଯ୍ୟକାରୀ କରାଯିବ ।

ଗ୍ରାମସ୍ତରରେ ରାସ୍ତା ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଅଞ୍ଚଳର ସାମାଜିକ-ଅର୍ଥନୈତିକ ଉନ୍ନତିର ଏକ ମୁଖ୍ୟ କାରଣ ଅଟେ । ସହରାଞ୍ଚଳରେ ଯାତାୟାତରେ ଯଥେଷ୍ଟ ବୃଦ୍ଧି ଯୋଗୁଁ, ବ୍ୟବହାରକାରୀମାନଙ୍କ ସନ୍ତୁଷ୍ଟତା ପାଇଁ ଜଙ୍କସନଗୁଡ଼ିକର ଉନ୍ନତି ସହିତ ଉକ୍ତ ରାସ୍ତାଗୁଡ଼ିକର ସମ୍ପ୍ରସାରଣ ଏବଂ ସୁଦୃଢୀକରଣ ଦ୍ୱାରା ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ବିଭିନ୍ନ ଛୋଟ ଛୋଟ ସହରର ଉପାନ୍ତ ଅଞ୍ଚଳର ଲୋକମାନେ ସେହି ସହରାଞ୍ଚଳ ଉପରେ ନିର୍ଭର କରନ୍ତି ଯେଉଁଠାରେ ଡାକ୍ତରଖାନା, ବଜାର, ସରକାରୀ କାର୍ଯ୍ୟାଳୟ ଭଳି ମୌଳିକ ସୁବିଧା ଉପଲବ୍ଧ ହୋଇଥାଏ । ସଡକଗୁଡିକର ବିକାଶ ସହରାଞ୍ଚଳକୁ ସୁଗମ ଏବଂ ଉନ୍ନତ ସୁବିଧା ଯୋଗାଇବ ଏବଂ ଟ୍ରାଫିକ୍ ସମସ୍ୟାକୁ ମଧ୍ୟ ହ୍ରାସ କରିବ । ବିଭିନ୍ନ ଛୋଟ ଛୋଟ ସହରର ରାସ୍ତାଗୁଡିକର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଯାଜପୁରରେ ଯାନବାହନ ସଂଖ୍ୟାର ଅଭୁତପୂର୍ବ ବୃଦ୍ଧି ଓ ଏହାର ପରିଣାମସ୍ୱରୂପ ଯାତାଯାୟତ ଭିଡ଼କୁ ହ୍ରାସ କରିବା ପାଇଁ ସଡ଼କ ପ୍ରଶସ୍ତିକରଣ ଆବଶ୍ୟକ । ଏହା ପଥଚାରୀ ଓ ସାଇକେଲଚାଳକଙ୍କ ପାଇଁ ସୁବିଧା ଯୋଗାଇବା ସହ, ଯାନବାହାନ ଚଳାଚଳର ବେଗ ବୃଦ୍ଧି ସହ ପ୍ରଦୂଷଣ ହ୍ରାସ କରିଥାଏ ।

କୁସୁମା ହ୍ରଦ ଏବଂ ପାର୍କର ବିକାଶ ପରେ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ଥିବା ରାସ୍ତାରେ ପ୍ରବଳ ଭିଡ ଅନୁଭୂତ ହେଉଛି । ପ୍ରସ୍ତାବିତ ଇନଡୋର ଷ୍ଟାଡିୟମ ଏବଂ ମିନି ସଚିବାଳୟର ନିର୍ମାଣ ପରେ

ଯାନବାହାନ ର ଭିଡ ଆଶାତୀତ ଭାବରେ ବୃଦ୍ଧି ପାଇବାର ଆଶା କରାଯାଏ । ତେଣୁ ମୁନିସିପାଲିଟି ଅଞ୍ଚଳରେ ଯାନବାହାନ ର ପରିମାଣ ବୃଦ୍ଧି ହେତୁ ସହଜ ଟ୍ରାଫିକ ପରିଚାଳନା ନିମନ୍ତେ ଏହି ରାସ୍ତାର ସମ୍ପ୍ରସାରଣ ଏବଂ ଉନ୍ନତିର ଆବଶ୍ୟକତା ରହିଛି । ୪ ଲେନ ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ଦ୍ଵାରା ଏହି ଅଞ୍ଚଳ ବିଶେଷକରି ଟିଭିଏସ୍ ଶୋ ରୁମ୍ ଏବଂ ଯୋଡିକୁଅ ଛକ ପରି କିଛି ପ୍ରମୁଖ ସ୍ଥାନରେ ଯାତାୟାତର ସୁରକ୍ଷା ଉପରେ ଅନୁକୂଳ ପ୍ରଭାବ ପକାଇବ । ଯାନବାହାନ ସାଧାରଣତଃ ସିଧା ସଡ଼କ ଅପେକ୍ଷା ବଙ୍କା ରାସ୍ତାରେ ଅଧିକ ସ୍ଥାନ ବ୍ୟବହାର କରିଥାଏ, ଏବଂ ଡ୍ରାଇଭରମାନେ ହଠାତ୍ କିମ୍ବା ଉଦ୍ଦେଶ୍ୟମୂଳକ ଭାବରେ "କୋଣ କାଟିବା" ସମୟରେ ମୁହାଁମୁହିଁ ଦୁର୍ଘଟଣା ଘଟିଥାଏ । ୪ ଲେନ ରାସ୍ତାର ଉନ୍ନତିକରଣ ଏକତରଫା ଯାତାୟତ ବ୍ୟବସ୍ଥା ହେତୁ ମୁହାଁମୁହିଁ ଧକ୍କା ହେବାର ଆଶଙ୍କା କମିଯିବ । ବିଶେଷ କରି ବଡ଼ ଗାଡ଼ିମାନଙ୍କ ପାଇଁ ବୁଲାଣି ସ୍ଥାନକୁ ପ୍ରଶସ୍ତିକରଣ କଲେ ସୁରକ୍ଷାର ବୃଦ୍ଧି ପାଇଥାଏ । ଏହା ବ୍ୟତୀତ ରାସ୍ତାର ଉନ୍ନତିକରଣ ପରେ ରାସ୍ତାର ଉଭୟ ପାର୍ଶ୍ଵରେ ନିର୍ମାଣ ହେବାକୁ ଥିବା ନାଳଦ୍ଵାରା ବର୍ଷାଜଳ ସହିତ ନର୍ଦ୍ଦମା ଜଳ ନିଷ୍କାସନ ହେବାରେ ମଧ୍ଯ ଉପକାରୀ ସାବ୍ୟସ୍ତ ହୋଇପାରେ ।

ମ୍ୟୁନିସିପାଲିଟି ଅଞ୍ଚଳ ମଧ୍ୟରେ ଏହା ସହରର ମୁଖ୍ୟ ରାସ୍ତା । ଅନେକ ଛୋଟ ଛୋଟ ରାସ୍ତା ଏହି ରାସ୍ତାକୁ ସଂଯୋଗ କରୁଛି ବିସ୍ତାର ଦୃଷ୍ଟିରୁ ଯାଜପୁର ଏକ ଛୋଟ ସହର ହୋଇଥିବାରୁ ପ୍ରସ୍ତାବିତ ସମ୍ପ୍ରସାରଣ ଅନ୍ୟ ଗ୍ରାମ (ୟୁନିଟ୍) କୁ ଯାଉଥିବା ଛୋଟ ସଡ଼କ ମୁଖ୍ୟତଃ ୟୁନିଟ୍ ନଂ-୧୩ ଗରୁଡନଗର, ୟୁନିଟ୍ ନଂ-୬ ଗୋବିନ୍ଦନଗର, ୟୁନିଟ୍ ନଂ-୭ ଶୀତଳେଶ୍ଵରନଗର ପର୍ଯ୍ୟନ୍ତ ଯାଉଥିବା ଛୋଟ ରାସ୍ତାକୁ ସଂଯୋଗ କରିବା ସହିତ କୁସୁମା ଟ୍ୟାଙ୍କ ଏବଂ ପାର୍କ, ମିନି ସେକ୍ରେଟାରିଏଟ୍ ଏବଂ ଇନଡୋର ଷ୍ଟାଡିୟମର ପରିଦର୍ଶକମାନଙ୍କ ପାଇଁ ଯାତାୟାତ ରେ ସୁବିଧା ହେବ । ସମସ୍ତ ପ୍ରମୁଖ ଆଭ୍ୟନ୍ତରୀଣ ବଜାର ଏବଂ ସଂପୃକ୍ତ ଶାଖା ଆଦି କୁ ଏହି ମୁଖ୍ୟ ଏବଂ ଏହାର ଶାଖା ରାସ୍ତାଘାଟ ଦେଇ ସହଜରେ ଯାଇ ହେବ । ଯେହେତୁ ଜନସାଧାରଣଙ୍କ ସ୍ଵାର୍ଥ ଦୃଷ୍ଟିରୁ ପ୍ରକଳ୍ପଟି ବହୁତ ଆବଶ୍ୟକ ଅଟେ, ଭୂମି ଅଧିଗ୍ରହଣ ଅବିଳମ୍ବେ ଯୋଜନା କରାଯାଇଛି । ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶା ସରକାର ପ୍ରକଳ୍ପ ନିମନ୍ତେ ସ୍ଥାନ ନିରୂପଣ ତଥା ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ଜନସାଧାରଣଙ୍କ ସ୍ଵାର୍ଥ ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଜମି ଅଧିଗ୍ରହଣ ଶୀଘ୍ର ଯୋଜନା କରାଯାଇଛି । ଆବଶ୍ୟକତାକୁ ଅନୁଭବ କରି ଓଡ଼ିଶା ସରକାର ସ୍ଥାନ ଚିହ୍ନଟ କରିବା ସହିତ ଏହି ପ୍ରକଳ୍ପ ପାଇଁ ସର୍ଭେ ଆରମ୍ଭ କରିଥିଲେ ।

ଭାରତ ସରକାରଙ୍କ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ଵଚ୍ଛତା, ଅଧିନୟମ (ଆର.ଟି.ଏଫ.ସି.ଟି.ଏଲ.ଏ.ଆର.ଆର.,୨୦୧୩) ଆବଶ୍ୟକତା ଓ ନିର୍ଦ୍ଦେଶିକା ଅନୁଯାୟୀ ଓଡିଶା ସରକାର ବୈଧ ବିଜ୍ଞପ୍ତି ନମ୍ବର ୪୨୪୬ ତା ୦୮.୦୨.୨୦୧୬ ରିଖ ରେ ଏବଂ ଓଡିଶା ସରକାରଙ୍କ ଆର.ଟି.ଏଫ.ସି.ଟି.ଏଲ.ଏ.ଆର.ଆର., ୨୦୧୬ ପ୍ରଣୟନ କଲେ । ଏହି ଅଧିନିୟମର ଭାଗ ୪(୧) ଅନୁଯାୟୀ ଯେ କୌଣସି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ସାମାଜିକ ପ୍ରଭାବ ଆକଳନ (ଏସ୍ ଆଇ ଏ) ଅଧ୍ୟୟନ କରିବା ଆବଶ୍ୟକ ଅଟେ । ଏହି ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଘରକୁ ଘର ବୁଲି ସର୍ବେକ୍ଷଣ କରିବା ସହ ସ୍ଥାନୀୟ ସ୍ଵାୟତ୍ତ ଶାସନ ସଂସ୍ଥା ସହ ବିଚାରବିମର୍ଷ ଓ ଗ୍ରାମବାସୀମାନଙ୍କ ସହ କେନ୍ଦ୍ରୀଭୂତ

ଦଳଗତ ଆଲୋଚନା ମାଧ୍ୟମରେ ସାମାଜିକ-ଅର୍ଥନୈତିକ ଅବସ୍ଥା, ଆବଶ୍ୟକୀୟ ସୁବିଧା ସୁଯୋଗର ସ୍ଥିତି ଜାଣିବା । ଯାଜପୁର ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପ୍ରସ୍ତାବ ଅନୁଯାୟୀ ଯାଜପୁର ଜିଲ୍ଲାରେ ଯାଜପୁର ତହସିଲର ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ୟୁନିଟ ନମ୍ବର – ୭ ଶୀତଳେଶ୍ୱର ଗ୍ରାମର ୫୩ ଜଣ ଜମି (ଯାହାକି ଯାଜପୁର ମ୍ୟୁନିସପାଲିଟି ମଧ୍ୟରେ ଅବସ୍ଥିତ) ମାଲିକଙ୍କର ୧.୯୭୭୫ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ରାଜ୍ୟ ଏସ୍ ଆଇ ଏ ୟୁନିଟ ***ଆମିଟି ହ୍ୟୁମାନିଟି ଫାଉଣ୍ଡେସନ*** କୁ ଦାୟିତ୍ୱ ପ୍ରଦାନ କରିଥିଲେ।

**ଆକଳନ ଅଧ୍ୟୟନର ଉଦ୍ଦେଶ୍ୟ**

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା ;

୧. ପ୍ରଭାବିତ ଗ୍ରାମଗୁଡିକରେ ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକରିବ କି ନାହି ତାହା ଆକଳନ କରିବା ।

୨. ପ୍ରଭାବିତ ପରିବାର ସଂଖ୍ୟା, ପରିବାରର ପ୍ରକୃତ ଜମିଧାରଣ ପରିମାଣ ଆଧାରରେ କ୍ଷତିର ଭୟାବହତା ଏବଂ ଜମି ଅଧିଗ୍ରହଣ ହେତୁ କେତେ ପରିବାର ଶାରୀରିକ ବା ବୃତ୍ତିଗତ ଭାବେ ବାସଚ୍ୟୁତ ହେବେ ତାହାର ଆକଳନ କରିବ ।

୩. ଜମି ଅଧିଗ୍ରହଣ ହେତୁ କ୍ଷତି ହେବାକୁ ଯାଉଥିବା ବ୍ୟକ୍ତିଗତ ବା ସାର୍ବଜନିକ ଜମି, ଘରବାଡି ବା ବସ୍ତି ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତିର ପରିମାଣ ନିର୍ଦ୍ଧାରଣ ।

୪. ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ପାଇଁ ଅଧିଗ୍ରହଣ କରାଯାଉଥିବା ଜମି ପ୍ରକଳ୍ପ ସ୍ଥାପନ ପାଇଁ ନିହାତି ଆବଶ୍ୟକ କି ନୁହେଁ ତାହା ପରୀକ୍ଷା କରିବା ।

୫. ପ୍ରକଳ୍ପ ନିମନ୍ତେ ଅନ୍ୟ ଏକ ବିକଳ୍ପ ସ୍ଥାନ ଯେଉଁଠାରେ ବହୁତ କମ୍ ପରିମାଣର ବିସ୍ଥାପନ ହେବ ତାହା ବିଚାରକୁ ନିଆ ଯାଇଥିଲା କିନ୍ତୁ ଯେହେତୁ ସେହି ସ୍ଥାନ ପ୍ରକଳ୍ପ ସ୍ଥାପନ ନିମନ୍ତେ ଉପଯୁକ୍ତ ହେବ ନାହିଁ ତେଣୁ ତାହାକୁ ଗ୍ରହଣ କରାଗଲା ନାହିଁ ତାହାର ଯାଞ୍ଚ କରିବା ।

୬. ପ୍ରତ୍ୟକ୍ଷ ଭାବରେ ଜମି ହରାଇଥିବା ପରିବାର ସହିତ ସର୍ବସାଧାରଣ ଜମି, ସାମାଜିକ-ଅର୍ଥନୈତିକ ଢାଞ୍ଚା ଇତ୍ୟାଦି ଅଧିଗ୍ରହଣ ହେତୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକ ଉପରେ ପ୍ରକଳ୍ପ ହେତୁ ପଡୁଥିବା ସାମାଜିକ ପ୍ରଭାବ ଆକଳନ କରିବା ଏବଂ ଏ ସମସ୍ତ ଖର୍ଚ୍ଚ ସହିତ ପ୍ରକଳ୍ପର ସମୁଦାୟ ଖର୍ଚ୍ଚ ତୁଳନାରେ ପ୍ରକଳ୍ପର ଲାଭ ସମ୍ବନ୍ଧରେ ଅଧ୍ୟୟନ କରିବା ।

୭. ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ବା ପ୍ରଶମନ ଯୋଜନା ପ୍ରସ୍ତୁତ କରି ତାହା ମାଧ୍ୟମରେ ଉପଯୁକ୍ତ ନୀତି ଓ ଯୋଜନା ପ୍ରଣୟନକରି ବିଭିନ୍ନ ଉପଚାରାତ୍ମକ ହସ୍ତକ୍ଷେପ ଉପାୟ ସମ୍ବନ୍ଧରେ ପରାମର୍ଶ ଦେବା ।

ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୁଖ୍ୟ ଲକ୍ଷ୍ୟ ହେଉଛି ଯାଜପୁର ଜିଲ୍ଲାରେ ଯାଜପୁର ତହସିଲର ୟୁନିଟ ନମ୍ବର ୭ ଶୀତଳେଶ୍ୱର ଗ୍ରାମ ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ୱାର୍ଡ଼ ଏବଂ ପରିବାର, ପ୍ରକଳ୍ପ ପ୍ରଭାବିତ ଲୋକ, ପ୍ରଭାବିତ ସମ୍ପତ୍ତିର ପ୍ରକାର ଏବଂ ଜମି ମାଲିକ ମାନଙ୍କ ବିଷୟରେ ତଥ୍ୟ ସମେତ ସମ୍ପତ୍ତି ସମ୍ପର୍କରେ ବିସ୍ତୃତ ବିବରଣୀ, ଅଧିଗ୍ରହଣ ହେବାକୁ ଯାଉଥିବା ଜମିର ପ୍ରକୃତି ଏବଂ ପ୍ରକାର, ପ୍ରକଳ୍ପ ହେତୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଉପରେ ପଡୁଥିବା ସାମାଜିକ ପ୍ରଭାବ ଏବଂ ପ୍ରଭାବର ପ୍ରକାର ଏବଂ ପରିମାଣ ଆଦିର ଆକଳନ ବା ମୂଲ୍ୟାୟନ କରିବା । ଅଧ୍ୟୟନ ନିମନ୍ତେ ଆବଶ୍ୟକ ତଥ୍ୟ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ୪୯ଟି ପରିବାର ଏବଂ ୧୧ ଟି ଅଣପ୍ରଭାବିତ ପରିବାରକୁ ନେଇ ପ୍ରକଳ୍ପ ଅଞ୍ଚଳ ନିମନ୍ତେ ପ୍ରସ୍ତୁତ ହୋଇଥିବା ସଂଗଠିତ ସାକ୍ଷାତକାର ସୁଚୀ ମାଧ୍ୟମରେ ଫେବ୍ରୁଆରି-୨୦୨୨ରେ ଏକ ସାମାଜିକ-ଆର୍ଥିକ ସର୍ବେକ୍ଷଣ କରାଯାଇଥିଲା।

ଯାଜପୁର ଜିଲ୍ଲା ଜମି ଅଧିଗ୍ରହଣ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନାରୁ ଜଣାଗଲା ଯେ, ପ୍ରକଳ୍ପ ଦ୍ୱାରା ୩୬ ଜଣ ପଟ୍ଟାଧାରୀ ଜମିମାଲିକ ପ୍ରଭାବିତ ହେଉଛନ୍ତି । ଏହାକୁ ବିଶ୍ଳେଷଣ କରିବା ସମୟରେ ଅବଗତ ହେଲା ଯେ, ସମୁଦାୟ ପଟ୍ଟାଧାରୀଙ୍କ ମଧ୍ୟରେ ୧୦ ଜଣ ଲୋକଙ୍କର ନାମ ପୁନରାବୃତ୍ତି ହୋଇଛି, ତେଣୁ ମୋଟ ୨୬ ଜଣ ପଟ୍ଟାଧାରୀ ଜମିମାଲିକ ପ୍ରଭାବିତ ହେଉଛନ୍ତି । ପୁନଶ୍ଚ ସେମାନଙ୍କ ପରିବାର ସହ ଆଲୋଚନା କରିବାରୁ ଅବଗତ ହେଲା ଯେ, ସେହି ୨୬ ଜଣ ପଟ୍ଟାଧାରୀ ବ୍ୟକ୍ତିଙ୍କ ମଧ୍ୟରୁ ୧୮ ଜଣ ଜୀବିତ ଅଛନ୍ତି, ୧ ଟି ଅନୁଷ୍ଠାନର ଜମି (ଶ୍ରୀ ଗୋବିନ୍ଦ ଜୀଉ ଠାକୁରଙ୍କ) ଏବଂ ଅବଶିଷ୍ଟ ୭ ଜଣ ମୃତ୍ୟୁବରଣ କରିଛନ୍ତି । ଜୀବିତ ବ୍ୟକ୍ତି, ଅନୁଷ୍ଠାନ ଏବଂ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବର୍ଦ୍ଧିତ ପରିବାରକୁ ଏକାଠି କରି ମୋଟ ୫୫ ଜଣ କମି ମାଲିକ ଉପଲବ୍ଧ ହେଲେ । ୫୫ ଜଣ ଜମି ମାଲିକଙ୍କ ମଧ୍ୟରୁ (୧ ଟି ଅନୁଷ୍ଠାନ ଏବଂ ୫ ଜଣ ଜମି ମାଲିକ) ସର୍ବେକ୍ଷଣ ରେ ସହଯୋଗ କରିନଥିବାରୁ ଅବଶିଷ୍ଟ ୪୯ ଟି ଜମି ମାଲିକଙ୍କ ସର୍ବେକ୍ଷଣ କରାଯାଇଛି । ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ୟୁନିଟ୍ ନଂ - ୭ ଶୀତଳେଶ୍ୱର (ଯାଜପୁର ମୁନ୍ସିପାଲିଟି) ରାଜସ୍ୱ ଗ୍ରାମରୁ ୬.୨୮୭ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ । ସଡକ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତା ୧୪.୦୧.୨୦୨୦ ରିଖ ରେ ଅନୁଷ୍ଠିତ DCAC ବୈଠକରେ ପ୍ରତ୍ୟକ୍ଷ ଭାବରେ ଜମି କ୍ରୟ କରିବାକୁ ଅନୁମୋଦନ ଲାଭ କରିଥିଲା । ଏହି ପ୍ରକ୍ରିୟାରେ ୪.୩୦୯୫ ଏକର ଜମି କ୍ରୟ ହେବା ପରେ ଅବଶିଷ୍ଟ ୧.୯୭୭୫ ଏକର ଜମି ଜମି ଅଧିଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା ।

## ପ୍ରଭାବିତ ଗ୍ରାମ ଓ ଲୋକମାନଙ୍କର ସାମାଜିକ ଆର୍ଥିକ ପାର୍ଶ୍ୱଚିତ୍ର

ଯାଜପୁର ଜିଲ୍ଲାରେ ଯାଜପୁର ତହସିଲର ୟୁନିଟ ନମ୍ବର ୭ ଶୀତଳେଶ୍ୱର ଗ୍ରାମ ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ଭୂମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାକୁ ଏହି ଗ୍ରାମରୁ ୪୯ ଟି ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଓ ୧୧ ଟି ଅଣ-ପ୍ରଭାବିତ ପରିବାର ନିକଟରୁ ସଂଗୃହିତ ବିଷୟ ମୁଖ୍ୟତଃ ପ୍ରାଥମିକ ତଥ୍ୟ ଆଧାରରେ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ମାନେ ଜମି ଓ ଜମି ଉପରେ ନିର୍ମାଣ କରାଯାଇଥିବା ଘରଦ୍ୱାର (ବାସଗୃହ ସହିତ) ଏବଂ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକର କ୍ଷତି ହେବ ଏବଂ ଏହାଫଳରେ ସେମାନେ ଜୀବିକା ହରାଇବେ । ଏହି ପ୍ରକାର ପ୍ରଭାବର ପରିଣାମ ଓ ଗମ୍ଭିରତା ହରାଉଥିବା ଜମିର ପରିମାଣ, ସମ୍ପତ୍ତି, ସମ୍ପତ୍ତି ସହିତ ଯୋଡି ହୋଇଥିବା ଜୀବିକାର ଆଧାର ଉପରେ ନିର୍ଭର କରିଥାଏ। ଜମି ଅଧିଗ୍ରହଣ ହେତୁ ଏହି ପ୍ରକାର କ୍ଷତି ସହିବାକୁ ପଡ଼ିଥାଏ । କିଏ ଜମି ହରାଉଛି ଏବଂ କଣ ହରାଉଛି ତାହା ଉପରେ ଏହା ନିର୍ଭର କରିଥାଏ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ଏହି ସମସ୍ୟା ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅଟେ।

ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣରୁ ଜଣାଯାଏ ଯେ, ଯେଉଁ ୪୯ ପରିବାରର ସର୍ବେକ୍ଷଣ କରାଯାଇଛି, ସେମାନଙ୍କ ମଧ୍ୟରୁ ୩୭ (୭୫.୫୧%) ପରିବାର ହିନ୍ଦୁ ସଂପ୍ରଦାୟର ଏବଂ ବଳକା ୧୨ (୨୪.୪୯%)ଟି ପରିବାର ମୁସଲମାନ ସଂପ୍ରଦାୟର ଅଟନ୍ତି। ୩୭ ଟି ହିନ୍ଦୁ ପରିବାର ମଧ୍ୟରୁ ୨୦ଟି ପରିବାର (୪୦.୮୨%) ଅନୁସୂଚୀତ ଜାତିର, ୧୩ (୨୬.୫୩%) ଟି ପରିବାର ଅନ୍ୟାନ୍ୟ ପଛୁଆ ବର୍ଗର ଏବଂ ୪ ଟି ପରିବାର (୮.୧୬%) ସାଧାରଣ ବର୍ଗର ଅଟନ୍ତି । ଯେହେତୁ ପ୍ରଭାବିତ ପରିବାର ଗୁଡ଼ିକରେ ଅଧିକାଂଶ ସାମାଜିକ-ଆର୍ଥିକ ଦିଗରୁ ଦୁର୍ବଳ, ଜମି ଅଧିଗ୍ରହଣ କାରଣରୁ ସେମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ । ଅଧିକାଂଶ ପ୍ରଭାବିତ ପରିବାର ସାମାଜିକ-ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ହୋଇଥିବାରୁ ଜମି ଅଧିଗ୍ରହଣ ସେମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଜନସଂଖ୍ୟାର ବୟସ ବଣ୍ଟନ ହେଉଛି ଜନସଂଖ୍ୟା ସମ୍ପର୍କିତ ପାର୍ଶ୍ବଚିତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ କାରଣ ଏହା ଉତ୍ପାଦନକାରୀ ଜନସଂଖ୍ୟାର ଅନୁପାତ ଏବଂ ନିର୍ଭରଶୀଳତା ଭାରକୁ ପ୍ରକାଶ କରିଥାଏ ।

ଶୀତଳେଶ୍ୱର ଗ୍ରାମର ଉତ୍ପାଦନକ୍ଷମ (୧୫-୪୫) ବୟସ ମଧ୍ୟରେ ପ୍ରଭାବିତ ଲୋକସଂଖ୍ୟାରେ ୪୪.୫୩% ଥିବା ବେଳେ ଅଣ ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଏହାର ପରିମାଣ ୫୧.୦୨% ଲୋକ ଅଛନ୍ତି । ଏହା ପଛକୁ ଅଛନ୍ତି ୪୬-୬୦ ବର୍ଷ ବୟସ ଗୋଷ୍ଠୀର ବ୍ୟକ୍ତି ଯାହା ପ୍ରଭାବିତ ଲୋକମାନଙ୍କ କ୍ଷେତ୍ରରେ ମୋଟ ଲୋକ ସଂଖ୍ୟାର ୨୦.୦୭% ହୋଇଥିବାବେଳେ ଅଣପ୍ରଭାବିତ ଲୋକମାନଙ୍କ କ୍ଷେତ୍ରରେ ୧୦.୨୦% ଅଟେ । ଏହାପରେ ୭-୧୪ ବୟସ ଶ୍ରେଣୀର ଲୋକ ଅଛନ୍ତି ପ୍ରଭାବିତ ଲୋକସଂଖ୍ୟାରେ ଏହା ୨୦.୦୭% ହୋଇଥିବା ବେଳେ ଅଣ ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଏହାର ପରିମାଣ ୧୪.୨୯% ଅଟେ । ୧୬-୬୦ ବର୍ଷ ବୟସ ମଧ୍ୟରେ କାର୍ଯ୍ୟକ୍ଷମ ବୟସର ଲୋକ ସଂଖ୍ୟା ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ୬୪% ରୁ ଅଧିକ ହୋଇଥିବା ବେଳେ

ସେମାନଙ୍କ ଉପରେ ନିର୍ଭର କରୁଥିବା ଲୋକମାନଙ୍କ ସଂଖ୍ୟା ୩୬% ଅଟେ ଯାହାକୁ ବିଚାରକୁ ନେଲେ ଏହା ଟିକେ ଅଧିକ ଜଣାପଡ଼େ। ଏହିପରି ଅଧିକ ପରିମାଣ ନିର୍ଭରଶୀଳ ବ୍ୟକ୍ତିଙ୍କର ଉପସ୍ଥିତିର ଅର୍ଥ ହେଲା, ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ପରିବାର ମାନେ କଠିନ ପରିସ୍ଥିତିର ସମ୍ମୁଖୀନ ହେବେ। ୪୯ ଟି ପ୍ରଭାବିତ ପରିବାରରେ ବାସ କରୁଥିବା ମୋଟ ୨୭୪ ଜଣଙ୍କ ମଧ୍ୟରୁ ୨୦ ଜଣ (୭.୩୦%) ଏବଂ ଅଣପ୍ରଭାବିତ ପରିବାରର ୪୯ ଜଣ ଲୋକଙ୍କ ମଧ୍ୟରୁ ୫ (୧୦.୨୦%)ହେଉଛନ୍ତି ଛୋଟପିଲା (୦-୬ ବର୍ଷ ମଧ୍ୟରେ) ଯିଏକି ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଇନାହାନ୍ତି । ଉଭୟ ବର୍ଗରେ ସର୍ବାଧିକ ସଂଖ୍ୟକ ବ୍ୟକ୍ତି ଅର୍ଥାତ ପ୍ରଭାବିତ ମାନଙ୍କ କ୍ଷେତ୍ରରେ ୨୨.୨୬% ଏବଂ ଅଣ ପ୍ରଭାବିତମାନଙ୍କ କ୍ଷେତ୍ରରେ ୨୨.୪୫% ପ୍ରାଥମିକ ଶିକ୍ଷା ଲାଭ କରିଛନ୍ତି । ସମସ୍ତ ଶିକ୍ଷାଗତ ସୁବିଧା ସୁଯୋଗ ସହ ସହ ସହରାଞ୍ଚଳରେ ଥିବା ଏକ ଗ୍ରାମର ଅବସ୍ଥାକୁ ଦେଖିଲେ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ନିରକ୍ଷରତା ସ୍ତର ଅଧିକ ରହିଛି । ସାକ୍ଷରମାନଙ୍କ ମଧ୍ୟରେ ପ୍ରଭାବିତ ବର୍ଗର ପରିବାର ମଧ୍ୟରେ ୪୩.୦୭% ଏବଂ ଅଣ ପ୍ରଭାବିତ ବର୍ଗର ପରିବାର ମଧ୍ୟରେ ୪୪.୯୦% କେବଳ ସାକ୍ଷର କିମ୍ବା ପ୍ରାଥମିକ କିମ୍ବା ମାଟ୍ରିକ୍ ସ୍ତରରେ । ଏହାର ଅର୍ଥ ହେଉଛି ଶିକ୍ଷାଗତ ସ୍ତର କମ୍ ଯାହା ସୂଚିତ କରେ ଯେ ଲୋକମାନେ ଛୋଟ ଛୋଟ କାମଦମ କରି ଘର ପରିଚାଳନା କରୁଛନ୍ତି । ଜମି ଅଧିଗ୍ରହଣ ସେମାନଙ୍କୁ ପ୍ରଭାବିତ କରିବ ।

ଉପରୋକ୍ତ ସାରଣୀ ସର୍ବେକ୍ଷଣ କରାଯାଇଥିବା ୪୯ ଟି ପ୍ରଭାବିତ ଏବଂ ୧୧ ଟି ଅଣ ପ୍ରଭାବିତ ପରିବାରର ବାର୍ଷିକ ଆୟ ଦର୍ଶାଉଛି । ବିଶ୍ଳେଷଣରୁ ଏହା ଅବଗତ ହେଉଛି ଯେ, ପ୍ରଭାବିତ ପରିବାରର ସର୍ବାଧିକ ସଂଖ୍ୟା ୧୨ (୨୪.୪୯%) ପରିବାର ଏବଂ ୨୭.୨୭% ଅଣ-ପ୍ରଭାବିତ ପରିବାରର ବାର୍ଷିକ ଆୟ ୧,୫୦,୦୦୧-୨,୫୦,୦୦୦ ଟଙ୍କା ମଧ୍ୟରେ । ସମୁଦାୟ ପ୍ରଭାବିତ ପରିବାର ମଧ୍ୟରେ ୧୬.୩୩% ଏବଂ ଅଣ-ପ୍ରଭାବିତ ପରିବାର କ୍ଷେତ୍ରରେ ୧୮.୧୮% BPL ବର୍ଗରେ ଅଛନ୍ତି । ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକ ମଧ୍ୟରୁ ୪୦.୮୨% ଲୋକ ଅନୁସୂଚୀତ ଜାତି (ଏସ୍.ସି.) ବର୍ଗର, ୧୦.୨୦% ମହିଳାମୁଖ୍ୟ ପରିବାର, ୭୩.୪୭% ପରିବାରଙ୍କ ପାଖରେ ରେସନ କାର୍ଡ ଅଛି ଏବଂ ୩୬.୫୪% ପରିବାର ବି.ପି.ଏଲ୍. ଅଟନ୍ତି । ଜମି ଅଧିଗ୍ରହଣ ହେତୁ ଏହି ପରିବାର ଗୁଡ଼ିକ ବହୁତ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ। ଏଣୁ ପ୍ରଚଳିତ ବିଧି ଅନୁସାରେ ସେମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ ।

ଲୋକଙ୍କ ବିଭିନ୍ନ ବିଭାଗରୁ ସଂଗୃହିତ ତଥ୍ୟର ବିଶ୍ଳେଷଣରୁ ଏହା ଜଣା ପଡିଥିଲା ଯେ, ଲୋକମାନେ ପ୍ରକଳ୍ପ ସମ୍ବନ୍ଧରେ ଅବଗତ ଅଛନ୍ତି । ତେବେ ରାସ୍ତାର କେଉଁ ଅଂଶରେ ଅଧିଗ୍ରହଣ ହେବ ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଭାବେ ଅବଗତ ନଥିଲେ । କିନ୍ତୁ ସାମଗ୍ରିକ ଭାବେ, ଜମି ଅଧିଗ୍ରହଣକୁ ନେଇ ଲୋକଙ୍କ ପାଖରେ କୌଣସି ଦ୍ୱିଧା ନଥିଲା କାରଣ କ୍ରୟ ପରେ ଆର ଆଣ୍ଡ ବି ଡିଭିଜନ୍ ଦ୍ୱାରା ବହୁତ କମ୍ ପରିମାଣର ଜମି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି । ସର୍ବାଧିକ ସଂଖ୍ୟକ ୮୫.୭୧% ପରିବାର ମତ ଅନୁଯାୟୀ ଜମି ମୂଲ୍ୟରେ ବୃଦ୍ଧି ହେବ। ଏହା ପଛକୁ ୭୭.୫୫% (୩୫) ବ୍ୟକ୍ତି ମତ ଦେଇଛନ୍ତି ଯେ ରାସ୍ତାର ଉନ୍ନତି ପରିବହନ ଏବଂ ଯୋଗାଯୋଗରେ

ଉନ୍ନତି ଆଣିବ ଏବଂ ସମାନ ସଂଖ୍ୟକ ଉତ୍ତରଦାତା କହିଛନ୍ତି ଯେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ତେଣୁ ଏହା କୁହାଯାଇପାରେ ଯେ, ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ସାମାଜିକ ଅର୍ଥନୈତିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ ।

ହାରାହାରି ୪୦% ରୁ ଅଧିକ ଉତ୍ତରଦାତା ***ଦୃଢ ଭାବରେ ସହମତ*** ଅଟନ୍ତି ଯାହା ସ୍ଥାନୀୟ ବିକାଶ ପାଇଁ ଭଲ ହେବ (୬୫.୩୧%), ପରିବହନ ଏବଂ ଯୋଗାଯୋଗରେ ଉନ୍ନତି ଆଣିବ (୪୨.୮୬%), ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ (୫୭.୧୪%), ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ (୪୮.୯୮%), ସମ୍ପତ୍ତିର ମୂଲ୍ୟ ବୃଦ୍ଧି ହେବ (୭୩.୪୭%), ବ୍ୟବସାୟ ସୁଯୋଗ ସୃଷ୍ଟି ହେବ (୪୮.୯୮%) ଏବଂ ଚାଲୁଥିବା ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି ହେବ (୪୪.୯୦%) । ଉତ୍ତରଦାତାମାନଙ୍କର ନକାରାତ୍ମକ ମନୋଭାବରୁ ଏହା ଅବଗତ ହେଲା ଯେ, ସର୍ବାଧିକ ଅଂଶଗ୍ରହଣକାରୀଙ୍କ କ୍ଷେତ୍ରରେ ଦେଖାଯାଏ ଯେ, ପଶୁଙ୍କ ଦୁର୍ଘଟଣା ବୃଦ୍ଧି ହେବ ସୂଚକ ରେ ୬୫.୩୧% ଉତ୍ତରଦାତା "ଦୃଢଭାବରେ ସହମତ" ଏବଂ ପ୍ରକଳ୍ପ ହେତୁ ମନୁଷ୍ୟମାନଙ୍କର ଦୁର୍ଘଟଣା ବୃଦ୍ଧି କରିବ ୫୧.୦୨% ମତ ଦେଇଛନ୍ତି । ୪୮.୯୮% ଉତ୍ତରଦାତା ମତ ଦେଇଛନ୍ତି ଯେ, ଏହି ପ୍ରକଳ୍ପ ସାଧାରଣ ସମ୍ପତ୍ତି ସମ୍ବଳକୁ ନଷ୍ଟ କରିବ, ପ୍ରକଳ୍ପ ସ୍ଥାୟୀ ଜୀବିକାକୁ ନଷ୍ଟ କରିବ (୨୬.୫୩%), ଅପରାଧରେ ବୃଦ୍ଧି (୩୨.୬୫%), (୨୪.୪୯%) ବାୟୁ ପ୍ରଦୂଷଣ ହେତୁ ସ୍ୱାସ୍ଥ୍ୟ ସ୍ଥିତି ପ୍ରଭାବିତ ହେବ ବୋଲି ମତ ଦେଇଛନ୍ତି ।

**ଉପସଂହାର ଓ ସୁପାରିଶ**

ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ନିଶ୍ଚିତ ଭାବରେ ଯାଜପୁର ସହରରେ ବାସ କରୁଥିବା ଲୋକ ତଥା ବାହାରୁ ଆସୁଥିବା ପରିଦର୍ଶକଙ୍କୁ ଲାଭଦାୟକ ହେବ । ପ୍ରଭାବିତ ଲୋକଙ୍କ ଦ୍ୱାରା ପ୍ରକାଶିତ ଆବଶ୍ୟକତା ଏବଂ ଇଚ୍ଛା ଅନୁଯାୟୀ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାକୁ ସେମାନଙ୍କର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପଡିବ । ଯେହେତୁ ଜନଗଣନା ଆଧାରରେ ଏହି ଅଧ୍ୟୟନ କରାଯାଇଥିଲା, ପ୍ରଭାବିତ ପରିବାର ତଥା ଗୋଷ୍ଠୀ ର ଭାବନା ଏବଂ ଧାରଣାକୁ ବୁଝିବା ଏବଂ ଲିପିବଦ୍ଧ କରିବାର ସୁଯୋଗ ରହିଥିଲା । ପ୍ରକଳ୍ପର କାର୍ଯ୍ୟକାରିତା ହେତୁ ସାମଗ୍ରିକ ଲାଭ ଏବଂ କ୍ଷତି ସମ୍ବନ୍ଧରେ ବ୍ୟକ୍ତିଗତ ମତ ବ୍ୟତୀତ; ଅନୁସନ୍ଧାନକାରୀ ଦଳ ମଧ୍ୟ ଦଳଗତ ଆଲୋଚନା ମାଧ୍ୟମରେ ଲୋକଙ୍କ ବିଭିନ୍ନ ବିଭାଗରୁ ସୂଚନା ସଂଗ୍ରହ କରିଥିଲେ ଯାହା ଏହି ବିବରଣୀରେ ପ୍ରତିଫଳିତ ହୋଇଛି । ପ୍ରକଳ୍ପ ହେତୁ ମୁଖ୍ୟ କ୍ଷତି ଏବଂ ନକାରାତ୍ମକ ପ୍ରଭାବକୁ ଧରିବା ପାଇଁ ସୁଗମ ପଦକ୍ଷେପଗୁଡିକ ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ରେ ଉଲ୍ଲେଖ କରାଯାଇଛି । ତେଣୁ କ୍ଷତି କେବଳ ଜମିଜମା ସମ୍ପତ୍ତି ଆକାରରେ ଅଛି ଯାହା ପ୍ରାୟତଃ ଉଦ୍ୟାନ କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ଅନୁସନ୍ଧାନକୁ ଦୃଷ୍ଟିରେ ରଖି ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଇପାରେ ।

- ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି ପାଇଁ କ୍ଷତିପୂରଣ ସଠିକ୍ ଭାବରେ ଯୋଜନା ଏବଂ କାର୍ଯ୍ୟକାରୀ କରାଯିବା ଉଚିତ୍ ।

- ଧାରା ୧୧ (୧) ଏବଂ RoR ପ୍ରାମାଣି କରଣ ପ୍ରକ୍ରିୟା ସମାପ୍ତ ହେବା ପରେ ତୁରନ୍ତ ଦେୟ ପ୍ରଦାନ କରାଯିବା ଉଚିତ ।
- କ୍ଷତିପୂରଣର ଦେୟ ସୁଗମ ଏବଂ ଅସୁବିଧା ମୁକ୍ତ ହେବା ଉଚିତ ।
- ଯେଉଁମାନେ ନିଜ ଜମି ହରାଇବାକୁ ଯାଉଛନ୍ତି ସେମାନଙ୍କୁ ସେହି ପରିବାରକୁ ଅଗ୍ରାଧିକାର ଦିଆଯିବା ଉଚିତ୍ ।
- କୌଣସି ଅଦାଲତ କିମ୍ବା ପାରିବାରିକ ସ୍ତରର ମକଦ୍ଦମା ପାଇଁ ପୃଥକ ବ୍ୟବସ୍ଥା ଏବଂ ଆଇନଗତ ପଦକ୍ଷେପ ଅନୁସରଣ କରାଯିବା ଉଚିତ ।
- ତୁରନ୍ତ ଏବଂ ଶୀଘ୍ର ସମାଧାନ ପାଇଁ ଏକ ପ୍ରଭାବଶାଳୀ ବିକେନ୍ଦ୍ରୀକରଣ ଅଭିଯୋଗର ସମାଧାନ ବ୍ୟବସ୍ଥା ଉପଲବ୍ଧ ହେବା ଉଚିତ ।
- ଏହି ଅଞ୍ଚଳର ବର୍ଷା ଜଳର ମୁକ୍ତ ପ୍ରବାହ ପାଇଁ ଯତ୍ନବାନ ହେବା ଉଚିତ ।
- ରାସ୍ତା ଶେଷ ହେବା ପୂର୍ବରୁ ରାଜପଥରେ କିପରି ଗତି କରିବେ ସେନେଇ ସବୁ ସ୍ତରରେ ସଚେତନତା ସୃଷ୍ଟି କରାଯିବା ଉଚିତ୍ । ବିଭିନ୍ନ ଛକରେ ଆବଶ୍ୟକ ସ୍ପିଡ୍ ବ୍ରେକର୍ ଏବଂ ଟ୍ରାଫିକ୍ ସିଗନାଲ୍ ପ୍ରଦାନ କରାଯିବା ଉଚିତ । ପ୍ରତ୍ୟେକ ଗ୍ରାମ ଛକ ଠାରେ ଉଚ୍ଚମାନର ଆଲୋକ ପ୍ରଦାନ କରାଯିବା ଉଚିତ୍ । ଗ୍ରାମବାସୀଙ୍କ ସହିତ ଉପଯୁକ୍ତ ପରାମର୍ଶ ସହିତ ଡିଭାଇଡର୍ ସ୍ଥାନିତ କରାଯିବା ଉଚିତ ।
- ଅଧିଗ୍ରହଣ ପୂର୍ବରୁ ସଂସ୍କୃତ ମହାବିଦ୍ୟାଳୟ ନିମନ୍ତେ ନୂତନ କୋଠା ନିର୍ମାଣ କରାଯିବା ଉଚିତ | ରାସ୍ତାର ଗାଁ ପାର୍ଶ୍ୱରେ ଇସ୍ପାତ ପ୍ରତିବନ୍ଧକ ଯୋଗାଇ ଦିଆଯିବା ଉଚିତ ଯେପରି ଗୋରୁମାନେ ରାସ୍ତାକୁ ଆସିବେ ନାହିଁ ।
- ଦୁର୍ଘଟଣାକୁ ଏଡାଇବା ପାଇଁ ଟ୍ରାଫିକ୍ ପୋଲିସ୍ ଏବଂ ଟ୍ରାଫିକ୍ ସିଗନାଲ୍ ପୋଷ୍ଟ ସହିତ ଟ୍ରାଫିକ୍ ପୋଷ୍ଟ ଟିଭିଏସ୍ ଛକ ରେ ରହିବା ଉଚିତ ।
- ଗୋଷ୍ଠୀଭିତ୍ତିକ ସଂଗଠନ ଯେପରିକି ଯୁବକ ସଂଘ, ମହିଳା ମଣ୍ଡଳ, ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କ ସଂସ୍ଥା, ସ୍ପୋର୍ଟସ୍ କ୍ଲବ୍ ଏବଂ SHG ଗୁଡିକ ସାମାଜିକ ପୁଞ୍ଜି ପୁନରୁଦ୍ଧାର ଏବଂ ସୃଷ୍ଟି ପାଇଁ ଦୃଢ କରିବା ଉଚିତ ।
- ଶୀତଳ ଏବଂ ପ୍ରଦୂଷଣ ମୁକ୍ତ ପରିବେଶକୁ ପୁନଃସ୍ଥାପନ କରିବା ନିମନ୍ତେ ବୃହତ ବୃକ୍ଷରୋପଣ ଯୋଜନା କରାଯାଇପାରେ ।

ଏହି ଅଞ୍ଚଳର ଲୋକମାନେ ଏହି ପ୍ରକଳ୍ପ ପାଇଁ ଆଶାବାଦୀ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ପାଇଁ ଅପେକ୍ଷା କରିଛନ୍ତି ଯାହା ସହରର ଟ୍ରାଫିକ୍ ବ୍ୟବସ୍ଥାରେ ଅନୁକୂଳ ପରିବର୍ତ୍ତନ ଆଣିବ । ତଥାପି, ଏହି ପ୍ରକଳ୍ପ ପ୍ରଭାବିତ ପରିବାର ଉପରେ କିଛି ଅବାଞ୍ଛିତ ପ୍ରଭାବ ପକାଇଥାଏ; କିନ୍ତୁ ଲୋକଙ୍କ ବିଶ୍ୱାସ ରହିଛି ଯେ ସରକାର ସେମାନଙ୍କର କ୍ଷତିର ଯତ୍ନ ନେବେ ଏବଂ ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି ପାଇଁ ଆନୁପାତିକ ଭାବରେ କ୍ଷତିପୂରଣ ଦେବେ ।

# ପ୍ରଥମ ଅଧ୍ୟାୟ
# ପ୍ରକଳ୍ପ ପରିଚୟ ଓ ବର୍ଣ୍ଣନା

## ୧.୧ ପ୍ରକଳ୍ପର ପୃଷ୍ଠଭୂମି

କୌଣସି ଗୋଟିଏ ଅଞ୍ଚଳର ଅର୍ଥନୈତିକ ଉନ୍ନତି ନିମନ୍ତେ ସେହି ଅଞ୍ଚଳର ଭିତ୍ତିଭୂମିର ଉନ୍ନତି ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ । କାରଣ ଏହା, ଭିତ୍ତିଭୂମିର ଅଭାବ ହେତୁ ଘଟୁଥିବା ବିଭିନ୍ନ ବାଧାବିଘ୍ନକୁ ଦୂରକରି ଉତ୍ପାଦକତାରେ ସୁଧାର ଆଣିବାରେ ସହାୟକ ହୋଇଥାଏ, ଯାହା ପରୋକ୍ଷରେ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟତା ପ୍ରଦାନ କରେ । ଭାରତଭଳି ଏକ ବିକାଶଶୀଳ ରାଷ୍ଟ୍ର ଭବିଷ୍ୟତ ଉନ୍ନତି ଲାଗି ଭିତ୍ତିଭୂମି ଉନ୍ନୟନରେ ବିନିଯୋଗ କରିବାରେ ଆବଶ୍ୟକ ଅଛି । ଭିତ୍ତିଭୂମି କହିଲେ, ରାସ୍ତାଘାଟ, ରେଳପଥ, ବିମାନ ବନ୍ଦର, ସାମୁଦ୍ରିକ ବନ୍ଦର, ବନ୍ଧ, ବିଜୁଳି, ଜଳସେଚନ, ଦୂରସଞ୍ଚାର ବ୍ୟବସ୍ଥା, ଜଳଯୋଗାଣ ବ୍ୟବସ୍ଥା, ସ୍ୱଚ୍ଛତା ପ୍ରଣାଳୀ, ଦେଶ ଦେଶ ମଧ୍ୟରେ ସମ୍ବନ୍ଧ ଏବଂ ଅନ୍ତର୍ଦ୍ଦେଶୀୟ ଜଳ ପଥ ବିକାଶ ଆଦି କାର୍ଯ୍ୟକ୍ରମକୁ ବୁଝାଏ । ଏ ସମସ୍ତ ମଧ୍ୟରେ ରାସ୍ତା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭିତ୍ତିଭୂମି ଅଟେ, ଯାହା ସହିତ ଜାତୀୟ ଅର୍ଥନୀତି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଜଡିତ ।

କୃଷି ଓଡିଶାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ରାଜ୍ୟର ଆର୍ଥିକ ବିକାଶ ଓ ବିକାଶର ପ୍ରଗତିକୁ ଗତିଶୀଳତା ପ୍ରଦାନ କରିଛି । ଏହା ରାଜ୍ୟର ଅର୍ଥ ବ୍ୟବସ୍ଥାର ସମଗ୍ର ପ୍ରଗତିର ମୁଖ୍ୟ ଚାବିକାଠି । ଏହା ବ୍ୟତୀତ ଗ୍ରାମିଣ କ୍ଷେତ୍ରରେ ବାସ କରୁଥିବା କୃଷକ, ଯେଉଁମାନେ କି ଓଡିଶାର ସମୁଦାୟ ଜନସଂଖ୍ୟାର ୭୦ ପ୍ରତିଶତ, ସେମାନଙ୍କ ଠାରୁ ମିଳୁଥିବା କୃଷି ଉତ୍ପାଦନ ର ବ୍ୟବସାୟ ଓ ପରିବହନ ଏକ ବୃହତ ସମ୍ଭାବନା ସୃଷ୍ଟି କରେ । ଅନ୍ୟପକ୍ଷରେ ଏହା ମୁଖ୍ୟତଃ ଗ୍ରାମସ୍ତରରେ ଥିବା ରାସ୍ତା ଯୋଗାଯୋଗ ବ୍ୟବସ୍ଥା ଓ ପରିବହନ ବ୍ୟବସ୍ଥା ଉପରେ ନିର୍ଭର କରେ । ଏହି ପରିପ୍ରେକ୍ଷିରେ ଓଡିଶା ସରକାର, ରାଜ୍ୟ ଯୋଜନା ସ୍କିମ ୨୦୧୮-୨୦୧୯ ଅର୍ଥରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ଯାଜପୁର ମୁନିସିପାଲିଟି ଅଧୀନରେ ଥିବା ବିରଜା ମହିଳା ମହାବିଦ୍ୟାଳୟ  ଛକ ଠାରୁ ଯୋଡିକୁଅ ଛକ ଚେନେଜ ୦/୦୦୦ ରୁ ୧/୩୮୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ କରିବାକୁ ଯୋଜନା କରିଛନ୍ତି ।

ରିବହନର ତିନିଟି ମାଧ୍ୟମ ରହିଛି – ବାୟୁ, ଜଳ ଓ ସ୍ଥଳ।  ଏହି ତିନିଟି ମଧ୍ୟରୁ ସ୍ଥଳ ଓ ବିଶେଷ କରି ସଡ଼କ ପରିବହନ ସବୁଠାରୁ ସହଜ ଲଭ୍ୟ ଓ ଜନପ୍ରିୟ ଅଟେ, କାରଣ

(୧) ସଡ଼କ ଅପେକ୍ଷାକୃତ କମ ଜାଗା ଆବଶ୍ୟକ କରେ

(୨) ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ବହୁତ କମ

(୩) ସଡ଼କ ପାର୍ବତ୍ୟ ଉପତ୍ୟକା ଓ ଉଚ୍ଚଖାଲ ଅଞ୍ଚଳ ଦେଇ ଯାଇପାରେ,

(୪) ସଡ଼କପଥ ଅନ୍ୟପ୍ରକାର ପରିବହନ ବ୍ୟବସ୍ଥାଗୁଡ଼ିକ ନିମନ୍ତେ ଏକ ମାଧ୍ୟମ ଭାବେ କାର୍ଯ୍ୟ କରେ ଏହା ରେଳ ଷ୍ଟେସନ, ବିମାନବନ୍ଦର ଓ ସାମୁଦ୍ରିକ ବନ୍ଦର ମଧ୍ୟରେ ଏକ ସଂଯୋଗର ସୂତ୍ର ଭାବେ କାର୍ଯ୍ୟ କରିଥାଏ

(୫) ସଡ଼କପଥ ହେଉଛି ଏକ ମିତବ୍ୟୟୀ ପରିବହନ ବ୍ୟବସ୍ଥା ଯେତେବେଳେ ଅଳ୍ପସଂଖ୍ୟକ ବ୍ୟକ୍ତି ଓ ଅଳ୍ପ ପରିମାଣର ସାମଗ୍ରୀ ଅଳ୍ପ ବାଟକୁ ଯିବାଆସିବା କରିଥାନ୍ତି,

(୬) ସଡ଼କ ଘରକୁ ଘର ସେବା ପ୍ରଦାନ କରିଥାଏ।

ଭାରତରେ ବିଶ୍ୱର ସବୁଠାରୁ ବୃହତ୍ତମ ସଡ଼କ ନେଟୱାର୍କ ରହିଛି ଯାହା ପ୍ରାୟ ୫୬ ଲକ୍ଷ କି.ମି. ଅଟେ। ଭାରତରେ ସଡ଼କ ପଥ ରେଳପଥ ଠାରୁ ଆଗରୁ କାର୍ଯ୍ୟକରିଛି। ବାସ୍ତବରେ ସଡ଼କପଥ ମାନ ଭାରତର ପରିବହନ କ୍ଷେତ୍ରରେ ଜୀବନ ରେଖା ସଦୃଶ। ଅଭିବୃଦ୍ଧି ଓ ବିକାଶକୁ ଆଗେଇ ନେବା ପାଇଁ ଏକ ବ୍ୟାପକ ଓ ଉତ୍ତମ ସଡ଼କ ନେଟୱାର୍କର ଆବଶ୍ୟକତା ରହିଛି।

ଓଡ଼ିଶାରେ ଚାରି ପ୍ରକାର ପରିବହନ ବ୍ୟବସ୍ଥା ରହିଛି ଯଥା: ସଡ଼କ, ରେଳ, ଜଳ ଓ ବାୟୁ। ସଡ଼କ ପରିବହନ ବ୍ୟବସ୍ଥାର ରାଜ୍ୟରେ ମୋଟ ପରିବହନ ସେବାରେ ସର୍ବାଧିକ ଅବଦାନ ରହିଛି। ତେଣୁ ରାଜ୍ୟ ଅର୍ଥବ୍ୟବସ୍ଥାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଯେତେବେଳେ ରାଜ୍ୟରେ ଉତ୍ତମ ସଡ଼କ ପଥର ନେଟୱାର୍କ ସୃଷ୍ଟି ହୁଏ ସେତେବେଳେ ରାଜ୍ୟର ଆର୍ଥିକ ଅବସ୍ଥାରେ ଉନ୍ନତି ହୋଇଥାଏ। ରାସ୍ତା ହେଉଛି ରାଜ୍ୟର ଶିରାପ୍ରଶିରା ସଦୃଶ ଯାହା ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରେ ଓ ସେହି ସମୃଦ୍ଧି ଯେପରି ଦୂରନ୍ତ କୋଣ ଅନୁକୋଣରେ ପହଞ୍ଚିବ ତାହା ନିଶ୍ଚିତ କରିଥାଏ।

ଜନବସତି, ବାଣିଜ୍ୟିକ, ଔଦ୍ୟୋଗିକ ଓ ସାଂସ୍କୃତିକ ପ୍ରତିଷ୍ଠାନକୁ ଏହି ସଡ଼କ ଭିତ୍ତିଭୂମି ମହତ୍ତ୍ୱପୂର୍ଣ୍ଣ ଅନ୍ତିମ ସଂଯୋଜକତା ପ୍ରଦାନ କରିଥାଏ । ସଡ଼କ ଯାତ୍ରା ସେବାର ପ୍ରସାର, ଗତି ଓ ଗୁଣବତ୍ତାରେ ଦ୍ରୁତ ସୁଧାର ଆସିଛି ଏବଂ ସହଜରେ ମାଲପତ୍ର ପରିବହନ ବଢ଼ିଚାଲିଛି । ପୁନଶ୍ଚ ରାସ୍ତାର ପ୍ରଶସ୍ତିକରଣ ଏବଂ ଏକ ଉନ୍ନତ ଓ ଦକ୍ଷ ସଡ଼କ ଅବସଂରଚନା

(୧) ସଡକ ପରିବହନକାରି ଙ୍କୁ ବହୁତ ଆରମ ଦିଏ

(୨) ରାଜ୍ୟ ଭିତରେ ଓ ରାଜ୍ୟ ରାଜ୍ୟ ମଧ୍ୟରେ ଯାତ୍ରୀ ଯାତାୟାତ ଓ ମାଲପତ୍ର ପରିବହନକୁ ତ୍ୱରାନ୍ୱିତ କରିବ

(୩) ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବ

(୪) ଇନ୍ଧନ ଖର୍ଚ୍ଚ ଦୃଷ୍ଟିରୁ ଅଧିକ ସଞ୍ଚୟ ନିଶ୍ଚିତ କରିବ

(୫) ଯାନବାହନ ନଷ୍ଟ, ଯାତ୍ରା ସମୟ ଓ ଦୁର୍ଘଟଣା ଇତ୍ୟାଦି ହ୍ରାସ କରିବ

(୬) ଅନୁନ୍ନତ ଇଲାକାରେ ଶିଳ୍ପ ଓ ଖଣି କାର୍ଯ୍ୟକଳାପ ବୃଦ୍ଧି କରିବ ଏବଂ

(୭) ରାଜ୍ୟରେ ପର୍ଯ୍ୟଟନର ବିକାଶ ଘଟାଇବ ।

ଓଡ଼ିଶାରେ ୨୦୧୮-୧୯ ମସିହାର ଏକ ଆକଳନରୁ ଜଣାପଡ଼େ ଯେ ସଡ଼କ ପରିବହନ-ଉପକ୍ଷେତ୍ର ସମଗ୍ର ପରିବହନ କ୍ଷେତ୍ରର ମୋଟ ମୂଲ୍ୟର ୪୯%ରୁ ଅଧିକ ଅଂଶ ପ୍ରଦାନ କରିଛି। ସଡ଼କ ଭିତ୍ତିଭୂମି ରାଜ୍ୟରେ ଜନବସତି, ବାଣିଜ୍ୟିକ, ଔଦ୍ୟୋଗିକ ଓ ସାଂସ୍କୃତିକ ପ୍ରତିଷ୍ଠାନ ଗୁଡ଼ିକ ସହିତ ମହତ୍ତ୍ୱପୂର୍ଣ୍ଣ ତଥା ଅନ୍ତିମ ସଂଯୋଗ ସ୍ଥାପନ

କରିଆସୁଛି । ରାଜ୍ୟର ସଡ଼କ ନେଟୱାର୍କ ମଧ୍ୟରେ ରହିଛି ଜାତୀୟ ରାଜପଥ, ଏକ୍ସପ୍ରେସ ରାଜପଥ, ରାଜ୍ୟ ରାଜପଥ, ମୁଖ୍ୟ ଜିଲ୍ଲା ସଡ଼କ, ଅନ୍ୟାନ୍ୟ ଜିଲ୍ଲା ସଡ଼କ, ଗ୍ରାମୀଣ ସଡ଼କ, ସହରୀ ସଡ଼କ, ପଞ୍ଚାୟତ ସମିତି (ପିଏସ୍) ସଡ଼କ, ଗ୍ରାମ ପଞ୍ଚାୟତ ସଡ଼କ, ଜଙ୍ଗଲ ରାସ୍ତା, ଜଳସେଚନ ବିଭାଗ ରାସ୍ତା ଓ ଓଡ଼ିଶା ଗ୍ରୀଡ୍ କର୍ପୋରେସନ (ଗ୍ରୀଡ୍‌କୋ) ରାସ୍ତା ଇତ୍ୟାଦି ଓଡ଼ିଶାରେ ଯଥେଷ୍ଟ ରେଳବାଇ ନେଟୱାର୍କ ନ ଥିଲେ ମଧ୍ୟ ଯାତ୍ରୀ ଓ ମାଲପତ୍ର ପରିବହନରେ ସଡ଼କର ମୁଖ୍ୟ ଭୂମିକା ରହିଛି।

ଓଡ଼ିଶାର ବାହ୍ୟ ସଡ଼କ ଘନତ୍ୱକୁ ବିଚାରକୁ ନେଲେ ସର୍ବୋଚ୍ଚ ପାଞ୍ଚଟି ଅଣବିଶେଷ ଶ୍ରେଣୀ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ରହିଛି। ରାଜ୍ୟର ପ୍ରତି ୧ ହଜାର ଜନସଂଖ୍ୟା ପିଛା ହାରାହାରି ସଡ଼କର ଘନତ୍ୱ ଓ ହାରାହାରି ସଡ଼କ ଦୈର୍ଘ୍ୟ ଜାତୀୟସ୍ତରରୁ ଅଧିକ ଅଟେ। ୨୦୧୮-୧୯ ସୁଦ୍ଧା ରାଜ୍ୟର ସଡ଼କ ପଥର ମୋଟ ଦୈର୍ଘ୍ୟ ୨,୬୮,୬୫୬ କି.ମି. ଅଟେ।  ଏହା ଦେଶର ହାରାହାରି ସଡ଼କପଥର ୫%ରୁ ଅଧିକ ଅଟେ।  ଏଠାରେ ରହିଛି ୨,୬୭୩ କିମି. ରେଳ ଲାଇନ୍ (୨,୨୯୩ କି.ମି. ବିଦ୍ୟୁତ ସଂଯୋଗ ହୋଇଥିବା ବ୍ରଡଗଜ୍ ରେଳଧାରଣା ସହିତ) ୩୦୧ଟି ରେଳଷ୍ଟେସନ ଓ ପାସେଞ୍ଜର ହଲ୍ଟ ସହିତ ଓଡ଼ିଶାରେ ସଡ଼କ ପଥର ବିସ୍ତୃତ ବିବରଣୀ ନିମ୍ନୋକ୍ତ ସାରଣୀ ୧.୧ରେ ପ୍ରଦାନ କରାଯାଇଛି।

**ସାରଣୀ ୧.୧ ଓଡ଼ିଶାରେ ବିଭିନ୍ନ ପ୍ରକାର ସଡ଼କର ଦୈର୍ଘ୍ୟ, ୨୦୧୮-୧୯**

| **ରାସ୍ତାର ପ୍ରକାର** | **ଦୈର୍ଘ୍ୟ (କିମି)** |
|---|---|
| ଜାତୀୟ ରାଜପଥ | ୪,୮୪୮ |
| ଏକ୍ସପ୍ରେସ ରାଜପଥ | ୩୮ |
| ରାଜ୍ୟ ରାଜପଥ | ୪,୧୦୫ |
| ସହରୀ ସଡ଼କ | ୧୮,୫୯୧ |
| ଗ୍ରାମୀଣ ସଡ଼କ | ୪୩,୦୧୧ |
| ମୁଖ୍ୟ ଜିଲ୍ଲା ସଡ଼କ | ୨,୮୧୨ |
| ଅନ୍ୟାନ୍ୟ ଜିଲ୍ଲା ସଡ଼କ | ୧୮,୮୩୫ |
| ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ସଡ଼କ | ୧,୬୨,୪୭୬ |
| ଜଙ୍ଗଲ ସଡ଼କ | ୭,୫୭୫ |
| ଜଳସେଚନ ବିଭାଗ ରାସ୍ତା | ୬,୨୭୭ |
| ଗ୍ରୀଡ୍‌କୋ ସଡ଼କ | ୮୮ |
| ମୋଟ | ୨,୬୮,୬୫୬ |

*ସୂତ୍ର: ଓଡ଼ିଶା ଆର୍ଥିକ ସର୍ବେକ୍ଷଣ ୨୦୧୯-୨୦*

ସଡ଼କ ଭିତ୍ତିଭୂମିର ସଂପ୍ରସାରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଡ଼କପଥରୁ ଆହୁରି ଅଧିକ ସେବା ପାଇବାକୁ ହେଲେ ଏହାର ସଂପ୍ରସାରଣ କ୍ଷମତା ବୃଦ୍ଧି ମୁଖ୍ୟ ଆବଶ୍ୟକତାଗୁଡିକ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଏ । ସଡ଼କ ସେବା ଗୁଣବତ୍ତାର ବିକାଶ ନିମନ୍ତେ ଥିବା ବ୍ୟବସ୍ଥାଗୁଡିକ ମଧ୍ୟରୁ, ନୂତନ ରାସ୍ତା ନିର୍ମାଣ ଓ ବର୍ତ୍ତମାନ ରହିଥିବା ରାସ୍ତାର ପ୍ରଶସ୍ତିକରଣ ଆବଶ୍ୟକ । ଯାହାହେଉ, ସଡ଼କ ଭିତ୍ତିଭୂମିର ବିକାଶ ମଧ୍ୟରେ ବଡ଼ଧରଣର ନିର୍ମାଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଓ ଏଥିପାଇଁ ସରକାରୀ ଏବଂ/କିମ୍ବା ବେସରକାରୀ ଜମି ଅଧିଗ୍ରହଣ ଆବଶ୍ୟକ କରେ । "ରାଜ୍ୟ ଯୋଜନା ସ୍କିମ ୨୦୧୯-୨୦ ଅର୍ଥରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ଯାଜପୁର ମୁନିସିପାଲିଟି ଅଧୀନରେ ଥିବା ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ଚେନେଜ ୦/୦୦୦ ରୁ ୧/୩୮୫କିଲୋମିଟର ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ" ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣର ଆବଶ୍ୟକ ପଡୁଛି।

ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କର ଏକ ପ୍ରମୁଖ ଅଂଶ ଯଦି ଭୂମି ଆଧାରିତ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ଜୀବିକା ଅର୍ଜନ ନିମନ୍ତେ ଲାଗିଥାଏ, ତେବେ ସେ ଜମି ଅଧିଗ୍ରହଣ ହେଲେ ସେମାନେ ଜମି ହରାଇବେ ।   ଜମିର ମାଲିକାନା ହାନି ଘଟିବ ଓ ଏଥି ସହ ନିଯୁକ୍ତିହାନି, ଗୃହହାନି, ଅବସ୍ଥାର ଅବନତି, ଖାଦ୍ୟ ନିରାପତ୍ତାର ଅଭାବ, ସ୍ୱାସ୍ଥ୍ୟ ପ୍ରତି ବିପଦ ଏବଂ ସାମାଜିକ ସମ୍ପର୍କ ଛିନ୍ନ ଓ ଅନ୍ୟାନ୍ୟ ଅବ୍ୟବସ୍ଥା ହେତୁ ଲୋକମାନଙ୍କର ଦୁଃଖ ବଢ଼ିଥାଏ।  ଭୂମି ଏକ ଦୁର୍ଲଭ ବସ୍ତୁ ଓ ଜୀବିକା ଅର୍ଜନର ସଂସାଧନ ହୋଇଥିବା କାରଣରୁ ସାର୍ବଜନିନ ପ୍ରକଳ୍ପ ନିମନ୍ତେ ସରକାରୀ ଏବଂ/କିମ୍ବା ଘରୋଇ ଭୂମି ଅଧିଗ୍ରହଣ ସାବଧାନପୂର୍ବକ ତଥା  ଯୋଜନା ମୁତାବକ ହେବା ଉଚିତ ଯେପରି କି, ପ୍ରକଳ୍ପ ଅଞ୍ଚଳରେ ଥିବା ଜନସାଧାରଣଙ୍କୁ ଯେତେସମ୍ଭବ କମ କଷ୍ଟ ହେବ।  ପୁଣି ଦେଖିବାକୁ ପଡ଼ିବ ଯେ ଜନସାଧାରଣ ଓ ସର୍ବୋପରି ରାଜ୍ୟର ବିକାଶର ଆବଶ୍ୟକତାକୁ ଏହା ପୂରଣ କରୁଥିବ। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଆଇନ ୨୦୧୩ ଉଲ୍ଲେଖ ଅଛି ଯେ ବିକାଶ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ନିମନ୍ତେ ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (ଏସ୍ଆଇଏ)ର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଉପରୋକ୍ତ ଉଦ୍ଦେଶ୍ୟ ହାସଲ ନିମନ୍ତେ " ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ଚେନେଜ ୦/୦୦୦ ରୁ ୧/୩୮୫ କିଲୋମିଟର ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ"  ନିମନ୍ତେ ବର୍ତ୍ତମାନର ଜମି ଅଧିଗ୍ରହଣ ଉପରେ ଏକ ଅନୁଶୀଳନର ଆବଶ୍ୟକତା ରହିଛି।

## ୧.୨ ପରିଚାଳନାର ଢାଞ୍ଚା

ପ୍ରସ୍ତାବିତ ରାଜ୍ୟ ଯୋଜନା ସ୍କିମ ଅର୍ଥରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ଯାଜପୁର ମୁନିସିପାଲିଟି ଅଧୀନରେ ଥିବା ବିରଜା ମହିଳା ମହାବିଦ୍ୟାଳୟ  ଛକ ଠାରୁ ଯୋଡିକୁଅ ଛକ ଚେନେଜ ୦/୦୦୦ ରୁ ୧/୩୮୫କିଲୋମିଟର ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାରେ ଉନ୍ନତିକରଣ ପ୍ରକଳ୍ପ ଏକ ସରକାରୀ ପାଣ୍ଠି ନିୟୋଜିତ ପ୍ରକଳ୍ପ ଅଟେ ଏବଂ ଏହା ଓଡ଼ିଶା ସରକାରଙ୍କର ରାସ୍ତା ଓ ଗୃହନିର୍ମାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟଟି ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ଦ୍ୱାରା କାର୍ଯ୍ୟକାରୀ କରାଯିବ । ସରକାର ତାଙ୍କର ଦୃଢ଼ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ପ୍ରବନ୍ଧନ ଓ

ଶାସନ ସଂରଚନା ଏବଂ ପ୍ରକ୍ରିୟା ଦ୍ୱାରା ଏହାକୁ କାର୍ଯ୍ୟକାରୀ କରିବେ ଯେପରିକି ଏହା ସୁନିଶ୍ଚିତ କରିବ କି ଏହାର କାର୍ଯ୍ୟକାଳ ମଧ୍ୟରେ ପ୍ରକଳ୍ପର ପ୍ରବନ୍ଧନ ପାଇଁ ଆବଶ୍ୟକୀୟ ବଜେଟ ବ୍ୟବସ୍ଥା କରାଯାଇଛି । ଟ୍ରାଫିକ୍ ବା ଗମନାଗମନର ପୂର୍ବାନୁମାନ, ସଡ଼କ ସେବା ପାଇଁ ସାଂପ୍ରତିକ ଓ ଭବିଷ୍ୟତ ଚାହିଦାର ଆକଳନ, ଯୋଜନା, ସମୟସୀମା, ଉଦ୍ଦେଶ୍ୟ ଓ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ସହିତ ବୈଷୟିକ ଡିଜାଇନ ମଧ୍ୟ ସ୍ଥିର କରିବାକୁ ହେବ ଓ ପ୍ରମୁଖ ସୋପାନରେ ସ୍ୱଷ୍ଟ ଓ ଉଦ୍ଦେଶ୍ୟ ପୂରଣ ପ୍ରକ୍ରିୟା ସହ ସରକାରଙ୍କ ଦ୍ୱାରା ନିଯୁକ୍ତ ଯୋଗ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟମାନ ଆରମ୍ଭ କରାଯିବ।

## ୧.୩ ପ୍ରକଳ୍ପର ଆବଶ୍ୟକତା, ଯଥାର୍ଥତା ଓ ସାର୍ବଜନିନ ଉଦ୍ଦେଶ୍ୟ ସାଧନ

### ୧.୩.୧ ପ୍ରକଳ୍ପର ଆବଶ୍ୟକତା


ଯାଜପୁର ଟାଉନ ଠାରେ ନିର୍ମାଣଧୀନ ଇଣ୍ଡୋର ଷ୍ଟାଡିୟମ

ଗ୍ରାମସ୍ତରରେ ରାସ୍ତା ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଅଞ୍ଚଳର ସାମାଜିକ-ଅର୍ଥନୈତିକ ଉନ୍ନତିର ଏକ ମୁଖ୍ୟ କାରଣ ଅଟେ ।  ସହରାଞ୍ଚଳରେ ଯାତାୟାତରେ ଯଥେଷ୍ଟ ବୃଦ୍ଧି ଯୋଗୁଁ, ବ୍ୟବହାରକାରୀମାନଙ୍କ ସନ୍ତୁଷ୍ଟତା ପାଇଁ ଜଙ୍କସନଗୁଡ଼ିକର ଉନ୍ନତି ସହିତ ଉକ୍ତ ରାସ୍ତାଗୁଡ଼ିକର ସମ୍ପ୍ରସାରଣ ଏବଂ ସୁଦୃଢୀକରଣ ଦ୍ୱାରା ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ବିଭିନ୍ନ ଛୋଟ ଛୋଟ ସହରର ଉପାନ୍ତ ଅଞ୍ଚଳର ଲୋକମାନେ ସେହି ସହରାଞ୍ଚଳ ଉପରେ ନିର୍ଭର କରନ୍ତି ଯେଉଁଠାରେ ଡାକ୍ତରଖାନା, ବଜାର, ସରକାରୀ କାର୍ଯ୍ୟାଳୟ ଭଳି ମୌଳିକ ସୁବିଧା ଉପଲବ୍ଧ ହୋଇଥାଏ । ସଡକଗୁଡିକର ବିକାଶ ସହରାଞ୍ଚଳକୁ ସୁଗମ ଏବଂ ଉନ୍ନତ ସୁବିଧା ଯୋଗାଇବ ଏବଂ ଟ୍ରାଫିକ୍ ସମସ୍ୟାକୁ ମଧ୍ୟ ହ୍ରାସ କରିବ । ବିଭିନ୍ନ ଛୋଟ ଛୋଟ ସହରର ରାସ୍ତାଗୁଡିକର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।


ଅସମ୍ପୂର୍ଣ୍ଣ ନାଳକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଯୋଜନା କରାଯାଇଛି

ଯାଜପୁରରେ ଯାନବାହନ ସଂଖ୍ୟାର ଅଭୁତପୂର୍ବ ବୃଦ୍ଧି ଓ ଏହାର ପରିଣାମସ୍ୱରୂପ ଯାତାଯାୟତ ଭିଡ଼କୁ ହ୍ରାସ କରିବା ପାଇଁ ସଡ଼କ ପ୍ରଶସ୍ତିକରଣ ଆବଶ୍ୟକ । ଏହା ପଥଚାରୀ ଓ ସାଇକଲଚାଳକଙ୍କ ପାଇଁ ସୁବିଧା ଯୋଗାଇବା ସହ, ଯାନବାହାନ ଚଳାଚଳର ବେଗ ବୃଦ୍ଧି ସହ ପ୍ରଦୂଷଣ ହ୍ରାସ କରିଥାଏ ।

କୁସୁମା ହ୍ରଦ ଏବଂ ପାର୍କର ବିକାଶ ପରେ ବିରଜା ମହିଳା ମହାବିଦ୍ୟାଳୟ  ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ଥିବା ରାସ୍ତାରେ ପ୍ରବଳ ଭିଡ ଅନୁଭୂତ ହେଉଛି । ପ୍ରସ୍ତାବିତ ଇନଡୋର ଷ୍ଟାଡିୟମ ଏବଂ ମିନି ସଚିବାଳୟର ନିର୍ମାଣ ପରେ

ଯାନବାହାନ ର ଭିଡ ଆଶାତୀତ ଭାବରେ ବୃଦ୍ଧି ପାଇବାର ଆଶା କରାଯାଏ । ତେଣୁ ମୁନିସିପାଲିଟି ଅଞ୍ଚଳରେ ଯାନବାହାନ ର ପରିମାଣ ବୃଦ୍ଧି ହେତୁ ସହଜ ଟ୍ରାଫିକ ପରିଚାଳନା ନିମନ୍ତେ ଏହି ରାସ୍ତାର ସମ୍ପ୍ରସାରଣ ଏବଂ ଉନ୍ନତିର ଆବଶ୍ୟକତା ରହିଛି ।

ଏହି ବୁଲାଣି ସ୍ଥାନରେ ରାସ୍ତା ପ୍ରଶସ୍ତିକରଣ ହେଲେ ଆଗ ରାସ୍ତାକୁ ଅତିକ୍ରମ ନ କରି ଗାଡ଼ିଚାଳକକୁ ଗାଡ଼ି କାଟିବାରେ ଅଧିକ ସ୍ଥାନ ମିଳିଥାଏ ଓ ମୁହାଁମୁହିଁ ଘଟୁଥିବା ଦୁର୍ଘଟଣା ହ୍ରାସ କରିଥାଏ । ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ଦ୍ୱାରା ଏହି ଅଞ୍ଚଳ ବିଶେଷକରି ଟିଭିଏସ୍ ଶୋ ରୁମ୍ ଏବଂ ଯୋଡିକୁଆ ଛକ ପରି କିଛି ପ୍ରମୁଖ ସ୍ଥାନରେ ଯାତାୟାତର ସୁରକ୍ଷା ଉପରେ ଅନୁକୂଳ ପ୍ରଭାବ ପକାଇବ । ଯାନବାହାନ ସାଧାରଣତଃ ସିଧା ସଡ଼କ ଅପେକ୍ଷା ବଙ୍କା ରାସ୍ତାରେ ଅଧିକ ସ୍ଥାନ ବ୍ୟବହାର କରିଥାଏ, ଏବଂ ଡ୍ରାଇଭରମାନେ ହଠାତ୍ କିମ୍ବା ଉଦ୍ଦେଶ୍ୟମୂଳକ ଭାବରେ "କୋଣ କାଟିବା" ସମୟରେ ମୁହାଁମୁହିଁ ଦୁର୍ଘଟଣା ଘଟିଥାଏ । ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ବିଶିଷ୍ଟ କରିବା ସହିତ ଏହାର ଉନ୍ନତିକରଣ ରାସ୍ତାରେ ଏକତରଫା ଯାତାୟତ ବ୍ୟବସ୍ଥା ହେତୁ ମୁହାଁମୁହିଁ ଧକ୍କା ହେବାର ଆଶଙ୍କା କମିଯିବ । ବିଶେଷ କରି ବଡ଼ ଗାଡ଼ିମାନଙ୍କ ପାଇଁ ବୁଲାଣି ସ୍ଥାନକୁ ପ୍ରଶସ୍ତିକରଣ କଲେ ସୁରକ୍ଷାର ବୃଦ୍ଧି ପାଇଥାଏ । ଏହା ବ୍ୟତୀତ ରାସ୍ତାର ଉନ୍ନତିକରଣ ପରେ ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ନାଳଦ୍ୱାରା ବର୍ଷାଜଳ ସହିତ ନର୍ଦ୍ଦମା ଜଳ ନିଷ୍କାସନ ହେବାରେ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇପାରେ ।

## ୧.୩.୨ ପ୍ରକଳ୍ପର ଯଥାର୍ଥତା

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବଜାର ଆଦି ମଧ୍ୟ ଦେଇ ରାସ୍ତାଟି ଅତିକ୍ରମ କରୁଥିବାରୁ ୨୦୧୮-୨୦୧୯ ବର୍ଷ ପାଇଁ ରାଜ୍ୟ ଯୋଜନାରେ ଯାଜପୁର ଜିଲ୍ଲାର ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ନଗରପାଳିକା)

**ମାନଚିତ୍ର – ୧ ଯାଜପୁର ନଗରପାଳିକା ଅଞ୍ଚଳ**



ମଧ୍ୟରେ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାର ୦/୦୦୦ ରୁ ୧/୩୮୫ କିଲୋମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ ଓ ସୁଦୃଢ଼ିକରଣର ଯଥେଷ୍ଟ ଗୁରୁତ୍ୱ ରହିଛି ।

ଏହି ରାସ୍ତାଟି ତୀର୍ଥସ୍ଥାନ ଏବଂ ସହରରେ କାର୍ଯ୍ୟ କରୁଥିବା ବିଭିନ୍ନ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ସହିତ ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳ ସହିତ ସଂଯୋଗକାରୀ ରାସ୍ତା ଭାବରେ କାର୍ଯ୍ୟ କରିବ । ମ୍ୟୁନିସିପାଲିଟି ଅଞ୍ଚଳ ମଧ୍ୟରେ ଏହା ସହରର ମୁଖ୍ୟ ରାସ୍ତା । ଅନେକ ଛୋଟ ଛୋଟ ରାସ୍ତା ଏହି ରାସ୍ତାକୁ ସଂଯୋଗ କରୁଛି ବିସ୍ତାର ଦୃଷ୍ଟିରୁ ଯାଜପୁର ଏକ ଛୋଟ ସହର ହୋଇଥିବାରୁ ପ୍ରସ୍ତାବିତ ସମ୍ପ୍ରସାରଣ ଅନ୍ୟ ଗ୍ରାମ (ୟୁନିଟ୍) କୁ ଯାଉଥିବା ଛୋଟ ସଡ଼କ ମୁଖ୍ୟତଃ ୟୁନିଟ୍ ନଂ-୧୩ ଗରୁଡନଗର, ୟୁନିଟ୍ ନଂ-୬ ଗୋବିନ୍ଦନଗର, ୟୁନିଟ୍ ନଂ-୭ ଶୀତଳେଶ୍ୱରନଗର ପର୍ଯ୍ୟନ୍ତ ଯାଉଥିବା ଛୋଟ ରାସ୍ତାକୁ ସଂଯୋଗ କରିବା ସହିତ କୁସୁମା ଟ୍ୟାଙ୍କ ଏବଂ ପାର୍କ, ମିନି ସେକ୍ରେଟାରିଏଟ୍ ଏବଂ ଇନଡୋର ଷ୍ଟାଡିୟମର ପରିଦର୍ଶକମାନଙ୍କ ପାଇଁ ଯାତାୟାତ ରେ ସୁବିଧା ହେବ । ସମସ୍ତ ପ୍ରମୁଖ ଆଭ୍ୟନ୍ତରୀଣ ବଜାର ଏବଂ ସଂପୃକ୍ତ ଶାଖା ଆଦି କୁ ଏହି ମୁଖ୍ୟ ଏବଂ ଏହାର ଶାଖା ରାସ୍ତାଘାଟ ଦେଇ ସହଜରେ ଯାଇ ହେବ । ଯେହେତୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରକଳ୍ପଟି ବହୁତ ଆବଶ୍ୟକ ଅଟେ, ଭୂମି ଅଧିଗ୍ରହଣ ଅବିଳମ୍ବେ ଯୋଜନା କରାଯାଇଛି । ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶା ସରକାର ପ୍ରକଳ୍ପ ନିମନ୍ତେ ସ୍ଥାନ ନିରୂପଣ ତଥା ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଜମି ଅଧିଗ୍ରହଣ ଶୀଘ୍ର ଯୋଜନା କରାଯାଇଛି । ଆବଶ୍ୟକତାକୁ ଅନୁଭବ କରି ଓଡ଼ିଶା ସରକାର ସ୍ଥାନ ଚିହ୍ନଟ କରିବା ସହିତ ଏହି ପ୍ରକଳ୍ପ ପାଇଁ ସର୍ଭେ ଆରମ୍ଭ କରିଥିଲେ ।



କୁସୁମା ପୁଷ୍କରିଣୀ ଓ ପାର୍କ

### ୧.୩.୩ ପ୍ରକଳ୍ପର ସାର୍ବଜନୀନ ଉଦ୍ଦେଶ୍ୟ

ଭାରତର ସମ୍ବିଧାନ ମୂଳତଃ ଧାରା ୧୯ ଏବଂ ୩୧ ଅନୁଯାୟୀ ସମ୍ପତ୍ତି ଅଧିକାର ପ୍ରଦାନ କରିଥିଲା । ଧାରା ୧୯ ସୁନିଶ୍ଚିତ କରିଛି ଯେ, ସମସ୍ତ ନାଗରିକଙ୍କର ସମ୍ପତ୍ତି ହାସଲ, ଧାରଣ ଏବଂ ବିକ୍ରୟ କରିବାର ଅଧିକାର ଅଛି । ଧାରା ୩୧ ରେ ଦର୍ଶାଯାଇଛି ଯେ "ଆଇନର ପ୍ରଦାନ କରାଯାଇଥିବା ଅଧିକାର ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ତାଙ୍କ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ"। ଏହା ମଧ୍ୟ ପ୍ରକାଶ କରାଯାଇଛି ଯେ, ଯେଉଁ ବ୍ୟକ୍ତିଙ୍କ ସମ୍ପତ୍ତି ସର୍ବସାଧାରଣ ଉଦ୍ଦେଶ୍ୟରେ ଅର୍ଜନ କରାଯାଇଛି ସେହି ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ । ଏହି ଅଧିନିୟମ, ୨୦୧୩, ନିର୍ଦ୍ଦିଷ୍ଟ ବାକ୍ୟାଂଶ ବ୍ୟବହାର କରୁଛି ଯେପରିକି 'ଜନସାଧାରଣଙ୍କ ପାଇଁ ସାଧାରଣ ଲାଭ ଉଦ୍ଦେଶ୍ୟରେ', 'ଜନସାଧାରଣଙ୍କ ସ୍ୱାର୍ଥ', ଯାହା କେବଳ ରଣନୈତିକ ସ୍ୱାର୍ଥ, ଜାତୀୟ ସୁରକ୍ଷା, ଭିତ୍ତିଭୂମି ପ୍ରକଳ୍ପ ଇତ୍ୟାଦି ଆଇନଗତ ଭାବରେ ନିର୍ବିରୋଧ ତଥା ନିର୍ବିବାଦୀୟ ଜନସାଧାରଣଙ୍କ ଉଦ୍ଦେଶ୍ୟକୁ ବଜାୟ ରଖିଛି ।

**ଧାରା ୨ ଅନୁଯାୟୀ ଅଧିନିୟମର ପ୍ରୟୋଗ.** – (୧) ଜମି ଅଧିଗ୍ରହଣ, କ୍ଷତିପୂରଣ, ପୁନଃଥଇଥାନ ଏବଂ ପୁନଃବିସ୍ଥାପନ ସମ୍ବନ୍ଧୀୟ ଏହି ଆଇନର ନିୟମାବଳୀ ପ୍ରଯୁଜ୍ୟ ହେବ, ଯେତେବେଳେ ଏକ ବୈଧ ସରକାର ନିଜର ବ୍ୟବହାର, ଧାରଣ ଏବଂ ନିୟନ୍ତ୍ରଣ ସମେତ ସାର୍ବଜନୀନ କ୍ଷେତ୍ର ଏବଂ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବେ ସେଥିମଧ୍ୟରେ ନିମ୍ନଲିଖିତ ଉଦ୍ଦେଶ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି , ଯଥା: -

*(କ) ରାଷ୍ଟ୍ରର ନୌସେନା, ପଦାତିକ, ବାୟୁସେନା ଏବଂ ସଶସ୍ତ୍ର ବାହିନୀ ସମେତ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ କିମ୍ବା ଜାତୀୟ ସୁରକ୍ଷା କିମ୍ବା ଭାରତ କିମ୍ବା ରାଜ୍ୟ ପୋଲିସର ପ୍ରତିରକ୍ଷା, ଲୋକଙ୍କ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସହିତ ଜଡିତ ରଣନୈତିକ  ଉଦ୍ଦେଶ୍ୟ ପାଇଁ,; କିମ୍ବା*

*(ଖ) ଭିତ୍ତିଭୂମି ପ୍ରକଳ୍ପ ଯେଉଁଥିରେ ନିମ୍ନଲିଖିତ କାର୍ଯ୍ୟ ଗୁଡିକ ସାମିଲ ଅଛି ।  ଯଥା: -*

*(୧) ବେସରକାରୀ ଡାକ୍ତରଖାନା, ବେସରକାରୀ ଶିକ୍ଷାନୁଷ୍ଠାନ, ଘରୋଇ ହୋଟେଲଗୁଡିକୁ ବାଦ୍ ଦେଇ ୨୭ ମାର୍ଚ୍ଚ, ୨୦୧୨ ତାରିଖ ଦିନ ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର (ଭିତ୍ତିଭୂମି ବିଭାଗ) ନମ୍ବର ୧୩/୬/୨୦୦୯-INF ରେ ବିଜ୍ଞପ୍ତିରେ ତାଲିକାଭୁକ୍ତ ସମସ୍ତ କାର୍ଯ୍ୟକଳାପ କିମ୍ବା ବସ୍ତୁ । (ଅର୍ଥନୈତିକ ବ୍ୟାପାର ବିଭାଗ ଅନୁଯାୟୀ ଭିତ୍ତିଭୂମିର ପରିବହନ ଶୀର୍ଷକରେ ଥିବା ବସ୍ତୁଗୁଡିକ ଯଥା ସଡକ ଏବଂ ବ୍ରିଜ୍ • ବନ୍ଦର • ଆଭ୍ୟନ୍ତରୀଣ ଜଳପଥ • ବିମାନବନ୍ଦର • ରେଳ ଟ୍ରାକ୍, ଟନେଲ୍, ଭିଆଡକ୍ଟସ୍, ବ୍ରିଜ୍ • ସହରୀ ଜନସାଧାରଣ ପରିବହନ (ସହରାଞ୍ଚଳ ସଡ଼କ ପରିବହନ କ୍ଷେତ୍ରରେ ବ୍ୟବହାର ହେଉଥିବା ଛୋଟ ଗଳିକୁ ବାଦ ଦେଇ  ଅନ୍ତର୍ଭୁକ୍ତ କରେ)*

*(୨) ବୈଧ ସରକାରଙ୍କ ଦ୍ୱାରା ସ୍ଥାପିତ କିମ୍ବା ମାଲିକାନା କିମ୍ବା କୃଷକ ସମବାୟ ସମିତି କିମ୍ବା ଏକ ନିୟମ ଅନୁଯାୟୀ ସ୍ଥାପିତ ଏକ ଅନୁଷ୍ଠାନ ଦ୍ୱାରା କୃଷି ପ୍ରକ୍ରିୟାକରଣ, କୃଷି ପାଇଁ ଇନପୁଟ ଯୋଗାଣ, ଗୋଦାମ ଘର, ଶୀତଳ ଭଣ୍ଡାର ସୁବିଧା, କୃଷି ପାଇଁ ମାର୍କେଟିଂ ଭିତ୍ତିଭୂମି ଏବଂ ଦୁଗ୍ଧ, ମତ୍ସ୍ୟଚାଷ ଏବଂ ମାଂସ ପ୍ରକ୍ରିୟାକରଣ ଭଳି ପ୍ରକଳ୍ପ,;*

*(୩) ଜାତୀୟ ଉତ୍ପାଦନ ନୀତିରେ ନିର୍ମିତ ଶିଳ୍ପ କରିଡର କିମ୍ବା ଖଣି କାର୍ଯ୍ୟକଳାପ, ଜାତୀୟ ପୁଞ୍ଜି ବିନିଯୋଗ ଏବଂ ଉତ୍ପାଦନ କ୍ଷେତ୍ର ପାଇଁ ପ୍ରକଳ୍ପ,;*

*(୪) ଜଳ ଅମଳ ଏବଂ ଜଳ ସଂରକ୍ଷଣ ସଂରଚନା, ପରିମଳ ପାଇଁ ପ୍ରକଳ୍ପ;*

*(୫) ସରକାରୀ ପରିଚାଳିତ, ସରକାରୀ ସହାୟତା ପ୍ରାପ୍ତ ଶିକ୍ଷାଗତ ଏବଂ ଅନୁସନ୍ଧାନ ଯୋଜନା କିମ୍ବା ଅନୁଷ୍ଠାନ ପାଇଁ ପ୍ରକଳ୍ପ;*

*(୬) କ୍ରୀଡା, ସ୍ୱାସ୍ଥ୍ୟ ସେବା, ପର୍ଯ୍ୟଟନ, ପରିବହନ କିମ୍ବା ମହାକାଶ ଗବେଷଣା କାର୍ଯ୍ୟକ୍ରମ ପାଇଁ ପ୍ରକଳ୍ପ;*

*(୭) କେନ୍ଦ୍ର ସରକାରଙ୍କ ଦ୍ୱାରା ତଥା ସଂସଦରେ ପାରିତ ହୋଇ ସୂଚିତ କରାଯାଇଥିବା ଯେ କୌଣସି ଭିତ୍ତିଭୂମି ସୁବିଧା*

*(ଗ) ପ୍ରକଳ୍ପ ପ୍ରଭାବିତ ପରିବାର ପାଇଁ ପ୍ରକଳ୍ପ;*

*(ଘ) ବୈଧ ସରକାରଙ୍କ ଦ୍ୱାରା ସମୟ ସମୟରେ ଘୋଷଣା କରାଯାଇଥିବା ଯେଉଁପରି ନିର୍ଦ୍ଦିଷ୍ଟ  କରାଯାଇଥିବା ସେହିପରି ଆୟ ବର୍ଗଙ୍କ ଗୃହ ନିର୍ମାଣ ପାଇଁ ପ୍ରକଳ୍ପ ;*

*(ଙ) ଯୋଜନାବଦ୍ଧ ବିକାଶ କିମ୍ବା ଗ୍ରାମାଞ୍ଚଳର ଉନ୍ନତି କିମ୍ବା ସହରାଞ୍ଚଳର ଯେ କୌଣସି ସ୍ଥାନ କିମ୍ବା ଗ୍ରାମାଞ୍ଚଳ  ଏବଂ ସହରାଞ୍ଚଳର ଦୁର୍ବଳ ଶ୍ରେଣୀ  ପାଇଁ ବାସଗୃହ ଉଦ୍ଦେଶ୍ୟରେ ଜମି ଯୋଗାଣ ପାଇଁ ପ୍ରକଳ୍ପ;*

*(ଚ) ଗରିବ କିମ୍ବା ଭୂମିହୀନ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ବାସ କରୁଥିବା ବ୍ୟକ୍ତିଙ୍କ ପାଇଁ, ରାଜ୍ୟ ଦ୍ୱାରା ନିୟନ୍ତ୍ରିତ କିମ୍ବା ସରକାରଙ୍କ ଦ୍ୱାରା କିମ୍ବା ସ୍ଥାନୀୟ ପ୍ରଶାସନ ଦ୍ୱାରା ନିଆଯାଇଥିବା କୌଣସି ଯୋଜନା କାର୍ଯ୍ୟକାରୀ ହେବା କାରଣରୁ ବିସ୍ଥାପିତ କିମ୍ବା ପ୍ରଭାବିତ ବ୍ୟକ୍ତିଙ୍କ ବାସଗୃହ ନିର୍ମାଣ ଉଦ୍ଦେଶ୍ୟରେ ପ୍ରକଳ୍ପ;*

ନ୍ୟାୟୋଚିତ କ୍ଷତିପୂରଣ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ବଚ୍ଛତା ଆଇନ ୨୦୧୩ ର ଧାରା ୪(୪) ର ଏକ ବାଧ୍ୟତା ମୂଳକ ପ୍ରବଧାନ ହିସାବରେ ଏହି ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି । ବର୍ତ୍ତମାନ କ୍ଷେତ୍ରରେ ରାଜ୍ୟ ଯୋଜନା ସ୍କିମ ଅର୍ଥରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ଯାଜପୁର ମୁନିସିପାଲିଟି ଅଧୀନରେ ଥିବା ବିରଜା ମହିଳା ମହାବିଦ୍ୟାଳୟ  ଛକ ଠାରୁ ଯୋଡିକୁଅ ଛକ ଚେନେଜ ୦/୦୦୦ ରୁ ୧/୩୮୫ କିଲୋମିଟର ପର୍ଯ୍ୟନ୍ତ ଥିବା ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ  ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ନିମନ୍ତେ ଜମି ଅଧିଗ୍ରହଣ କରାଯାଉଛି । ନିସନ୍ଦେହରେ ଏହା ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି ବୋଲି କୁହାଯାଇପାରେ କାରଣ ରାସ୍ତା ପ୍ରଶସ୍ତିକରଣ ବ୍ୟବସ୍ଥା ପ୍ରକଳ୍ପ ଲୋକମାନଙ୍କ ଲାଭ ନିମନ୍ତେ ଉଦ୍ଦିଷ୍ଟ । ଏହି ପ୍ରକଳ୍ପ ଧାରା ୨ (ଖ) (୧) ଅନୁଯାୟୀ ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି । ତେଣୁ ଅଧିଗ୍ରହଣ କରାଯାଉଥିବା ଜମି ସାର୍ବଜନୀନ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି ।

## ୧.୩.୪ ବିକଳ୍ପ ରାସ୍ତା

**ମାନଦଣ୍ଡ:** ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ଜମି ହେଉଛି ଏକ ମୌଳିକ ଆବଶ୍ୟକତା, ଯାଜପୁର ସହରରେ ଟ୍ରାଫିକ ପରିମାଣ ହ୍ରାସ କରିବାରେ ଏହି ରାସ୍ତା ସାହାଯ୍ୟ କରିବ । ପାଣିକୋଇଲି (ଆର ଆଣ୍ଡ ବି) ଡିଭିଜନ୍ ଅନ୍ତର୍ଗତ ଯାଜପୁର ଟାଉନରେ ଥିବା ଆର ଆଣ୍ଡ ବି ଶାଖା ଏହାର ବିଭିନ୍ନ ବିକଳ୍ପ ଯାଞ୍ଚ କରି ପ୍ରସ୍ତାବିତ ମାର୍ଗ ଚୂଡ଼ାନ୍ତ ରୂପ ଦେଇଛି । ବିଭନ୍ନ କର୍ତ୍ତୃପକ୍ଷଙ୍କ ସହିତ ବିସ୍ତୃତ ଆଲୋଚନା ପରେ, ପ୍ରକଳ୍ପର ମାର୍ଗ ବାଛିବା ଏବଂ ଜମି ଅଧିଗ୍ରହଣ ପାଇଁ  ବିକଳ୍ପର ତୁଳନାତ୍ମକ ମୂଲ୍ୟାଙ୍କନ ପାଇଁ ଗ୍ରହଣ କରାଯାଇଥିବା ମାନଦଣ୍ଡ ଏବଂ ମୌଳିକ ବିଚାରଗୁଡ଼ିକ ନିମ୍ନଲିଖିତ ପ୍ରକାର ଅଟେ ।

(i) ପ୍ରସ୍ତାବିତ ରାସ୍ତା ପୁର୍ବର ଅବସ୍ଥିତ ଥିବା ରାସ୍ତାର ପ୍ରଶସ୍ତିକରଣ ଅଟେ ତେଣୁ ଅବସ୍ଥିତ ମାର୍ଗରେଖା କୁ ପରିବର୍ତ୍ତନ କରିବା ସମ୍ଭବ ନୁହେଁ ।  ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜମିର ଭୌଗୋଳିକ ଅବସ୍ଥା ମଧ୍ୟ ନିର୍ମାଣର ମାନଦଣ୍ଡ ପୂରଣ କରିବାରେ ସକ୍ଷମ ଅଟେ;

(ii) ନିର୍ମାଣ ନିମନ୍ତେ ଆନୁଷଙ୍ଗିକ ଉପକରଣ ଏବଂ ନିର୍ମାଣ ସାମଗ୍ରୀର ପରିବହନ ପାଇଁ ସୁବିଧା;

(iii) ପରିବେଶ ବିଚାର ଯାହାକି ଜଙ୍ଗଲ ଆଚ୍ଛାଦନ ଏବଂ ଅପସାରଣ କରାଯିବାକୁ ଥିବା ଗଛ ସଂଖ୍ୟା ଅନ୍ତର୍ଭୁକ୍ତ ;

(iv) ସମାଧାନ ଆବଶ୍ୟକ କରୁଥିବା ପୁନର୍ବାସ ଏବଂ ଥଇଥାନ ପ୍ରସଙ୍ଗ ;

(v) ସମୁଦାୟ ଖର୍ଚ୍ଚ ତୁଳନାରେ ସାମାଜିକ ଏବଂ ଅର୍ଥନୈତିକ ଲାଭ ;

ତେଣୁ ଏଠାରେ ଏହା କୁହାଯାଇପାରେ ଯେ, ଏହାର ଏକ ସାର୍ବଜନୀନ ଉଦ୍ଦେଶ୍ୟ ରହିଛି। ତେଣୁ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଏହି ଉଦ୍ଦେଶ୍ୟ ସାଧନରେ ସାହାଯ୍ୟ କରିବ ଏବଂ ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ନଗରପାଳିକା) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ଘରୋଇ ଜମି ଅଧିଗ୍ରହଣର ଯଥାର୍ଥତା ରହିଛି।

## ୧.୪ ପ୍ରକଳ୍ପର ଆକାର ଓ ଢାଞ୍ଚାର ବିସ୍ତୃତ ବିବରଣୀ

ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଅଞ୍ଚଳର ଦୈର୍ଘ୍ୟ ୧.୮୭୫କି.ମି.। ପ୍ରକଳ୍ପ ରାସ୍ତାଟି ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ଚେନେଜ ୦/୦୦୦ ରୁ ୧/୩୮୫ କିଲୋମିଟର ପର୍ଯ୍ୟନ୍ତ ୟୁନିଟ ନମ୍ବର – ୭ ଶୀତଳେଶ୍ୱର (ଯାଜପୁର ନଗରପାଳିକା)ଅଞ୍ଚଳ ମଧ୍ୟ ଦେଇ ଯାଇଛି। ଏହି ପ୍ରକଳ୍ପ ହେତୁ ୟୁନିଟ ନମ୍ବର – ୭ ଶୀତଳେଶ୍ୱର ଗ୍ରାମ ଟି ପ୍ରଭାବିତ ହେବ । ଅଧିଗ୍ରହଣ ହେବାକୁ ଥିବା ସମସ୍ତ ଜମି ଅଣକୃଷି ଜମି ଅଟେ । ପ୍ରକଳ୍ପ ପାଇଁ ମୋଟ ୬.୨୮୭ ଏକର ଜମିର ଆବଶ୍ୟକ ଅଛି । ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୪.୦୧.୨୦୨୦ ରେ ଅନୁଷ୍ଠିତ DCAC ବୈଠକରେ ଡିଭିଜନ୍ ଜମି କ୍ରୟ ପାଇଁ ଅନୁମୋଦନ ପାଇଥିଲା । ସିଧାସଳଖ କ୍ରୟ ମାଧ୍ୟମରେ ସୁପରିଣ୍ଟେଣ୍ଡେଣ୍ଟ୍ ଇଞ୍ଜିନିୟର ପାଣିକୋଇଲି ଆର ଆଣ୍ଡ ବି ଡିଭିଜନ୍ ୪.୩୦୯୫ ର ଏକ କ୍ଷେତ୍ର ହାସଲ କରିପାରିଛନ୍ତି । ଯେହେତୁ ଜମି ହରାଉଥିବା କିଛି ବ୍ୟକ୍ତି ସିଧାସଳଖ କ୍ରୟ ମାଧ୍ୟମରେ ବିକ୍ରୟ କରି ଜମି ପଞ୍ଜିକରଣ ପାଇଁ ରାଜି ହୋଇନଥିଲେ, ତେଣୁ ଉକ୍ତ ପ୍ରକଳ୍ପ ପାଇଁ ଆବଶ୍ୟକ ଅବଶିଷ୍ଟ ୧.୯୭୭୫ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ମାଧ୍ୟମରେ ଘରୋଇ ମାଲିକଙ୍କଠାରୁ ଅଧିଗ୍ରହଣ କରାଯିବ । ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନିକ ଏଜେନ୍ସି ସୁପରିଣ୍ଟେଣ୍ଡେଣ୍ଟ୍ ଇଞ୍ଜିନିୟର ଆର ଆଣ୍ଡ ବି ଡିଭିଜନ୍ ପାଣିକୋଇଲି ଅଟନ୍ତି ।

ରାସ୍ତାର କେନ୍ଦ୍ରରେ ଥିବା ୧ମିଟର ଓସାର ବିଶିଷ୍ଟ ମଧ୍ୟବର୍ତ୍ତୀ ଅଞ୍ଚଳ ଠାରୁ ଉଭୟ ପାର୍ଶ୍ୱକୁ ୭.୫ ମିଟର ପ୍ରସ୍ଥ ଥାଇ ସଡ଼କର ସମୁଦାୟ ପ୍ରସ୍ଥ ୧୬ ମିଟର ହେବ । ରାସ୍ତାର ଉଭୟପାର୍ଶ୍ୱରେ ୧.୫ ମିଟର କରି ଆରସିସି ଆବୃତ ନାଳ ରହିବ। ଦୁର୍ଘଟଣା ହ୍ରାସ କରି ଯାତାୟାତ ଗତିକୁ ସୁରକ୍ଷିତ ଓ ଜୀବନର ଗୁଣବତ୍ତାକୁ ଉନ୍ନତ କରିବ ନିମନ୍ତେ ଏହି ରାସ୍ତା ଚାରି ଲାଇନ୍ ଯୁକ୍ତ ହେବ ଏବଂ ଉଭୟ ପାଶ୍ୱରେ ୨ଟି କରି ଲାଇନ୍ ରହିବ। ସଡ଼କ ପରିଯୋଜନାର ବୈଶିଷ୍ଟ୍ୟ ଓ ଢାଞ୍ଚାର ସଂକ୍ଷିପ୍ତ ବିବରଣୀ ସାରଣୀ ୧.୨ ରେ ଦିଆଯାଇଛି ଓ ଏହା ପରେ ଏହାକୁ ଗୋଟିଏ ମାନଚିତ୍ରର ନକ୍ସା ରେ ଦର୍ଶାଯାଇଛି ।

**ସାରଣୀ ୧.୨ ପ୍ରକଳ୍ପର ମୁଖ୍ୟ ବୈଶିଷ୍ଟ୍ୟ**

| **ପ୍ରକଳ୍ପର ନାମ: ଯାଜପୁର ଜିଲ୍ଲାରେ ଯାଜପୁର ତହସିଲର ୟୁନିଟ ନମ୍ବର ୭ ଶୀତଳେଶ୍ୱର ଗ୍ରାମ ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ** | | |
|---|---|---|
| **କ୍ର.ନ** | **ବର୍ଣ୍ଣନା** | **ବିସ୍ତୃତ ବିବରଣୀ** |
| ୧ | ମୋଟ ସଡ଼କ ଦୈର୍ଘ୍ୟ | ୧.୮୭୫ କିମି |
| ୨ | ମୋଟ ସଡ଼କ ପ୍ରସ୍ଥ | ୧୬ ମିଟର ଅର୍ଥାତ କେନ୍ଦ୍ର ରେଖାରୁ ଉଭୟପାଖ ୮ମିଟର, ମଝିରେ ୧ ମିଟର ଚଉଡା ଖାଲି ସ୍ଥାନ ଓ ଉଭୟପାର୍ଶ୍ୱରେ ୧.୫ ମିଟର ଆବୃତ ନାଳ |
| ୩ | ମୋଟ ଆବଶ୍ୟକ ଭୂମି | ୬.୨୮୭ ଏକର |
| ୪ | ଆର ସି ସି ଆବୃତ ନାଳ | ୧.୫ ମିଟର ପ୍ରସ୍ଥ ଉଭୟ ପାର୍ଶ୍ୱ |

**ରାସ୍ତାର ମୂଳ ଡିଜାଇନ**



## ୧.୫ ବିକଳ୍ପର ପରୀକ୍ଷଣ

ପ୍ରସ୍ତାବିତ ରାସ୍ତାଟି ପୂର୍ବରୁ ଅବସ୍ଥିତ ଥିବା ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଅଟେ ତେଣୁ ଅବସ୍ଥିତ ମାର୍ଗରେଖା କୁ ପରିବର୍ତ୍ତନ କରିବା ସମ୍ଭବ ନୁହେଁ । ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜମିର ଭୌଗୋଳିକ ଅବସ୍ଥା ମଧ୍ୟ ନିର୍ମାଣର ମାନଦଣ୍ଡ ପୂରଣ କରିବାରେ ସକ୍ଷମ ଅଟେ ।  ଏହି ରାସ୍ତାଟି ମିନି ସେକ୍ରେଟେରିଏଟ, କୁସୁମା ଜଳାଶୟ ପାର୍କ, ଟି ଭି ଏସ୍ ସୋ ରୁମ ଓ  ସହରର ପ୍ରମୁଖ ସ୍ଥାନକୁ ଆସୁଥିବା ଲୋକମାନଙ୍କୁ ଯିବା ଆସିବାରେ ସାହାଯ୍ୟ କରିବ ।  ବିକଳ୍ପ ରାସ୍ତା ବିଷୟରେ ଆଲୋଚନା କରିବାରୁ  ଜଣାଗଲା ଯେ, ସେପରି କିଛି ବିକଳ୍ପ ନାହିଁ ।  ଅନୁଧ୍ୟାନ କରି ଦଳର ସଭ୍ୟମାନେ ଜାଣିବାକୁ ପାଇଲେ ଯେ, ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯାଜପୁର ସହରରେ ବିକ୍ଷିପ୍ତ ଭାବରେ ଏଣେତେଣେ ଅବସ୍ଥିତ ଥିବାରୁ ଗ୍ରାମାଞ୍ଚଳରୁ ଆସୁଥିବା ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଲୋକମାନେ ସହଜରେ ଯେପରି ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସହଜରେ ଗୋଟିଏ କ୍ୟାମ୍ପସ ମଧ୍ୟରେ ପାଇପାରିବେ ସେଥିପାଇଁ ମିନି ସେକ୍ରେଟାରିଏଟର ପରିକଳ୍ପନା କରାଯାଇଛି । ଏହି ପ୍ରସ୍ତାବିତ ମିନି ସେକ୍ରେଟେରିଏଟ କୁସୁମା ଜଳାଶୟ ସମ୍ମୁଖରେ ଥିବା ଶୀତଳେଶ୍ୱର ଗ୍ରାମର ଖାଲି ପଡିଆ ଠାରେ ନିର୍ମାଣ କରାଯାଉଛି । ସମସ୍ତ ଲୋକ ଯେଉଁମାନେ ମୁଖ୍ୟତଃ ଏହି ମିନି ସେକ୍ରେଟେରିଏଟ କୁ ଆସିବେ କିମ୍ବା କୁସୁମା ପୁଷ୍କରିଣୀ ପାର୍କ କୁ ଆସିବେ ସେମାନେ ସମସ୍ତେ ଏହି ରାସ୍ତା ଉପରେ ହିଁ ନିର୍ଭର କରିବେ ଏବଂ ପୂର୍ବରୁ କୁସୁମ ପୁଷ୍କରିଣୀ ଓ ପାର୍କ ନିର୍ମାଣ ହେବ ପରେ ଏହି ରାସ୍ତାଟି ଅଧିକାଂଶ ସମୟରେ ଗହଳି ହେଉଥିଲା ତେଣୁ ଏହି ରାସ୍ତାକୁ ଅଧିକ ପ୍ରଶସ୍ତ କରିବାକୁ ପୂର୍ବରୁ ଆଖପାଖର ବାସିନ୍ଦାମାନେ ବାରମ୍ବାର ଦାବି କରିଆସୁଥିଲେ । ମିନି ସେକ୍ରେଟେରିଏଟ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେଲେ ବହୁତ ଅଧିକ ଗହଳି ହେବାର ସମ୍ଭାବନା ଅଛି ।  ତେଣୁ ଏସବୁ କାରଣକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାରେ ପରିଣତ କରିବା ନିତାନ୍ତ ଆବଶ୍ୟକ ଥିଲା ।



ଏହି ସଂପ୍ରସାରଣରେ ଦୁଇଟି ଏକତରଫା ରାସ୍ତା ମଝିରେ ୧ ମିଟର ବିଶିଷ୍ଟ ସର୍ବନିମ୍ନ ସଡ଼କ ବିଭାଜକ ନିମନ୍ତେ ଆବଶ୍ୟକ ସ୍ଥାନ ଛାଡ଼ି ବର୍ତ୍ତମାନ ଅବସ୍ଥିତ ଥିବା ସଡ଼କର ଦୁଇ ପାର୍ଶ୍ୱକୁ ଲାଗି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ କରାଯିବ । ଯାହାହେଉ, କେତେକ ବାସ ଗୃହ, ବ୍ୟବସାୟ ପ୍ରତିଷ୍ଠାନ, ଗୋଟିଏ ସଂସ୍କୃତ ବିଦ୍ୟାଳୟ, ୩ ଟି ବଡ ଟ୍ରାନ୍ସଫରମର, ୨ ଟି ମିନି ଟ୍ରାନ୍ସଫରମର, ୪୫ ଟି ବିଦ୍ୟୁତ ଖୁଣ୍ଟି, ୧୦ ଟି ଫୋନ ଖୁଣ୍ଟି ଏବଂ ଗୋଟିଏ ନଳକୂପ, ଶୀତଳେଶ୍ୱର ମନ୍ଦିର କିଛି ଅଂଶ ପ୍ରଭାବିତ ହେବ । ବାସ ଗୃହ, ବ୍ୟବସାୟ ପ୍ରତିଷ୍ଠାନ କ୍ଷତି କାରଣରୁ କିଛି ବିସ୍ଥାପନ ସମ୍ଭାବନା ରହିଛି, ଯେଉଁଥିପାଇଁ ସାମ୍ଭାବ୍ୟ ବିକଳ୍ପ ପନ୍ଥା କର୍ତ୍ତୃପକ୍ଷଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା । ଯାହା ବୈଷୟିକ ଦୃଷ୍ଟିରୁ ସମ୍ଭବପର ହେଲା ନାହିଁ । ଯେହେତୁ ସଡ଼କର ପ୍ରଶସ୍ତିକରଣର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଏହି ରାସ୍ତାରେ ଜନସାଧାରଣ ଓ ଗାଡ଼ିର ଚଳାଚଳକୁ ସହଜ କରିବା, ଭିଡ଼ ହ୍ରାସ କରିବା, ତେଣୁ ପ୍ରସ୍ତାବିତ ମାର୍ଗରେଖା ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ କରିବା ବ୍ୟତିତ ଅନ୍ୟ କୌଣସି ବିକଳ୍ପ ପନ୍ଥା ସମ୍ଭବ ନୁହେଁ ।

## ୧.୬. ଶ୍ରମିକ ବଳର ଆବଶ୍ୟକତା (ଅସ୍ଥାୟୀ ଓ ସ୍ଥାୟୀ)

ସଡ଼କ ନିର୍ମାଣ ଏକ ଶ୍ରମ ଭିତ୍ତିକ କାର୍ଯ୍ୟ ଓ ସମୁଦାୟ ଖର୍ଚ୍ଚର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ କାର୍ଯ୍ୟସ୍ଥଳରେ ନିୟୋଜିତ ଥିବା ଶ୍ରମିକଙ୍କୁ ଦିଆଯାଇଥାଏ। ଏହା ବ୍ୟତୀତ 'ସାମଗ୍ରୀ ଓ ଉପକରଣ' ଉପାଦାନ ମଧ୍ୟ କାର୍ଯ୍ୟସ୍ଥଳ ଠାରୁ ବାହାରେ ନିଯୁକ୍ତି ସୁଯୋଗ ସୃଷ୍ଟିକରେ। ମାତ୍ର ଏଗୁଡ଼ିକ ନିଲାମ ପ୍ରକ୍ରିୟା ଜରିଆରେ ନିର୍ମାଣ କାର୍ଯ୍ୟ ନ୍ୟସ୍ତ କରାଯାଇଥିବା ସାଧାରଣ ଠିକାଦାରଙ୍କ ଦାୟିତ୍ୱ। ସେ ନିର୍ମାଣ ପାଇଁ ତାଙ୍କର ନିଜର ଲୋକଙ୍କୁ ନିଯୁକ୍ତ କରିଥାନ୍ତି। ତେଣୁ ପ୍ରକଳ୍ପ ନିମନ୍ତେ କେତେ ସ୍ଥାୟୀ ଓ ଅସ୍ଥାୟୀ ଶ୍ରମିକମାନଙ୍କର ଆବଶ୍ୟକତା ରହିଛି ତାହା ନିଶ୍ଚିତ କରିବା କଷ୍ଟକର। ଯାହାହେଉ, ସ୍ଥାନୀୟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟର ବୈଷୟିକ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟସ୍ଥଳରେ ଚାଲୁଥିବା କାର୍ଯ୍ୟକୁ ତଦାରଖ କରିବାର ଅଛି ଏବଂ ସେମାନେ ସାଧାରଣତଃ ଇଞ୍ଜିନିୟର ଅଟନ୍ତି ଯାହାଙ୍କୁ ପ୍ରକଳ୍ପ ପାଇଁ ସ୍ଥାୟୀ ଶ୍ରମବଳଭାବେ ବିବେଚିତ କରାଯାଇପାରେ।

## ୧.୭ ପ୍ରଯୁଜ୍ୟ ଆଇନ କାନୁନ

ବିକାଶମୂଳକ ପ୍ରକଳ୍ପ ଗୁଡ଼ିକ ନିମନ୍ତେ ଜମି ଅଧିଗ୍ରହଣ ହେଲେ, ଏହା ଉପରେ ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଆବଶ୍ୟକତା ରହିବା, ଦେଶର ନିୟମ କାନୁନ ଅନ୍ତର୍ଭୁକ୍ତ। ଏହା ମାଧ୍ୟମରେ ନିଶ୍ଚିତ କରିବାକୁ ହେବ ଯେ, ସେ ପ୍ରକାର ଜମି ଅଧିଗ୍ରହଣ ଜାତୀୟ ଓ ରାଜ୍ୟ ସରକାରଙ୍କର ପ୍ରଚଳିତ ବିଧି ବ୍ୟବସ୍ଥା ଅନୁସାରେ ହେବାକୁ ଯାଉଛି ।

### ୧.୭.୧ ଭୂମି ଅଧିଗ୍ରହଣ ଅଧିନିୟମ ୧୮୯୪

ଭୂମି ଅଧିଗ୍ରହଣ ଅଧିନିୟମ ୧୮୯୪ ଓ ଏହାର ପରବର୍ତ୍ତୀ ସଂଶୋଧିତ ଅଧିନିୟମ ୧୯୮୪ ସାର୍ବଜନିନ ଉଦ୍ଦେଶ୍ୟ ପାଇଁ ଘରୋଇ ଜମି ଅଧିଗ୍ରହଣ ପରିଚାଳନା କରିବା ପାଇଁ ମୂଳ ଆଧାର ଅଟେ। ଏହି ଅଧିନିୟମରେ ଅଧିଗୃହିତ ଜମି ଓ ଏହା ଉପରେ ଥିବା ନିର୍ମାଣ କାର୍ଯ୍ୟମାନ ନିମନ୍ତେ ଭୂମି ହରାଉଥିବା ପରିବାରଙ୍କ ପାଇଁ ଟଙ୍କା ଆକାରରେ କ୍ଷତିପୂରଣ ଟଙ୍କା ଦେବାର ବ୍ୟବସ୍ଥା ରହିଛି। 'ସର୍ବସାଧାରଣ ଉଦ୍ଦେଶ୍ୟ' ବିଷୟ ଏହି ଅଧିନିୟମରେ ପରିଷ୍କାରଭାବେ

ସଂଜ୍ଞା ନିରୂପଣ କରାଯାଇନାହିଁ। ଏଥିରେ କେବଳ ମାତ୍ର ଜମି ଅଧିଗ୍ରହଣ ଉଦ୍ଦେଶ୍ୟ ବିଷୟରେ କେତେକ ଉଦାହରଣ ଦିଆଯାଇଛି।

ଏଥିରେ ଅଛି ଯେ ନିମ୍ନଲିଖିତ ଉଦ୍ଦେଶ୍ୟରେ ଜମିର ଆବଶ୍ୟକତା ପଡ଼ିପାରେ।

୧. ଗ୍ରାମ କାର୍ଯ୍ୟସ୍ଥଳ
୨. ଗ୍ରାମ ଓ ସହର ବିକାଶ ଯୋଜନା
୩. ସରକାରୀ ଯୋଜନା ଓ ନୀତିର ଅନୁସରଣରେ ସାର୍ବଜନିନ ପାଣ୍ଠିରୁ ଭୂମିର ଯୋଜନାବଦ୍ଧ ବିକାଶ ସାଧନ
୪. ରାଜ୍ୟ ସରକାରଙ୍କ ମାଲିକାନା କିମ୍ବା ରାଜ୍ୟ ସରକାର ନିୟନ୍ତ୍ରୀତ ନିଗମ
୫. ପ୍ରାକୃତିକ ଦୁର୍ବିପାକ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଗରିବ, ବାସ୍ତୁହରା କିମ୍ବା ଜମିହରା ପରିବାର କିମ୍ବା ସରକାରୀ ଯୋଜନା କିମ୍ବା ପ୍ରକଳ୍ପ ଦ୍ୱାରା ବିସ୍ଥାପିତଙ୍କ ପାଇଁ ଆବାସର ବ୍ୟବସ୍ଥା,
୬. ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା କେନ୍ଦ୍ର କିମ୍ବା ବସ୍ତି ଉଚ୍ଛେଦ/ ବିତାଡ଼ନ କାରଣରୁ ଯେଉଁମାନେ ବିସ୍ଥାପିତ, ସମସ୍ତଙ୍କ ପାଇଁ ଗୃହନିର୍ମାଣ।
୭. ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାୟୋଜିତ କିମ୍ବା ଅନୁମୋଦିତ ଯେକୌଣସି ଉନ୍ନୟନ ମୂଳକ ଯୋଜନା ଏବଂ
୮. ଏକ ସାର୍ବଜନୀନ କାର୍ଯ୍ୟାଳୟ ପାଇଁ ଭବନ ନିର୍ମାଣ

ତେଣୁ 'ସର୍ବସାଧାରଣ ଉଦ୍ଦେଶ୍ୟ'ର ଅଭିଧାରଣା ଏକ ତର୍କର ବିଷୟ ହୋଇ ରହିଲା । ଏହି ଅଧିନିୟମରେ ଦ୍ୱିତୀୟ ତ୍ରୁଟି ଟି ହେଲା ଯେ, ଏହା କେବଳ ବ୍ୟକ୍ତିଗତ ଭୂମି ଅଧିକାରକୁ ମାନ୍ୟତା ଦିଆଗଲା କିନ୍ତୁ ଭୂମି ଉପରେ ସାମୁହିକ କିମ୍ବା ସାମୁଦାୟିକ ଅଧିକାର ଯେପରିକି ସର୍ବସାଧାରଣ ସମ୍ପତ୍ତି ସଂସାଧନ (ସିପିଆର) ଓ ବଂଶଗତ ଭୋଗାଧିକାର ଅଧିକାର ବିଷୟରେ କହିଲା ନାହିଁ ।

### ୧.୭.୨ ଓଡ଼ିଶା ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି-୨୦୦୬

ଓଡ଼ିଶା ସରକାର ୨୦୦୬ରେ ଏକ ପୁନର୍ବାସ ଓ ଥଇଥାନ (ଆର ଆଣ୍ଡ ଆର) ନୀତି ପ୍ରସ୍ତୁତ କରିବା ଓ ଲାଗୁକରିବାର ଅନନ୍ୟ ଗୌରବ ପ୍ରାପ୍ତ ହୋଇଛନ୍ତି, ଯାହା ଦେଶରେ ପୂର୍ବରୁ ଚଳି ଆସୁଥିବା ରାଷ୍ଟ୍ରୀୟ ଓ ଉପ-ରାଷ୍ଟ୍ରୀୟ ନୀତି ଉପରେ ଉନ୍ନତି ଆଣିଥିବାର ଶ୍ରେୟ ଦିଆଯାଉଛି। ଭୂମି ଅଧିଗ୍ରହଣ ପୂର୍ବରୁ ଭୂମି ଅଧିଗ୍ରହଣର ସାମାଜିକ-ସାଂସ୍କୃତିକ, ସମ୍ବଳ ମାନଚିତ୍ରଣ ଓ ଆଧାରିକ ସଂରଚନା ଆଦିକୁ ଅନ୍ତର୍ଭୁକ୍ତ କରି ଏକ ସାମାଜିକ-ଆର୍ଥିକ ସର୍ବେକ୍ଷଣ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି।ଭୂମି ଅଧିଗ୍ରହଣ ପାଇଁ ଯେକୌଣସି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଅନୁସୂଚୀତ ଅଞ୍ଚଳରେ (scheduled area) ଗ୍ରାମ ସଭା ଏବଂ/କିମ୍ବା ପଞ୍ଚାୟତ ସହିତ ପରାମର୍ଶ କରିବାର ମଧ୍ୟ ପ୍ରାବଧାନ ରହିଛି।ନୀତିର ଅନ୍ୟାନ୍ୟ ବିଷୟ ମଧ୍ୟରେ ରହିଛି ୧. ଜମି ହରାଇଥିବା ପ୍ରତ୍ୟେକ ପରିବାରରୁ ଏକ ମନୋନୀତ ସଦସ୍ୟକୁ ନିଯୁକ୍ତି ପାଇଁ ଅଗ୍ରାଧିକାର ପ୍ରଦାନ ୨. ଆତ୍ମନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ

୩. ବିସ୍ଥାପିତ ପରିବାର ପାଇଁ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ସାହାଯ୍ୟ ଓ ଘରବାଡ଼ି ତଥା ଜମି ବ୍ୟବସ୍ଥା ୪. ନଗଦ କ୍ଷତିପୂରଣରୁ ପରିବର୍ତ୍ତନୀୟ ପସନ୍ଦଯୋଗ୍ୟ ଅଂଶଧନକୁ ଅଂଶଦାନ କରିବା ପାଇଁ ବିକଳ୍ପ। ଏହି ନୀତିର ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ବାସଚ୍ୟୁତ ଆଦିମ ଆଦିବାସୀ ଗୋଷ୍ଠୀର ଲୋକଙ୍କୁ ସେମାନଙ୍କର ମୂଳ ବସତିର ନିକଟରେ ସଂହତ କ୍ଷେତ୍ରରେ ଥଇଥାନ କରିବା ।

## ୧.୭.୩. ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ଅଧିନିୟମ ୨୦୦୬ର ସ୍ୱୀକୃତି)

ଏହି ଅଧିନିୟମଟି, ଜଙ୍ଗଲରେ ବସବାସ କରୁଥିବା ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଯେଉଁମାନେ କି ଜଙ୍ଗଲରେ ବଂଶାନୁକ୍ରମିକ ଭାବରେ ଜଙ୍ଗଲ ଜମିରେ ବାସ କରି ଆସୁଛନ୍ତି କିନ୍ତୁ ସେମାନଙ୍କ ଅଧିକାର ବାବଦରେ କୌଣସି ପ୍ରକାର ଲିପିବଦ୍ଧ କରାଯାଇ ନଥିବ ସେହି ପ୍ରକାରର ବସବାସ କରୁଥିବା ଲୋକମାନଙ୍କୁ ଜଙ୍ଗଲ ଉପରେ ଅଧିକାର ଓ ଜଙ୍ଗଲ ଭୂମି ମାନ୍ୟତା ପ୍ରଦାନ ତଥା ସଂଶ୍ଳିଷ୍ଟ କରିବାକୁ ସକ୍ଷମ କରୁଛି । ଏହି ଅଧିନିୟମଟି ଜଙ୍ଗଲରେ ବାସ କରୁଥିବା ଅନୁସୂଚୀତ ଜନଜାତି ଓ ପାରମ୍ପରିକ ବନବାସୀଙ୍କ ସମେତ ଯେଉଁମାନେ ରାଜ୍ୟର ବିକାଶ କାର୍ଯ୍ୟ ହେତୁ ବାସଗୃହ ପରିବର୍ତ୍ତନ କରିବା ନିମନ୍ତେ ବାଧ ହୋଇଛନ୍ତି, ସେହିମାନଙ୍କର ଅନେକ ସମୟ ଧରି ଜମି ଉପରେ ମାଲିକାନାର ଅସୁରକ୍ଷା ଏବଂ ଅଧିକାରର ମାନ୍ୟତାକୁ ବର୍ଣ୍ଣନା କରୁଛି ।

ଯେକୌଣସି ପ୍ରକାରର ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ ଏହି ଅଧିନିୟମଟିର ଯଥାର୍ଥତା ଅଛି, ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ (ସେକ୍ସନ୍ ୩ (ଆର୍)(II) ଅନୁଯାୟୀ) ଭୂମି ମାଲିକ ର ପରିଭାଷା ରେ ଯେ କୌଣସି ବ୍ୟକ୍ତି ଯେ କି, ଅନୁସୂଚୀତ ଜନଜାତି ଓ ପାରମ୍ପରିକ ବନବାସୀ (ଜଙ୍ଗଲ ଜମି ଅଧିକାର ଆଇନ) ୨୦୦୬ ଅନୁଯାୟୀ ବା ସେହି ସମୟରେ ବଳବତ୍ତର ଥିବା ଅନ୍ୟ କୌଣସି ନିୟମ ଅନୁଯାୟୀ ପଟ୍ଟା ପାଇଥିବା ବ୍ୟକ୍ତିକୁ ବୁଝାଯିବ ।

ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ (ସେକ୍ସନ୍ ୪୨(୩) ଆହୁରି ମଧ୍ୟ ନିର୍ଦ୍ଦିଷ୍ଟ କରୁଛି ଯେ ଅନୁସୂଚୀତ ଜନଜାତି ଓ ପାରମ୍ପରିକ ବନବାସୀ (ଜଙ୍ଗଲ ଜମି ଅଧିକାର ଆଇନ) ୨୦୦୬ ଅନୁଯାୟୀ ଯେଉଁଠାରେ ଗୋଷ୍ଠୀ ଅଧିକାର ପ୍ରଦାନ କରାଯାଇଛି ସେଠାରେ ସେହି ଜମିର ପରିମାଣକୁ ଟଙ୍କାରେ ଆକଳନ କରାଯିବ ଏବଂ ଯେଉଁ ଲୋକମାନେ ବିସ୍ଥାପିତ ହୋଇଛନ୍ତି, ସେହି ବ୍ୟକ୍ତିମାନଙ୍କୁ ସେହି ଜମି ଉପରେ ଯାହାର ଯେତିକି ପରମାଣର ଅଧିକାର ଅଛି ସେହି ଅନୁସାରେ କ୍ଷତି ପୁରଣ ପ୍ରଦାନ କରାଯିବ । ଉପରେ ଲିଖିତ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ ଏବଂ ଓଡିଶା ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୬ ସେକ୍ସନ ୫ ର ପ୍ରାବଧାନ ଅନୁଯାୟୀ ସମ୍ବନ୍ଧିତ ତହସିଲଦାର ଜମି ଆବଶ୍ୟକ କରୁଥିବା ସଂସ୍ଥାରୁ ଜମି ଅଧିଗ୍ରହଣ ପ୍ରସ୍ତାବ ପାଇବାର ୩ ମାସ ମଧ୍ୟରେ ଅନୁସୂଚୀତ ଜନଜାତି ଓ ପାରମ୍ପରିକ ବନବାସୀ (ଜଙ୍ଗଲ ଜମି ଅଧିକାର ଆଇନ) ୨୦୦୬ ଅନୁଯାୟୀ ସମସ୍ତ ପ୍ରକାର ପ୍ରକ୍ରିୟା ଶେଷ କରି ଜମି ଉପରେ ଅଧିକାର ପ୍ରଦାନ କରିବେ । ଏ ସମସ୍ତ ଘଟଣାରେ, ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ ସେକ୍ସନ ୧୧(୧) ଏବଂ ସବ- ସେକ୍ସନ (୪) ଅନୁଯାୟୀ ଅଧିକାର ପ୍ରଦାନ

ପ୍ରକ୍ରିୟା ଓ ଏଥିର ନଥିପତ୍ର ପ୍ରସ୍ତୁତ କାର୍ଯ୍ୟ ଏହି ପ୍ରକ୍ରିୟା ଆରମ୍ଭର ୨ ମାସ ମଧ୍ୟରେ ଶେଷ କରିବାକୁ ପଡିବ । ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ଵର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତ କରିବା ନିମନ୍ତେ ଜମି ଅଧିଗ୍ରହଣ କ୍ଷେତ୍ରରେ ଉକ୍ତ ଅଞ୍ଚଳରେ କ୍ଷେତ୍ର ଅନୁଶୀଳନ କରିବା ସମୟରେ ଏପରି ବିଷୟ ବା ସମସ୍ୟା ଦୃଷ୍ଟିଗୋଚର ହୋଇନାହିଁ । କିନ୍ତୁ ପ୍ରକୃତ ଜମି ଚିହ୍ନଟ ଓ ଅଧିଗ୍ରହଣର ପରବର୍ତ୍ତୀ ପର୍ଯ୍ୟାୟରେ ଯଦି ଏପରି କୌଣସି ଘଟଣା ଦୃଷ୍ଟିଗୋଚର ହେବ, ତେବେ ସେହି ପରିବାର ନିର୍ଦ୍ଧାରିତ ଆଇନ ଅନୁଯାୟୀ ସେମାନଙ୍କର କ୍ଷତିପୂରଣ ପାଇବାକୁ ଯୋଗ୍ୟବୋଲି ବିବେଚିତ ହେବେ।

### ୧.୭.୪ ରାଷ୍ଟ୍ରୀୟ ପୁନର୍ବାସ ଓ ଥଇଥାନ ନୀତି ୨୦୦୭

ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁନର୍ବାସ ଓ ଥଇଥାନ ନୀତି ୨୦୦୭ ଭୂମି ଅଧିଗ୍ରହଣ ଓ ଏହାର ଫଳସ୍ୱରୂପ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ଅଟେ। ପୁରୁଣା ନୀତିରେ ରହିଯାଇଥିବା ଅସୁବିଧା ଗୁଡ଼ିକୁ ସୁଧାରିବା ଉଦ୍ଦେଶ୍ୟରେ ଏହାକୁ ପ୍ରସ୍ତୁତ କରାଯାଇଛି ଓ ଲାଗୁ କରାଯାଉଛି। ଏହାର ଅଭାବଗୁଡ଼ିକ ହେଉଛି:

୧. ସମତଳ ଅଞ୍ଚଳରେ ୫୦୦ ପରିବାର ଓ ସୂଚିତ ଅଞ୍ଚଳ ଓ ମରୁ ଅଞ୍ଚଳ ବିକାଶ ବ୍ଲକରେ ୨୫ ପରିବାର ପାଇଁ ଆଇନର ସୀମିତ ପ୍ରଯୁଜ୍ୟତା ଏବଂ ଏହା ଭାରତ ସମ୍ବିଧାନର ଅନୁସୂଚୀ ୫ ଓ ୬ ରେ ଅନ୍ତର୍ଭୁକ୍ତ ହୋଇଛି।

୨. ପରିଯୋଜନା ପାଇଁ ଅଣବିସ୍ଥାପନ କିମ୍ବା ଅତି କମ ବିସ୍ଥାପିତ ଲୋକଙ୍କ ପାଇଁ ସ୍ଥାନର ବ୍ୟବସ୍ଥା କରିବା ନେଇ ବିଫଳତା।

୩. ଭୂମି ଅଧିଗ୍ରହଣ କାରଣରୁ ତଥା ବିସ୍ଥାପନ ପୂର୍ବରୁ ପ୍ରଭାବିତ ପରିବାରର ପୂର୍ବସହମତିକୁ ସାମିଲ ନ କରିବା।

୪. ସମାଜିକ ପ୍ରଭାବ ସର୍ବେକ୍ଷଣର ଅଭାବ

୫. ଜୀବିକା ସୁରକ୍ଷା ପାଇଁ ସୀମିତ ବ୍ୟବସ୍ଥା

୬. ପ୍ରଭାବିତ ପରିବାର ଗୁଡ଼ିକର ଜୀବନଧାରଣ ମାନରେସୁଧାର ଆଣିବା ପଦକ୍ଷେପ ବିଷୟରେ ଅପ୍ରଚୁର ବିଚାର

୭. କେବଳ ଭୂମି ଅଧିଗ୍ରହଣକୁ ଛାଡ଼ି ସମସ୍ୟାର ବିଚାର ପାଇଁ ବ୍ୟବସ୍ଥାର ଅଭାବ

୮. ପ୍ରକଳ୍ପର ଯଥାର୍ଥତା ଓ ବାଞ୍ଛନିୟତାକୁ ମୂଲ୍ୟାଙ୍କନ କରିବା ଓ ଭୂମି ଅଧିଗ୍ରହଣର ଅତ୍ୟୁତ୍ତମ କ୍ଷେତ୍ରର ଆକଳନ କରିବା ପାଇଁ କୌଣସି ପ୍ରାବଧାନର ଅନୁପସ୍ଥିତି।

୯. କ୍ଷତିପୂରଣ ପୈଠ, ପୁନଃ ସ୍ଥାପନ ଓ ପୁନର୍ବସତି, ଅଧିଗ୍ରହଣ କରାଯାଇଥିବା ଜମିର ଉପଯୁକ୍ତ ବ୍ୟବହାର ଓ ହାସଲ କରିଥିବା ଅଧିକ ଭୂମି ହସ୍ତାନ୍ତରୀକରଣ ଇତ୍ୟାଦି ନିମନ୍ତେ ସମୟ ସୀମାର କୌଣସି ବ୍ୟବସ୍ଥା ନାହିଁ।

୧୦. ଦୁର୍ବଳ ବର୍ଗ, ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ସମସ୍ୟାକୁ ସମାଧାନ କରିବା ପାଇଁ ବ୍ୟବସ୍ଥାର ଅଭାବ,ଏବଂ

୧୧. ଶୀଘ୍ର ଅଭିଯୋଗ ଉପସମ ପାଇଁ ବ୍ୟବସ୍ଥାର ଅଭାବ।

ପୁନର୍ବାସ ଓ ଥଇଥାନ ନୀତି ୨୦୦୭ରେ ଦୁର୍ବଳ ଶ୍ରେଣୀ ଉପରେ ଧ୍ୟାନ ଦେଇ ଯେପରି ଅତି କମ୍ ବିସ୍ଥାପନ କରିବା କିମ୍ବା ବିସ୍ଥାପନରୁଦୂରେଇଯିବା ଉଦ୍ଦେଶ୍ୟରେ, ଲକ୍ଷ୍ୟର ପରିବର୍ତ୍ତନ ଦ୍ୱାରା ଏହି ଅଭାବଗୁଡ଼ିକୁ ସୁଧାରିବା ପାଇଁ ପଦକ୍ଷେପ ନିଆଗଲା। ଧାର୍ଯ୍ୟ ସୀମାଠାରୁ ଅଧିକ ବିସ୍ଥାପନକୁ ଦୃଷ୍ଟିରେ ରଖି ପରିଯୋଜନା ପାଇଁ ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନ ଓ ଜନଜାତୀୟ ଆଦିବାସୀ ଉନ୍ନୟନ ଯୋଜନା (ଟିଡିପି) ପ୍ରସ୍ତୁତିକୁ ବାଧ୍ୟତାମୂଳକ କରାଯାଇଛି। ଏହି ନୂତନ ନୀତିରେ ଭୂମି ଅଧିଗ୍ରହଣ ଘଟଣାରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ କ୍ଷତି ପାଇଁ ବିତ୍ତୀୟ ସହାୟତା, ସୁଗଠିତ ଅଞ୍ଚଳରେ ପୁନର୍ବାସ ଓ ଜୀବନବ୍ୟାପି ପେନ୍ସନ ସ୍ୱରୂପ କ୍ଷତିପୂରଣରେ ବାର୍ଷିକ ବ୍ୟବସ୍ଥା ରହିଛି। ସମତଳ ଅଞ୍ଚଳରେ ୪୦୦ ଓ ଆଦିବାସୀ ଏବଂ ପାହାଡ଼ିଆ ଅଞ୍ଚଳରେ ୨୦୦ ଲୋକଙ୍କ ବିସ୍ଥାପନ କ୍ଷେତ୍ରରେ ଏହି ସୁବିଧାକୁ ଲାଗୁ କରାଯାଇଛି। ଲୋକମାନଙ୍କର ଭାଗିଦାରୀତା, ଜନ ଶୁଣାଣି, ପ୍ରଭାବିତ ପରିବାର ମଧ୍ୟରେ ସଚେତନତା ସୃଷ୍ଟି, ପୁନର୍ବାସ ଓ ଥଇଥାନ କମିଟିରେ ପ୍ରଭାବିତ ବ୍ୟକ୍ତିଙ୍କର ପ୍ରତିନିଧିତ୍ୱ, ଶୀଘ୍ର ଅଭିଯୋଗ ଶୁଣାଣି ଇତ୍ୟାଦି ହେଉଛି ୨୦୦୭ ପୁନର୍ବାସ ଓ ଥଇଥାନ ନୀତିରେ ସ୍ୱାଗତଯୋଗ୍ୟ ବ୍ୟବସ୍ଥା।

**୧.୭.୫ ସାମ୍ବିଧାନିକ ବ୍ୟବସ୍ଥା**

ରାଷ୍ଟ୍ର ବା ସରକାରଙ୍କ ନ୍ୟାୟିକ କ୍ଷମତା ଫଳରେ ଜଣେ ଲୋକର ବ୍ୟକ୍ତିଗତ ସମ୍ପତ୍ତିକୁ ସର୍ବସାଧାରଣ ଉଦ୍ଦେଶ୍ୟ ସାଧନ ବା ବ୍ୟବହାର ନିମନ୍ତେ ଅଧିଗ୍ରହଣ କରିବା ହେଉଛି ଏକ ବିତର୍କର ବିଷୟ। ଭାରତର ସମ୍ବିଧାନର ଧାରା ୧୯ ଓ ୩୧ ଅନୁଯାୟୀ ଦେଶର ନାଗରିକ ମାନଙ୍କର ସମ୍ପତ୍ତି ଉପରେ ଅଧିକାର ସାବ୍ୟସ୍ତ କରାଯାଇଛି। ଧାରା ୧୯ ଅନୁସାରେ ଦେଶର ନାଗରିକମାନେ ନିଜପାଇଁ ସମ୍ପତ୍ତି ଅଧିଗ୍ରହଣ, ଧାରଣ ଏବଂ କ୍ରୟବିକ୍ରୟ ବା ହସ୍ତାନ୍ତର କରିପାରିବେ। ଧାରା -୩୧ ଅନୁସାରେ କୌଣସି ନାଗରିକଙ୍କୁ ନିଜ ସମ୍ପତ୍ତିରୁ (ସରକାରଙ୍କ ବିଧି, ନିୟମ ବା କର୍ତ୍ତୃତ୍ୱ ବ୍ୟତିତ) କେହି ବଞ୍ଚିତ କରିପାରିବେ ନାହିଁ।ଏହା ମଧ୍ୟ ସୂଚିତ ହୋଇଛି ଯେ, ଯେଉଁମାନଙ୍କର ସମ୍ପତ୍ତିକୁ ସର୍ବସାଧାରଣଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯିବ, ତାହାର ଉପଯୁକ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯିବ। ୧୯୭୮ ମସିହାରେ ୪୪ତମ ସମ୍ବିଧାନ ସଂଶୋଧନ କରାଯାଇ ସମ୍ପତ୍ତିଗତ ଅଧିକାର ଶବ୍ଦକୁ ଉଠାଇ ଦିଆଗଲା। ଏହା ପରିବର୍ତ୍ତେ ଧାରା ୩୦୦ (କ) ରେ ଏକ ନୂତନ ବ୍ୟବସ୍ଥା ସାମିଲ କରାଗଲା ଯେ, "ସରକାରଙ୍କର ଆଇନଗତ ପ୍ରାଧିକାର ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ତାଙ୍କର ସମ୍ପତ୍ତିଗତ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ"। ଏହା ସୂଚୀତ କରେ ଯେ, ସମ୍ପତ୍ତି ମାଲିକର ଅନିଚ୍ଛା ସତ୍ତ୍ୱେ, କିନ୍ତୁ ଦେଶର ହିତ ଦୃଷ୍ଟିରୁ ସମ୍ବିଧାନିକ ନୀତି ନିୟମ ଅନୁସାରେ ଜଣେ ବ୍ୟକ୍ତିଙ୍କର ସମ୍ପତ୍ତି କୁ ଅଧିଗ୍ରହଣ କରିପାରିବ। (ବାସୁ, ୨୦୧୫;୧୩୭) "ଯଦି ଜଣେ ଜମି ମାଲିକର ନିଜେ ଚାଷ କରୁଥିବା ଜମିକୁ ସରକାର ଅଧିଗ୍ରହଣ କରିବାକୁ ଚାହାନ୍ତି ଏବଂ ସେ ଜମି ଯଦି ବୈଧାନିକ

ସର୍ବୋଚ୍ଚ ସୀମା ବା ସିଲିଙ୍ଗକୁ ଅତିକ୍ରମ କରୁନାହିଁ , ସେପରି ସ୍ଥଳେ ସରକାର ଜମି ମାଲିକକୁ ଜମିର ସମ୍ପୂର୍ଣ୍ଣ ବଜାର ଦର ସହିତ, ଜମିରେ ଥିବା ବାସଗୃହ ବା ଅନ୍ୟ କୌଣସି ନିର୍ମାଣ ଆଦିର କ୍ଷତିପୂରଣ ସାମ୍ପ୍ରତିକ ବଜାର ମୂଲ୍ୟରେ ଦେବାକୁ ପଡିବ। (Ibid: p.୪୧)

**୧.୭.୫ (କ) ସମଥା ରାୟ**

ଏହି ପରିପ୍ରେକ୍ଷିରେ ୧୯୯୭ ମସିହା ଜୁଲାଇ ମାସ ୧୧ ତାରିଖରେ ମାନ୍ୟବର ସର୍ବୋଚ୍ଚ ଅଦାଲତର ତିନି ଜଣିଆ ଖଣ୍ଡପିଠ ଦ୍ୱାରା ସମଥା ବନାମ ଆନ୍ଧ୍ରପ୍ରଦେଶ ରାଜ୍ୟ ଓ ଅନ୍ୟମାନଙ୍କ ମାମଲା କୁ ବିଚାର କରି ପ୍ରଦାନ କରିଥିବା ଐତିହାସିକ ରାୟକୁ ଅବତାରଣା କରିବା ପ୍ରାସଙ୍ଗିକ ହେବ। (୧୯୯୭-Supp-୨, SCR, ୨୦୫)। ୭୩ ତମ ସମ୍ବିଧାନ ସଂଶୋଧନ ଆଇନ ୧୯୯୨ରେ କୁହାଯାଇଛି ଯେ, ନିଜ ଅଞ୍ଚଳରେ ଥିବା ଗୋଷ୍ଠୀଗତ ସମ୍ପତ୍ତିକୁ ସୁରକ୍ଷା ଦେବା, ଏବଂ ଅନୁସୂଚୀତ ଅଞ୍ଚଳରେ ଜମି ହସ୍ତାନ୍ତିକରଣ କୁ ରୋକିବା ଏବଂ ଯଦି କୌଣସି ଆଦିବାସୀର ଜମି ବେଆଇନ ଭାବରେ ହସ୍ତାନ୍ତର ହୋଇଛି ବୋଲି ଜଣାଯାଏ ତେବେ ତାହାକୁ ପୁନର୍ବାର ଫେରାଇ ଆଣିବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାପାଇଁ ପ୍ରତ୍ୟେକ ଗ୍ରାମସଭାର କ୍ଷମତା ରହିବ।

**୧.୭.୫ (ଖ) ଭୁରିଆ କମିଟି ରିପୋର୍ଟ**

ଅନୁସୂଚୀତ ଅଞ୍ଚଳରେ ଜମି ଅଧିଗ୍ରହଣର ସମସ୍ୟାକୁ ଭୁରିଆ କମିଟି ଦ୍ୱାରା ଯତ୍ନର ସହିତ ପରୀକ୍ଷା ନିରିକ୍ଷା କରାଯାଇଛି। ଏଥିରେ ସୂଚାଇ ଦିଆଯାଇଛି ଯେ, ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ରାଜ୍ୟ ସରକାର ସର୍ବସାଧାରଣ ଙ୍କ ହିତ ଉଦ୍ଦେଶ୍ୟରେ ବ୍ୟକ୍ତିଗତ ଜମି ଅଧିଗ୍ରହଣ ନୀତି ମୁତାବକ ଜମି ଅଧିଗ୍ରହଣ କରିପାରିବେ ଏବଂ ଆଦିବାସୀ ଅଞ୍ଚଳରେ ଲୋକମାନଙ୍କର ପାରମ୍ପରିକ ପ୍ରଥା ଅନୁଯାୟୀ ରହିଥିବା ଗୋଷ୍ଠୀଗତ ସମ୍ପତ୍ତି ଏହାର ପରିସର ମଧ୍ୟରେ ଆସିବ ନାହିଁ। ଅନେକ ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରେ ଜମି ଏବଂ ସେହିପରି ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ଗୋଷ୍ଠୀ ବା ସମ୍ପ୍ରଦାୟର ମାଲିକାନାକୁ ପାରମ୍ପରିକ ଭାବେ ମିଳିତ ସ୍ୱୀକୃତି ଦିଆଯାଇଥାଏ ଏବଂ ଗୋଷ୍ଠୀ ବା ସମ୍ପ୍ରଦାୟର ଜଣେ ବ୍ୟକ୍ତିକୁ ସେହି ସମ୍ପତ୍ତି ବ୍ୟବହାର କରିବାର ଅଧିକାର ମିଳିଥାଏ। ଯେହେତୁ ଆଦିବାସୀ ଅଞ୍ଚଳରେ ଜମି ହସ୍ତାନ୍ତରିକରଣ ନିୟମ ଏହି ମୌଳିକ ନୀତିକୁ ସ୍ୱୀକୃତି ଦେଇନାହିଁ, ତେଣୁ ଏହା ବାସ୍ତବତା ଉପରେ ଆଧାରିତ ନୁହେଁ। କମିଟି ଏ କ୍ଷେତ୍ରରେ ମତାମତ ଦିଅନ୍ତି ଯେ, ଅଧିନିୟମରେ ଥିବା ଏହି ମୌଳିକ ଅସୁବିଧାକୁ ଉଚ୍ଛେଦ କରିବାକୁ ପଡିବ ଏବଂ ଏ କ୍ଷେତ୍ରରେ ସ୍ଥାନୀୟ ଗୋଷ୍ଠୀର ମତାମତକୁ ବିଚାରକୁ ନେବା ବାଧ୍ୟତାମୂଳକ ହେବା ଆବଶ୍ୟକ। ଅନ୍ୟ ଅର୍ଥରେ କହିବାକୁ ଗଲେ ସର୍ବସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ଅନୁସୂଚୀତ ଅଞ୍ଚଳରେ ଜମି ଅଧିଗ୍ରହଣ କରାଗଲେ, ଗ୍ରାମସଭାର ଅନୁମୋଦନ ଆବଶ୍ୟକ ହେବ ଏବଂ ଦିଆଯାଉଥିବା ପ୍ରସ୍ତାବିତ ତଥା ବିକଳ୍ପ ଜୀବନଧାରଣର ଉତ୍ସ ସେମାନଙ୍କ ଦ୍ୱାରା ଗ୍ରହଣୀୟ ହେବା ଆବଶ୍ୟକ। (Bhuria Committee Report, ୧୯୯୫ (mimeo),p.୧୧)

### ୧.୭.୬ ପେଷା ଅଧିନିୟମ ୧୯୯୬

ଭୁରିଆ କମିଟିର ସୁପାରିଶକୁ ଭାରତୀୟ ସଂସଦରେ ବିଚାରକୁ ନିଆଗଲା ଏବଂ ୧୯୯୬ ମସିହା ଡିସେମ୍ବର ମାସରେ ଭାରତର ପାର୍ଲିଆମେଣ୍ଟ ୭୩ ତମ ସମ୍ବିଧାନ ସଂଶୋଧନ ଆଇନ ର ପଞ୍ଚମ ସୂଚୀ ଅନୁଯାୟୀ ଘୋଷିତ ଅନୁସୂଚୀତ ଅଞ୍ଚଳ ନିମନ୍ତେ ଲାଗୁ କରାଗଲା ଓ ଯାହାର ଶିର୍ଷକ "ପଞ୍ଚାୟତ ଅଧିନିୟମ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରିତ) ଅଧିନିୟମ" ଯାହା "ପେସା ଅଧିନିୟମ ୧୯୯୬" ନାମରେ ସର୍ବଜନ ବିଦିତ। ଏହି ଅଧିନିୟମ ଟି ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ। କାରଣ ଏହା ଗ୍ରାମସଭାକୁ ବୈଧାନିକ ସ୍ଥିତି ପ୍ରଦାନ କରିଥାଏ ଯେଉଁଥିରେ କି ଏହାକୁ ବ୍ୟାପକ ଶକ୍ତି ଓ ଶାସନ ଅଧିକାର ପ୍ରଦାନ କରିଥାଏ।

ଏଥିରେ ଉଲ୍ଲେଖ କରାଯାଇଛି ଯେ, କୌଣସି ବିକାଶମୂଳକ ପ୍ରକଳ୍ପ ନିମନ୍ତେ ସରକାରୀ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ଅନୁସୂଚୀତ ଅଞ୍ଚଳରେ ଜମି ଅଧିଗ୍ରହଣ ତଥା ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ଥଇଥାନ ବା ବସବାସ ବ୍ୟବସ୍ଥା କରିବା ପୂର୍ବରୁ , ଗ୍ରାମସାଭା କିମ୍ବା ପଞ୍ଚାୟତ ପ୍ରଶାସନ ଯେଉଁଠାରେ ଯେପରି ପ୍ରଜୁଜ୍ୟ (ଅର୍ଥାତ ମଧ୍ୟବର୍ତ୍ତୀ ଓ ଜିଲ୍ଲାସ୍ତର) ସହିତ ପରାମର୍ଶ କରିବାକୁ ପଡିବ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କ୍ଷେତ୍ରରେ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜନଜାତି (ଜଙ୍ଗଲ ଅଧିକାର ଆଇନ) ଅଧିନିୟମ ୨୦୦୬, ପେସା ଅଧିନିୟମ ୧୯୯୬, ଆଦିର କୌଣସି ପ୍ରାସଙ୍ଗିକତା ନାହିଁ।

### ୧.୭.୭ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ,ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩

ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ଟି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ ଅଧିନିୟମ ଦ୍ୱାରା ପରିବର୍ତ୍ତନ କରାଯାଇ ଲାଗୁ କରାଯାଇଥିଲା। ଏହି ଅଧିନିୟମଟି ୨୦୧୪ ମସିହା ଜାନୁଆରୀ ୧ ତାରିଖରେ କାର୍ଯ୍ୟକାରୀ କରାଗଲା ଏବଂ ଜାମ୍ମୁ କାଶ୍ମୀର ରାଜ୍ୟ ବ୍ୟତିତ ଅନ୍ୟ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଶିଳ୍ପାୟନ ଭିତ୍ତିଭୂମିର ବିକାଶ ଏବଂ ସହରୀକରଣ ନିମନ୍ତେ ଜମି ଅଧିଗ୍ରହଣକୁ ନିୟନ୍ତ୍ରଣ କରିବାପାଇଁ ନିଜନିଜ ରାଜ୍ୟ ପାଇଁ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ନ୍ୟାୟୋଚିତ କ୍ଷତିପୂରଣ ପ୍ରଦାନ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ଅନୁଯାୟୀ ନିୟମ ପ୍ରଣୟନ କରିବାର ଅଧିକାର ପାଇଲେ। ୧୯୯୬ ମସିହାରେ ପ୍ରଣିତ ଅନୁସୂଚୀତ ଅଞ୍ଚଳର ପଞ୍ଚାୟତ ସମ୍ପ୍ରସାରଣ ଆଇନର ସାରମର୍ମକୁ ଏହି ଆଇନରେ ପରିସରଭୁକ୍ତ କରାଗଲା। ଏହି ଆଇନରେ ସମ୍ବିଧାନ ଦ୍ୱାରା ପ୍ରତିଷ୍ଠିତ ଗ୍ରାମସଭା ଓ ସ୍ଥାନୀୟ ସ୍ୱାୟତ ଶାସନ ବ୍ୟବସ୍ଥାର ବିଭିନ୍ନ ଅନୁଷ୍ଠାନ ସହ ପରାମର୍ଶ କରିବାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଗଲା। ଏହି ଆଇନଟି "ଶିଳ୍ପବିକାଶ, ଅତ୍ୟାବଶ୍ୟକ ଭିତ୍ତିଭୂମିର ବିକାଶ ଏବଂ ସହରୀକରଣ ଇତ୍ୟାଦି ନିମନ୍ତେ ଜମି ଅଧିଗ୍ରହଣ କରିବାକୁ, ଜମି ମାଲିକ ଏବଂ ଅନ୍ୟ ପ୍ରଭାବିତ ପରିବାରମାନେ ଯେପରି ସର୍ବନିମ୍ନ ଅସୁବିଧାର ସମ୍ମୁଖୀନ ହୁଅନ୍ତି

ତାହା ସୁନିଶ୍ଚିତ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ଏକ ମାନବୀୟ, ସହଭାଗି, ସୂଚିତ ଏବଂ ସ୍ୱଚ୍ଛ ପ୍ରକ୍ରିୟା ସୁନିଶ୍ଚିତ କରିଥାଏ"। ଏଥିରେ ପ୍ରଭାବିତ ବ୍ୟକ୍ତିମାନଙ୍କର ପୁନର୍ବାସ ଓ ଥଇଥାନ ନିମନ୍ତେ ପର୍ଯ୍ୟାପ୍ତ ବନ୍ଦୋବସ୍ତ କରାଯାଇଛି ଓ ପ୍ରଭାବିତ ବ୍ୟକ୍ତିମାନେ ଅଧିଗ୍ରହଣ ପରବର୍ତ୍ତି ସାମାଜିକ ଓ ଆର୍ଥିକ ସ୍ଥିତିର ବିକାଶ ପ୍ରକ୍ରିୟାରେ ଅଂଶୀଦାର ହୋଇପାରିବେ ତାହା ସୁନିଶ୍ଚିତ କରାଯାଇଛି। ସରକାରଙ୍କ ଦ୍ୱାରା କୌଣସି ବିଶେଷ କାର୍ଯ୍ୟ ଉଦ୍ଦେଶ୍ୟ ସାଧନ ଏବଂ ଭିତ୍ତିଭୂମିର ବିକାଶ ନିମନ୍ତେ ଜମି ଅଧିଗ୍ରହଣ ସମୟରେ ଏହି ଆଇନରେ ଥିବା ବ୍ୟବସ୍ଥାକୁ ପ୍ରୟୋଗ କରାଯିବ।

ନିମ୍ନଲିଖିତ ପ୍ରମୁଖ ବ୍ୟବସ୍ଥାଗୁଡିକ ଆଇନରେ ଅନ୍ତର୍ଭୁକ୍ତ ହୋଇଛି।

କ) ପ୍ରଭାବିତ ଲୋକମାନେ ସେମାନଙ୍କ ଜମି ଅଧଗ୍ରହଣ ଘଟଣାରେ ଉପଯୁକ୍ତ କ୍ଷତିପୂରଣ ପାଇବେ
ଖ) ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ଅଣାଯିବ,
ଗ) ସ୍ଥାନଚ୍ୟୁତ ଲୋକମାନଙ୍କ ନିମନ୍ତେ ଥଇଥାନର ବ୍ୟବସ୍ଥା,
ଘ) ପ୍ରଭାବିତ ପରିବାରଗୁଡିକର ସର୍ବନିମ୍ନ ସାମାଜିକ ଓ ଆର୍ଥିକ ବିଘ୍ନ ଖଟିବା,
ଙ) ଜମି ଅଧଗ୍ରହଣ ପ୍ରକ୍ରିୟାରେ ଗ୍ରାମସଭା ସମେତ ସ୍ଥାନିୟ ସ୍ୱାୟତ୍ତ ଶାସନ ସଂସ୍ଥା ସହ ପରାମର୍ଶ କରାଯିବ,
ଚ) ପ୍ରତିକୂଳ ପ୍ରଭାବକୁ ପ୍ରଶମନ କରିବା ନିମନ୍ତେ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତି, ଏବଂ
ଛ) ସାର୍ବଜନିକ ବେସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟରେ ଅତିକମରେ ୭୦ ପ୍ରତିଶତ ପ୍ରଭାବିତ ଲୋକଙ୍କର ଓ ବେସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟରେ ଅତିକମରେ ୮୦ ପ୍ରତିଶତ ପ୍ରଭାବିତ ଲୋକଙ୍କର ନିଶ୍ଚିତ ସହମତି ଆବଶ୍ୟକ।

ଏହି ଆଇନକୁ ପ୍ରତିପାଦିତ କରିବା ନିମନ୍ତେ ଆଇନର ଦ୍ୱିତୀୟ ଅନୁଚ୍ଛେଦରେ ପ୍ରଭାବିତ ପରିବାର, ଜମିର ବିସ୍ତାର, ଘର, ବସତି ଏବଂ ପ୍ରକଳ୍ପ ହେତୁ ପ୍ରଭାବିତ ହେବାର ସମ୍ଭାବନା ଥିବା ବ୍ୟକ୍ତିଗତ ମାଲିକାନା କିମ୍ବା ସାର୍ବଜନିନ ମାଲିକାନାରେ ଥିବା ଅନ୍ୟାନ୍ୟ ସାଧାରଣ ସମ୍ପତ୍ତି ଗୁଡିକୁ ବିସ୍ତୃତ ଭାବରେ ଯାଞ୍ଚ କରି 'ସାମାଜିକ ପ୍ରଭାବ' ଏବଂ 'ସର୍ବସାଧାରଣ ଉଦ୍ଦେଶ୍ୟ' ନିର୍ଦ୍ଧାରଣ କରିବେ ଏବଂ 'ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରସ୍ତୁତ' କରିବେ। ଆଇନର ଚତୁର୍ଥ ଅନୁଚ୍ଛେଦରେ 'ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ' କୁ ବାଧ୍ୟତାମୂଳକ କରାଯାଇଛି ଏବଂ ୪(୧)ରେ କୁହାଯାଇଛି "ଯେତେବେଳେ ଗୋଟିଏ ଉପଯୁକ୍ତ ସରକାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବାକୁ ଆଗ୍ରହ କରନ୍ତି, ତେବେ ସମ୍ପୃକ୍ତ ପଞ୍ଚାୟତ, ମୁନ୍ସିପାଲିଟି, କିମ୍ବା ମୁନ୍ସିପାଲ କର୍ପୋରେସନ ଯେଉଁଠାରେ ଯେପରି ପ୍ରଯୁଜ୍ୟ ତାଙ୍କ ସହ ପରାମର୍ଶ କରିବେ ଏବଂ ପ୍ରଭାବିତ ଅଞ୍ଚଳରେ ୱାର୍ଡ ସ୍ତରରେ ବା ଗ୍ରାମ ସ୍ତରରେ ଲୋକମାନଙ୍କ ସହ ବିଚାର ବିମର୍ଶ କରି ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ, ଏବଂ ସେହି ମର୍ମରେ ସେହି ତାରିଖରେ ସରକାରଙ୍କ ଦ୍ୱାରା ଏକ ଅଧିସୂଚନା ଜାରି କରାଯିବ। ଏଥିସହିତ ଗ୍ରହଣ କରାଯିବାକୁ ଥିବା ଆବଶ୍ୟକ ପ୍ରଶମନ ଉପାୟ ଗୁଡିକର ତାଲିକା ପ୍ରସ୍ତୁତ କରି 'ସାମାଜିକ ପ୍ରଭାବ ପରିଚାଳନା ଯୋଜନା' ପ୍ରସ୍ତୁତ କରିବା ନିମନ୍ତେ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଚତୁର୍ଥ ଅଧ୍ୟାୟ ର ସେକ୍ସନ- ୨୦୯ ରେ ଉଲ୍ଲେଖ

କରାଯାଇଛି ଯେ, ଅଧିଗ୍ରହଣ ହେଉଥିବା ଜମିରେ ଥିବା ଅନ୍ୟାନ୍ୟ ବସ୍ତୁମାନ ଏବଂ ବାସଗୃହ ଆଦିର ମୂଲ୍ୟକୁ ଅଭୀଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ଏଥିରେ ମଧ ବ୍ୟବସ୍ଥା ଅଛି ଯେ, ଏକକାଳୀନ ସାନ୍ତ୍ୱନା ମୂଳକ ରାଶୀ ର ମୂଲ୍ୟ ଏପରି ହେବା ଆବଶ୍ୟକ ଯାହାକି କ୍ଷତିପୁରଣ ରାଶୀର ୧୦୦% ହୋଇଥିବ। ଏ ସବୁ ବ୍ୟବସ୍ଥାମାନ ଗ୍ରହଣ କରିବାର ଉଦ୍ଦେଶ୍ୟ ହେଉଛି, ପ୍ରଭାବିତ ପରିବାରଗୁଡିକ ତାଙ୍କର ଜମି ଅଧିଗ୍ରହଣ ପରେ ଯେପରି ଏକ ଉନ୍ନତତର ସାମାଜିକ ଓ ଆର୍ଥିକ ଜୀବନଯାପନ କରିପାରିବେ ତାହା ସୁନିଶ୍ଚିତ କରିବା।

**ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଅଧିନୀୟମ ଥଇଥାନ ଓ ପୁନର୍ବାସ, ୨୦୧୩ ର ସାରାଂଶ**

| କ୍ରମିକ ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| ୧ | ଅନୁଚ୍ଛେଦ ୪(୧) ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିଜ୍ଞପ୍ତି | ▪ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ<br>▪ ସମୁଦାୟ ସମୟ ୬ ମାସ |
| ୨ | ଅନୁଚ୍ଛେଦ ୫ | ▪ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ଜନଶୁଣାଣୀ |
| ୩ | ଅନୁଚ୍ଛେଦ ୬(୧) | ▪ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ସହିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରକାଶନ |
| ୪ | ଅନୁଚ୍ଛେଦ ୭(୧) ବିଶେଷଜ୍ଞ ଦଳ ଦ୍ୱାରା ମୂଲ୍ୟାୟନ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ବିବରଣୀ | ▪ ବିଶେଷଜ୍ଞ ଦଳ ଦ୍ୱାରା ସାମାଜିକ ପ୍ରଭାବ ଆକଳନ<br>▪ ୨ ଜଣ ବେସରକାରୀ ସାମାଜିକ ବୈଜ୍ଞାନିକ, ୨ ଜଣ ପଞ୍ଚାୟତ/ ଗ୍ରାମସଭା ପ୍ରତିନିଧି, ୨ ଜଣ ଥଇଥାନ ବିଶେଷଜ୍ଞ ଏବଂ ଜଣେ ବିଷୟ କ୍ଷେତ୍ରରେ କୁଶଳି ବିଶେଷଜ୍ଞ<br>▪ ସୁପାରିଶ ଗୁଡିକର ପ୍ରକାଶନ<br>▪ ସମୁଦାୟ ସମୟ ୨ ମାସ |
| ୫ | ଅନୁଚ୍ଛେଦ ୮ | ▪ ଜମି ଅଧିଗ୍ରହଣ ପ୍ରସ୍ତାବର ପରିକ୍ଷଣ ଏବଂ ଉପଯୁକ୍ତ ସରକାରଙ୍କ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ବିବରଣୀ |
| ୬ | ଅନୁଚ୍ଛେଦ ୧୧(୧) – ଭୂମି ଅଧିଗ୍ରହଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶନ | ▪ ଭୂମି ଅଧିଗ୍ରହଣ ନିମନ୍ତେ ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶନ |
| ୭ | ଅନୁଚ୍ଛେଦ ୧୧(୫) – ଜମିଜମା ସଂକ୍ରାନ୍ତୀୟ ଦଲିଲ ନବୀକରଣ | ▪ ଜମିଜମା ସଂକ୍ରାନ୍ତୀୟ ଦଲିଲ ଗୁଡିକୁ ନବୀକରଣ ସମୟ ଅବଧି ୨ ମାସ |
| ୮ | ଅନୁଚ୍ଛେଦ ୧୪ – ସାମାଜିକ ପ୍ରଭାବ ଆକଳନ ବିଳମ୍ବ ଅବଧି ନିମନ୍ତେ | ▪ ଅନୁଚ୍ଛେଦ ୭ ଅନୁସାରେ ସାମାଜିକ ପ୍ରଭାବ ଆକଳନ ବିବରଣୀ ଦାଖଲ ହେବାର ଅନୁଚ୍ଛେଦ ୧୧(୧) ଅନୁଯାୟୀ |

| କ୍ରମିକ ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| | ପଦକ୍ଷେପ | ଯଦି ୧୨ ମାସ ମଧ୍ୟରେ ପ୍ରକାଶିତ ନହେଲା (୪(୧) ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୧୮ମାସ ମଧ୍ୟରେ ) ତାହାହେଲେ ଏହି ବିବରଣୀ ଆଉ କାର୍ଯ୍ୟ କରିବ ନାହିଁ । ଅନୁଚ୍ଛେଦ ୧୧ ଅନୁଯାୟୀ ନୂତନ ଭାବରେ ପୁଣି ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବାକୁ ପଡିବ ।<br>▪ ଉପଯୁକ୍ତ ସରକାର ଏହି ଅବଧିକୁ ୧୨ ମାସ ବୃଦ୍ଧି କରିବା ପାଇଁ କ୍ଷମତାପ୍ରାପ୍ତ ଅଟନ୍ତି । |
| ୯ | ଅନୁଚ୍ଛେଦ ୧୫ (୧) – ଅଭିଯୋଗର ଶୁଣାଣୀ | ▪ ଅନୁଚ୍ଛେଦ ୧୧(୧) ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୬୦ ଦିନ ମଧ୍ୟରେ |
| ୧୦ | ଅନୁଚ୍ଛେଦ ୧୬ (୧) – ପ୍ରଶାସକଙ୍କ ଦ୍ୱାରା (ଓଡିଶା ସରକାରଙ୍କ ଦ୍ୱାରା) ପୁନର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତି ବିଜ୍ଞପ୍ତି ଉପ ଜିଲ୍ଲାପାଳ ବା ତଦୁର୍ଦ୍ଧ ପାହ୍ୟାର ଜଣେ ରାଜସ୍ୱ ବିଭାଗ ଅଧିକାରୀ ପୁନର୍ବାସ ଓ ଥଇଥାନର ପ୍ରଶାସକ) | ▪ ଜିଲ୍ଲାପାଳଙ୍କ ଦ୍ୱାରା ଅନୁଚ୍ଛେଦ ୧୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶନ ପରେ, ପ୍ରଶାସକ, ପୁନର୍ବାସ ଓ ଥଇଥାନ ପ୍ରଭାବିତ ପରିବାରର ଜନସଂଖ୍ୟା ସର୍ବେକ୍ଷଣ କରିବେ |
| ୧୧ | ଅନୁଚ୍ଛେଦ ୧୬ (୫) – ସାମାଜିକ ପ୍ରଭାବ ଆକଳନ ନିମନ୍ତେ ବିଜ୍ଞପ୍ତି ପ୍ରକାଶନ | ▪ ପୁନର୍ବାସ ଓ ଥଇଥାନ ଯୋଜନା ଚିଠା ବିବରଣୀ ଜିଲ୍ଲାପାଳଙ୍କ ନିକଟରେ ଦାଖଲ |
| ୧୨ | ଅନୁଚ୍ଛେଦ ୧୬ (୬) | ▪ ପୁନର୍ବାସ ଓ ଥଇଥାନ ଯୋଜନା |
| ୧୩ | ଅନୁଚ୍ଛେଦ ୧୭ (୧) | ▪ ଜିଲ୍ଲାପାଳ ଓ ପୁନର୍ବାସ ଓ ଥଇଥାନ କମିଟି ଦ୍ୱାରା ପୁନର୍ବାସ ଓ ଥଇଥାନ ଯୋଜନାର ସମୀକ୍ଷା |
| ୧୪ | ଅନୁଚ୍ଛେଦ ୧୮ – ପୁନର୍ବାସ ଓ ଥଇଥାନ ଯୋଜନା କମିଶନରଙ୍କ ଦ୍ୱାରା ଅନୁମୋଦନ | ▪ ସଚିବ କିମ୍ବା କମିଶନର ପାହ୍ୟାର ଓଡିଶା ସରକାରଙ୍କ ଜଣେ ସରକାରୀ ଅଧିକାରୀ |
| ୧୫ | ଅନୁଚ୍ଛେଦ ୧୯ (୧) – ପୁନର୍ବାସ ଓ ଥଇଥାନ ଯୋଜନାର ଘୋଷଣା ଓ | ▪ କୋର୍ଟରେ ଆଦେଶ କିମ୍ବାରହିତାଦେଶ ବ୍ୟତିରେକ ଅନ୍ୟ ସମସ୍ତ କ୍ଷେତ୍ରରେ ଅନୁଚ୍ଛେଦ ୧୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶନ |

| କ୍ରମିକ ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| | ସାରାଂଶ ପ୍ରକାଶନ | ତାରିଖ ଠାରୁ ୧୨ ମାସ ମଧ୍ୟରେ |
| ୧୬ | ଅନୁଚ୍ଛେଦ ୧୯ (୭) - ଅନୁଚ୍ଛେଦ ୧୧(୧) ଅନୁଯାୟୀ ପ୍ରକାଶିତ ବିଜ୍ଞପ୍ତି | ▪ କୋର୍ଟର ଆଦେଶ କିମ୍ବାରହିତାଦେଶ ବ୍ୟତିରେକ ଅନ୍ୟ ସମସ୍ତ କ୍ଷେତ୍ରରେ ଅନୁଚ୍ଛେଦ ୧୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶନର ୧୨ ମାସ ମଧ୍ୟରେ ଯଦି କୌଣସି ଘୋଷଣା କରା ନଗଲା |
| ୧୭ | ଅନୁଚ୍ଛେଦ ୨୧(୧) | ▪ ଦଖଲ ନେବାକୁ ଇଚ୍ଛୁକ ବ୍ୟକ୍ତିକୁ ସୁଚନା ପ୍ରଦାନ |
| ୧୮ | ଅନୁଚ୍ଛେଦ ୨୩ | ▪ ଜିଲ୍ଲାପାଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ପୁରସ୍କାର ପ୍ରଦାନ |
| ୧୯ | ଅନୁଚ୍ଛେଦ ୨୫ – ଅଧିଗ୍ରହଣ ନିମନ୍ତେ ସମସ୍ତ କାର୍ଯ୍ୟ ସମାପ୍ତ | ▪ ଅନୁଚ୍ଛେଦ ୧୯ ଅନୁଯାୟୀ ତାରିଖ ଘୋଷଣାର ୧୨ ମାସ ମଧ୍ୟରେ ପୁରସ୍କାର ପ୍ରଦାନ ହେବା ଆବଶ୍ୟକ । ଓଡିଶା ସରକାରଙ୍କ ହାତରେ କ୍ଷମତା ଅଛି ସେ ଆବଶ୍ୟକତା ଦେଖାଇ ସମୟକୁ ଅଧିକ ବଢାଇ ପାରନ୍ତି । |
| ୨୦ | ଅନୁଚ୍ଛେଦ ୨୬ | ▪ ଜିଲ୍ଲାପାଳଙ୍କ ଦ୍ୱାରା ଜମିର ବଜାର ମୂଲ୍ୟ ନିରୁପଣ |
| ୨୧ | ଅନୁଚ୍ଛେଦ ୨୭ | ▪ ଜିଲ୍ଲାପାଳଙ୍କ ଦ୍ୱାରା କ୍ଷତିପୂରଣ କାମ ସ୍ଥିର କରାଯିବ |
| ୨୨ | ଅନୁଚ୍ଛେଦ ୨୯ | ▪ ଜମି କିମ୍ବା ଘର ସହିତ ସଂଲଗ୍ନ ଜିନିଷ ପତ୍ରର ମୂଲ୍ୟ ନିରୁପଣ |
| ୨୩ | ଅନୁଚ୍ଛେଦ ୩୧(୧) | ▪ ଜିଲ୍ଲାପାଳଙ୍କ ଦ୍ୱାରା ପୁନର୍ବାସ ଓ ଥଇଥାନ ପୁରସ୍କାର ପ୍ରଦାନ<br>▪ ଶତ ପ୍ରତିଶତ କ୍ଷତିପୂରଣ ଏବଂ ପୁନର୍ବାସ ଓ ଥଇଥାନ ଦାବି ପ୍ରଦାନ ପରେ ଜିଲ୍ଲାପାଳ ଜମି ଦଖଲକୁ ନେବେ, କିମ୍ବା<br>▪ କ୍ଷତିପୂରଣ ପ୍ରଦାନ ଲାଗି ୩ ମାସ ଏବଂ ପୁନର୍ବାସ ଓ ଥଇଥାନ ଦାବି ପ୍ରଦାନ ଲାଗି ୬ ମାସ |
| ୨୪ | ଅନୁଚ୍ଛେଦ ୩୮(୧) | ▪ ଜିଲ୍ଲାପାଳଙ୍କ ଦ୍ୱାରା ଅଧିଗ୍ରହଣ କରାଯାଉଥିବା ଜମି ଦଖଲକୁ ନେବା ପାଇଁ କ୍ଷମତା ପ୍ରଦାନ |
| ୨୫ | ଅନୁଚ୍ଛେଦ ୩୮(୨) | ▪ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକୁ ବିସ୍ଥାପନ କରିବା ପୂର୍ବରୁ ସବୁଦୃଷ୍ଟିରୁ ପୁନର୍ବାସ ଓ ଥଇଥାନ ପ୍ରକ୍ରିୟାକୁ ସମାପ୍ତ କରାଯିବ |
| ୨୬ | ଅନୁଚ୍ଛେଦ ୪୩(୩) | ▪ ଓଡିଶା ସରକାର ଓ କମିଶନର, ପୁନର୍ବାସ ଓ ଥଇଥାନ ଙ୍କ ନିର୍ଦ୍ଦେଶ ତଥା ନିୟନ୍ତ୍ରଣରେ ପୁନର୍ବାସ ଓ ଥଇଥାନ ଯୋଜନାର ପ୍ରସ୍ତୁତି ,କାର୍ଯ୍ୟ ସମ୍ପାଦନ ଏବଂ ତଦାରଖ ଦାୟିତ୍ୱ ପ୍ରଶାସକଙ୍କ ଉପରେ ନିହିତରହିବ |
| ୨୭ | ଅନୁଚ୍ଛେଦ ୪୪(୧) | ▪ କମିଶନର, ପୁନର୍ବାସ ଓ ଥଇଥାନ ଙ୍କ ନିଯୁକ୍ତି |

| କ୍ରମିକ ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| ୨୮ | ଅନୁଚ୍ଛେଦ ୪୪(୨) | ▪ ପୁନର୍ବାସ ଓ ଥଇଥାନ କାର୍ଯ୍ୟ ଯୋଜନା ପ୍ରସ୍ତୁତିକୁ ପର୍ଯ୍ୟବେକ୍ଷଣ ତଥା ସଠିକ ଭାବରେ ଏହି ଯୋଜନା କାର୍ଯ୍ୟ ସମ୍ପାଦନ ନିମନ୍ତେ କମିଶନର, ପୁନର୍ବାସ ଓ ଥଇଥାନ ଦାୟୀରହିବେ |
| ୨୯ | ଅନୁଚ୍ଛେଦ ୪୪(୩) | ▪ କାର୍ଯ୍ୟ ସମ୍ପାଦନ ପରବର୍ତ୍ତି ପର୍ଯ୍ୟାୟରେ ଗ୍ରାମାଞ୍ଚଳରେ ଗ୍ରାମସଭା ସହ ବିଚାର ବିମର୍ଷରେ ସାମାଜିକ ଅଡିଟ୍ ସମ୍ପାଦନ ଦାୟିତ୍ୱ  କମିଶନରଙ୍କ ଉପରେ ନ୍ୟସ୍ତରହିବ । |
| ୩୦ | ଅନୁଚ୍ଛେଦ ୪୫(୧) ପୁନର୍ବାସ ଓ ଥଇଥାନ କମିଟି ଗଠନ ଶୈଳୀ ବା ସଂରଚନା (ସମାନ ୧୦୦ ଏକର କିମ୍ବା ତଦୁର୍ଦ୍ଧ ଜମି ଅଧିଗ୍ରହଣ କ୍ଷେତ୍ରରେ) | ▪ ସଭାପତି (ଜିଲ୍ଲାପାଳ)<br>▪ ପ୍ରଭାବିତ ଅଞ୍ଚଳରେ ବାସ କରୁଥିବା ମହିଳା ପ୍ରତିନିଧି<br>▪ ପ୍ରଭାବିତ ଅଞ୍ଚଳରେ ବାସ କରୁଥିବା ଅନୁସୂଚିତ ଜାତି ଜନଜାତି ଙ୍କ ପ୍ରତିନିଧି<br>▪ ପ୍ରଭାବିତ ଅଞ୍ଚଳରେ କାମ କରୁଥିବା ବେସରକାରୀ ଅନୁଷ୍ଠାନର ପ୍ରତିନିଧି<br>▪ ଜାତୀୟକରଣ ବ୍ୟାଙ୍କର ପ୍ରତିନିଧି<br>▪ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ<br>▪ ପ୍ରଭାବିତ ଅଞ୍ଚଳରେ ଅବସ୍ଥିତ ଥିବା ପଞ୍ଚାୟତ କିମ୍ବା ନଗରପାଳିକାର ଅଧକ୍ଷ କିମ୍ବା ତାଙ୍କ ପ୍ରତିନିଧି<br>▪ ଜିଲ୍ଲା ଯୋଜନା କମିଟିର ଅଧକ୍ଷ କିମ୍ବା ତାଙ୍କ ପ୍ରତିନିଧି<br>▪ ସମ୍ବନ୍ଧିତ କ୍ଷେତ୍ରରେ ବିଧାନସଭା ଏବଂ ଲୋକସଭା ସଦସ୍ୟ କିମ୍ବା ତାଙ୍କ ପ୍ରତିନିଧି<br>▪ ଜମି ଆବଶ୍ୟକ କରୁଥିବା ସଂସ୍ଥାର ପ୍ରତିନିଧି<br>▪ ପ୍ରଶାସକ, ପୁନର୍ବାସ ଓ ଥଇଥାନ ଆବାହକ ସଭ୍ୟ |

### ୧.୭.୮ ଓଡିଶା ସରକାରଙ୍କ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ (ଓ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆଣ୍ଡ ଆର୍) ୨୦୧୬

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ (ଆର୍ ଏଫ ସି ଟି ଏଲ୍ ଏ ଆର୍ ଆଣ୍ଡ ଆର୍)  ଅଧିନିୟମର ଧାରା ୧୦୯ର ଉପଧାରା (୧) ରେ ପ୍ରଦାନ କରାଯାଇଥିବା ଅଧିକାର

ଅନୁଯାୟୀ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ ୨୦୧୬ ଆଇନ ପ୍ରସ୍ତୁତ କରାଯାଇ ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ର ବିଜ୍ଞପ୍ତି ୧୯ ଅକ୍ଟୋବର ୨୦୧୬ ତାରିଖରେ ଓଡିଶା ଗେଜେଟ ସଂଖ୍ୟା ୧୪୮୦ ପ୍ରକାଶିତ ହୋଇଥିଲା । ଉପରୋକ୍ତ ୨୦୧୬ ନିୟମ ଅନୁସାରେ, ଜମି ଆବଶ୍ୟକ କରୁଥିବା ସଂସ୍ଥା ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟାର ସମ୍ପୂର୍ଣ୍ଣ ବିବରଣୀ, ଜିଲ୍ଲାପାଳଙ୍କ ଦ୍ୱାରା ଜମି ଦରଖାସ୍ତ ଯାଞ୍ଚ ଓ ସଂପୃକ୍ତ ତହସିଲଦାରଙ୍କ ଦ୍ୱାରା ଜମିର ରେକର୍ଡ ପତ୍ରକୁ ଅଧୁନାତନ କରିବା ପ୍ରକ୍ରିୟା ଆଦି ଜମିଜମା ସମ୍ବନ୍ଧୀୟ କାଗଜପତ୍ର ଜିଲ୍ଲାପାଳଙ୍କ ଠାରୁ ପାଇବାର ତିନିମାସ ମଧ୍ୟରେ ଶେଷ କରାଯିବାର ବ୍ୟବସ୍ଥା ଅଛି। ଏହି ନିୟମ ୮ ଫେବୃଆରୀ, ୨୦୧୬ ମସିହା ଠାରୁ ସମଗ୍ର ଓଡିଶା ରାଜ୍ୟରେ ପ୍ରଚାଳନ କରାଗଲା । ଏହି ନିୟମରେ ଆର୍ ଏଫ ସି ଟି ଏଲ୍ ଏ ଆର୍ ଆଣ୍ଡ ଆର୍ ଅଧିନୟମ ୨୦୧୩ ର ନିୟମାବଳୀ ଅନୁଯାୟୀ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଷୟରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି, ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟା, ଜନ ଶୁଣାଣି, ସମ୍ମତି ହାସଲ, ଜମି ଅଧିଗ୍ରହଣ, ପୁନର୍ବାସ, ଥଇଥାନ ନିଷ୍ପତ୍ତି ଗ୍ରହଣ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଜଡିତ ପ୍ରତ୍ୟେକ ଅଧିକାରୀ ଏବଂ ଏଜେନ୍ସି ଏବଂ ଏହି ନିୟମରେ ନିର୍ଦ୍ଦିଷ୍ଟ କରାଯାଇଥିବା ଅନ୍ୟାନ୍ୟ ହିତାଧିକାରୀମାନଙ୍କର ଭୂମିକା ଏବଂ ଦାୟିତ୍ୱ ଏହି ନିୟମରେ ନିର୍ଦ୍ଦିଷ୍ଟ କରାଯାଇଛି |

ଆଲୋଚିତ ନିୟମ ୨୦୧୬ରେ ଉଲ୍ଲେଖ କରାଯାଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧୀୟ ବିସ୍ତୃତ ବର୍ଣ୍ଣନା ଅନୁଯାୟୀ ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ  ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଭୂମି ଅଧିଗ୍ରହଣ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଉପାଦାନ ମାନ ନିମ୍ନମତେ ଅଟେ।

ରାଜ୍ୟ ସରକାର  ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ଭାବରେ 'ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର' ନାମକ ଏକ ସ୍ୱାଧିନ ସଂସ୍ଥା ପ୍ରତିଷ୍ଠା କରିଛନ୍ତି ଯେକି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଅଧିନୀୟମର ପ୍ରାବଧାନ ଅନୁସାରେ ଠିକ ଭାବରେ କରାଯାଇଛି ବୋଲି ସୁନିଶ୍ଚିତ କରିବ  । ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ଗୋଟିଏ ଏଜେନ୍ସୀ କିମ୍ବା କୌଣସି ବ୍ୟକ୍ତିଙ୍କୁ ଅଧ୍ୟୟନ କରିବାକୁ ନିୟୋଜିତ କରିବ । ଏହି କ୍ଷେତ୍ରରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ***ଆମିଟି ହ୍ୟୁମାନିଟି ଫାଉଣ୍ଡେସନ***  କୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାକୁ ଏବଂ ଗ୍ରାମସଭା ସହ ବିଚାରବିମର୍ଷ କରି ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତକରିବାକୁ ଦାୟିତ୍ୱ ପ୍ରଦାନ କରିଛନ୍ତି ।

**ଅଧିନିୟମର ଧାରା ୬** ଅନୁଯାୟୀ, ଓଡିଶା ସରକାର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ୍ ସି ଡି ଏସ୍)କୁ ଏକ ସ୍ୱାଧିନ ଅନୁଷ୍ଠାନ ରାଜ୍ୟ ଏସ୍ ଆଇ ଏ ୟୁନିଟ ହିସାବରେ ଓଡିଶାରେ ସାମାଜିକ ଆକଳନ ଅଧ୍ୟୟନ କରିବା ନିମନ୍ତେ ମନୋନୋତ କରଛନ୍ତି ଏବଂ ଏସ୍ ଆଇ ଏ ୟୁନିଟକୁ ସହଯୋଗ କରିବା ନିମନ୍ତେ ସମ୍ପାଦକ, ଆର ଏଣ୍ଡ ଆର୍ ରାଜ୍ୟ ସ୍ତରରେ ମୂଖ୍ୟ ଅଧିକାରୀ ହିସାବରେ କାର୍ଯ୍ୟ କରିବେ । ରାଜ୍ୟ ଏସ୍ ଆଇ ଏ ୟୁନିଟ, ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ କ୍ଷମତାସମ୍ପନ୍ନ ଭାଗୀଦାର ଚୟନ, ପ୍ରକଳ୍ପ ନିର୍ଦ୍ଦିଷ୍ଟ ସର୍ତ୍ତ ସମ୍ବନ୍ଧିତ କାଗଜପତ୍ର ପ୍ରସ୍ତୁତି, ସାମାଜିକ ଆକଳନ ଅଧ୍ୟୟନ ଦଳର ତାଲିମ ଏବଂ କ୍ଷମତାରେ ଅଭିବୃଦ୍ଧି ସମ୍ବନ୍ଧିତ କାର୍ଯ୍ୟକ୍ରମ, ସାମାଜିକ ଆକଳନ ଅଧ୍ୟୟନର ଗୁଣବତ୍ତାର ମୂଲ୍ୟାୟନ ଓ ସଶକ୍ତିକରଣ ଇତ୍ୟାଦି କାର୍ଯ୍ୟ ହାତକୁ ନେବ ।

**ଅଧିନିୟମର ଧାରା ୮** ଅନୁଯାୟୀ, ଓଡିଶା ସରକାର ସାମାଜିକ ଆକଳନ ଅଧ୍ୟୟନର ୩୦ ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବେ । ଏହି ସନ୍ଦର୍ଭରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଯାଜପୁର ଜିଲ୍ଲାର, ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି ଅନ୍ତର୍ଗତ) ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ ବୈଧ ବିଜ୍ଞପ୍ତି ସଂଖ୍ୟା- ଆର୍ ଡି ଏମ୍ – ଏଲ୍ ଏ ଏ – ଯେ ଏ ଯେ – ୦୦୦୧ -୨୦୨୨- ୧୦୨୧୨ ଆର୍ ଡି ଏମ୍ ତା ୩୧ ମାର୍ଚ୍ଚ ୨୦୨୨  (ପରିଶିଷ୍ଟ-କ ରେ ସଂଲଗ୍ନ) ରେ ବିଜ୍ଞପ୍ତି ପ୍ରକାଶ  କରିଛନ୍ତି ।

**ଅଧିନିୟମର ଧାରା ୯ରେ** କୁହାଯାଇଛି ସାମାଜିକ ଆକଳନ ଅଧ୍ୟୟନ ପଞ୍ଚାୟତ/ମୁନିସିପାଲିଟି ସହ ବିଚାର ବିମର୍ଷ ପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରସ୍ତୁତ କରାଯିବ ଏବଂ ଅଧ୍ୟୟନର ବିବରଣୀ ନିର୍ଦ୍ଧିଷ୍ଟ ଫର୍ମାଟରେ ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ସହ ଦାଖଲ କରାଯିବ । ଏହି ମର୍ମରେ ***"ଆମିଟି ହ୍ୟୁମାନିଟି ଫାଉଣ୍ଡେସନ"*** ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଅଧ୍ୟୟନ ପୂର୍ବରୁ ସର୍ବେକ୍ଷଣ ଗ୍ରାମଗୁଡିକୁ ବୁଲିଛନ୍ତି ଏବଂ ମୂଖ୍ୟ ଲୋକମାନଙ୍କୁ ଭେଟିଛନ୍ତି । ଆହୁରି ମଧ୍ୟ, ସାମାଜିକ ଅଧ୍ୟୟନ ବିବରଣୀ ଫର୍ମ – ଘ ଏବଂ ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ଫର୍ମ – ଙ ରେ ପ୍ରସ୍ତୁତ କରାଯାଇଛି ।

**ଅଧିନିୟମର ଧାରା ୧୧ ରେ** ଅଧ୍ୟୟନ ପ୍ରକ୍ରିୟା ସମ୍ବନ୍ଧରେ ପ୍ରତିଫଳିତ କରୁଛି, ଯାହାକୁ କି  ଅଧ୍ୟୟନ କରିବା ସମୟରେ ***"ଆମିଟି ହ୍ୟୁମାନିଟି ଫାଉଣ୍ଡେସନ"*** ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଅନୁସରଣ କରିଥିଲେ । ଘରବାରି ଜମି ଅଧିଗ୍ରହଣ ଓ ପରିବାରଗୁଡିକର ବିସ୍ଥାପନ ସମୟରେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ପ୍ରଭାବିତ ପରିବାରଗୁଡିକର ପ୍ରସ୍ତାବିତ ପରିବର୍ତ୍ତିତ ବାସସ୍ଥଳିକୁ ବୁଲି ଦେଖିଛନ୍ତି ଏବଂ ଏବଂ ସେମାନଙ୍କ ସାମାଜିକ ଅର୍ଥନୈତିକ ଅବସ୍ଥାକୁ ଦେଖିଛନ୍ତି ।

**ଅଧିନିୟମର ଧାରା ୧୨** ଅନୁଯାୟୀ, ସାମାଜିକ ପ୍ରଭାବ ପ୍ରଶମନ ଯୋଜନା, ଗଣନା କରାଯାଇଥିବା ଏବଂ ବିସ୍ଥାପିତ ହେଉଥିବା ପ୍ରତ୍ୟେକ ପରିବାରର ପୁନର୍ବାସ ଓ ଥଇଥାନ ପ୍ରାପ୍ୟ ସମ୍ବନ୍ଧିୟ ସୂଚୀ ପ୍ରସ୍ତୁତ କରି ସଂଲଗ୍ନ କରିବେ ।

**ଅଧିନିୟମର ଧାରା ୧୪** ସୂଚିତ କରୁଛି ଯେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପ୍ରାପ୍ତ ହୋଇଥିବା ତଥ୍ୟ ସମ୍ବନ୍ଧରେ ପ୍ରତିକ୍ରିୟା ଜାଣିବା ନିମନ୍ତେ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣିର ଆୟୋଜନ କରାଯିବ ଏବଂ ଚୁଡାନ୍ତ ବିବରଣୀରେ ଯୋଗ କରିବା ନିମନ୍ତେ ସେଠାରେ ଅତିରିକ୍ତ/ଛାଡି ଦିଆଯାଇଥିବା ସୂଚନାଗୁଡିକ ମଧ୍ୟ ସଂଗ୍ରହ କରାଯିବ । ନିୟମ ଅନୁଯାୟୀ ଚିଠା ବିବରଣୀ ଦାଖଲ କରିବା ପରେ ଜନଶୁଣାଣିର ଆୟୋଜନ କରାଯିବ ।

**ସାରଣୀ- ୧.୨ ଓଡିଶା ସରକାରଙ୍କ ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତାପୁନର୍ବାସ ଓ , ଥଇଥାନ ନୀୟମ (ଓ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆଣ୍ଡ ଆର୍) ୨୦୧୬ ସାରାଂଶ**

| କ୍ରମିକ ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| ୧ | ଅନୁଚ୍ଛେଦ ୬ | ରାଜ୍ୟ ସାମାଜିକ ପ୍ରଭାବ ଆକଳନ (SIA) ୟୁନିଟ୍ ଗଠନ |
| ୨ | ଅନୁଚ୍ଛେଦ ୮ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାଲାଗି ରାଜ୍ୟ ସରକାର ଠିକ କରିବେ |
| ୩ | ଅନୁଚ୍ଛେଦ ୯ | ସମ୍ବନ୍ଧିତ ପଞ୍ଚାୟତ ସହ ବିଚାର ବିମର୍ଷ କରି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ |

| | | |
|---|---|---|
| ୪ | ଅନୁଚ୍ଛେଦ୧୦ | ସାମାଜିକ ପ୍ରଭାବ ଆକଳନ ଦଳ ଚୟନ |
| ୫ | ଅନୁଚ୍ଛେଦ୧୧ | ସାମାଜିକ ପ୍ରଭାବ ଆକଳନ ସମ୍ପାଦନ ପ୍ରକ୍ରିୟା |
| ୬ | ଅନୁଚ୍ଛେଦ୧୨ | ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସହିତ ପୁନର୍ବାସ ଓ ଥଇଥାନ ପ୍ରାପ୍ୟର ଛାଞ୍ଚ |
| ୭ | ଅନୁଚ୍ଛେଦ୧୭ | ଅନୁସୂଚିତ ଅଞ୍ଚଳରେ ଅଧିଗ୍ରହଣ ହେଉଥିଲେ ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ଉନ୍ନୟନ ଯୋଜନାକୁ ସାମିଲ କରିବା |
| ୮ | ଅନୁଚ୍ଛେଦ୧୪ | ସାମାଜିକ ପ୍ରଭାବ ଆକଳନରେ ମିଳିଥିବା ତଥ୍ୟ ଆଧାରରେ ଗ୍ରାମସଭାରେ ଜନଶୁଣାଣୀ ପ୍ରକ୍ରିୟା |
| ୯ | ଅନୁଚ୍ଛେଦ୧୫ | ସାମାଜିକ ପ୍ରଭାବ ଆକଳନ ବିବରଣୀ ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ପ୍ରକାଶନ |

**ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମର ମୂଖ୍ୟ ବିଶେଷତା**

**୧. ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ :** ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ କରାଯାଇପାରେ ଅର୍ଥାତ ; ପ୍ରତିରକ୍ଷା ଓ ଜାତୀୟ ସୁରକ୍ଷା, ରେଳବାଇ, ସରକାର ଏବଂ ଘରୋଇ ଉଦ୍ୟମରେ ପ୍ରତିଷ୍ଠିତ ବନ୍ଦର; ଗ୍ରାମ କିମ୍ବା ସହରାଞ୍ଚଳରେ ଗରିବ କିମ୍ବା ଭୂମିହୀନମାନଙ୍କ ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବରେ ବାସଗୃହ ନିର୍ମାଣ କିମ୍ବା ଉନ୍ନୟନ, ସରକାରଙ୍କ ଦ୍ୱାରା ପରିଚାଳିତ କୌଣସି ଯୋଜନା କିମ୍ବା ସଂସ୍ଥା ଇତ୍ୟାଦି । କେତେକ ଘଟଣାରେ ଯଥା ବେସରକାରୀ ପ୍ରକଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଉଥିଲେ ସମସ୍ତ ପ୍ରଭାବିତ ଲୋକ ମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକ ପ୍ରକଳ୍ପ ନିମନ୍ତେ ତାଙ୍କ ଜମି ପ୍ରଦାନ କରିବାକୁ ସମ୍ମତି ପ୍ରଦାନ କରିବା ଆବଶ୍ୟକ ।

**୨. ଭୂମି ଅଧିଗ୍ରହଣ ପ୍ରକ୍ରିୟା :**ଅଧିନିୟମ ଅନୁଯାୟୀ ଗ୍ରାମାଞ୍ଚଳରେ ଗ୍ରାମସଭା କିମ୍ବା ସହରାଞ୍ଚଳରେ ସମକକ୍ଷ କୌଣସି ସଂସ୍ଥା ସହ ବିଚାରବିମର୍ଶ ମାଧ୍ୟମରେ ସରକାର ଗୋଟିଏ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ । ଭୂମି ଅଧିଗ୍ରହଣ ନିମନ୍ତେ ସାମାଜିକ ଆକଳନ ଅଧ୍ୟୟନର ୧୨ ମାସ ପୂର୍ବରୁ ଭୂମି ଅଧିଗ୍ରହଣ ସମ୍ବନ୍ଧରେ ସୂଚନା ପ୍ରଦାନକରି ଗୋଟିଏ ପ୍ରାରମ୍ଭିକ ବିଜ୍ଞପ୍ତି ଜାରି କରିବାକୁ ପଡିବ । ଏହାପରେ. ସରକାର ଅଧିଗ୍ରହଣ କରାଯାଉଥିବା ଜମିର ପରିମାଣ ନିର୍ଦ୍ଧାରଣ କରିବା ନିମନ୍ତେ ଗୋଟିଏ ସର୍ବେକ୍ଷଣର ଆୟୋଜନ କରିବେ । ଯଦି ସରକାର ସନ୍ତୁଷ୍ଟ ହେଲେ ଯେ, ସାର୍ବଜନୀନ ଉଦ୍ଦେଶ୍ୟରେ ଗୋଟିଏ ବିଶେଷ ଜମିର ଅଧିଗ୍ରହଣ କରାଯିବାର ଆବଶ୍ୟକତା ଅଛି, ତେବେ ଭୂମି ହାସଲ କରିବା ନିମନ୍ତେ ଘୋଷଣା କରିବେ । ଏହି ***ଅଧ୍ୟୟନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବୈଧ ବିଜ୍ଞପ୍ତି ସଂଖ୍ୟା - ଆର୍ ଡି ଏମ୍ – ଏଲ୍ ଏ ଏ – ଯେ ଏ ଯେ – ୦୦୦୧ -୨୦୨୨- ୧୦୨୧୨ ଆର୍ ଡି ଏମ୍ ତା ୩୧ ମାର୍ଚ୍ଚ ୨୦୨୨ (ପରିଶିଷ୍ଟ - କ ରେ ସଂଲଗ୍ନ) ରେ ପ୍ରକାଶ କରିଥିଲେ ।***

**୩. କ୍ଷତିପୂରଣ:** ଭୂମି ଅଧିଗ୍ରହଣ ନିମନ୍ତେ କ୍ଷତିପୂରଣ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଏ ଏବଂ ଅଧିଗ୍ରହଣର ଘୋଷଣା ପ୍ରକାଶନ ତାରିଖର ଦୁଇ ବର୍ଷ ମଧ୍ୟରେ ତାଙ୍କ ଦ୍ୱାରା ଜମି ମାଲିକଙ୍କୁ ପ୍ରଦାନ କରାଯାଏ । କ୍ଷତିପୂରଣ ନିର୍ଦ୍ଧାରଣ ପ୍ରକ୍ରିୟା ଅଧିଗ୍ରହଣ କରଯାଉଥିବା ଜମିର ବଜାରମୂଲ୍ୟ ଆଧାରରେ କରାଯାଏ ଯଥା, (୧) ଯେଉଁଠାରେ ଜମି ଅବସ୍ଥିତ ସେଠାରେ ବିକ୍ରି କବଲା କିମ୍ବା ବିକ୍ରୀ ଉଦ୍ଦେଶ୍ୟରେ କରାଯାଇଥିବା ବୁଝାମଣା ପତ୍ର ଆଦି ଯେ, କୌଣସି ଉଦ୍ଦେଶ୍ୟରେ ପଞ୍ଜିକରଣ ନିମନ୍ତେ ୧୮୯୯ (୧୮୯୯ର ୨) ମୁତାବକ ଷ୍ଟାମ୍ପ ଆକ୍ଟରେ ଯଦି କୌଣସି ମୂଲ୍ୟ ଲିପିବଦ୍ଧ କରାଯାଇଥିବ; କିମ୍ବା (୨) ନିକଟବର୍ତ୍ତୀ ଗ୍ରାମ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ଥିବା ସମାନ ପ୍ରକାର ଜମିର ହାରାହାରି ବିକ୍ରୟ ମୂଲ୍ୟ ; କିମ୍ବା (୩) ଘରୋଇ କମ୍ପାନୀର ଭୂମି ଅଧିଗ୍ରହଣ ମାମଲାରେ କିମ୍ବା ସାର୍ବଜନୀନ ଓ ସରକାରଙ୍କ ଅଂଶିଦାର ପ୍ରକଳ୍ପର ଭୂମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଭାଗ ୨ର ଅନୁଭାଗ ୨ ଅନୁଯାୟୀ ଯେଉଁ କ୍ଷେତ୍ରରେ ଅଧିକ ମୂଲ୍ୟ ନିର୍ଦ୍ଧାରିତ ହୋଇଥିବ ସେହି ଅନୁସାରେ ସ୍ୱିକୃତ ପରିମାଣର କ୍ଷତିପୂରଣ ପ୍ରଦାନ କରାଯିବ । ଧାରା ୧୧ ଅନ୍ତର୍ଗତ ବିଜ୍ଞପ୍ତି ଅନୁଯାୟୀ ବିଜ୍ଞାପନ ଜାରି କରାଯାଇଥିବା ତାରିଖକୁ ଜମିର ବଜାର ମୂଲ୍ୟର ତାରିଖ ବୋଲି ଧରାଯିବ ।

ଧାରା (୨) ଅନୁଯାୟୀ ହାରାହାରି ବିକ୍ରୟ ମୂଲ୍ୟ କହିଲେ, ଯେଉଁଠାରେ ଜମି ଅଧିଗ୍ରହଣ କରାଯାଉଛି ସେହି ଗ୍ରାମରେ କିମ୍ବା ଆଖପାଖରେ ଥିବା କୌଣସି ଗ୍ରାମରେ ସେହି ସମାନ ପ୍ରକାରର ଜମିର ବିକ୍ରୟ କବଲାରେ କିମ୍ବା ବିକ୍ରୟ ନିମନ୍ତେ କରାଯାଇଥିବା କୌଣସି ବୁଝାମଣା ପତ୍ରରେ ଉଲ୍ଲେଖ କରା ଯାଇଥିବା ମୂଲ୍ୟ ଅନୁଯାୟୀ ହାରାହାରି ବିକ୍ରୟ ମୂଲ୍ୟ ସ୍ଥିର କରାଯିବ ।

**୪. ପୁନର୍ବାସ ଓ ଥଇଥାନ ପ୍ରକ୍ରିୟା:-** ପୁନର୍ବାସ ଓ ଥଇଥାନ ଅଧିନିୟମରେ ଥିବା ବିଭିନ୍ନ ପ୍ରବନ୍ଧନ ଗୁଡିକ ପ୍ରତ୍ୟେକ ପ୍ରଭାବିତ ପରିବାର ନିମନ୍ତେ ଲାଗୁ କରାଯିବ । ଜମି ଅଧିଗ୍ରହଣ ନିମନ୍ତେ ପ୍ରାରମ୍ଭିକ ବିଜ୍ଞପ୍ତି ଥରେ ଜାରି ହୋଇଯିବା ମାତ୍ରେ, ଜଣେ ପ୍ରଶାସକ ନିଯୁକ୍ତ ହେବେ ଏବଂ ସେ ସର୍ବେକ୍ଷଣ କାର୍ଯ୍ୟ କରିବା ସହିତ ପୁନର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତ କରିବେ । ଏହାପରେ ଜମି ଅଧିଗ୍ରହଣ କରାଯାଉଥିବା ଅଞ୍ଚଳର ପଞ୍ଚାୟତ/ଏନ୍ ଏ ସି/ ପୌରପାଳିକା/ ନଗରନିଗମ ରେ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯିବ । ପୁନର୍ବାସ ଓ ଥଇଥାନ ଯୋଜନା ସମ୍ବନ୍ଧରେ ଯଦି କୌଣସି ଆପତ୍ତି ଆଭିଯୋଗ ଥାଏ ସେ ବିଷୟରେ ପ୍ରଶାସକ ଶୁଣାଣି କରିବେ । ଏହାପରେ ପ୍ରଶାସକ ଏକ ବିବରଣୀ ପ୍ରସ୍ତୁତ କରିବେ ଏବଂ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ । ଥରେ ଜିଲ୍ଲାପାଳ ଏହି ପୁନର୍ବାସ ଓ ଥଇଥାନ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିବାପରେ, ସରକାର ପୁନର୍ବାସ ଓ ଥଇଥାନ ଉଦ୍ଦେଶ୍ୟରେ ଆବଶ୍ୟକ ଜମିକୁ ଚିହ୍ନଟକରିବା ନିମନ୍ତେ ଗୋଟିଏ ବିଜ୍ଞପ୍ତି ଜାରି କରିବେ । ଏହାପରେ ପ୍ରଶାସକ ଯୋଜନାଟିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଦାୟୀ ରହିବେ । କମିଶନର ଯୋଜନା କାର୍ଯ୍ୟକାରିତା କୁ ନିରିକ୍ଷଣ କରିବେ । ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରକଳ୍ପ

ନିମନ୍ତେ ଆବଶ୍ୟକ ୧.୯୭୭୫ ଏକର ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମତି ପ୍ରଦାନ କରାଯିବା ପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ ର ପ୍ରଥମ ଅନୁସୂଚୀରେ ପ୍ରଭାବିତ ହେଉଥିବା ଜମି ମାଲିକମାନଙ୍କ ପାଇଁ କ୍ଷତିପୂରଣ ସମ୍ପର୍କରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି । ଏହି ନିୟମ ବିସ୍ଥାପିତ ପରିବାରକୁ କିଛି ପୁନର୍ବାସ ଓ ଥଇଥାନ ସମ୍ପର୍କିତ ଅଧିକାର ପ୍ରଦାନ କରିଥାଏ । ଏହା ବ୍ୟତିତ ବିସ୍ଥାପିତ ପରିବାର ନିମନ୍ତେ ଆଉକିଛି ଅତିରିକ୍ତ ସୁବିଧା ପ୍ରଦାନ କରାଯାଇଥାଏ ଯାହା କି, ଦ୍ୱିତୀୟ ଅନୁସୂଚୀରେ ଉଲ୍ଲେଖ କରାଯାଇଛି । ପ୍ରତ୍ୟେକ ବିସ୍ଥାପିତ ପରିବାର ପୁନର୍ବାସ ହେଉଥିବା କ୍ଷେତ୍ରରେ କିଛି ଭିତ୍ତିଭୂମି ସୁବିଧା ଯୋଗାଇ ଦିଆଯିବ । ଏହି ସୁବିଧାଗୁଡ଼ିକରେ ସଡ଼କ, ଡ୍ରେନେଜ୍, ପାନୀୟ ଜଳର ବ୍ୟବସ୍ଥା, ଚରିବା ଜମି, ବ୍ୟାଙ୍କ, ଡାକଘର, ଜନସାଧାରଣ ବଣ୍ଟନ ଆଉଟଲେଟ୍ ଇତ୍ୟାଦି ଅନ୍ତର୍ଭୁକ୍ତ । କାର୍ଯ୍ୟର ନିର୍ଦ୍ଧାରିତ ବିବରଣୀଗୁଡିକ ନିମ୍ନରେ ଉଲ୍ଲେଖ କରାଯାଇଛି ।

## ଜମି ମାଲିକମାନଙ୍କ ନିମନ୍ତେ କ୍ଷତିପୂରଣ

ପ୍ରଥମ କାର୍ଯ୍ୟସୂଚୀ ଅନୁଯାୟୀ [ବିଭାଗ ୩୦ (୨) ଦ୍ରଷ୍ଟବ୍ୟ] ନିମ୍ନଲିଖିତ ଉପାଦାନଗୁଡ଼ିକ ସର୍ବନିମ୍ନ କ୍ଷତିପୂରଣ ପ୍ୟାକେଜ୍ ଗଠନ କରିବେ ଯେଉଁମାନଙ୍କର ଜମି ଅଧିଗ୍ରହଣ ହେବ ଏବଂ ବୈଧ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଅନୁପାତରେ ଧାରା ୩ ର ଧାରା (ଗ) ରେ ଦର୍ଶାଯାଇଥିବା ଜମିମାଲିକମାନଙ୍କୁ ଦିଆଯିବ ।

**ସାରଣୀ – ୧.୩ ଜମି ମାଲିକମାନଙ୍କ ନିମନ୍ତେ କ୍ଷତିପୂରଣ**

| କ୍ର. ସଂ | ଅଧିଗ୍ରହଣ ହୋଇଥିବା ଜମି ଉପରେ ଅଧିନିୟମ ଅନୁଯାୟୀ କ୍ଷତିପୂରଣ ପ୍ୟାକେଜ୍ ର ଉପାଦାନ | ମୂଲ୍ୟ ନିର୍ଣ୍ଣୟ କରିବାର ଶୈଳୀ |
|---|---|---|
| ୧. | ଜମିର ବଜାର ମୂଲ୍ୟ | ଧାରା ୨୬ଅନୁଯାୟୀ ପ୍ରଦାନ କରାଯାଇଥିବା ପରି ନିର୍ଣ୍ଣୟ କରାଯିବ |
| ୨. | ଗ୍ରାମାଞ୍ଚଳଗୁଡିକରେ ବଜାର ମୂଲ୍ୟକୁ ବହୁଗୁଣିତ କରାଯିବା କାରକ | ସହରାଞ୍ଚଳରୁ ପ୍ରକଳ୍ପର ଦୂରତା ଉପରେ ଆଧାର କରି (୧.୦୦ ରୁ ୨.୦୦ ) ଯେପରି ସରକାର ସୁଚିତ କରିପାରନ୍ତି। |
| ୩. | ସହରାଞ୍ଚଳଗୁଡିକରେ ବଜାର ମୂଲ୍ୟକୁ ବହୁଗୁଣିତ କରାଯିବା କାରକ | ୧ (ଏକ) |
| ୪. | ଜମି କିମ୍ବା ଘର ସହିତ ସଂଲଗ୍ନ ସମ୍ପତ୍ତିର ମୂଲ୍ୟ | ଧାରା ୨୯ ଅନୁଯାୟୀ ପ୍ରଦାନ କରାଯାଇଥିବା ପରି ନିର୍ଣ୍ଣୟ କରାଯିବା \| |

| | | |
|---|---|---|
| ୫. | ଅନୁକମ୍ପା ରାଶି | ଶତ ପ୍ରତିଶତ । କ୍ରମିକ ସଂଖ୍ୟା ୧ ଅନୁଯାୟୀ ଆକଳନ କରାଯାଇଥିବା ଜମିର ବଜାର ମୂଲ୍ୟ ସହିତ ଗ୍ରାମାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୨ କିମ୍ବା ସହରାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୩ ରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦିଷ୍ଟ କାରକ ଦ୍ୱାରା ଗୁଣନ କରାଯିବା ପରେ କ୍ରମିକ ସଂଖ୍ୟା ୪ ରେ ଉଲ୍ଲେଖ କରଯାଇଥିବା ଅନୁଯାୟୀ ଜମି ସହିତ ସଂଲଗ୍ନ ସମ୍ପତ୍ତିର ମୂଲ୍ୟ ଏଥି ସହ ମିଶାଯିବ । ଏ ସମସ୍ତ ମୂଲ୍ୟ ର ଶତ ପ୍ରତିଶତ ଅନୁକମ୍ପା ରାଶି ଆକାରରେ ପ୍ରଦାନ କରାଯିବ । |
| ୬. | ଗ୍ରାମାଞ୍ଚଳ ନିମନ୍ତେ ପ୍ରଦାନ କରାଯାଉଥିବା ସମୁଦାୟ ରାଶି | କ୍ରମିକ ସଂଖ୍ୟା ୧ ରେ ଆକଳନ ମତେ ଉଲ୍ଲେଖ କରାଯାଇଥିବା ଜମିର ବଜାର ମୂଲ୍ୟ ଗ୍ରାମାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୨ କିମ୍ବା ସହରାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୩ ସହିତ ନିର୍ଦ୍ଦିଷ୍ଟ କାରକ ଦ୍ୱାରା ଗୁଣିତ ହେବାପରେ ଏବଂ ଜମି ସହିତ ସଂଲଗ୍ନ ସମ୍ପତ୍ତି ଯେପରିକି ଜମି ଓ କୋଠାର ମୂଲ୍ୟ ମିଶ୍ରଣ କରିବାପରେ ଅନୁକମ୍ପା ରାଶି ଏହାର ଶତପ୍ରତିଶତ ସହିତ ସମାନ ହେବ । |
| ୭. | ସହରାଞ୍ଚଳ ନିମନ୍ତେ ପ୍ରଦାନ କରାଯାଉଥିବା ସମୁଦାୟ ରାଶି | କ୍ରମିକ ସଂଖ୍ୟା ୧ ରେ ଉଲ୍ଲେଖ କରାଯାଇଥିବା ମତେ ଆକଳନ କରାଯାଇଥିବା ଜମିର ବଜାର ମୂଲ୍ୟ କ୍ରମିକ ସଂଖ୍ୟା ୩ ସହିତ ନିର୍ଦ୍ଦିଷ୍ଟ କାରକ ଦ୍ୱାରା ଗୁଣିତ ହୋଇଛି କିମ୍ବା ସ୍ତମ୍ଭ ୨ ଅନ୍ତର୍ଗତ କ୍ରମିକ ସଂଖ୍ୟା ୪ ରେ ଉଲ୍ଲେଖ କରାଯାଇଥିବା ଜମି ସହିତ ସଂଲଗ୍ନ ସମ୍ପତ୍ତି ଏବଂ ଘରବାଡି ମୂଲ୍ୟ ସମ୍ପତ୍ତିର ମୂଲ୍ୟ ସହିତ ଗୁଣିତ ହୋଇଛି । କ୍ରମିକ ସଂଖ୍ୟା ୫ ରେ ଉଲ୍ଲେଖ କରାଯାଇଥିବା ଅନୁକମ୍ପା ରାଶି ଏଥିରେ ମିଶାଯିବା ପରେ ପ୍ରଦାନ ହେବାକୁ ଥିବା ସମୁଦାଯ ରାଶି ନିର୍ଦ୍ଧାରଣ କରାଯିବ । |
| ୮. | ଅନ୍ୟାନ୍ୟ ଉପାଦାନ ଯଦି କିଛି ଥାଏ ଏଥିସହିତ ସାମିଲ କରାଯିବ | |

ଦ୍ୱିତୀୟ ଅନୁସୂଚୀ ଅନୁଯାୟୀ [ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ ର ବିଭାଗ ୩୧ (୧), ୩୮ (୧) ଏବଂ ୧୦୫ (୩) ଦ୍ରଷ୍ଟବ୍ୟ] ବାସସ୍ଥଳୀରୁ ବିସ୍ଥାପିତ ହେଉଥିବା ସମସ୍ତ ପ୍ରଭାବିତ ପରିବାର (ଉଭୟ ଜମି ମାଲିକ ଏବଂ ଯେଉଁ ପରିବାର ଜୀବିକା ନିର୍ବାହ ପାଇଁ ମୂଳତଃ ଅଧିଗ୍ରହଣ ହୋଇଥିବା ଜମି ଉପରେ ନିର୍ଭରଶୀଳ) ପ୍ରଥମ ଅନୁସୂଚୀରେ ପ୍ରଦାନ କରାଯାଇଥିବା ରାଶି ଯାହା ବିଷୟରେ ଆଲୋଚନା କରାଯାଇଛି ସମେତ ନିମ୍ନଲିଖିତ ପୁନର୍ବାସ ଏବଂ ଥଇଥାନ ଅଧିକାରର ଉପାଦାନଗୁଡିକ ପାଇବେ ।

## ସାରଣୀ - ୧.୩ ସମସ୍ତ ପ୍ରଭାବିତ ପରିବାର ନିମନ୍ତେ ପୁନର୍ବାସ ଏବଂ ଥଇଥାନ ଅଧିକାରର ଉପାଦାନ

| କ୍ର. ସଂ | ପୁନର୍ବାସ ଏବଂ ଥଇଥାନ ଅଧିକାରର ଉପାଦାନ | ଅଧିକାରବସ୍ଥାବ୍ୟ/ |
|---|---|---|
| ୧ | ବିସ୍ଥାପନ କ୍ଷେତ୍ରରେ ଗୃହ ଯୋଗାଣ ନିମନ୍ତେ ବ୍ୟବସ୍ଥା | ୧) ଗ୍ରାମାଞ୍ଚଳରେ ଯଦି ଗୋଟିଏ ଘରର କ୍ଷତି ହେଉଥାଏ ତେବେ ଇନ୍ଦିରା ଆୱାସ ଯୋଜନା ଅନୁଯାୟୀ ଏକ ନିର୍ମିତ ଘର ଯୋଗାଇ ଦିଆଯିବ । ସହରାଞ୍ଚଳରେ ଯଦି କୌଣସି ଘର କ୍ଷତି ହେଉଥାଏ, ତେବେ ଏକ ନିର୍ମିତ ଘର ଯୋଗାଇ ଦିଆଯିବ, ଯାହାର ଗଠନ ଅଞ୍ଚଳ ପ୍ଲିଛ ଏରିଆ ୫୦ ବର୍ଗ ମିଟରରୁ କମ ହେବ ନାହିଁ<br>୨) ତାଲିକାଭୁକ୍ତ ଲାଭ ଗୁଡିକ ଯେ କୌଣସି ପ୍ରଭାବିତ ପରିବାରକୁ ବିସ୍ତାର କରାଯିବ ଯାହାରକି ଘରବାଡି ଜମି ନଥିଲେ ମଧ୍ୟ ବିଜ୍ଞପ୍ତି ପ୍ରକାଶନ ତାରିଖଠାରୁ ଅତିକମରେ ତିନିବର୍ଷ ଏହି ଅଞ୍ଚଳରେ ରହି ଆସିଥିବେ ଏବଂ ଏହି କ୍ଷେତ୍ରରୁ ଅନିଛାକୃତ ଭାବରେ ବିସ୍ଥାପିତ ହେଉଥିବେ ।<br>ସର୍ତ୍ତ ରହିଛି ଯେ, ସହରାଞ୍ଚଳରେ ଏପରି କୌଣସି ପରିବାର ଯେ କି ଦିଆଯାଇଥିବା ଘରକୁ ନ ନେବାକୁ ପସନ୍ଦ କରନ୍ତି, ସେମାନେ ଗୃହ ନିର୍ମାଣ ପାଇଁ ଏକକାଳୀନ ଆର୍ଥିକ ସହାୟତା ପାଇବେ, ଯାହା ଏକ ଲକ୍ଷ ପଚାଶ ହଜାରରୁ କମ୍ ହେବ ନାହିଁ:<br>ଆହୁରି ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଯଦି ଗ୍ରାମାଞ୍ଚଳରେ କୌଣସି ପ୍ରଭାବିତ ପରିବାର ସେ ଭଳି ପସନ୍ଦ କରନ୍ତି, ତେବେ ନିର୍ମାଣ ହୋଇଥିବା ଘର ବଦଳରେ ଘରର ସମାନ ମୂଲ୍ୟ ପ୍ରଦାନ କରାଯାଇପାରେ:<br>ଏହା ମଧ୍ୟ ବ୍ୟବସ୍ଥା ରହିଛି ଯେ, ଅଧିଗ୍ରହଣ ଦ୍ୱାରା ପ୍ରଭାବିତ କୌଣସି ପରିବାରକୁ ଏହି ଆଇନର ଧାରା ଅନୁଯାୟୀ ଏକରୁ ଅଧିକ ଘର ପ୍ରଦାନ କରାଯିବ ନାହିଁ ।<br>ବ୍ୟାଖ୍ୟା- ସହରାଞ୍ଚଳର ଘରଗୁଡିକ ନିମନ୍ତେ ଯଦି ଆବଶ୍ୟକ ହୁଏ, ବହୁ ମହଲା କୋଠା କମ୍ପ୍ଲେକ୍ସରେ ଯୋଗାଇ ଦିଆଯାଇପାରେ |
| ୨ | ଜମି ବଦଳରେ ଜମି | ଜଳସେଚନ ପ୍ରକଳ୍ପ କ୍ଷେତ୍ରରେ, ଯେତେଦୂର ସମ୍ଭବ ଏବଂ ଅଧିଗ୍ରହଣ ହୋଇଥିବା ଜମି ପାଇଁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ବଦଳରେ ପ୍ରଭାବିତ ଅଞ୍ଚଳରେ କୃଷି ଜମିର ମାଲିକ ଥିବା ପ୍ରତ୍ୟେକ ପ୍ରଭାବିତ ପରିବାର ଏବଂ ଯାହାର ଜମି ଅଧିଗ୍ରହଣ କରାଯାଉଛି କିମ୍ବା ଯେ ଜମି ହରାଉଛି କିମ୍ବା ଏହାର ପରିଣାମ ସ୍ୱରୂପ ଜମି ଅଧିଗ୍ରହଣ କିମ୍ବା କ୍ଷତି ହେତୁ ନାମମାତ୍ର ଚାଷୀ କିମ୍ବା ଭୂମିହୀନ ସ୍ଥିତିକୁ ଖସି ଆସୁଥିବେ, ସେ ସମସ୍ତ ପ୍ରଭାବିତ ପରିବାରକୁ ସର୍ବନିମ୍ନ ଏକ ଏକର ଜମି, ଯେଉଁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହୋଇଛି ସେହି ପ୍ରକଳ୍ପର ଜଳସେଚନ |

| | | |
|---|---|---|
| | | ଅଞ୍ଚଳରେ ଆବଣ୍ଟନ କରାଯିବ ।<br>ଆହୁରି ମଧ୍ୟ ଏଥିରେ ଏହା ସର୍ତ୍ତ ରହିଛି ଯେ, ପ୍ରତ୍ୟେକ ପ୍ରକଳ୍ପରେ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତିର ଯେଉଁ ବ୍ୟକ୍ତିମାନେ ଜମି ହରାଉଛନ୍ତି ସେହି ବ୍ୟକ୍ତିମାନଙ୍କୁ ଅଧିଗ୍ରହଣ ହେଉଥିବା ଜମି ପରିମାଣର କିମ୍ବା ୨ଏକର ଜମି ୫. ଯେଉଁଟା କମ ଅଟେ, ତାହା ପ୍ରଦାନ କରାଯିବ । |
| ୩ | ବିକଶିତ ଜମି ନିମନ୍ତେ ପ୍ରସ୍ତାବ | ସହରୀକରଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ହେଲେ, ବିକଶିତ ଜମିର କୋଡ଼ିଏ ପ୍ରତିଶତ କୁ ସଂରକ୍ଷିତ ରଖାଯିବ ଏବଂ ଜମି ଅଧିଗ୍ରହଣ ପ୍ରକଳ୍ପର ପ୍ରଭାବିତ ପରିବାରକୁ ଦିଆଯିବ, ସେମାନଙ୍କର ଅଧିଗ୍ରହଣ ଜମିର ଅନୁପାତରେ ଏବଂ ଅଧିଗ୍ରହଣ ମୂଲ୍ୟ ଏବଂ ବିକାଶର ମୂଲ୍ୟ ସହିତ ସମାନ ମୂଲ୍ୟରେ:<br>ଆହୁରି ମଧ୍ୟ ଏଥିରେ ଏହା ସର୍ତ୍ତ ରହିଛି ଯେ, ଜମି ମାଲିକାନା ନିମନ୍ତେ ପ୍ରକଳ୍ପ ପ୍ରଭାବିତ ପରିବାର ଯଦି ଏହି ଅଫର ପାଇବାକୁ ଇଚ୍ଛା କରନ୍ତି, ତେବେ ସେହି ପରିମାଣର ଅର୍ଥ ଜମି ଅଧିଗ୍ରହଣ କ୍ଷତିପୂରଣ ପ୍ୟାକେଜରୁ ସମାନ ପରିମାଣର କଟାଯିବ । |
| ୪ | ବାର୍ଷିକି ବା ଚାକିରୀ ଚୟନ | ବୈଧ ସରକାର ଏହା ସୁନିଶ୍ଚିତ କରିବେ ଯେ, ପ୍ରଭାବିତ ପରିବାରକୁ ନିମ୍ନଲିଖିତ ବିକଳ୍ପ ଯୋଗାଇ ଦିଆଯାଉଛି:<br>ଯେଉଁଠାରେ ପ୍ରକଳ୍ପ ମାଧ୍ୟମରେ ଚାକିରି ସୃଷ୍ଟି ହୁଏ ସେଠାରେ ଆବଶ୍ୟକ କ୍ଷେତ୍ରରେ ଉପଯୁକ୍ତ ତାଲିମ ଏବଂ ଦକ୍ଷତା ବିକାଶ କରିବା ପରେ, ବଳବତ୍ତର ଥିବା କୌଣସି ଆଇନ କିମ୍ବା ଅନ୍ୟ କୌଣସି ଆଇନରେ ପ୍ରଦାନ କରାଯାଇଥିବା ସର୍ବନିମ୍ନ ମଜୁରୀଠାରୁ କମ୍ ହାର ହେଉନଥିବା କୌଣସି ନିଯୁକ୍ତି ପାଇଁ ବ୍ୟବସ୍ଥା କରାଯିବ । ପ୍ରକଳ୍ପରେ ପ୍ରଭାବିତ ପରିବାର ପ୍ରତି ଅତି କମରେ ଜଣେ ସଦସ୍ୟ କିମ୍ବା ଆବଶ୍ୟକ ଅନୁଯାୟୀ ଅନ୍ୟାନ୍ୟ ପ୍ରକଳ୍ପରେ ସେହି ପ୍ରକାର ନିଯୁକ୍ତି ପାଇଁ ବ୍ୟବସ୍ଥା କରିବେ; କିମ୍ବା<br>ପ୍ରତ୍ୟେକ ପ୍ରଭାବିତ ପରିବାର ନିମନ୍ତେ ଏକକାଳୀନ ୫ ଲକ୍ଷ ଟଙ୍କା କିମ୍ବା<br>ଯାହା କୃଷି ଶ୍ରମିକମାନଙ୍କ ପାଇଁ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ସହିତ ଉପଯୁକ୍ତ ସୂଚକ ଅନୁଯାୟୀ କୋଡିଏ ବର୍ଷ ପାଇଁ ପରିବାର ପିଛା ପ୍ରତି ମାସରେ ଦୁଇ ହଜାର ଟଙ୍କାରୁ କମ୍ ଦେବେ ନାହିଁ । |
| ୫ | ଏକ ବର୍ଷ ପାଇଁ ବିସ୍ଥାପିତ ପରିବାରଗୁଡିକ ନିମନ୍ତେ ସହାୟକ ଅନୁଦାନ | ଅଧିଗ୍ରହଣ ହୋଇଥିବା ଜମିରୁ ବିସ୍ଥାପିତ ହୋଇଥିବା ପ୍ରତ୍ୟେକ ପ୍ରଭାବିତ ପରିବାରକୁ ଫଇସଲା ପ୍ରଦାନ ତାରିଖ ଠାରୁ ଏକ ବର୍ଷ ପାଇଁ ମାସିକ ତିନି ହଜାର ଟଙ୍କା ସହିତ ସମାନ ପରିମାଣ ର ଭତ୍ତା ପ୍ରଦାନ କରାଯିବ । ଏହି ରାଶି ସହିତ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପରିବାର ଅନୁସୂଚିତ ଅଞ୍ଚଳରୁ ବିସ୍ଥାପିତ ହୋଇଥିଲେ ପଚାଶ ହଜାର ଟଙ୍କା ସହିତ ସମାନ ପରିମାଣ ପାଇବେ । |

| | | |
|---|---|---|
| | | ଅନୁସୂଚିତ ଅଞ୍ଚଳରୁ ବିସ୍ଥାପିତ ହେଲେ, ଯଥା ସମ୍ଭବ, ପ୍ରଭାବିତ ପରିବାରଗୁଡିକ ଏକ ସମାନ ପରିବେଶ ଅଞ୍ଚଳକୁ ସ୍ଥାନାନ୍ତରିତ ହେବେ, ଯାହାଦ୍ୱାରା ଆଦିବାସୀ ସମ୍ପ୍ରଦାୟର ଆର୍ଥିକ ସୁଯୋଗ, ଭାଷା, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ଜୀବନଧାରଣ ପଦ୍ଧତି ବଜାୟ ରହିପାରିବ । |
| ୬ | ବିସ୍ଥାପିତ ପରିବାରଗୁଡିକ ନିମନ୍ତେ ପରିବହନ ଖର୍ଚ୍ଚ | ପ୍ରତ୍ୟେକ ପ୍ରଭାବିତ ପରିବାର ଯେଉଁମାନେ ବିସ୍ଥାପିତ ହେଉଛନ୍ତି, ସେମାନେ ପରିବାର, ନିର୍ମାଣ ସାମଗ୍ରୀ, ଘରର ଆସବାବପତ୍ର ଏବଂ ଗୃହପାଳିତ ପଶୁମାନଙ୍କ ସ୍ଥାନାନ୍ତର ପାଇଁ ପରିବହନ ମୂଲ୍ୟ ହିସାବରେ ପଚାଶ ହଜାର ଟଙ୍କାର ଏକକାଳୀନ ଆର୍ଥିକ ସହାୟତା ପାଇବେ । |
| ୭ | ଗୁହାଳ ଏବଂ ଛୋଟ / ଦୋକାନ ର ମୂଲ୍ୟ | ପ୍ରତ୍ୟେକ ପ୍ରଭାବିତ ପରିବାର ଯାହାର ଗୋରୁ ଗୁହାଳ କିମ୍ବା ଏକ ଛୋଟ ଦୋକାନ ଥିବ ସେମାନେ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ଗୋରୁ ଗୁହାଳ କିମ୍ବା ଏକ ଛୋଟ ଦୋକାନ ଯେଉଁଠାରେ ଯେପରି ଥିବ ତଦନୁଯାୟୀ ଏହାର ନିର୍ମାଣ ପାଇଁ ଅତିକମରେ ପଚିଶ ହଜାର ଟଙ୍କା ଏକକାଳୀନ ଆର୍ଥିକ ସହାୟତା ପାଇବେ । |
| ୮ | କାରିଗର, ଛୋଟ ବ୍ୟବସାୟୀ ଏବଂ ଅନ୍ୟ କେତେକଙ୍କୁ ଏକ ଥର ଅନୁଦାନ | କାରିଗର, ଛୋଟ ବ୍ୟବସାୟୀ କିମ୍ବା ଆତ୍ମନିଯୁକ୍ତ ବ୍ୟକ୍ତି କିମ୍ବା ପ୍ରତ୍ୟେକ ପ୍ରଭାବିତ ପରିବାର ଯାହା ଅଣକୃଷି ଜମି କିମ୍ବା ବାଣିଜ୍ୟିକ-, ଶିଳ୍ପ କିମ୍ବା କୌଣସି ଆନୁଷ୍ଠାନିକ ଢାଞ୍ଚାର ମାଲିକାନା ଥିବ ଏବଂ ଜମି ଅଧିଗ୍ରହଣ ହେତୁ ଅନିଚ୍ଛାକୃତ ଭାବରେ ବିସ୍ଥାପିତ ହେଉଛନ୍ତି ସେହି ପରିବାର ଏକକାଳୀନ ଆର୍ଥିକ ସହାୟତା ପାଇବ ଉପଯୁକ୍ତ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ଯାହାକି ସର୍ବନିମ୍ନ ପଚିଶ ହଜାର ଟଙ୍କା ହୋଇଥିବା ତାହା ପାଇବେ । |
| ୯ | ମାଛ ମାରିବାର ଅଧିକାର | ଜଳସେଚନ କିମ୍ବା ଜଳ ବିଦ୍ୟୁତ ପ୍ରକଳ୍ପ କ୍ଷେତ୍ରରେ, ପ୍ରଭାବିତ ପରିବାରମାନଙ୍କୁ ଜଳଭଣ୍ଡାରରେ ମାଛ ମାରିବାର ଅଧିକାର ଅନୁମତି ଦିଆଯାଇପାରେ, ଯେପରି ଉପଯୁକ୍ତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇପାରେ |
| ୧୦ | ଏକ ଥର ପୁନର୍ବାସ ଭତ୍ତା | ପ୍ରତ୍ୟେକ ପ୍ରଭାବିତ ପରିବାରକୁ ମାତ୍ର ପଚାଶ ହଜାର ଟଙ୍କାର ଏକ ଥର ପୁନର୍ବାସ ଭତ୍ତା ଦିଆଯିବ |
| ୧୧ | ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେସନ ଫିସ | ପ୍ରଭାବିତ ପରିବାରକୁ ଦିଆଯାଇଥିବା ଜମି କିମ୍ବା ଘରର ପଞ୍ଜୀକରଣ ପାଇଁ ପ୍ରଦାନ କରାଯିବାକୁ ଥିବା ଷ୍ଟାମ୍ପ ଡ୍ୟୁଟି ଏବଂ ଅନ୍ୟାନ୍ୟ ଦେୟ ଜମି ଆବଶ୍ୟକ କରୁଥିବା ସଂସ୍ଥା ବହନ କରିବେ ।<br>ପ୍ରଭାବିତ ପରିବାରକୁ ଦିଆଯାଇଥିବା ଘର ପାଇଁ ଜମି ସମସ୍ତ ପ୍ରକାର ଦଖଲ ରୁ ମୁକ୍ତ ରହିବ<br>ଆବଣ୍ଟିତ ଜମି କିମ୍ବା ଘର ପ୍ରଭାବିତ ପରିବାରର ପତ୍ନୀ ଏବଂ ସ୍ୱାମୀଙ୍କ ନାମରେ ମିଳିତ ଭାବରେ ରହିପାରେ । |

## ୧.୮ ବିବରଣୀ ପ୍ରସ୍ତୁତ ପ୍ରଣାଳୀ

ସାମାଜିକ ପ୍ରଭାବ ଆକଳନର ଚିଠା ବିବରଣୀ ପ୍ରାରମ୍ଭରେ ଉଲ୍ଲେଖିତ କାର୍ଯ୍ୟନିର୍ବାହୀ ସାରାଂଶ ସହିତ ଏହି ବିବରଣୀକୁ ୯ ଟି ଅଧ୍ୟାୟରେ ବିଭକ୍ତ କରାଯାଇଛି। ପ୍ରଥମ ଅଧ୍ୟାୟଟି ରେ ପରିଚୟ ଆକାରରେ ପ୍ରକଳ୍ପର ପୃଷ୍ଠଭୂମି, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଆବଶ୍ୟକତା, ଲକ୍ଷ୍ୟ ଏବଂ ପରିସର ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ପ୍ରକଳ୍ପର ପାର୍ଶ୍ୱଚିତ୍ର, ସାମ୍ବିଧାନିକ ଏବଂ ଆଇନଗତ ଢାଞ୍ଚା ସମ୍ବନ୍ଧରେ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି। ଦ୍ୱିତୀୟ ଅଧ୍ୟାୟରେ ଅଧ୍ୟୟନର ଉଦ୍ଦେଶ୍ୟ, ଦଳଗଠନ, କୌଶଳ, ପଦ୍ଧତି, ପ୍ରକ୍ରିୟା ଏବଂ ସୀମାବଦ୍ଧତା ଆଦି ଉପସ୍ଥାପନ କରାଯାଇଛି। ଜମି ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କରେ ବିସ୍ତୃତ ବିବରଣୀ ତୃତୀୟ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ପ୍ରଭାବିତ ପରିବାରର ଆକଳନ ଓ ଗଣନା ଏବଂ ସମ୍ପତ୍ତି ବିଷୟରେ ଚତୁର୍ଥ ଅଧ୍ୟାୟରେ ତଥ୍ୟ ପ୍ରଦାନ କରାଯାଇଛି। ପ୍ରଭାବିତ ୱାର୍ଡ଼/ଗ୍ରାମର ସାମାଜିକ-ଆର୍ଥିକ ପାର୍ଶ୍ୱଚିତ୍ର ସମେତ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ଅଣ-ପ୍ରଭାବିତ ପରିବାରର ମତାମତ ପଞ୍ଚମ ଅଧ୍ୟାୟରେ ପ୍ରଦାନ କରାଯାଇଛି। ପ୍ରାଥମିକ ସର୍ବେକ୍ଷଣ ଆଧାରରେ ପ୍ରକଳ୍ପର ସାମ୍ଭାବ୍ୟ ସାମାଜିକ ପ୍ରଭାବ ଓ ଏହାର ପରିଚାଳନା ଷଷ୍ଠ ଅଧ୍ୟାୟରେ ବିଶ୍ଳେଷଣ କରାଯାଇଛି। ସପ୍ତମ ଅଧ୍ୟାୟରେ ପ୍ରକଳ୍ପର ଲାଭ ସହ ଖର୍ଚ୍ଚର ବିଶ୍ଳେଷଣ କରାଯାଇଛି । ଅଷ୍ଟମ ଅଧ୍ୟାୟରେ ଜନଶୁଣାଣିର ବିବରଣୀ ଏବଂ ଅନ୍ତିମ ନବମ ଅଧ୍ୟାୟରେ ଅଧ୍ୟୟନର ନିଷ୍କର୍ଷ ଓ ସୁପାରିଶ ବର୍ଣ୍ଣନା କରାଯାଇଛି ।

# ଦ୍ୱିତୀୟ ଅଧ୍ୟାୟ

# ଅଧ୍ୟୟନ ର ଉଦ୍ଦେଶ୍ୟ , ସୁଯୋଗ, କାର୍ଯ୍ୟପ୍ରଣାଳୀ, କୌଶଳ ଏବଂ ପ୍ରକ୍ରିୟା

## ୨.୧ ଉପକ୍ରମ

ଭାରତ ସରକାରଙ୍କ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା, ଅଧିନୟମ (ଆର.ଟି.ଏଫ.ସି.ଟି.ଏଲ.ଏ.ଆର.ଆର.,୨୦୧୩) ଆବଶ୍ୟକତା ଓ ନିର୍ଦ୍ଦେଶିକା ଅନୁଯାୟୀ ଓଡିଶା ସରକାର ବୈଧ ବିଜ୍ଞପ୍ତି ନମ୍ବର ୪୨୪୬ ତା ୦୮.୦୨.୨୦୧୬ ରିଖ ରେ ଏବଂ ଓଡିଶା ସରକାରଙ୍କ ଆର.ଟି.ଏଫ.ସି.ଟି.ଏଲ.ଏ.ଆର.ଆର., ୨୦୧୬ ପ୍ରଣୟନ କଲେ । ଏହି ଅଧିନିୟମର ଭାଗ ୪(୧) ଅନୁଯାୟୀ ଯେ କୌଣସି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ସାମାଜିକ ପ୍ରଭାବ ଆକଳନ (ଏସ୍ ଆଇ ଏ) ଅଧ୍ୟୟନ କରିବା ଆବଶ୍ୟକ ଅଟେ । ଏହି ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଘରକୁ ଘର ବୁଲି ସର୍ବେକ୍ଷଣ କରିବା ସହ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ସହ ବିଚାରବିମର୍ଷ ଓ ଗ୍ରାମବାସୀମାନଙ୍କ ସହ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ମାଧ୍ୟମରେ ସାମାଜିକ-ଅର୍ଥନୈତିକ ଅବସ୍ଥା, ଆବଶ୍ୟକୀୟ ସୁବିଧା ସୁଯୋଗର ସ୍ଥିତି ଜାଣିବା । ଯାଜପୁର ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପ୍ରସ୍ତାବ ଅନୁଯାୟୀ ଯାଜପୁର ଜିଲ୍ଲାରେ ଯାଜପୁର ତହସିଲର ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ୟୁନିଟ ନମ୍ବର – ୭ ଶୀତଳେଶ୍ୱର ଗ୍ରାମର ୫୩ ଜଣ ଜମି (ଯାହାକି ଯାଜପୁର ମ୍ୟୁନିସପାଲିଟି ମଧ୍ୟରେ ଅବସ୍ଥିତ) ମାଲିକଙ୍କର ୧.୯୭୭୫ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ରାଜ୍ୟ ଏସ୍ ଆଇ ଏ ୟୁନିଟ ***ଆମିଟି ହ୍ୟୁମାନିଟି ଫାଉଣ୍ଡେସନ*** କୁ ଦାୟିତ୍ୱ ପ୍ରଦାନ କରିଥିଲେ।

## ୨.୨ ଆକଳନ ର ପରିସର

୧. ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବାକୁ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ, ଯାଞ୍ଚ, ବିଶ୍ଳେଷଣ, ବିସ୍ତୃତ ଭାବରେ ଅଞ୍ଚଳ ପରିଦର୍ଶନ କାର୍ଯ୍ୟ ଆରମ୍ଭ ତଥା ସାମାଜିକ ମାନଚିତ୍ର, କେନ୍ଦ୍ରୀଭୂତ ଦଳଗତ ଆଲୋଚନା(FGDs), ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ଏବଂ ପରିବାର ସ୍ତରରେ ପ୍ରସ୍ତୁତ ସାକ୍ଷାତକାର ଅନୁସୂଚୀ ମାଧ୍ୟମରେ ସୂଚନାଦାତାମାନଙ୍କସହ ସାକ୍ଷାତକାର କରାଯାଇଛି ।

୨. ସମସ୍ତ ପ୍ରଭାବିତ ଗ୍ରାମ ପଞ୍ଚାୟତ ଓ ନଗରପାଳିକାର ଅଧିକୃତ ପଦାଧିକାରୀମାନଙ୍କୁ କାର୍ଯ୍ୟରେ ସଂଶ୍ଳିଷ୍ଟକରି ତଥା ସେମାନଙ୍କ ପରାମର୍ଶ ଗ୍ରହଣକରି ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରାଯାଇଛି ।

୩. ସମସ୍ତ ପ୍ରାସଙ୍ଗିକ ଜମି ଦସ୍ତାବିଜ୍ ଓ ଅଞ୍ଚଳର ତଥ୍ୟ ସଂଗ୍ରହ କରି ଏହାର ବିସ୍ତୃତ ବିଶ୍ଳେଷଣ ଜରିଆରେ ସମ୍ପୂର୍ଣ୍ଣ ଏକ ଆକଳନ ପ୍ରସ୍ତୁତ କରିବା, ପ୍ରକଳ୍ପ ଅଞ୍ଚଳର ଯାଞ୍ଚ, ସମୀକ୍ଷା ଓ ଏହି ପ୍ରକାରର ଅନ୍ୟାନ୍ୟ ପ୍ରକଳ୍ପ

ସହ ତୁଳନା ଆଦି କାର୍ଯ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା ଦ୍ୱାରା କରାଯାଇଛି । ନିମ୍ନଲିଖିତ କାର୍ଯ୍ୟଗୁଡିକ ଆକଳନର ପରିସରଭୁକ୍ତ ହୋଇଅଛି ।

- ପ୍ରସ୍ତାବିତ ପ୍ରକଳ୍ପରେ ପ୍ରଭାବିତ ଅଞ୍ଚଳ ଚିହ୍ନଟ, ଅଧିଗ୍ରହଣ କରାଯିବାକୁ ଥିବା ଜମି ଏବଂ ପ୍ରକଳ୍ପର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପରିବେଷୀୟ ତଥା ଅନ୍ୟାନ୍ୟ ପ୍ରଭାବ ।
- ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ଜମିର ପରିମାଣ ଓ ଅବସ୍ଥିତି ଏବଂ ଏହା ପ୍ରକଳ୍ପ ପାଇଁ ସର୍ବନିମ୍ନ ନିହାତି ଆବଶ୍ୟକ କି ନୁହେଁ ତଥା ପ୍ରକଳ୍ପଲାଗି ଅନ୍ୟ କୌଣସି ବିକଳ୍ପ ସ୍ଥାନ ଅଛିକି ନାହିଁ ତାର ସାମ୍ଭାବ୍ୟତା ପରିକ୍ଷା କରିବା,
- ଅଧିଗ୍ରହଣ କରାଯାଉଥିବା ଜମି ଅନୁସୂଚିତ ଅଞ୍ଚଳରେ ଅବସ୍ଥିତ କି ନୁହେଁ ଏବଂ ଏହା ସ୍ପଷ୍ଟ ଭାବରେ ଶେଷ ଉପାୟ କି ନୁହେଁ,
- କିଛି ଜମି ଯଦି ପୂର୍ବରୁ କ୍ରୟ, ହସ୍ତାନ୍ତର, ପଟ୍ଟା କିମ୍ବା ଅଧିଗ୍ରହଣ କରାଯାଇଥାଏ ଏବଂ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଥିବା ପ୍ରତ୍ୟେକ ପ୍ଲଟର ଉପଯୋଗର ଉଦ୍ଦେଶ୍ୟ,
- କୌଣସି ସାର୍ବଜନିକ, ଅବ୍ୟବହୃତ ଜମି ବ୍ୟବହାରର ସୁଯୋଗ କିମ୍ବା ଏପରି କୌଣସି ଜମି କାହା ଦଖଲରେ ଅଛି କି,
- ଜମିର ପ୍ରକାର ବର୍ତ୍ତମାନର ବ୍ୟବହାର, ଜମିର ବର୍ଗୀକରଣ ଏବଂ ଯଦି ଜମି ଚାଷ ଜମି ହୋଇଥାଏ, ତେବେ ଏହାର ଜଳସେଚନ ବ୍ୟାପ୍ତି ଏବଂ ଏହାର ଫସଲ ଧାରଣ ପ୍ରଣାଳୀ,
- ପ୍ରଭାବିତ ପରିବାରର ଖାଦ୍ୟ ନିରାପତ୍ତା ଉପରେ ଜମିର ପ୍ରଭାବ,
- ଜମିଜୋତର ଆକାର, ଜମି ମାଲିକାନାର ଢାଞ୍ଚା, ଜମି ବଣ୍ଟନ, ବାସଗୃହର ସଂଖ୍ୟା ଏବଂ ସାର୍ବଜନୀନ ଏବଂ ବେସରକାରୀ ସୁବିଧା ସୁଯୋଗ ଓ ସମ୍ପତ୍ତି; ଏବଂ
- ଜମିର ମୂଲ୍ୟ ଏବଂ ନିକଟରେ ହୋଇଥିବା ଜମିମାଲିକାନାରେ କୌଣସି ପରିବର୍ତ୍ତନ, ବିଗତ ତିନି ବର୍ଷ ମଧ୍ୟରେ ଜମି ହସ୍ତାନ୍ତର ଏବଂ ଜମିର ବ୍ୟବହାର,

୪. ଜମି ଆକଳନ, ଜମି ଦସ୍ତାବିଜ୍ ଆଧାରରେ ପ୍ରଭାବିତ ଏବଂ ବିସ୍ଥାପିତ ପରିବାରର ସଠିକ ଗଣନା କରିବା ଏବଂ ସମସ୍ତ ପ୍ରଭାବିତ ପରିବାରଗୁଡିକର ଜନଗଣନା ବିଧି ଅନୁଯାୟୀ ଅଞ୍ଚଳ ଅନୁଧ୍ୟାନ ,

୫. ପ୍ରଭାବିତ ଅଞ୍ଚଳର ସାମାଜିକ- ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ପ୍ରସ୍ତୁତି,

୬. ପ୍ରଭାବିତ ଅଞ୍ଚଳରୁ ସଂଗୃହିତ ତଥ୍ୟ ଏବଂ ହିତାଧିକାରୀମାନଙ୍କ ସହ ବିଚାରବିମର୍ଷ ଆଧାରରେ, ସାମାଜିକ ପ୍ରଭାବ ଆକଳନ ଦଳ/ଅନୁଷ୍ଠାନ ଖର୍ଚ୍ଚ ଲାଭ ବିଶ୍ଳେଷଣ ପଦ୍ଧତି ଅବଲମ୍ବନକରି ପ୍ରକଳ୍ପର ସକାରାତ୍ମକ ଓ ନକରାତ୍ମକ ପ୍ରଭାବର ସ୍ୱରୁପ, ବିସ୍ତାର ଏବଂ ପ୍ରଗାଢତା ଚିହ୍ନଟ ଓ ଆକଳନ କରିବେ ।

୭. ସାମାଜିକ ପ୍ରଭାବ ଆକଳନ ସମୟରେ ଚିହ୍ନଟ କରାଯାଇଥିବା ବିଭିନ୍ନ ନକରାତ୍ମକ ପ୍ରଭାବକୁ ସମ୍ବୋଧିତ କରି ସୁଧାରାତ୍ମକ ବିଭିନ୍ନ ଉପାୟ ସମ୍ମିଳିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବା ।

୮. ସାମାଜିକ ପ୍ରଭାବ ଆକଳନ (SIA), ପ୍ରକଳ୍ପରେ ହେବାକୁଥିବା ସାମାଜିକ ମୂଲ୍ୟ ବଦଳରେ ମିଳିବାକୁ ଥିବା ଲାଭ ବାବଦରେ ବିଶ୍ଳେଷଣ ଏବଂ ଜମି ହରାଇଥିବାରୁ ଏବଂ ବିସ୍ଥାପିତ ହୋଇଥିବାରୁ ପରିବାରର ଦାରିଦ୍ର୍ୟତାର ବିପଦର ସମ୍ଭାବନା ଏବଂ ବିସ୍ଥାପିତ ଓ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ପରିବାରର ପୁନର୍ବାସ ଓ ଥଇଥାନ ନିମନ୍ତେ ପ୍ରଶମନ ଯୋଜନା ଆଦି ପ୍ରଦାନ କରିବ ।

୯. ସାମାଜିକ ପ୍ରଭାବ ଆକଳନ (SIA) ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର (SIMP) ଚିଠା ବିବରଣୀ ସ୍ଥାନୀୟ ଭାଷା (ଓଡିଆ) ରେ ପ୍ରସ୍ତୁତକରି ସମସ୍ତ ପ୍ରଭାବିତ ଗ୍ରାମ ଓ ଗ୍ରାମ ପଞ୍ଚାୟତ ଅଫିସରେ ଅନ୍ତତଃ ପକ୍ଷେ ଜନଶୁଣାଣୀର ୬ ସପ୍ତାହ ପୂର୍ବରୁ ଦେବାକୁ ପଡିବ ।

୧୦. ସାମାଜିକ ପ୍ରଭାବ ଆକଳନ (SIA)ରୁ ମିଳିଥିବା ନିଷ୍କର୍ଷକୁ ପ୍ରଭାବିତ ଅଞ୍ଚଳରେ ସ୍ଥାନୀୟ ଭାଷାରେ ପ୍ରସାରିତ କରି ନିଷ୍କର୍ଷ ଉପରେ ପ୍ରତିକ୍ରିୟା, ଅତିରିକ୍ତ ତଥ୍ୟ ଏବଂ ମତାମତ ସଂଗ୍ରହକରି ଏହାକୁ ଅନ୍ତିମ ବିବରଣୀରେ ସଂଲଗ୍ନ କରିବାକୁ ସ୍ଥାନିୟ ପ୍ରଶାସନ ଏବଂ ଜମି ଆବଶ୍ୟକ କରୁଥିବା ସଂସ୍ଥା ଜରିଆରେ ଜନଶୁଣାଣୀର ଆୟୋଜନ କରାଯିବ ।

୧୧. ଜନଶୁଣାଣୀର ଭିଡିଓ ରେକର୍ଡିଙ୍ଗ ଏବଂ ଲିପିବଦ୍ଧ କରାଯିବ । ତଦନୁଯାୟୀ ସେମାନଙ୍କର ସଂଶୋଧିତ ବିଶ୍ଳେଷଣ ସାମାଜିକ ପ୍ରଭାବ ଆକଳନ (SIA) ବିବରଣୀ ସହ ଏହାକୁ ଦାଖଲ କରାଯିବ ।

## ୨.୩ ଆକଳନ ଅଧ୍ୟୟନର ଉଦ୍ଦେଶ୍ୟ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା ;

୧. ପ୍ରଭାବିତ ଗ୍ରାମଗୁଡିକରେ ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକରିବ କି ନାହିଁ ତାହା ଆକଳନ କରିବା ।

୨. ପ୍ରଭାବିତ ପରିବାର ସଂଖ୍ୟା, ପରିବାରର ପ୍ରକୃତ ଜମିଧାରଣ ପରିମାଣ ଆଧାରରେ କ୍ଷତିର ଭୟାବହତା ଏବଂ ଜମି ଅଧିଗ୍ରହଣ ହେତୁ କେତେ ପରିବାର ଶାରୀରିକ ବା ବୃତ୍ତିଗତ ଭାବେ ବାସଚ୍ୟୁତ ହେବେ ତାହାର ଆକଳନ କରିବ ।

୩. ଜମି ଅଧିଗ୍ରହଣ ହେତୁ କ୍ଷତି ହେବାକୁ ଯାଉଥିବା ବ୍ୟକ୍ତିଗତ ବା ସାର୍ବଜନିକ ଜମି, ଘରବାଡି ବା ବସ୍ତି ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତିର ପରିମାଣ ନିର୍ଦ୍ଧାରଣ ।

୪. ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ପାଇଁ ଅଧିଗ୍ରହଣ କରାଯାଉଥିବା ଜମି ପ୍ରକଳ୍ପ ସ୍ଥାପନ ପାଇଁ ନିହାତି ଆବଶ୍ୟକ କି ନୁହେଁ ତାହା ପରୀକ୍ଷା କରିବା ।

୫. ପ୍ରକଳ୍ପ ନିମନ୍ତେ ଅନ୍ୟ ଏକ ବିକଳ୍ପ ସ୍ଥାନ ଯେଉଁଠାରେ ବହୁତ କମ୍ ପରିମାଣର ବିସ୍ଥାପନ ହେବ ତାହା ବିଚାରକୁ ନିଆ ଯାଇଥିଲା କିନ୍ତୁ ଯେହେତୁ ସେହି ସ୍ଥାନ ପ୍ରକଳ୍ପ ସ୍ଥାପନ ନିମନ୍ତେ ଉପଯୁକ୍ତ ହେବ ନାହିଁ ତେଣୁ ତାହାକୁ ଗ୍ରହଣ କରାଗଲା ନାହିଁ ତାହାର ଯାଞ୍ଚ କରିବା ।

୬. ପ୍ରତ୍ୟକ୍ଷ ଭାବରେ ଜମି ହରାଇଥିବା ପରିବାର ସହିତ ସର୍ବସାଧାରଣ ଜମି, ସାମାଜିକ-ଅର୍ଥନୈତିକ ଢାଞ୍ଚା ଇତ୍ୟାଦି ଅଧିଗ୍ରହଣ ହେତୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକ ଉପରେ ପ୍ରକଳ୍ପ ହେତୁ ପଡୁଥିବା ସାମାଜିକ ପ୍ରଭାବ ଆକଳନ କରିବା ଏବଂ ଏ ସମସ୍ତ ଖର୍ଚ୍ଚ ସହିତ ପ୍ରକଳ୍ପର ସମୁଦାୟ ଖର୍ଚ୍ଚ ତୁଳନାରେ ପ୍ରକଳ୍ପର ଲାଭ ସମ୍ବନ୍ଧରେ ଅଧ୍ୟୟନ କରିବା ।

୭. ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ବା ପ୍ରଶମନ ଯୋଜନା ପ୍ରସ୍ତୁତ କରି ତାହା ମାଧ୍ୟମରେ ଉପଯୁକ୍ତ ନୀତି ଓ ଯୋଜନା ପ୍ରଣୟନକରି ବିଭିନ୍ନ ଉପଚାରାତ୍ମକ ହସ୍ତକ୍ଷେପ ଉପାୟ ସମ୍ବନ୍ଧରେ ପରାମର୍ଶ ଦେବା ।

## ୨.୪ ବର୍ଣ୍ଣନା ଏବଂ ବ୍ୟବହୃତ କାର୍ଯ୍ୟପ୍ରଣାଳୀର ପ୍ରଯୁଜ୍ୟତା

ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ବ୍ୟବହୃତ କାର୍ଯ୍ୟପ୍ରଣାଳୀ ଉପରବର୍ଣ୍ଣିତ ଉଦ୍ଦେଶ୍ୟ ଓ ସୁଯୋଗ ଉପରେ ଆଧାରକରି ପ୍ରସ୍ତୁତ କରାଯାଇଛି । ତଦନୁଯାୟୀ, ଏହି କାର୍ଯ୍ୟ ଉଭୟ ପରୋକ୍ଷ ତଥ୍ୟ ଓ ଘରକୁ ଘର ବୁଲି ସଂଗୃହିତ ତଥ୍ୟ ଏବଂ ଗୋଷ୍ଠି ସ୍ତରରେ ଏକାଠି କରାଯାଇଥିବା ପ୍ରାଥମିକ ତଥ୍ୟ ଉପରେ ଆଧାରିତ । ପ୍ରାଥମିକ ସ୍ତରର ସୂଚନା ଓ ତଥ୍ୟ ସଂଗ୍ରହ ନିମନ୍ତେ ସଂରଚିତ ପ୍ରଶ୍ନାବଳୀ ବ୍ୟବହାର କରାଯାଇଥିଲା । ପ୍ରଭାବିତ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟର ନିଷ୍କର୍ଷକୁ ଜମି ଦସ୍ତାବିଜ୍ ଏବଂ ଅନ୍ୟାନ୍ୟ ସରକାରୀ ଦସ୍ତାବିଜ ସହାୟତାରେ ଅତି ସାବଧାନତାର ସହିତ ଯାଞ୍ଚ କରାଯାଇଥିଲା ।

## ୨.୫ ଅଧ୍ୟୟନ କାର୍ଯ୍ୟ ସମ୍ପାଦନ ଏବଂ ବିଶେଷଜ୍ଞ ମଣ୍ଡଳୀ

ଅଧ୍ୟୟନ କାର୍ଯ୍ୟ ସମ୍ପନ୍ନ କରିବାକୁ, ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇ ନିର୍ଦ୍ଦେଶକଙ୍କ ସମେତ ପାଞ୍ଚଜଣ ସଦସ୍ୟ ବିଶିଷ୍ଟ ଏକ ଉତ୍ସର୍ଗୀକୃତ ଦଳ ଗଠନ କରାଯାଇଥିଲା ଏହି ଦଳ ବିବରଣୀ ପ୍ରସ୍ତୁତି, ରୁପରେଖ ଦେବା ଓ କାର୍ଯ୍ୟ ସମ୍ପାଦନରେ ସଂଶ୍ଳିଷ୍ଟ ହୋଇଥିଲେ । ଏହି ଅଧ୍ୟୟନଟି ୨ଟି ପର୍ଯ୍ୟାୟରେ ରେ ୭ଟି ପଦକ୍ଷେପରେ ଶେଷ କରାଯିବ । ଏହି ପର୍ଯ୍ୟାୟ ଓ ପଦକ୍ଷେପ ଗୁଡିକ ହେଲା ;

| ପର୍ଯ୍ୟାୟ | ପଦକ୍ଷେପ | କାର୍ଯ୍ୟକ୍ରମ |
|---|---|---|
| ପ୍ରଥମ ପର୍ଯ୍ୟାୟ | ପ୍ରଥମ ପଦକ୍ଷେପ | ▪ ଅନୁସନ୍ଧାନମୂଳକ କ୍ଷେତ୍ର ପରିଦର୍ଶନ ଏବଂ ପ୍ରଭାବିତ ଅଞ୍ଚଳ ବାବଦରେ ପ୍ରାଥମିକ ଧାରଣା |
| | ଦ୍ୱିତୀୟ ପଦକ୍ଷେପ | ▪ ଦଳ ଗଠନ ଓ ପ୍ରକଳ୍ପ ସମ୍ବନ୍ଧରେ ଧାରଣା ପ୍ରଦାନ<br>▪ ଅଧ୍ୟୟନର ନକ୍ସା ପ୍ରସ୍ତୁତ |

| | | |
|---|---|---|
| | | ▪ ଅଧ୍ୟୟନର କୌଶଳ ପ୍ରସ୍ତୁତ<br>▪ ପ୍ରାରମ୍ଭିକ ପରିକ୍ଷଣ<br>▪ ବ୍ୟବହାର କରିବାକୁ ଥିବା କୌଶଳକୁ ଅନ୍ତିମ ରୁପ ପ୍ରଦାନ |
| | ତୃତୀୟ ପଦକ୍ଷେପ | ▪ ପ୍ରତ୍ୟକ୍ଷ ଓ ପରୋକ୍ଷ ସୂତ୍ରରୁ ତଥ୍ୟ ସଂଗ୍ରହ |
| | ଚତୁର୍ଥ ପଦକ୍ଷେପ | ▪ ତଥ୍ୟ ସଂଗ୍ରହ, ସଙ୍କେତ ପ୍ରଦାନ, ତାଲିକା ପ୍ରସ୍ତୁତ ଏବଂ ତଥ୍ୟ ପ୍ରବେଶ |
| | ପଞ୍ଚମ ପଦକ୍ଷେପ | ▪ ତଥ୍ୟର ବିଶ୍ଳେଷଣ ଓ ଚିଠା ବିବରଣୀ ପ୍ରସ୍ତୁତ |
| ଦ୍ୱିତୀୟ ପର୍ଯ୍ୟାୟ | ଷଷ୍ଠ ପଦକ୍ଷେପ | ▪ ଜନଶୁଣାଣୀ ର ଆୟୋଜନ |
| | ସପ୍ତମ ପଦକ୍ଷେପ | ▪ ଅଧ୍ୟୟନର ବିବରଣୀ ପ୍ରସ୍ତୁତ ଓ ଦାଖଲ<br>▪ ବିଶେଷଜ୍ଞ କମିଟି ବୈଠକରେ ଅନ୍ତିମ ବିବରଣିର ସଂକ୍ଷିପ୍ତ ଉପସ୍ଥାପନା |

ସମୁଦାୟ ସାତୋଟି ପଦକ୍ଷେପ ମଧ୍ୟରୁ ପ୍ରଥମ ପର୍ଯ୍ୟାୟର ଛଅଟି ପଦକ୍ଷେପ ଶେଷହୋଇ ଚୁଡାନ୍ତ ବିବରଣୀ ଦାଖଲ କରାଗଲା । ସପ୍ତମ ପଦକ୍ଷେପ ରେ ଜିଲ୍ଲା ପ୍ରଶାସନ ସହିତ ମିଶି ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା ,ପୁନର୍ବାସ ଓ ଥଇଥାନ ଅଧିନିୟମ,୨୦୧୩ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ।

## ୨.୬ ଅଧ୍ୟୟନ ଦଳ ଗଠନ

***ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର*** ର ନିର୍ଦ୍ଦେଶକ ଡକ୍ଟର ଚକ୍ରଧର ଶତପଥିଙ୍କ ନେତୃତ୍ୱରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଅଧ୍ୟୟନ କାର୍ଯ୍ୟ ସମ୍ପନ୍ନ କରିବାକୁ, ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇ ଏକ ପାଞ୍ଚଜଣ ସଦସ୍ୟ ବିଶିଷ୍ଟ ଏକ ଉତ୍ସର୍ଗୀକୃତ ଦଳ ଗଠନ କରାଯାଇଥିଲା । ଅଧ୍ୟୟନକାରୀ ଦଳ ରିପୋର୍ଟ ଲେଖିବା ଉଦ୍ଦେଶ୍ୟରେ ପୂର୍ବରୁ ପ୍ରସ୍ତୁତ ସାକ୍ଷାତକାର ଅନୁସୂଚୀ, ହିତାଧିକାରୀଙ୍କ ପରାମର୍ଶ, ଜନଗଣନା ପଦ୍ଧତିରେ ପ୍ରଭାବିତ ପରିବାରଗୁଡିକର ସର୍ଭେ, କେନ୍ଦ୍ରୀଭୂତ ଦଳଗତ ଆଲୋଚନା (FGD), ସାମାଜିକ ଏବଂ ସମ୍ବଳ ମାନଚିତ୍ର ପ୍ରସ୍ତୁତି, ସମଭାବାପନ୍ନ ସମ୍ପୃକ୍ତ ସରକାରୀ ବିଭାଗମାନଙ୍କରୁ ପରୋକ୍ଷ ତଥ୍ୟ ସଂଗ୍ରହ, ପରିବାର ସର୍ବେକ୍ଷଣ ଅନୁସୂଚୀ, ତଥ୍ୟ ଗୁଡିକର ସାରଣୀ ପ୍ରସ୍ତୁତ ଏବଂ ବିଶ୍ଳେଷଣ କରାଯାଇଥିଲା । କ୍ଷେତ୍ର ଅଧ୍ୟୟନ ଏବଂ ସାରଣୀ ପ୍ରସ୍ତୁତ ହେବା ପରେ, କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ଅଧ୍ୟୟନ ଦଳର ସଦସ୍ୟଙ୍କଠାରୁ ପ୍ରାପ୍ତ ସୂଚନାକୁ ବିଚାରକୁ ନେଇ ଦଳ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରସ୍ତୁତ କାର୍ଯ୍ୟ କରାଯାଇଥିଲା ।

### ୨.୬.୧ ଦଳର ସଭ୍ୟବୃନ୍ଦ

ସାମାଜିକ ପ୍ରଭାବ ଆକଳନ ଦଳର ଗଠନ ବିଷୟରେ ତଥ୍ୟ ନିମ୍ନ ସାରଣୀରେ ପ୍ରଦାନ କରାଗଲା।

**ସାରଣୀ : ୨.୧ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ପାର୍ଶ୍ବଚିତ୍ର**

| କ୍ର ସଂ | ନାମ | ପ୍ରକଳ୍ପରେ ପଦବୀ | ଶିକ୍ଷାଗତ ଯୋଗ୍ୟତା | କାର୍ଯ୍ୟକ୍ଷେତ୍ରରେ ଅଭିଜ୍ଞତା | ଦାୟିତ୍ଵ |
|---|---|---|---|---|---|
| ୧ | ଡକ୍ଟର ଚକ୍ରଧର ଶତପଥି | ନିର୍ଦ୍ଦେଶକ | ପି ଏଚ ଡି (ଆଇ ଏ ଆର୍ ଆଇ) କୃଷି ସମ୍ପ୍ରସାରଣ | ଗ୍ରାମାଞ୍ଚଳର ବିକାଶ ଉପରେ ୪୩ ବର୍ଷର ଅଭିଜ୍ଞତା, ସାମାଜିକ ଅନୁସନ୍ଧାନ, ରିପୋର୍ଟ ଲେଖିବା, ପ୍ରକଳ୍ପ ପ୍ରସ୍ତୁତି | ସାମଗ୍ରିକ ଦାୟିତ୍ଵ , ଅଧ୍ୟୟନ ଏବଂ ରିପୋର୍ଟର ଚୂଡ଼ାନ୍ତକରଣ ପାଇଁ ମାର୍ଗଦର୍ଶନ |
| ୨ | ଶ୍ରୀଯୁକ୍ତ ନିର୍ମଳ କୁମାର ରଥ | ଗବେଷଣା ବୈଜ୍ଞାନିକ | ଏମ୍ ଏସ୍ ସି , କୃଷି ସମ୍ପ୍ରସାରଣ | ଗ୍ରାମୀଣ ବିକାଶ, କୃଷି ସମ୍ପ୍ରସାରଣ କାର୍ଯ୍ୟ, ରିପୋର୍ଟ ଲେଖା ଏବଂ ପ୍ରକଳ୍ପ ପ୍ରସ୍ତୁତି ଉପରେ ୪୦ ବର୍ଷର ଅଭିଜ୍ଞତା | SIA ଅଧ୍ୟୟନର ସାମଗ୍ରିକ ପରିଚାଳନା, NCDS, ସରକାରୀ ବିଭାଗ ସହିତ ସମନ୍ୱୟ ରକ୍ଷା, ଜନ ଶୁଣାଣି ଆୟୋଜନ ପାଇଁ ଗ୍ରାମବାସୀ ମାନଙ୍କ ସହ ଯୋଗାଯୋଗ |
| ୩ | ଶ୍ରୀଯୁକ୍ତ ଜଗମୋହନ ଦେବତା | ଦଳ ମୁଖ୍ୟ | ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ ରୁରାଲ ଡେଭଲପମେଣ୍ଟ | ସରକାରୀ ସଂସ୍ଥା, ଏନଜିଓ ଏବଂ କର୍ପୋରେଟ୍ ସେକ୍ଟର ରେ ୨୫ ବର୍ଷର ଅଭିଜ୍ଞତା | ଗବେଷଣା , SIA ଅଧ୍ୟୟନ ଯୋଜନା , କାର୍ଯ୍ୟର ତଦାରଖ ଏବଂ ବିବରଣୀ ଲେଖା |
| ୪ | ଶ୍ରୀଯୁକ୍ତ ଦୀପକ କୁମାର ସାହୁ | ଗବେଷଣା ସହକାରୀ | ରୁରାଲ ଡେଭଲପମେଣ୍ଟ ରେ ସ୍ନାତକୋତ୍ତର, ରୁରାଲ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର | ଗ୍ରାମ ଉନ୍ନୟନ, ସାମାଜିକ ଗବେଷଣା , ଜୀବିକା ପ୍ରକ୍ରିୟା ବିଶ୍ଳେଷଣ କାର୍ଯ୍ୟରେ ୧୦ ବର୍ଷର ଅଭିଜ୍ଞତା | ଦଳଗତ ଆଲୋଚନା ରେ ସହଯୋଗିତା, ପି ଆର୍ ଏ କରଜ୍ୟକରମର ପରିଚାଳନା, ପରୋକ୍ଷ ତଥ୍ୟ ସଂଗ୍ରହ, ଏବଂ ପ୍ରଶ୍ନୋତ୍ତର ସୂଚୀର ବିଶ୍ଳେଷଣ |
| ୫ | ସୁଶ୍ରୀ ସସ୍ମିତା ପଣ୍ଡା | ଗବେଷଣା ସହକାରୀ | ଫାଇନାନ୍ସ ଆଣ୍ଡ କଣ୍ଟ୍ରୋଲରେ ସ୍ନାତକୋତ୍ତର, ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ ବ୍ୟାଙ୍କିଙ୍ଗ ଆଣ୍ଡଫାଇନାନ୍ସ | ଗ୍ରାମ ଉନ୍ନୟନ, ସାମାଜିକ ଗବେଷଣା , ଜୀବିକା ପ୍ରକ୍ରିୟା ବିଶ୍ଳେଷଣ କାର୍ଯ୍ୟରେ ୭ ବର୍ଷର ଅଭିଜ୍ଞତା | ପରିବାର ସର୍ବେକ୍ଷଣ , ସାରଣୀ ପ୍ରସ୍ତୁତି ଏବଂ ଯୋଜନା ପ୍ରସ୍ତୁତି |
| ୬ | ଶ୍ରୀଯୁକ୍ତ ଅଭୟ କୁମାର ତ୍ରିପାଠୀ | କ୍ଷେତ୍ର ଅନୁସନ୍ଧାନକାରୀ | କଳା ରେ ସ୍ନାତକ | ସାମାଜିକ ଅନୁସନ୍ଧାନ ଏବଂ ତଥ୍ୟ ସଂଗ୍ରହରେ ୨୦ ବର୍ଷର ଅଭିଜ୍ଞତା | ଘରୋଇ ସ୍ତରର ତଥ୍ୟ ସଂଗ୍ରହ, କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଏବଂ ପି ଆର୍ ଏ |
| ୭ | ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମି ସ୍ଵାଇଁ | କମ୍ପ୍ୟୁଟର ଅପରେଟର | ସ୍ନାତକ ଏବଂ କମ୍ପ୍ୟୁଟର ପ୍ରୟୋଗରେ ଡିପ୍ଲୋମା | ଡାଟା ଏଣ୍ଟ୍ରି ଏବଂ କମ୍ପ୍ୟୁଟର କାର୍ଯ୍ୟରେ ୧୫ ବର୍ଷର ଅଭିଜ୍ଞତା | ଡାଟା ଏଣ୍ଟ୍ରି ଏବଂ ଟ୍ୟାବୁଲେସନ୍ |

## ୨.୭ ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟପନ୍ଥା ଓ ପ୍ରଣାଳୀ :

ଅଧ୍ୟୟନର ଆବଶ୍ୟକତା ଅନୁଯାୟୀ ଯାଜପୁର ଜିଲ୍ଲାର ଯାଜପୁର ବ୍ଲକ/ତହସିଲ ଅନ୍ତର୍ଗତ ଯାଜପୁର ମୁନ୍ସିପାଲିଟି ଅନ୍ତର୍ଗତ ୟୁନିଟ ନମ୍ବର – ୭ ଶୀତଳେଶ୍ୱର ଗ୍ରାମ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକୁ ଏହି ଅଧ୍ୟୟନରେ ସାମିଲ କରାଯାଇଛି । ଅଧ୍ୟୟନର ଆବଶ୍ୟକତା ଅନୁଯାୟୀ ପରିମାଣାତ୍ମକ ଏବଂ ଗୁଣାତ୍ମକ ସଂଗ୍ରହ ଉଦ୍ଦେଶ୍ୟରେ ଗ୍ରାମର ସମସ୍ତ ପ୍ରଭାବିତ ପରିବାରକୁ ବିଚାରକୁ ନିଆଯାଇଥିଲା । ସମସ୍ତ ଲୋକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ସେଗୁଡିକ ହେଲା ପ୍ରତ୍ୟକ୍ଷ ପ୍ରଭାବିତ ପରିବାର ଓ ପରୋକ୍ଷ ପ୍ରଭାବିତ ପରିବାର ।

ଯାଜପୁର ଜିଲ୍ଲାରେ ଯାଜପୁର ତହସିଲର ଯାଜପୁର ମୁନ୍ସିପାଲିଟି ଅନ୍ତର୍ଗତ ଅନ୍ତର୍ଗତ ୟୁନିଟ ନମ୍ବର – ୭ ଶୀତଳେଶ୍ୱର ଗ୍ରାମ ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ କରିବା ନିମନ୍ତେ ଘରୋଇ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଆବଶ୍ୟକ ସାମାଜିକ ଆକଳନ ଅଧ୍ୟୟନ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଠାରୁ ପ୍ରସ୍ତାବ ଓ ଅଧ୍ୟୟନ ପ୍ରକ୍ରିୟାରେ କଣ କାର୍ଯ୍ୟ କରାଯିବ ତାହାର ସୂଚୀ ସହିତ କାର୍ଯ୍ୟ କରିବାର ସର୍ତ୍ତାବଳି (ToR) ପାଇବାପରେ ରାଜ୍ୟ ସାମାଜିକ ଆକଳନ ଅଧ୍ୟୟନର ମୁଖ୍ୟ ସଂସ୍ଥା "ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର" (NCDS) ଭୁବନେଶ୍ୱର, ସାମାଜିକ ଆକଳନ ଅଧ୍ୟୟନ କରିବା ନିମନ୍ତେ ***ଆମିଟି ହ୍ୟୁମାନିଟି ଫାଉଣ୍ଡେସନ*** କୁ ଦାୟିତ୍ୱ ପ୍ରଦାନ କଲେ । ପ୍ରଭାବିତ ଗ୍ରାମଗୁଡିକର ଜମି ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ପରେ ***ଆମିଟି ହ୍ୟୁମାନିଟି ଫାଉଣ୍ଡେସନ*** କ୍ଷେତ୍ର ଅନୁସନ୍ଧାନକାରୀ ଓ ସୁପରଭାଇଜରମାନଙ୍କୁ ନିଯୁକ୍ତି ପ୍ରଦାନକରି ଅଧ୍ୟୟନର ଉଦ୍ଦେଶ୍ୟ ଓ ତଥ୍ୟ ସଂଗ୍ରହର କୌଶଳ ସମ୍ବନ୍ଧରେ ତାଲିମ ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ । କ୍ଷେତ୍ର ଅନୁସନ୍ଧାନକାରୀମାନଙ୍କୁ ଖାତା ଓ ପ୍ଲଟ୍ ନମ୍ବରରେ ଉଲ୍ଲେଖ ମୁତାବକ ଜମି ମାଲିକମାନଙ୍କୁ ଚିହ୍ନଟକରିବା ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସୁପରଭାଇଜରମାନଙ୍କୁ ତଥ୍ୟ ସଂଗ୍ରହ କାର୍ଯ୍ୟ ତଦାରଖ ତଥା ଗ୍ରାମରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନା କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସହଭାଗୀ ଗ୍ରାମ୍ୟ ଅବଧାରଣା (ପି ଆର୍ ଏ) କୌଶଳ ମାଧ୍ୟମରେ ସାମାଜିକ ଓ ସମ୍ବଳ ମାନଚିତ୍ର ପ୍ରସ୍ତୁତ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟ ଦଳମୁଖ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା ।

ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ପୂର୍ବରୁ, ରାଜ୍ୟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଓଡିଶା ସରକାରଙ୍କ ରାଜ ସୂଚନାପତ୍ର (Odisha Government Gazette)ରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କ ବିଜ୍ଞପ୍ତି ନମ୍ବର ***ଆର୍ ଡି ଏମ୍ – ଏଲ୍ ଏ ଏ – ଯେ ଏ ଯେ – ୦୦୦୧ -୨୦୨୨- ୧୦୨୧୨ ଆର୍ ଡି ଏମ୍ ତା ୩୧ ମାର୍ଚ୍ଚ ୨୦୨୨*** ପ୍ରକାଶିତ ହୋଇଥିଲା । ପ୍ରକଳ୍ପ ଅଞ୍ଚଳକୁ ଚିହ୍ନଟ ତଥା ଯାଞ୍ଚ କରିବାପାଇଁ ***ଆମିଟି ହ୍ୟୁମାନିଟି ଫାଉଣ୍ଡେସନ*** ସଂସ୍ଥାର ଅଧ୍ୟୟନ ଦଳର ସଦସ୍ୟମାନେ ସଂଶ୍ଳିଷ୍ଟ ଅଧିକାରୀମାନଙ୍କ ସହ ପ୍ରକଳ୍ପ ଅଞ୍ଚଳ ଗସ୍ତ କରିଥିଲେ । ପ୍ରଭାବିତ ଅଞ୍ଚଳକୁ ଚିହ୍ନଟ କରିବା ପରେ ***ଆମିଟି ହ୍ୟୁମାନିଟି ଫାଉଣ୍ଡେସନ*** ଅନୁସନ୍ଧାନକାରୀ ଦଳର ସଦସ୍ୟମାନେ ବିଚାର ଆଲୋଚନା ନିମନ୍ତେ ଗ୍ରାମବାସୀମାନଙ୍କ ସମେତ ପ୍ରକଳ୍ପର ବିଭିନ୍ନ ଅଂଶୀଦାରମାନଙ୍କ ସହିତ ପ୍ରକଳ୍ପ ଅଞ୍ଚଳରେ ଅନେକ ଗୁଡିଏ ବୈଠକର

ଆୟୋଜନ କରିଥିଲେ ଏବଂ ପ୍ରକଳ୍ପ ସମ୍ବନ୍ଧରେ ଲୋକମାନଙ୍କ ଧାରଣା ସଚେତନତାର ସ୍ତର ଏବଂ ପ୍ରକଳ୍ପ ଅଞ୍ଚଳରେ ପଡିବାକୁ ଥିବା ପ୍ରଭାବ ବାବଦରେ ଆଲୋଚନା କରିଥିଲେ । ପ୍ରକଳ୍ପର ଅବସ୍ଥିତି ସମ୍ପର୍କିତ ସୂଚନା ଏବଂ ସର୍ବେକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ୨.୮ ଅନୁସନ୍ଧାନ ପଦ୍ଧତି/ ଉପକରଣ

ଏହି ଅନୁସନ୍ଧାନଟି ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ତଥ୍ୟ ଆଧାରରେ ଯଥା ପରିବାରର ସର୍ବେକ୍ଷଣ, ବାରମ୍ବାର କ୍ଷେତ୍ର ପରିଦର୍ଶନ ସହ ଦଳଗତ ଆଲୋଚନା, ସହଭାଗିତା ମାଧ୍ୟମରେ ସାମାଜିକ ମାନଚିତ୍ର ପ୍ରସ୍ତୁତ, ସହଭାଗି ଗ୍ରାମ୍ୟ ଅବଧାରଣା ପ୍ରଣାଳୀ ଅବଲମ୍ବନ ଏବଂ ମୁଖ୍ୟ ସୂଚନା ପ୍ରଦାନକାରୀମାନଙ୍କ ସହ ପୂର୍ବପ୍ରସ୍ତୁତ ସାକ୍ଷାତକାର ଫର୍ମପୂରଣ ସହ ଘରକୁ ଘର ବୁଲି ନିର୍ଦ୍ଧାରିତ ଫର୍ମରେ ତଥ୍ୟ ସଂଗ୍ରହ । ଅଧ୍ୟୟନ ପ୍ରଣାଳୀରେ ନିମ୍ନଲିଖିତ ଅନୁସନ୍ଧାନ ପଦ୍ଧତି ଅବଲମ୍ବନ କରାଯାଇଛି ।

### ୨.୮.୧ ପରୋକ୍ଷ ଭାବରେ ସଂଗୃହୀତ ତଥ୍ୟଗୁଡିକର ସମୀକ୍ଷା

ଅଧ୍ୟୟନର ଏକ ଅଙ୍ଗ ଭାବରେ, ପ୍ରକାଶିତ ଏବଂ ଅପ୍ରକାଶିତ ଅନେକ ଦସ୍ତାବିଜର ସମୀକ୍ଷା, ବିଭିନ୍ନ ଉନ୍ନୟନ ଯୋଜନା ଓ ମାନଚିତ୍ର, ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିସ୍ଥାପନ ଓ ପୁନର୍ବାସ ନୀତିନିୟମ, LARR Act-୨୦୧୩ ଏବଂ ଓଡିଶା ସରକାରଙ୍କ ଉପଯୁକ୍ତ କ୍ଷତିପୂରଣ ଓ ଜମି ଅଧିଗ୍ରହଣ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ ୨୦୧୬, ଏଥି ସମ୍ବନ୍ଧୀତ ପ୍ରକାଶିତ ଅନୁସନ୍ଧାନ ପ୍ରବନ୍ଧର ସମୀକ୍ଷା କରାଯାଇଥିଲା । ଯେଉଁ ଉତ୍ସରୁ ପରୋକ୍ଷ ତଥ୍ୟ ସଂଗ୍ରହ କରାଯାଇଛି ସେଗୁଡିକ ହେଲା (୧)ପ୍ରକଳ୍ପ ଏବଂ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳ ସମ୍ବନ୍ଧରେ ବିବରଣୀ (୨) ଜନଗଣନା ରିପୋର୍ଟ (୩) ଓଡିଶା ସରକାରଙ୍କ ଦଲିଲ। ପରୋକ୍ଷ ତଥ୍ୟ ଗୁଡିକ ଏକତ୍ର କରିବା ନିମନ୍ତେ ଜମିର ଅନୁସୂଚୀ, ପ୍ରଭାବିତ ପଡ଼ା ବା ଗ୍ରାମର ଜନସଂଖ୍ୟା, ପ୍ରକଳ୍ପ ଅଞ୍ଚଳର ମାନଚିତ୍ର ଓ ପ୍ରକଳ୍ପର ବିସ୍ତୃତ ବିବରଣୀ, ଅଧିନିୟମ ଓ ନିୟମର ଦଲିଲ ମାନଙ୍କୁ, ନୀତି ନିର୍ଦ୍ଦେଶିକା, ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା ଏବଂ ଅନ୍ୟାନ୍ୟ ବିବରଣୀ ଗୁଡିକୁ ଉତ୍ସ ଭାବରେ ଗ୍ରହଣ କରାଯାଇଛି।

### ୨.୮.୨ ସହଭାଗୀ ଗ୍ରାମୀଣ ମୂଲ୍ୟାୟନ (PRA)


ଗ୍ରାମବାସୀମାନଙ୍କ ସହ କେନ୍ଦ୍ରୀଭୂତ ଦଳଗତ ଆଲୋଚନା

ସହଭାଗୀ ଗ୍ରାମୀଣ ମୂଲ୍ୟାୟନ (PRA) କୌଶଳଗୁଡିକର ସମୂହ ଯାହା ଉତ୍ତରଦାତାମାନଙ୍କୁ, ଏହି ଅଧ୍ୟୟନରେ ପ୍ରଭାବିତ ଲୋକମାନଙ୍କୁ, କାର୍ଯ୍ୟକ୍ରମରେ ଭାଗ ନେବାପାଇଁ ଉତ୍ସାହିତ କରିବାକୁ ପ୍ରସ୍ତୁତ କରାଯାଇଛି । ଏହାର ଉଦ୍ଦେଶ୍ୟ,ରଚନାତ୍ମକ ଓ ପାରସ୍ପରିକ କୌଶଳ

ବ୍ୟବହାରକରି ଏହାର ମାଧ୍ୟମରେ ଭାଗନେଇଥିବା ବ୍ୟକ୍ତିମାନଙ୍କୁ ସାମାଜିକ ସ୍ୱରୂପ, ସମ୍ବଳ ବିନିଯୋଗ ପ୍ରଣାଳୀ, ମିଳୁଥିବା ଓ ବ୍ୟବହାର କରାଯାଇପାରୁଥିବା ବିଭିନ୍ନ ସାମାଜିକ ଢାଞ୍ଚା ଇତ୍ୟାଦି ସମ୍ବନ୍ଧରେ ଆବଶ୍ୟକୀୟ ତଥ୍ୟ ଓ ସୂଚନା ଦେବା ପାଇଁ ସକ୍ଷମ କରିପାରିବ । ସହଭାଗୀ ଗ୍ରାମୀଣ ମୂଲ୍ୟାୟନର (PRA) ଅନେକ ଗୁଡିଏ କୌଶଳ ମଧ୍ୟରୁ, ବିଶେଷ ଭାବରେ ସାମାଜିକ ମାନଚିତ୍ର ଏବଂ ସମ୍ବଳ ମାନଚିତ୍ର ଉପରେ ଧ୍ୟାନ ଦିଆଯାଇଥିଲା । PRA କାର୍ଯ୍ୟକ୍ରମରେ ବ୍ୟବହାର କରାଯାଉଥିବା ମାନଚିତ୍ର ପ୍ରସ୍ତୁତି କୌଶଳ ମୂଲ୍ୟାୟନକର୍ତ୍ତାଙ୍କୁ କେବଳ ଯେ, ଗ୍ରାମଗୋଷ୍ଠୀର ଭୌତିକ ଲକ୍ଷଣ ବାବଦରେ ସୂଚନା ପ୍ରଦାନ କରେ ତାହା ନୁହେଁ, ବରଂ ଏହା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ଅବସ୍ଥା ସମ୍ପର୍କରେ ଅଧିକ ଅବଗତ କରାଇବା ସହିତ ଭାଗନେଇଥିବା ବ୍ୟକ୍ତି ତାଙ୍କ ସମାଜକୁ କିପରି ଅନୁଭବ କରନ୍ତି ତାହାମଧ୍ୟ ସୂଚାଇଥାଏ । ସାଧାରଣତଃ ଏହି ମାନଚିତ୍ର କିଛି ଗ୍ରାମବାସୀଙ୍କ ଦ୍ୱାରା ବଡ଼ ଖଣ୍ଡେ କାଗଜରେ ଅଙ୍କନ କରାଯାଇଥିଲା । ଚୂଡାନ୍ତ ମାନଚିତ୍ର PRA କାର୍ଯ୍ୟକ୍ରମ କରୁଥିବା ଦଳର ସଦସ୍ୟମାନେ ଭବିଷ୍ୟତରେ ଉପସ୍ଥାପନ ନିମନ୍ତେ ଲିପିବଦ୍ଧକରି ନେଇଥିଲେ ।

ଏଥିସହିତ ଅନ୍ୟାନ୍ୟ କୌଶଳ ଯଥା ଭୌଗଳିକ ବିଶ୍ଳେଷଣ, ଐତିହାସିକ ବିଶ୍ଳେଷଣ, ଶସ୍ୟ ଉତ୍ପାଦନର ଋତୁଚକ୍ର, ବିଭିନ୍ନ କାର୍ଯ୍ୟର ଋତୁଚକ୍ର ଇତ୍ୟାଦି ମଧ୍ୟ କରାଯାଇଥିଲା ।

### ୨.୮.୩ କେନ୍ଦ୍ରୀଭୂତ ଦଳଗତ ଆଲୋଚନା (FGDs)

ଗୋଟିଏ କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ, ସମାନ ପୃଷ୍ଠଭୂମି ବା ଅଭିଜ୍ଞତାର ଲୋକମାନେ ଗୋଟିଏ ଜାଗାରେ ଏକାଠି ହୋଇ ଅନୁସନ୍ଧାନକାରୀମାନଙ୍କ ସ୍ୱାର୍ଥ ସମ୍ବନ୍ଧୀୟ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା କରନ୍ତି । କେନ୍ଦ୍ରୀଭୂତ ଦଳଗତ ଆଲୋଚନାର ଉଦ୍ଦେଶ୍ୟ, ସ୍ୱାର୍ଥ ସମ୍ବନ୍ଧୀୟ ବିଷୟ ଉପରେ ଲୋକମାନଙ୍କ ମତାମତ/ବିଚାରର ଗୋଟିଏ ଶୃଙ୍ଖଳ ଅନ୍ୱେଷଣ କରିବା, ଏହି ଘଟଣାରେ, ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଜମି ଅଧିଗ୍ରହଣ ଏବଂ ସର୍ବେକ୍ଷଣରୁ ମିଳିଥିବା ଅଧିକ ଆବଶ୍ୟକୀୟ ତଥ୍ୟକୁ ଯୋଡିବା ।

ଏହି ଅଧ୍ୟୟନରେ ଗ୍ରାମବାସୀମାନଙ୍କ ଜୀବନ ଓ ଜୀବିକା ସମ୍ବନ୍ଧୀତ ବିଭିନ୍ନ ଦିଗ ତଥା ଜିବନଧାରଣ ମାନର ଉନ୍ନତି ପାଇଁ ସେମାନଙ୍କ ସମୂହ ମତାମତ ଓ ସୁପାରିଶ ଜାଣିବାକୁ ସହଭାଗୀ ଗ୍ରାମୀଣ ମୂଲ୍ୟାୟନ ବ୍ୟତୀତ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଗ୍ରାମବାସୀମାନଙ୍କ ସହ ବିଶେଷତଃ ପ୍ରଭାବିତ ପରିବାରଗୁଡିକ ସହ କରାଯାଇଥିଲା । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସଞ୍ଚାଳନରେ ସହାୟତା ଦେବା ପାଇଁ ବିଭିନ୍ନ ସମସ୍ୟାଗୁଡିକର ଗୋଟିଏ ଚିହ୍ନସୂଚୀ ପ୍ରସ୍ତୁତ କରାଯାଇଥିଲା , ଯେଉଁଗୁଡିକ ନିମ୍ନରେ ଦିଆଯାଇଛି :

- ପ୍ରଭାବିତ ପରିବାରଗୁଡିକୁ ବିଭିନ୍ନ ସାମାଜିକ ବର୍ଗ ଅନୁଯାୟୀ ଚିହ୍ନଟକରି ବର୍ଗୀକରଣ
- ନିଯୁକ୍ତି ଓ ଜୀବିକାର ମୁଖ୍ୟ ସ୍ରୋତ
- କୃଷିର ସ୍ଥିତି
- ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଇତ୍ୟାଦିର ସ୍ଥିତି

- ଢାଞ୍ଚାଗତ ସୁବିଧା ସୁଯୋଗ ଯଥା ଗମନା ଗମନ, ବିଦ୍ୟୁତ ଏବଂ ଅନ୍ୟାନ୍ୟ ସାର୍ବଜନିକ ଉପଯୋଗିତା
- ଅଭିଯୋଗ ଶୁଣିବାପାଇଁ କୌଣସି ବ୍ୟବସ୍ଥା
- ଗ୍ରାମର ସମସ୍ୟା ସମାଧାନ କରିବା ପାଇଁ ଯଦି କୌଣସି କୌଶଳ ବା ଉପାୟ ଥାଏ
- ଆଶା, ମତାମତ ଇତ୍ୟାଦି

କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସଞ୍ଚାଳନ ସମୟରେ ଯେଉଁ ମତାମତ ଓ ପ୍ରସ୍ତାବଗୁଡିକ ବାହାରିଲା ତାହା ଅଧ୍ୟୟନର ନିଷ୍କର୍ଷକୁ ତଥ୍ୟ ସିଦ୍ଧ କରିବା ନିମନ୍ତେ ଯେଉଁଠାରେ ଆବଶ୍ୟକ ସେଠାରେ ବ୍ୟବହାର କରାଯାଇଛି ।

**୨.୮.୪ ଗ୍ରାମରେ ସଭା**

ଗ୍ରାମରେ ସଭା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାମବାସୀମାନଙ୍କ ସହିତ ତୁରନ୍ତ ସମ୍ବନ୍ଧ ସ୍ଥାପନ କରିବା, ସେମାନଙ୍କୁ ଗ୍ରାମରେ ହେବାକୁ ଯାଉଥିବା ସାମାଜିକ- ଅର୍ଥନୈତିକ ସର୍ବେକ୍ଷଣର ଉଦ୍ଦେଶ୍ୟ ବୁଝାଇବା, ଗ୍ରାମର ବିଭିନ୍ନ ଅବସ୍ଥା ଉପରେ ବିହଙ୍ଗାବଲୋକନ କରିବା ଏବଂ ଗ୍ରାମବାସୀମାନଙ୍କ ଠାରୁ ସେମାନଙ୍କ ଜୀବନ ସମ୍ବନ୍ଧୀତ ବିଷୟରେ ନୁହେଁ ବରଂ ପ୍ରକଳ୍ପ ନିମନ୍ତେ ସେମାନଙ୍କ ଜମି ଅଧିଗ୍ରହଣ ସମ୍ବନ୍ଧରେ ସମସ୍ୟା, ଆବଶ୍ୟକତା, ମତାମତ, ବିଚାର ଏବଂ ପ୍ରସ୍ତାବ ଜାଣିବା । ଗ୍ରାମରେ ଆୟୋଜନ କରାଯାଇଥିବା ପ୍ରାରମ୍ଭିକ ସଭାରେ କେବଳ ନୁହେଁ ବରଂ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଏବଂ ସହଭାଗୀ ଗ୍ରାମୀଣ ମୂଲ୍ୟାୟନ (PRA) କୌଶଳଗୁଡିକ ମାଧ୍ୟମରେ ମଧ୍ୟ ପ୍ରତ୍ୟେକ ପ୍ରଭାବିତ ଗ୍ରାମର ପାର୍ଶ୍ୱଚିତ୍ର ସଂଗ୍ରହ କରାଯାଇଛି ।



ପ୍ରତ୍ୟେକ ପ୍ରଭାବିତ ଗ୍ରାମରେ ବୈଠକର ଆୟୋଜନକରି, ପ୍ରଭାବିତ ଗ୍ରାମର ସମ୍ପୂର୍ଣ୍ଣ ପାର୍ଶ୍ୱଚିତ୍ର ଗୋଟିଏ ପୂର୍ବ ପରିକ୍ଷୀତ ଓ ଉତ୍ତମ ଭାବରେ ପ୍ରସ୍ତୁତ ପ୍ରଶ୍ନାବଳୀ ଅନୁସୂଚୀ ସାହାଯ୍ୟରେ ସଂଗ୍ରହ କରାଯାଇଛି । ନିମ୍ନଲିଖିତ ବିଷୟଗୁଡିକ ଗ୍ରାମର ପାର୍ଶ୍ୱଚିତ୍ରରେ ଅନ୍ତର୍ଗତ ହୋଇଅଛି ।

- ସୁବିଧା ସୁଯୋଗ ଓ ଅନୁଷ୍ଠାନ ସମ୍ବନ୍ଧରେ ଗ୍ରାମର ପୃଷ୍ଠଭୂମି ତଥ୍ୟ ।
- ଗ୍ରାମର ପ୍ରତିଷ୍ଠା କିମ୍ବା ଐତିହାସିକ ବିଶ୍ଳେଷଣ
- ଜନସାଂଖ୍ୟିକ ପାର୍ଶ୍ୱଚିତ୍ର
- ବ୍ୟବସାୟୀକ ସ୍ଥିତି
- ଗ୍ରାମରେ ସମ୍ବଳର ପ୍ରାପ୍ତି ଯଥା:
    - ପାନୀୟ ଜଳ
    - ଜଳସେଚନ

  - ଭୂମି ଏବଂ ଅନ୍ୟାନ୍ୟ ପ୍ରାକୃତିକ ସମ୍ବଳ
- ସାମାଜିକ – ସାଂସ୍କୃତିକ ଅନୁଷ୍ଠାନ
- ଗ୍ରାମରେ ହାତକୁ ନିଆଯାଇଥିବା କୌଣସି ଉନ୍ନୟନମୂଳକ କାର୍ଯ୍ୟ :
  - ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା
  - ଯେଉଁ ପ୍ରକଳ୍ପ ନିମନ୍ତେ ଗ୍ରାମ ପ୍ରଭାବିତ ହେଉଛି ସେହି ପ୍ରକଳ୍ପର ଅଧିକାରୀଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟ
  - ବେସରକାରୀ ଅନୁଷ୍ଠାନ ଦ୍ୱାରା
  - ଲୋକଙ୍କ ନିଜ ଉଦ୍ୟମରେ
- ବିଭିନ୍ନ ସୁବିଧା ସୁଯୋଗ ଏବଂ ସହାୟକ ସେବା ସମ୍ବନ୍ଧରେ ଲୋକମାନଙ୍କ ମତାମତ ଅନୁସାରେ :
  - ସୁବିଧା ଯାହା ସେମାନେ ପାଇଛନ୍ତି
  - ସମସ୍ୟା ଯାହା ସେମାନେ ସମ୍ମୁଖୀନ ହୋଇଛନ୍ତି
  - ବିଭିନ୍ନ ସୁବିଧା ସୁଯୋଗ ଏବଂ ସହାୟକ ସେବାର ଉନ୍ନତି ସମ୍ବନ୍ଧରେ ଲୋକମାନଙ୍କ ମତାମତ
- ଗ୍ରାମବାସୀଙ୍କର ନିଜ ଅବସ୍ଥାର ଉନ୍ନତି ପାଇଁ କିଛି ନିର୍ଦ୍ଦିଷ୍ଟ ସହାୟତାର ଆବଶ୍ୟକତା

ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରେ କରାଯାଇଥିବା ସଭାରୁ ଉପର ବର୍ଣ୍ଣିତ ତଥ୍ୟଗୁଡିକ ସଂଗ୍ରହ କରାଯାଇଥିଲା ।

### ୨.୮.୫ ପ୍ରଭାବିତ ହେଉଥିବା ଏବଂ ପ୍ରଭାବିତ ହେଉନଥିବା ପରିବାର ସହ ବ୍ୟକ୍ତିଗତ ସାକ୍ଷାତକାର



ସମସ୍ତ ପ୍ରଭାବିତ ପରିବାର ଏବଂ ପ୍ରଭାବିତ ହେଉନଥିବା କିଛି ପରିବାରର ରୋଜଗାର ଓ ଖର୍ଚ୍ଚ ବିବରଣୀ ସହିତ ସମାଜିକ ଅର୍ଥନୈତିକ ଅବସ୍ଥା, ଜମି ମାଲିକାନାସ୍ୱତ୍ୱ ପ୍ରଣାଳୀ, ଅଧିଗ୍ରହଣ କରାଯାଉଥିବା ଜମିର ସମସ୍ତ ପ୍ରକାର ବିବରଣୀ, ଲୋକମାନଙ୍କ କ୍ଷତିପୂରଣ (ଜମି କିମ୍ବା ଟଙ୍କା) ପାଇବା ଆଶା, ସାମାଜିକ ଓ ଅର୍ଥନୈତିକ ଉପକାର ଏବଂ ପରିଣାମ ଆଦିର ସର୍ବେକ୍ଷଣ ପୂର୍ବ ପରିକ୍ଷୀତ ପ୍ରଶ୍ନାବଳୀ ଦ୍ୱାରା କରାଯାଇଥିଲା । ସର୍ବେକ୍ଷଣ ନିମନ୍ତେ ପ୍ରଶ୍ନାବଳୀ କୁ ଅନ୍ତିମ ରୂପ ଦେବା ପୂର୍ବରୁ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ପ୍ରଶ୍ନାବଳୀ ଗୁଡିକର ଅଧିକାଂଶ ଭାଗ ସାଙ୍କେତିକ ଉତ୍ତରଯୁକ୍ତ ହୋଇଥିବାବେଳେ ଯେଉଁ ପ୍ରଶ୍ନଗୁଡିକ ରାୟ ବା ମତାମତ ସମ୍ବନ୍ଧୀୟ ସେଗୁଡିକୁ ଖୋଲା ଛଡା ଯାଇଥିଲା । (ପ୍ରଶ୍ନାବଳୀ ର ନକଲ ସଂଲଗ୍ନ ପତ୍ର ଉଲ୍ଲେଖ କରାଯାଇଛି) । ପ୍ରଶ୍ନାବଳୀ ଉପରେ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପ୍ରଭାବିତ ପରିବାର ଗୁଡିକୁ କୌଣସି ନିର୍ଦ୍ଦିଷ୍ଟ ଡାଙ୍ଗା ବା ସ୍ଥାନ ଉପରେ ଥିବା ସେମାନଙ୍କ ଅଧିକାର ସମ୍ପର୍କିତ କାଗଜପତ୍ରର ଏକକିତା ନକଲ ଦେବାକୁ କୁହା ଯାଇଥିଲା । ତେଣୁ ବିଭିନ୍ନ ନଥିପତ୍ର ଯଥା ରାସନ୍ କାର୍ଡ଼, ଜମି

ଅଧିକାର ପତ୍ର, ଭୋଟ ପରିଚୟ ପତ୍ର ଆଦି ଯାଞ୍ଚ କରାଯାଇଥିଲା । ସର୍ବେକ୍ଷଣର ଏକ ଅଂଶ ଭାବରେ ଅଧ୍ୟୟନ ଦଳର ସଭ୍ୟମାନେ ସ୍ଥାନୀୟ ସମର୍ଥକଙ୍କ ସମେତ ପଞ୍ଚାୟତରାଜ ଅନୁଷ୍ଠାନର ସଦସ୍ୟ ଜମି ହରାଉଥିବା ବ୍ୟକ୍ତି, ଜୀବିକା ହରାଉଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ତଥା ପ୍ରାଥମିକ ତଥ୍ୟ ଗୁଡିକର ସତ୍ୟାସତ୍ୟ ଯାଞ୍ଚ କରିବା ପାଇଁ, ବ୍ୟାପକ ଭାବରେ ବିଚାର ବିମର୍ଷ କରାଯାଇଥିଲା। ଏତଦବ୍ୟତୀତ, ସରକାରୀ ଅଧିକାରୀ ମାନଙ୍କ ସହ ମଧ୍ୟ ସେମାନଙ୍କ ମତାମତ ଜାଣିବା ପାଇଁ ବିଚାର ବିମର୍ଶ କରାଯାଇଥିଲା । ମୁଖ୍ୟ ଲୋକ ପ୍ରତିନିଧି ଏବଂ ସରକାରୀ ଅଧିକାରୀ ଯେଉଁମାନଙ୍କ ସହ ପ୍ରତ୍ୟହ ପରାମର୍ଶ କରାଯାଉଥିଲା ସେମାନଙ୍କ ସମ୍ପୂର୍ଣ୍ଣ ଯୋଗାଯୋଗ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :-

| କ୍ର ସଂ | ପଦବୀ |
|---|---|
| ୧ | ଜିଲ୍ଲାପାଳ, ଯାଜପୁର |
| ୨ | ଉପ-ଜିଲ୍ଲାପାଳ, ଯାଜପୁର |
| ୩ | ତହସିଲଦାର, ଧର୍ମଶାଳା |
| ୪ | ଜମି ଅଧିଗ୍ରହଣ ଅଧିକାରୀ, ଯାଜପୁର |
| ୫ | ଜମି ଅଧିଗ୍ରହଣ ଇନସ୍ପେକଟର, ଯାଜପୁର |
| ୬ | ଏସ୍ ଡି ଓ |
| ୭ | ସହକାରୀ ଯନ୍ତ୍ରୀ |

### ୨.୮.୬ ନମୁନାର ଢାଞ୍ଚା

ଜମି ଆବଶ୍ୟକ କରୁଥିବା ସଂସ୍ଥା ପ୍ରଦାନ କରିଥିବେ ଆର୍ ଓ ଆର୍ ଅନୁଯାୟୀ ୪୩ ଟି ଆର୍ ଓ ଆର୍ ଧାରକ ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବାକୁ ଯାଉଛନ୍ତି କିନ୍ତୁ ଆର୍ ଓ ଆର୍ ଧାରକମାନଙ୍କ ସହିତ ବଂଶାବଳି ବିଶ୍ଳେଷଣ ସମୟରେ ଏହା ଜଣାପଡିଲା ଯେ ସମ୍ପ୍ରସାରିତ ପରିବାର ସହିତ ମୋଟ ୫୩ ଟି ପରିବାର ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଯାଉଛି । ସର୍ବେକ୍ଷଣ ସମୟରେ ୪ ଟି ପରିବାର ସର୍ଭେ ପ୍ରକ୍ରିୟାରେ ସହଯୋଗ କରୁନଥିବାରୁ ସେମାନଙ୍କର ସର୍ଭେ କରାଯାଇପାରିନଥିଲା । ଶେଷରେ, ଏହି ଉଦ୍ଦେଶ୍ୟରେ ସମୁଦାୟ ୪୯ ଟି ପ୍ରଭାବିତ ପରିବାରର ସର୍ଭେ କରାଯାଇପାରିଲା ଏବଂ ପ୍ରସ୍ତାବିତ ପ୍ରକଳ୍ପର ତୁଳନାତ୍ମକ ପ୍ରଭାବ ଆକଳନ କରିବାକୁ, ଗ୍ରାମର ୧୧ ଟି ଅଣ ପ୍ରଭାବିତ ପରିବାର କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା | ହାରାହାରି ଏବଂ ଶତକଡା ପରି ସରଳ ଏବଂ ପ୍ରାସଙ୍ଗିକ ପରିସଂଖ୍ୟାନ ପ୍ରଣାଳୀ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ କରାଯାଇଥିଲା ।

**ସାରଣୀ ୨.୨- ସର୍ବେକ୍ଷଣ କରାଯାଇଥିବା ପରିବାର**

| କ୍ର ସଂ | ୟୁନିଟ୍ / ୱାର୍ଡ / ଗ୍ରାମ | ଆର୍ ଓ ଆର୍ ତାଲିକା ରେ ଥିବା ପରିବାର ସଂଖ୍ୟା | ପରିବର୍ଦ୍ଧିତ ପରିବାର ସଂଖ୍ୟା | ସର୍ଭେ ହେବାକୁ ଥିବା ମୋଟ ପରିବାର ସଂଖ୍ୟା | ସର୍ଭେ ରେ ସହଯୋଗ କଲେ ନାହିଁ | ସର୍ଭେ କରାଯାଇଥିବା ପ୍ରଭାବିତ ପରିବାର ସଂଖ୍ୟା |
|---|---|---|---|---|---|---|
| ୧ | ୟୁନିଟ ନମ୍ବର – ୭ ଶୀତଳେଶ୍ୱର ଗ୍ରାମ | ୪୩ | ୧୧ | ୫୪ | ୫ | ୪୯ |
| | **ମୋଟ** | ୪୩ | ୧୧ | ୫୪ | ୫ | |

ଯେତେବେଳେ ଲୋକମାନଙ୍କ ପ୍ରକୃତ ଜୀବିକା ପ୍ରଭାବିତ ହୁଏ, ସେତେବେଳେ ସାମାଜିକ ପ୍ରଭାବ ଆକଳନ ଏବଂ ପୁନର୍ବାସ କାର୍ଯ୍ୟ ଯୋଜନାର ଆବଶ୍ୟକ ହୁଏ । ପୁନର୍ବାସ କାର୍ଯ୍ୟର ଯୋଜନା ନିଶ୍ଚିତ କରିବା ଦରକାର ଯେ, ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରଙ୍କ ଜୀବିକା ପ୍ରକଳ୍ପ ଆରମ୍ଭ ପୂର୍ବରୁ ଯେପରି ସ୍ଥିତିରେ ଥିଲା ସେପରିସ୍ଥିତିକୁ ଯେପରି ଫେରି ଆସିପାରିବ । ଗୋଟିଏ ପ୍ରଭାବୀ ସାମାଜିକ ପ୍ରଭାବ ଆକଳନ ଏବଂ ପୁନର୍ବାସ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ସମୟରେ ନିମ୍ନଲିଖିତ ପଦକ୍ଷେପ ଗୁଡିକୁ ପାଳନ କରିବା ଆବଶ୍ୟକ ।

- ପ୍ରକଳ୍ପର ସାମାଜିକ-ଅର୍ଥନୈତିକ ପ୍ରଭାବ ଗୁଡିକର ଚିହ୍ନଟ,
- ସାଧାରଣ ଲୋକମାନଙ୍କ ସହ ବିଚାର ବିମର୍ଶ,
- ଭୂମି ଅଧିଗ୍ରହଣ ଓ କ୍ଷତିପୂରଣ  ଆଇନ ପ୍ରକ୍ରିୟା,
- ପ୍ରାପ୍ୟ ସମ୍ପର୍କିତ ନୀତି ନିୟମ ଓ ଛାଞ୍ଚ,
- ଆନୁଷ୍ଠାନିକ ଦାୟିତ୍ୱ ,

ସାମାଜିକ ପ୍ରଭାବ ଆକଳନ ଯେଉଁଥିରେ କି ପୁନର୍ବାସ କାର୍ଯ୍ୟ ଯୋଜନା ସଂଶ୍ଳିଷ୍ଟ ତାହା ଓଡିଶା ସରକାରଙ୍କ ଉପଯୁକ୍ତ କ୍ଷତିପୂରଣ  ଓ ଜମି ଅଧିଗ୍ରହଣ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ ୨୦୧୩ (ରୁଲ୍ – ୨୦୧୬), (Right to Fair Compensation and Transparency in Land Acquisition, Rehabilitation and Resettlement (RTFCTLARR) Act ୨୦୧୩ (Rule ୨୦୧୬)) ଅନୁଯାୟୀ ପ୍ରସ୍ତୁତ କରାଯାଇଛି ।

**୨.୮.୭ କ୍ଷେତ୍ର ପରିଦର୍ଶନ**

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ମୁଖ୍ୟଙ୍କ ସହିତ ଗବେଷଣା ପର୍ଯ୍ୟବେକ୍ଷକ ସମସ୍ତ ପ୍ରଭାବିତ ଅଞ୍ଚଳ ଗସ୍ତ କରି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳର ଭୌଗୋଳିକ ଅବସ୍ଥା, ପ୍ରାକୃତିକ ବୈଶିଷ୍ଟ୍ୟ ଭିତ୍ତିଭୂମି, ପ୍ରବାବିତ ପରିବାର ଏବଂ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନ ଉପରେ ସଠିକ ଜ୍ଞାନ ଆହରଣ ପାଇଁ ଉଦ୍ୟମ କରିଥିଲେ। ଏହି ଦଳ ସମସ୍ତ ସଂଶ୍ଳିଷ୍ଟ ଜିଲ୍ଲା ସ୍ତରୀୟ, ସବ୍ ଡିଭିଜନ ସ୍ତରୀୟ ଓ ତହସିଲ ସ୍ତରୀୟ ଅଧିକାରୀ ବୃନ୍ଦଙ୍କୁ ସାକ୍ଷାତକରି ମତାମତ ସଂଗ୍ରହ କରିଥିଲେ। ସାମାଜିକ ପ୍ରଭାବ ଆକଳନ ଦଳ ଦ୍ୱାରା ଅଞ୍ଚଳର କ୍ଷେତ୍ର ଅଧ୍ୟୟନ, କେନ୍ଦ୍ରିଭୁତ ଦଳଗତ ଆଲୋଚନା, ସହଭାଗୀ ଗ୍ରାମୀଣ ଅବଧାରଣା ପଦ୍ଧତି ଅବଲମ୍ବନ କରାଯାଇଥିଲା।ଏହି ଅଧ୍ୟୟନ ଦଳ ବିଭିନ୍ନ ହିତାଧିକାରୀମାନଙ୍କ ସହ ବିଚାର ବିମର୍ଶ କରିଥିଲା ଏବଂ ଏଥି ନିମନ୍ତେ ଅନେକ ଗୁଡିଏ ବୈଠକର ଆୟୋଜନ କରାଯାଇଥିଲା।

ମୋଟାମୋଟି କହିବାକୁ ଗଲେ, ଏହି ଅଧ୍ୟୟନଟି ୬ ଟି ତଥ୍ୟ ଉପରେ ଆଧାରିତ। ସେଗୁଡିକ ହେଲା; (୧) ପ୍ରକଳ୍ପ ନିର୍ମାଣ ପୂର୍ବରୁ ପରିବାରର ଏବଂ ଗୋଷ୍ଠୀର ରହିଥିବା ସାମାଜିକ ତଥା ଅର୍ଥନୈତିକ ଅବସ୍ଥା (୨) ସାମ୍ଭାବ୍ୟ ସାମାଜିକ-ଅର୍ଥନୈତିକ ପ୍ରଭାବ, ତାହାର ଗୁରୁତ୍ୱ, ଆବଣ୍ଟନ ଏବଂ ସମୟ ନିର୍ଘଣ୍ଟ ବିଷୟରେ ସୂଚନା (୩) ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ଦ୍ୱାରା ପ୍ରଭାବିତ ହେଉଥିବା ଗୋଷ୍ଠୀଙ୍କ ସମ୍ପର୍କରେ ସୂଚନା ଦେଇଥାଏ (୪)

ପ୍ରଭାବିତ ଲୋକମାନଙ୍କର ପ୍ରକଳ୍ପ ଜନିତ ଲାଭ ଓ କ୍ଷୟକ୍ଷତିର ଉପଲବ୍ଧି ଉପରେ ଥିବା ଚିନ୍ତାଧାରା (୫) ପ୍ରକଳ୍ପ ଦ୍ୱାରା ପଡିବାକୁ ଥିବା ପ୍ରତିକୂଳ ପ୍ରଭାବ ଓ ସେସବୁକୁ କିପରି ହ୍ରାସ କରା ଯାଇପାରିବ ବା ଦୂର କରାଯାଇ ପାରିବ ସେ ବିଷୟରେ ଅବଗତି ଏବଂ (୬) ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ନିମନ୍ତେ ଆନୁଷ୍ଠାନିକ କ୍ଷମତା, କାର୍ଯ୍ୟ ଯୋଜନାକୁ ଆଗେଇ ନେବାରେ ପ୍ରସ୍ତୁତି ଏବଂ ସଂଶୋଧନ ପଦକ୍ଷେପ ସମ୍ବନ୍ଧରେ ସୂଚନା ପ୍ରଦାନ।

### ୨.୮.୮ ବିଶ୍ଳେଷଣ ନିମନ୍ତେ ଆବଶ୍ୟକୀୟ ସାଧନ ଏବଂ ବିଚାର ବିମର୍ଶ ପ୍ରକ୍ରିୟା



ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ୪ ପ୍ରକାର କୌଶଳ ବା ସାଧନ ବ୍ୟବହାର କରାଯାଇଛି। ସେଗୁଡିକ ହେଲା ପରିବାର ସାକ୍ଷାତକାର ଅନୁସୂଚୀ, ଗ୍ରାମ ପାର୍ଶ୍ୱଚିତ୍ର ସମ୍ପର୍କିତ ସୂଚୀ, କେନ୍ଦ୍ରିଭୁତ ଦଳଗତ ଆଲୋଚନା ସୂଚୀ, ସାମାଜିକ ଓ ସମ୍ବଳ ମାନଚିତ୍ର। ପ୍ରକଳ୍ପର ଉଦ୍ଦେଶ୍ୟ ଏବଂ ଉପଯୁକ୍ତ ଆଇନ କାନୁନକୁ ଦୃଷ୍ଟିରେ ରଖି ପ୍ରଭାବିତ ହେଉଥିବା ପରିବାର ଏବଂ ପ୍ରଭାବିତ ହେଉନଥିବା ପରିବାର ଏବଂ ଗ୍ରାମ



ନିମନ୍ତେ ଗୋଟିଏ କରି ଏହିପରି ଦୁଇ ପ୍ରକାରର ଅନୁସୂଚୀ ପ୍ରସ୍ତୁତ କରାଯାଇଥିଲା। ତାହା ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟକୁ ମଞ୍ଜୁରି ନିମନ୍ତେ ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ୪୯ ଟି ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ଓ ୧୧ ଟି ପରୋକ୍ଷ ବା ଅଣ-ପ୍ରଭାବିତ ପରିବାର ଯେଉଁମାନଙ୍କର କି ପରୋକ୍ଷ ଭାବରେ ପ୍ରଭାବିତ ହେବାର ସମ୍ଭାବନା ଅଛି ସେମାନଙ୍କର ଜନସଂଖ୍ୟାକୁ ସର୍ବେକ୍ଷଣ ପଦ୍ଧତିରେ ସର୍ବେକ୍ଷଣ କରାଯାଇଥିଲା । ଆବଶ୍ୟକିୟ ତଥ୍ୟ ସଂଗ୍ରହ ନିମନ୍ତେ ସାମାଜିକ ମାନଚିତ୍ର, ସମ୍ବଳ ମାନଚିତ୍ର, କେନ୍ଦ୍ରୀଭୁତ ଦଳଗତ ଆଲୋଚନା, ମୁଖ୍ୟ ସୁଚନାଦାତାମାନଙ୍କ ସହ ସାକ୍ଷାତକାର ଏବଂ ସଂପୃକ୍ତ ଅଧିକାରୀମାନଙ୍କ ସହ ସାକ୍ଷାତକାର ଆଦି ପଦକ୍ଷେପ ନିଆଯାଇଥିଲା।

### ୨.୮.୯ ଜନଗଣନା ପଦ୍ଧତି ବ୍ୟବହାର କରି ସର୍ବେକ୍ଷଣ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ପୂର୍ବରୁ ପରୀକ୍ଷା କରାଯାଇଥିବା ସାକ୍ଷାତକାର ସୂଚୀ ମାଧ୍ୟମରେ ହିତାଧିକାରୀମାନଙ୍କର ସାକ୍ଷାତକାର ନେଇଥିଲେ । ଏହି ପ୍ରଶ୍ନାବଳୀରେ ପରିବାରର ବିସ୍ତୃତ ବିବରଣୀ, ଜୀବିକା

ନିର୍ବାହ ପନ୍ଥା, ବିଭିନ୍ନ ଉତ୍ସରୁ ମିଳୁଥିବା ଆୟ, ବିଭିନ୍ନ ଦିଗରେ ହେଉଥିବା ଖର୍ଚ୍ଚ, ପରିବାରର ସମ୍ପତ୍ତି, କର୍ମନିଯୁକ୍ତି ଓ କ୍ଷତିପୂରଣ ଉପରେ ସେମାନଙ୍କର ମତାମତ ଏବଂ ପୁନର୍ବାସ ଓ ଥଇଥାନ ତଥା ବିଭିନ୍ନ ସାମାଜିକ ଅର୍ଥନୈତିକ ଚିତ୍ର ସମ୍ବନ୍ଧରେ ଅନେକ ପ୍ରଶ୍ନ ରହିଥିଲା । ପ୍ରଭାବିତ ପରିବାର ଏବଂ ଅଣପ୍ରଭାବିତ ପରିବାରରୁ ଯଦୃଚ୍ଛା ବା ମନମୁତାବକ ନମୁନା ଆକାରରେ ସଂଗ୍ରହ କରାଯାଇଥିବା ପରିବାରର ଉତ୍ତରଦାତାମାନେ ତଥ୍ୟ ସଂଗ୍ରହକାରୀ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ । ପାରିବାରିକ ମାମଲାରେ ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କ ଭୂମିକା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ପ୍ରଭାବିତ ପରିବାର ଏବଂ ଅଣପ୍ରଭାବିତ ପରିବାରର ସଦସ୍ୟମାନଙ୍କ ଠାରୁ ଦଳ ସମ୍ପୂର୍ଣ୍ଣ ସହଯୋଗ ପାଇଥିଲେ। ପରିବାର ସ୍ତରୀୟ ତଥ୍ୟ ସଂଗ୍ରହ ବେଳେ କେବଳ ପ୍ରଶ୍ନପତ୍ରରେ ଥିବା ପ୍ରଶ୍ନ ବ୍ୟବହାର ହୋଇନଥିଲା । ପ୍ରଭାବିତ ଉତ୍ତରଦାତାମାନଙ୍କ ପ୍ରଶ୍ନ ଉପରେ ସେମାନଙ୍କ ବିଶ୍ୱାସ ହାସଲ କରିବା ତଥା ସେମାନଙ୍କ ସମର୍ଥନ ସହ ଆବଶ୍ୟକ ତଥ୍ୟ ହାସଲ କରିବା ନିମନ୍ତେ ଧ୍ୟାନ ଦିଆଯାଇଥିଲା। ଏହାକୁ ପୁନଃଯାଞ୍ଚ ଓ ଯୁକ୍ତିଯୁକ୍ତ ବା ବିଧିସଙ୍ଗତ ମଧ୍ୟ କରାଯାଇଥିଲା।

### ୨.୮.୧୦ ସାମାଜିକ ଅର୍ଥନୈତିକ ପାର୍ଶ୍ୱଚିତ୍ରର ପ୍ରସ୍ତୁତି

ସମସ୍ତ ୫୪ ଟି ପ୍ରଭାବିତ ପରିବାରର ସର୍ବେକ୍ଷଣ କରିବା ପାଇଁ ଯୋଜନା କରାଯାଇଥିଲା । ସମସ୍ତ ଉଦ୍ୟମ ସତ୍ତ୍ୱେ ସୀତଳେଶ୍ୱର ଗ୍ରାମର ୫ଟି ପରିବାର ଅନୁସନ୍ଧାନକାରୀ ଦଳ ସହ ସହଯୋଗ କରିନଥିବାରୁ ଅନ୍ତର୍ଭୁକ୍ତ କରାଯାଇପାରିଲା ନାହିଁ । ସେମାନଙ୍କ ମଧ୍ୟରୁ ୨ ଜଣ ପ୍ରତ୍ୟକ୍ଷ କ୍ରୟ ଯୋଜନା ମାଧ୍ୟମରେ ସେମାନଙ୍କର ଜମି ବିକ୍ରୟ କରିସାରିଛନ୍ତି । ଶେଷରେ ୪୯ ଟି ପ୍ରତ୍ୟକ୍ଷ ପ୍ରଭାବିତ ଏବଂ ନମୁନା ଆକାରରେ ୧୧ ଜଣ ଅଣପ୍ରଭାବିତ ପରିବାରର ସର୍ବେକ୍ଷଣ କରାଯାଇଥିଲା । ପ୍ରସ୍ତାବିତ ଜମି ଅଧିଗ୍ରହଣ ହେତୁ ସେମାନଙ୍କର ଜୀବିକା ନିର୍ବାହର ପରିମାଣ ବିଷୟରେ ବ୍ୟକ୍ତିଗତ ମତାମତ ମଧ୍ୟ ସଂଗ୍ରହ କରାଯାଇଥିଲା | ସାଧାରଣ ସମ୍ପତ୍ତି ସମ୍ବଳର ପ୍ରସ୍ତାବିତ କ୍ଷତି ହେତୁ ନକାରାତ୍ମକ ସାମାଜିକ ପ୍ରଭାବ ବିଷୟରେ ଲୋକଙ୍କ ମତାମତ ମଧ୍ୟ ସଂଗ୍ରହ କରାଯାଇଥିଲା |

### ୨.୮.୧୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି

ସାମାଜିକ ପ୍ରଭାବ ଆକଳନ ଦଳ ସାମାଜିକ ପ୍ରଭାବ ଆକଳନ ସମୟରେ ଚିହ୍ନଟ କରାଯାଇଥିବା ପ୍ରକଳ୍ପର ନକାରାତ୍ମକ ସାମାଜିକ ପ୍ରଭାବକୁ କିପରି ପ୍ରଶମନ କରାଯାଇପାରିବ ତାହାକୁ ନେଇ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରକଳ୍ପ ହେତୁ ସାମାଜିକ ପରିବ୍ୟୟ ଓ ଲାଭ ଏବଂ ଜମି ଉପରେ ନିର୍ଭର କରୁଥିବା ପ୍ରଭାବିତ ପରିବାରଗୁଡିକ ଜମି ହରାଇବା କିମ୍ବା ବାସଚ୍ୟୁତ ହେତୁ ଯେଉଁସବୁ ଅସୁବିଧା ବା କ୍ଷତିର ସମ୍ମୁଖିନ ହେବାକୁ ଯାଉଛନ୍ତି ସେ ସବୁକୁ ଓ ସେମାନଙ୍କର ପୁନର୍ବସତି ତଥା ଥଇଥାନ ଆଦିକୁ ବିଚାରକୁ ନେଇ ଏହି ପ୍ରଶମନ ଯୋଜନାର ପ୍ରସ୍ତୁତି ନିମନ୍ତେ ବିଶେଷ ଯତ୍ନ ନିଆଯାଇଛି। ସାମାଜିକ ପ୍ରଭାବ ପରିଚାଳନା ଯୋଜନାଟିକୁ କାର୍ଯ୍ୟକାରୀ କରାଗଲେ ଏହା ପ୍ରଭାବିତ ଅଞ୍ଚଳରେ ଥିବା ୱାର୍ଡ଼ଏବଂ ପରିବାର ଗୁଡ଼ିକର ସାମାଜିକ ଅର୍ଥନୈତିକ ଅବସ୍ଥାର ଉନ୍ନତି ଆଣିବାରେ ସାହାଯ୍ୟ କରିବ ।

## ୨.୯ ଚିଠା ବିବରଣୀ

ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସଂଗୃହିତ ତଥ୍ୟକୁ ଆକଳନ ଓ ବିଶ୍ଳେଷଣ କରି ଏକ ଚିଠା ବିବରଣୀ ବା ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଚିଠା ବିବରଣୀ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ ଆଞ୍ଚଳିକ ଓଡିଆ ଭାଷାରେ ପ୍ରସ୍ତୁତ କରାଯାଇଛି । ଏହାକୁ ଜନଶୁଣାଣି ପୂର୍ବରୁ ଗ୍ରାମରେ ବଣ୍ଟନ କରାଯିବ।

## ୨.୧୦ ଜନଶୁଣାଣି

ଭାରତ ସରକାରଙ୍କ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ର ପଞ୍ଚମ ଧାରା ଅନୁସାରେ ଜନଶୁଣାଣି ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଜମି ଅଧିଗ୍ରହଣ ଜନିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ନିର୍ଯ୍ୟାସ ଉପରେ ବିସ୍ତୃତ ଆଲୋଚନା କରାଯାଇ ଉପସ୍ଥିତ ସାଧାରଣ ଜନତା ଓ ହିତାଅଧିକାରୀମାନଙ୍କ ମତାମତ ସଂଗ୍ରହ କରାଗଲା । ଉକ୍ତ ସଭାରେ ମହିଳା, ଅକ୍ଷମ ଓ ଅସୁବିଧାରେ ଥିବା ଲୋକ ଏବଂ ଅସୁରକ୍ଷିତ ଲୋକମାନଙ୍କର ମତାମତକୁ ଗୁରୁତ୍ୱ ଦିଆଯାଇ ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ, ନିଯୁକ୍ତି ସୁଯୋଗ ସୃଷ୍ଟି, ଅଭିଯୋଗର ପ୍ରଶମନ, ଏବଂ ପ୍ରଶାସନର ଭୂମିକା ଇତ୍ୟାଦି ଉପରେ ଜନଶୁଣାଣି ସଭାରେ ଆଲୋଚନା କରାଗଲା । ପ୍ରଭାବ ଆକଳନ ଅନୁସନ୍ଧାନର ଫଳାଫଳ, ଜନଶୁଣାଣି ସଭାରେ ପ୍ରଦତ୍ତ ଲୋକମାନଙ୍କର ମତାମତ, ତଥା ଅତିରିକ୍ତ ସୂଚନାମାନଙ୍କୁ ସ୍ଥାନୀତ କରି ପୂର୍ବ ପ୍ରସ୍ତୁତି ଚିଠା ବିବରଣୀ କୁ ପୁନଃନିରୀକ୍ଷଣ କରାଯାଇ ସେହି ଆଧାରରେ ଏହି ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନର ଚୂଡ଼ାନ୍ତ ବିବରଣୀ ପ୍ରସ୍ତୁତ କରାଯାଇଛି ।

## ୨.୧୧ ଅଧ୍ୟୟନର ସୀମାବଦ୍ଧତା

କଥିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର କଳ୍ପନା ଓ କୌଶଳ, ଏହାର ଆରମ୍ଭ ମାର୍ଗ, ସାଧନ, କାର୍ଯ୍ୟ ପ୍ରଣାଳୀ, ଏବଂ କାର୍ଯ୍ୟ ପ୍ରକ୍ରିୟା ଆଦିକୁ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ, ଫଳାଫଳ ନିର୍ଦ୍ଧାରଣ ଓ ସିଦ୍ଧାନ୍ତମାନଙ୍କୁ ବ୍ୟାଖ୍ୟା କରିବା ଆଦିରେ ବ୍ୟବହାର କରାଯାଇଥିଲା। ଏଣୁ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହରେ ରହିଯାଇଥିବା ଦୁର୍ବଳତା ଏବଂ ନମୂନା ପଦ୍ଧତି ଅବଲମ୍ବନରେ ଉପୁଜିଥିବା ସମସ୍ୟା ହେତୁ, ଏହି ବିବରଣୀରେ ପ୍ରଦତ୍ତ ତଥ୍ୟର ସୀମାବଦ୍ଧତା ସ୍ୱୀକାର୍ଯ୍ୟ। ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ଉପର ବର୍ଣ୍ଣିତ ସଠିକ ଢାଞ୍ଚା, କୌଶଳ ଏବଂ ପଦ୍ଧତି ବ୍ୟବହାର କରି ପ୍ରସ୍ତୁତ କରାଯାଇଛି ଅଧ୍ୟୟନକାରୀ ଦଳର ସଦସ୍ୟମାନେ ପରିସଂଖ୍ୟାନ ତଥ୍ୟ ସଂଗ୍ରହରେ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ସମସ୍ତ ପ୍ରକାରର ସମସ୍ୟା ଗୁଡିକୁ ଦୂରକରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ ଏହି ଅଧ୍ୟୟନଟି କେତେଗୁଡିଏ ପରିସୀମା ମଧ୍ୟରେ ସୀମିତ ରହିଛି ଯାହାକି ନିମ୍ନରେ ବର୍ଣ୍ଣନା କରାଯାଇଛି :-

- ଏହି ଅଧ୍ୟୟନ ଟି ପ୍ରଭାବିତ ଜମି ମାଲିକ (ଆର୍ ଓ. ଆର୍ ଅନୁଯାୟି) ଜମି ପଟ୍ଟାଧାରୀ ବ୍ୟକ୍ତି ଏବଂ ସ୍ୱର୍ଗବାସୀ ଜମିପଟ୍ଟାଧାରୀ ବ୍ୟକ୍ତିଙ୍କ ସଂପ୍ରସାରିତ ପରିବାର ମଧ୍ୟରେ ସୀମିତ । ୫ ଟି ପରିବାର କୌଣସି ତଥ୍ୟ ପ୍ରଦାନ କରିବାକୁ ଅକ୍ଷମତା ପ୍ରକାଶ କଲେ, କାରଣ ସେମାନଙ୍କ ମଧ୍ୟରୁ ୨ ଜଣ ପ୍ରତ୍ୟକ୍ଷ ବିକ୍ରୟ

ପ୍ରକ୍ରିୟା ମାଧ୍ୟମରେ ବିକ୍ରୟ କରିଦେଇଛନ୍ତି ଏବଂ ଅବଶିଷ୍ଟ ୨ ଜଣ ତଥ୍ୟ ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କାଲେ ନାହିଁ ।

- ପ୍ରଭାବିତ ଲୋକମାନଙ୍କ ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ରୂପରେଖ କ୍ଷେତ୍ର ସର୍ବେକ୍ଷଣ ସମୟରେ ଲିପିବଦ୍ଧ କରାଯାଇଥିବା ଲୋକମାନଙ୍କ ବିଭିନ୍ନ ମତାମତ ଓ ପ୍ରତିକ୍ରିୟା ଉପରେ ଆଧାରିତ । ଏସ୍ ଆଇ ଏ ଦଳ ଦ୍ୱାରା ଯେଉଁଠାରେ ସମ୍ଭବ ମିଳିଥିବା ତଥ୍ୟ ଗୁଡିକୁ ଆବଶ୍ୟକ ଯାଞ୍ଚକରି ସଠିକ ସାବ୍ୟସ୍ତ କରାଯାଇଛି ।
- ଯେହେତୁ ପ୍ରକଳ୍ପଟି ପ୍ରସ୍ତାବିତ ସ୍ତରରେ ଅଛି ତେଣୁ ପ୍ରକଳ୍ପର ପ୍ରଭାବ ବିଷୟରେ ଲୋକମାନଙ୍କର ଅଦ୍ୟାବଧି କୌଣସି ଅନୁଭୂତି ହୋଇନାହିଁ । କେତେକ କ୍ଷେତ୍ରରେ ଉତ୍ତରଦାତାମାନେ ପରିବହନ କ୍ଷେତ୍ରରେ ଲାଭ ହେବା ବ୍ୟତୀତ ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନ ଉପରେ ନିର୍ଦ୍ଦିଷ୍ଟ କଣ ପ୍ରଭାବ ପଡିବ ତାହା ସୂଚନା ଦେବା ପାଇଁ ଅକ୍ଷମ ହୋଇଥିଲେ । ଅଧ୍ୟୟନ କ୍ଷେତ୍ରରେ ପ୍ରକଳ୍ପଟି ଯେତେବେଳେ କାର୍ଯ୍ୟକାରୀ କରାଯିବ ସେତେବେଳେ ଏହି ପ୍ରଭାବ ସାମାନ୍ୟ କମ୍ କିମ୍ବା ବେଶି ହୋଇପାରେ ।
- ପ୍ରଭାବିତ ଲୋକମାନଙ୍କ ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ରୂପରେଖ କ୍ଷେତ୍ର ସର୍ବେକ୍ଷଣ ସମୟରେ ଲିପିବଦ୍ଧ କରାଯାଇଥିବା ଲୋକମାନଙ୍କ ବିଭିନ୍ନ ମତାମତ ଓ ପ୍ରତିକ୍ରିୟା ଉପରେ ଆଧାରିତ । ଏସ୍ ଆଇ ଏ ଦଳ ଦ୍ୱାରା ଯେଉଁଠାରେ ସମ୍ଭବ ମିଳିଥିବା ତଥ୍ୟ ଗୁଡିକୁ ଆବଶ୍ୟକ ଯାଞ୍ଚକରି ସଠିକ ସାବ୍ୟସ୍ତ କରାଯାଇଛି ।

# ତୃତୀୟ ଅଧ୍ୟାୟ
# ଜମିର ଆକଳନ

## ୩.୧ ଉପକ୍ରମ

ଜମି ଅଧିଗ୍ରହଣ ସହିତ ସମ୍ପୃକ୍ତ ସମସ୍ତ ନ୍ୟାୟିକ ବ୍ୟବସ୍ଥାର ମୌଳିକ ତଥ୍ୟ ନିର୍ଦ୍ଧାରିତ କରିଛି ଯେ, କୌଣସି ସାର୍ବଜନୀନ ପ୍ରକଳ୍ପ ନିମନ୍ତେ ଜମି ବା ଜମିର ଅଧିକାରକୁ ଅଧିଗ୍ରହଣ କରାଗଲେ, ତେବେ ଜମି ମାଲିକ, ଦଖଲରେ ରଖିଥିବା ବ୍ୟକ୍ତି ଏବଂ ବେସରକାରୀ ସଂସ୍ଥା ସମେତ ସମସ୍ତ ଦଳକୁ ସାମିଲକରି ସହଭାଗିତା ମାଧ୍ୟମରେ କରାଯିବା ଉଚିତ । ନିର୍ମାଣ ଏବଂ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟରେ ଜମି ଅଧିଗ୍ରହଣ ଏବଂ ଜମିର ଉନ୍ନତିକରଣ କାର୍ଯ୍ୟମାନ ହୋଇଥାଏ। ଅଧିକନ୍ତୁ ଜମି ଗୋଟିଏ ବିରଳ ତଥା ଦୁର୍ଲ୍ଲଭ ପଦାର୍ଥ ଏବଂ ତେଣୁ ଜମି ହରାଉଥିବା ଲୋକମାନଙ୍କୁ ବହୁତ କ୍ଷତିପୂରଣ ପ୍ରଦାନ କରିବାକୁ ପଡିଥାଏ। ଏହାକୁ ଦୃଷ୍ଟିରେ ରଖି ଭୂମି ଅଧିଗ୍ରହଣକୁ ଯଥାସମ୍ଭବ ନ୍ୟୁନତମ ପରିମାଣ ମଧ୍ୟରେ ସୀମିତ ରଖିବା ନିହାତି ଆବଶ୍ୟକ । ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପପରି ବର୍ତ୍ତମାନ କ୍ଷେତ୍ରରେ ଏହି ନୀତିକୁ ଅନୁସରଣ କରାଯାଇଛି। ଜମି ଅଧିଗ୍ରହଣ ହେବା ପରେ ନିୟମ ଅନୁଯାୟୀ ସମସ୍ତ ପ୍ରକ୍ରିୟା ଶେଷ ହେବା ଉଚିତ । ସମସ୍ତ ପ୍ରକ୍ରିୟାଟି ସ୍ୱଚ୍ଛ ଏବଂ ପରିବର୍ତ୍ତନିୟ ହେବାସହ ଏକ ବିଶ୍ୱାସଯୋଗ୍ୟ ମାଧ୍ୟମରେ କାର୍ଯ୍ୟକାରୀ କରିବା ଉଚିତ। ଏହି ଅଧ୍ୟାୟଟିରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ପ୍ରଦାନ କରିଥିବା ପ୍ରାଥମିକ ତଥ୍ୟ ଆଧାରରେ, ଜମି ମାଲିକାନାସତ୍ୱ ପ୍ରଣାଳୀ ଏବଂ ସମ୍ପୂର୍ଣ୍ଣ ପରିମାଣାତ୍ମକ ତଥ୍ୟକୁ ନେଇ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଏହାର ବିଶ୍ଳେଷଣ କରାଯାଇଛି ।

ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୁଖ୍ୟ ଲକ୍ଷ୍ୟ ହେଉଛି ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ  ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ୱାର୍ଡ଼ ଏବଂ ପରିବାର, ପ୍ରକଳ୍ପ ପ୍ରଭାବିତ ଲୋକ, ପ୍ରଭାବିତ ସମ୍ପତ୍ତିର ପ୍ରକାର ଏବଂ ଜମି ମାଲିକ ମାନଙ୍କ ବିଷୟରେ ତଥ୍ୟ ସମେତ ସମ୍ପତ୍ତି ସମ୍ପର୍କରେ ବିସ୍ତୃତ ବିବରଣୀ, ଅଧିଗ୍ରହଣ ହେବାକୁ ଯାଉଥିବା ଜମିର ପ୍ରକୃତି ଏବଂ ପ୍ରକାର, ପ୍ରକଳ୍ପ ହେତୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଉପରେ ପଡୁଥିବା ସାମାଜିକ ପ୍ରଭାବ ଏବଂ ପ୍ରଭାବର ପ୍ରକାର ଏବଂ ପରିମାଣ ଆଦିର ଆକଳନ ବା ମୂଲ୍ୟାୟନ କରିବା । ଅଧ୍ୟୟନ ନିମନ୍ତେ ଆବଶ୍ୟକ ତଥ୍ୟ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ୪୯ ଟି ପରିବାର ଏବଂ ୧୧ଟି ଅଣପ୍ରଭାବିତ ପରିବାରକୁ ନେଇ ପ୍ରକଳ୍ପ ଅଞ୍ଚଳ ନିମନ୍ତେ ପ୍ରସ୍ତୁତ ହୋଇଥିବା ସଂଗଠିତ ସାକ୍ଷାତକାର ସୁଚୀ ମାଧ୍ୟମରେ ଏକ ସାମାଜିକ-ଆର୍ଥିକ ସର୍ବେକ୍ଷଣ କରାଯାଇଥିଲା।

## ୩.୨ ଅଧିଗ୍ରହଣ କରାଯାଉଥିବା ଜମିର ମାଲିକାନା ସ୍ୱତ୍ତ୍ୱର ବିବରଣୀ

ଯାଜପୁର ଜିଲ୍ଲା ଜମି ଅଧିଗ୍ରହଣ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନାରୁ ଜଣାଗଲା ଯେ, ପ୍ରକଳ୍ପ ଦ୍ୱାରା ୩୬ ଜଣ ପଟ୍ଟାଧାରୀ ଜମିମାଲିକ ପ୍ରଭାବିତ ହେଉଛନ୍ତି । ଏହାକୁ ବିଶ୍ଳେଷଣ କରିବା ସମୟରେ ଅବଗତ ହେଲା ଯେ, ସମୁଦାୟ ପଟ୍ଟାଧାରୀଙ୍କ ମଧ୍ୟରେ  ୧୦ ଜଣ ଲୋକଙ୍କର ନାମ ପୁନରାବୃତ୍ତି ହୋଇଛି, ତେଣୁ ମୋଟ ୨୬ ଜଣ ପଟ୍ଟାଧାରୀ

ଜମିମାଲିକ ପ୍ରଭାବିତ ହେଉଛନ୍ତି । ପୁନଶ୍ଚ ସେମାନଙ୍କ ପରିବାର ସହ ଆଲୋଚନା କରିବାରୁ ଅବଗତ ହେଲା ଯେ, ସେହି ୨୬ ଜଣ ପଟ୍ଟାଧାରୀ ବ୍ୟକ୍ତିଙ୍କ ମଧ୍ୟରୁ ୧୮ ଜଣ ଜୀବିତ ଅଛନ୍ତି, ୧ ଟି ଅନୁଷ୍ଠାନର ଜମି (ଶ୍ରୀ ଗୋବିନ୍ଦ ଜୀଉ ଠାକୁରଙ୍କ) ଏବଂ ଅବଶିଷ୍ଟ ୭ ଜଣ ମୃତ୍ୟୁବରଣ କରିଛନ୍ତି । ଜୀବିତ ବ୍ୟକ୍ତି, ଅନୁଷ୍ଠାନ ଏବଂ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବର୍ଦ୍ଧିତ ପରିବାରକୁ ଏକାଠି କରି ମୋଟ ୫୫ ଜଣ ଜମି ମାଲିକ ଉପଲବ୍ଧ ହେଲେ । ୫୫ ଜଣ ଜମି ମାଲିକଙ୍କ ମଧ୍ୟରୁ (୧ ଟି ଅନୁଷ୍ଠାନ ଏବଂ ୫ ଜଣ ଜମି ମାଲିକ) ସର୍ବେକ୍ଷଣ ରେ ସହଯୋଗ କରିନଥିବାରୁ ଅବଶିଷ୍ଟ ୪୯ ଟି ଜମି ମାଲିକଙ୍କ ସର୍ବେକ୍ଷଣ କରାଯାଇଛି । ମୋଟ ଏହି ଅଧ୍ୟୟନ ନିମନ୍ତେ ଯାହାଙ୍କଠାରୁ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କରାଯିବ। ଏହାର ବିସ୍ତୃତ ବିବରଣୀ ସାରଣୀ ୩.୧ ରେ ପ୍ରଦାନ କରାଯାଇଛି।

**ସାରଣୀ ୩.୧: ସର୍ବେକ୍ଷଣ କରାଯାଇଥିବା ପ୍ରଭାବିତ ପରିବାରର ବିସ୍ତୃତ ବିବରଣୀ**

| କ୍ର.ନଂ | ଗ୍ରାମ/ୱାର୍ଡ଼ | ପରିବାର ସଂଖ୍ୟା | | | | | | | | | | |
|---|---|---|---|---|---|---|---|---|---|---|---|---|
| | | ଆର୍ ଓ ଆର୍ (ପଟ୍ଟା) ମାଲିକାନା ଅନୁଯାୟୀ | ପୁନରାବୃତ୍ତି | ବଳକା ପରିବାର ସଂଖ୍ୟା | ଜମି ମାଲିକ | | ମୃତ ଜମି ମାଲିକଙ୍କ ପରିବର୍ଦ୍ଧିତ ପରିବାର ସଂଖ୍ୟା | ଯେତୋଟି ପରିବାରର ସର୍ବକ୍ଷଣ ହେବ ତାର ସଂଖ୍ୟା | ପ୍ରକୃତ ସର୍ବେକ୍ଷଣ | | | ସର୍ବେକ୍ଷଣ ହୋଇନଥିବା ପରିବାର |
| | | | | | ମୃତ | ଜୀବିତ | | | ଜମି ପଟ୍ଟା ଅଧିକାରୀ | ପରିବର୍ଦ୍ଧିତ ପରିବାର | ସମୁଦାୟ ସର୍ବେକ୍ଷଣ | |
| ୧ | ଶିତଳେଶ୍ୱର | ୩୬ | ୧୦ | ୨୬ | ୮ | ୧୮ | ୩୭ | ୫୫ | ୨୬ | ୫୫ | ୪୯ | ୬ |
| | **ମୋଟ** | **୩୬** | **୧୦** | **୨୬** | **୮** | **୧୮** | **୩୭** | **୫୫** | **୨୬** | **୫୫** | **୪୯** | **୬** |

*ଉତ୍ସ-ପ୍ରାଥମିକ ପରିବାର ସର୍ବେକ୍ଷଣ*

ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ୟୁନିଟ୍ ନଂ - ୭ ଶୀତଳେଶ୍ୱର (ଯାଜପୁର ମୁନ୍ସିପାଲିଟି) ରାଜସ୍ୱ ଗ୍ରାମରୁ ୬.୨୮୭ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ । ସଡକ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତା ୧୪.୦୧.୨୦୨୦ ରିଖ ରେ ଅନୁଷ୍ଠିତ DCAC ବୈଠକରେ ପ୍ରତ୍ୟକ୍ଷ ଭାବରେ ଜମି କ୍ରୟ କରିବାକୁ ଅନୁମୋଦନ ଲାଭ କରିଥିଲା । ଏହି ପ୍ରକ୍ରିୟାରେ ୪.୩୦୯୫ ଏକର ଜମି କ୍ରୟ ହେବା ପରେ ଅବଶିଷ୍ଟ ୧.୯୭୭୫ ଏକର ଜମି ଜମି ଅଧିଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା ।

**ସାରଣୀ - ୩.୨ କେଉଁ ଉତ୍ସରୁ କେତେ ପରିମାଣର ଜମି ଅଧିଗ୍ରହଣ କରାଯିବ (ଏକର ଆକାରରେ)**

| କ୍ର ସଂ | ଗ୍ରାମ | ସରକାରୀ ଜମି ଯାହାକି ହସ୍ତାନ୍ତରିତ ହେବ | ପୂର୍ବରୁ କ୍ରୟ କରାଯାଇ ଲବ୍ଧ ହୋଇଥିବା ଘରୋଇ ଜମି | ଅଧିଗ୍ରହଣ ହେବକୁ ଥିବା ଘରୋଇ ମାଲିକାନାରେ ଅଧିକା ଜମି ଏବଂ ଏସ୍.ଆଇ.ଏ ଅଧ୍ୟୟନର ଅନ୍ତର୍ଗତ | ସମୁଦାୟ ଜମି |
|---|---|---|---|---|---|
| ୧ | ଶିତଳେଶ୍ୱର | ୦.୦୦୦ | ୪.୩୦୯୫ | ୧.୯୭୭୫ | ୬.୨୮୭ |
| | | ୦.୦୦୦ | ୪.୩୦୯୫ | ୧.୯୭୭୫ | ୬.୨୮୭ |

*ଉତ୍ସ- ଆର୍ ଓ ଆର୍ ରେକର୍ଡ ଏବଂ କ୍ଷେତ୍ର ସର୍ବେକ୍ଷଣ ଦ୍ରଷ୍ଟବ୍ୟ- ଜମି ଏକରରେ*

## ସାରଣୀ-୩.୩ ରାସ୍ତା ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ଜମିର ପ୍ରକାର

| କ୍ର ସଂ | ଜମିର ପ୍ରକାର | ପ୍ରଭାବିତ ଅଞ୍ଚଳ | ଅଧିଗ୍ରହଣ ଅଞ୍ଚଳ | ଅଧିଗ୍ରହଣ କରାଯାଉଥିବା ଜମିର ପ୍ରତିଶତ |
|---|---|---|---|---|
| ୧ | ବଗାୟତ-୨ | ୦.୦୭ | ୦.୦୫ | ୭୧.୪୩ |
| ୨ | ବନ୍ଧ | ୦.୦୪ | ୦.୦୩ | ୭୫.୦୦ |
| ୩ | ଘରବାରି-୧ | ୦.୬୨୧ | ୦.୩୭୫୫ | ୬୦.୪୭ |
| ୪ | ଘରବାରି-୨ | ୦.୨୬୪ | ୦.୦୬୧ | ୨୩.୧୧ |
| ୫ | ଜଳାଶୟ-୧ | ୦.୧୮୪ | ୦.୧୭୨ | ୯୩.୪୮ |
| ୬ | ଜଳାଶୟ-୨ | ୦.୪୬୨ | ୦.୨୩ | ୪୯.୭୮ |
| ୭ | ଶାରଦ-୧ | ୧.୨୭୯ | ୧.୦୫୯ | ୮୨.୮୦ |
| | **ମୋଟ** | **୨.୯୨** | **୧.୯୭୭୫** | **୬୭.୭୨** |

*ଉତ୍ସ- ଆର୍ ଓ ଆର୍ ରେକର୍ଡ ଏବଂ କ୍ଷେତ୍ର ସର୍ବେକ୍ଷଣ ଦ୍ରଷ୍ଟବ୍ୟ- ଜମି ଏକରରେ*

ସର୍ବେକ୍ଷଣ ସମୟରେ ଦୃଷ୍ଟିକୁ ଆସିଥିବା ସବୁଠାରୁ ଚିନ୍ତାର ବିଷୟ ହେଲା, ଅଧିକାଂଶ କ୍ଷେତ୍ରରେ ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ଜମି ହୁଏତ ସମ୍ପୂର୍ଣ୍ଣ ଭାବରେ ଅଧିଗ୍ରହଣ କରାଯିବ କିମ୍ବା ଜମିର ଏକ ବୃହତ୍ତର ଅଂଶ ଅଧିଗ୍ରହଣ କରାଯିବ । ଫଳରେ ଜମି ମାଲିକଙ୍କ ନିକଟରେ ହୁଏତ କୌଣସି ଜମି ରହିବ ନାହିଁ କିମ୍ବା ଖୁବ୍ କମ ପରିମାଣର ଜମି ଅଧିଗ୍ରହଣ ନ ହୋଇ ରହିଯିବ ଯାହା କି କୌଣସି ଫଳପ୍ରଦ କାମରେ ବ୍ୟବହୃତ ହୋଇପାରିବ ନାହିଁ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପ୍ରକଳ୍ପ ନିମନ୍ତେ କୌଣସି ଚାଷ ଜମି ଅଧିଗ୍ରହଣ କରାଯାଉ ନାହିଁ । ଏହାର ବିସ୍ତୃତ ବିବରଣୀ ନିମ୍ନରେ ସାରଣୀ ୩.୪ ରେ ପ୍ରଦାନ କରାଯାଇଛି ।

## ସାରଣୀ ୩.୪: ୟୁନିଟ -୭ ଶୀତଳେଶ୍ୱର ଗ୍ରାମରେ ଘରୋଇ ମାଲିକାନାରେ ଥିବା ତଥା ଅଧିଗ୍ରହଣ କରାଯାଇଥିବା ଜମିର ବିସ୍ତୃତ ବିବରଣୀ (ଏକର ରେ)

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ଜମିର ପରିମାଣ (ଏକର ରେ) | ଅଧିଗ୍ରହଣ ହେଉଥିବା ଜମିର ପରିମାଣ(ଏକର ରେ) |
|---|---|---|---|---|
| ୩୪ | ୪୭୬ | ଘରବାରି-୧ | ୦.୦୬୬ | ୦.୦୬୬ |
| | ୪୭୭ | ଜଳାଶୟ-୧ | ୦.୧୧୪ | ୦.୧୧୪ |
| ୫୦୩/୪୯ | ୪୭୬/୧୪୪୮ | ଘରବାରି-୧ | ୦.୦୪୭ | ୦.୦୪୭ |
| | ୪୭୭/୧୪୪୯ | ଜଳାଶୟ-୧ | ୦.୦୧୩ | ୦.୦୧୩ |
| ୫୧ | ୪୭୮/୧୩୯୫ | ଘରବାରି-୧ | ୦.୦୮୦ | ୦.୦୮୦ |
| ୫୦୩/୪୬୨ | ୪୮୧ | ଶାରଦ-୧ | ୦.୦୨୩ | ୦.୦୨୩ |
| ୫୦୩/୨୯୪ | ୪୮୧/୧୫୮୫ | ଶାରଦ-୧ | ୦.୦୨୩ | ୦.୦୨୩ |
| ୧୬୩ | ୪୮୨ | ଶାରଦ-୧ | ୦.୨୪୦ | ୦.୧୮୦ |
| ୪୮୬ | ୪୮୩ | ଶାରଦ-୧ | ୦.୬୦୫ | ୦.୬୦୫ |

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ଜମିର ପରିମାଣ (ଏକର ରେ) | ଅଧିଗ୍ରହଣ ହେଉଥିବା ଜମିର ପରିମାଣ(ଏକର ରେ) |
|---|---|---|---|---|
| ୫୦୩/୫୬୫ | ୮୩୯ | ଶାରଦ-୧ | ୦.୦୨୫ | ୦.୦୨୫ |
| ୫୦୩/୪୬୩ | ୮୪୧ | ବଗାୟତ | ୦.୦୭୦ | ୦.୦୫୦ |
| ୫୦୩/୩୦୫ | ୪୦୬/୧୪୪୭ | ଘରବାରି-୧ | ୦.୦୪୦ | ୦.୦୪୦ |
| ୧୧୭ | ୪୦୬ | ଶାରଦ-୧ | ୦.୧୭୦ | ୦.୦୧୦ |
| ୫୦୩/୪୯୫ | ୪୦୬/୧୭୨୫ | ଶାରଦ-୧ | ୦.୦୪୦ | ୦.୦୪୦ |
| ୫୦୩/୪୯୮ | ୪୦୬/୧୪୭୭ | ଶାରଦ-୧ | ୦.୦୪୦ | ୦.୦୪୦ |
| ୧୨୩ | ୪୦୯ | ଘରବାରି-୨ | ୦.୨୨୩ | ୦.୦୨୦ |
| | ୩୮୯ | ଶାରଦ-୧ | ୦.୧୧୩ | ୦.୧୧୩ |
| ୨୮୪ | ୧୨୭୪ | ଜଳାଶୟ-୨ | ୦.୦୭୨ | ୦.୦୭୨ |
| ୧୮୬ | ୧୨୭୬ | ଜଳାଶୟ-୨ | ୦.୦୬୫ | ୦.୦୬୫ |
| | ୧୨୬୫ | ଜଳାଶୟ-୨ | ୦.୦୫୫ | ୦.୦୧୦ |
| | ୧୨୬୬ | ଜଳାଶୟ-୨ | ୦.୧୦୫ | ୦.୦୦୫ |
| ୫୧୩/୩୦୮ | ୧୨୬୫/୧୪୨୪ | ଜଳାଶୟ-୨ | ୦.୦୪୫ | ୦.୦୨୫ |
| ୫୦୩/୧୨୭ | ୧୨୬୨ | ଜଳାଶୟ-୨ | ୦.୦୫୦ | ୦.୦୦୩ |
| ୫୦୩/୯୪/୧ | ୧୨୬୧ | ଘରବାରି-୧ | ୦.୦୩୫ | ୦.୦୩୫ |
| | ୧୨୮୦/୧୪୯୨ | ଘରବାରି-୧ | ୦.୦୨୦ | ୦.୦୨୦ |
| ୫୦୩/୮୪ | ୧୨୮୦ | ଜଳାଶୟ-୨ | ୦.୦୦୫ | ୦.୦୦୫ |
| ୨୯୨ | ୧୨୮୧ | ଜଳାଶୟ-୨ | ୦.୦୦୫ | ୦.୦୦୫ |
| | ୧୨୬୦ | ଜଳାଶୟ-୨ | ୦.୦୧୫ | ୦.୦୧୫ |
| ୫୫୩ | ୧୨୮୨ | ଜଳାଶୟ-୨ | ୦.୦୧୫ | ୦.୦୦୫ |
| | ୧୨୫୯ | ଜଳାଶୟ-୨ | ୦.୦୧୫ | ୦.୦୦୫ |
| ୫୪୩ | ୧୨୮୭ | ଘରବାରି-୧ | ୦.୦୫୦ | ୦.୦୨୦ |
| | ୧୨୮୮ | ଘରବାରି-୧ | ୦.୨୮୩ | ୦.୧୦୦ |
| ୫୦୩/୨୩୪ | ୧୩୦୬ | ବନ୍ଧ | ୦.୦୪୦ | ୦.୦୩୦ |
| ୫୦୩/୮୮ | ୧୩୦୭ | ଜଳାଶୟ-୧ | ୦.୦୫୭ | ୦.୦୪୫ |
| ୫୦୩/୧୧୫ | ୧୩୧୧ | ଘରବାରି-୨ | ୦.୦୪୧ | ୦.୦୪୧ |
| ୫୦୩/୨୭/୧ | ୧୨୭୬/୧୪୨୬ | ଜଳାଶୟ-୨ | ୦.୦୧୫ | ୦.୦୧୫ |

*ଉତ୍ସ- ଆର୍ ଓ ଆର୍ ରେକର୍ଡ*

## ମାନଚିତ୍ର – ୩ ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବିତ ଜମିକୁ ଚିହ୍ନିତ କରି ଶୀତଳେଶ୍ୱର ଗ୍ରାମର କାଡାଷ୍ଟ୍ରାଲ ମାନଚିତ୍ର



## ୩.୭ ଜମିର ମୂଲ୍ୟ

### ୩.୭.୧ ଜମିର ବଜାର ମୂଲ୍ୟ

ଜମି ଅଧିଗ୍ରହଣ ହେତୁ କ୍ଷତି ହେଉଥିବା ଜମିର ମୂଲ୍ୟ ନିମ୍ନଲିଖିତ ନିୟମ ଆଧାରରେ ଆକଳନ କରାଯିବ

(କ) ଯେଉଁଠାରେ ପ୍ରଭାବିତ ଜମି ଅବସ୍ଥିତ ସେଠାରେ (ଭାରତୀୟ ଷ୍ଟାମ୍ପ ଆଇନ-୧୮୯୯ ଅନୁଯାୟୀ) ବିକ୍ରି କବଲାରେ ଉଲ୍ଲେଖ କରାଯାଇଥିବା ମୂଲ୍ୟ ସମ୍ପର୍କିତ କାର୍ଯ୍ୟାଳୟ ର ମୋହରରେ ମୁଦ୍ରିତ ମୂଲ୍ୟ।

(ଖ) ବଜାର ମୂଲ୍ୟ ଉଲ୍ଲେଖ କରାଯାଇଥିବା ଅନୁମୋଦିତ ବେଞ୍ଚମାର୍କ ମୂଲ୍ୟ

(ଗ) ବିଗତ ତିନି ବର୍ଷ ମଧ୍ୟରେ ପ୍ରକଳ୍ପ ପ୍ରଭାବିତ ଗ୍ରାମର ଆଖପାଖ ଅଞ୍ଚଳରେ ବିକ୍ରୟ କରାଯାଇଥିବା ଜମି ମଧ୍ୟରୁ ସର୍ବାଧିକ ମୂଲ୍ୟରେ ବିକ୍ରି କରାଯାଇଥିବା ଜମି କବଲା ମଧ୍ୟରୁ ୫୦ ପ୍ରତିଶତ ଜମିର ହାରାହାରୀ ମୂଲ୍ୟ ।

ପ୍ରଭାବିତ ଜମିର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ କ, ଖ, ଗ ମଧ୍ୟରୁ ଯେଉଁଟି ସର୍ବାଧିକ ତାହା ବିଚାରକୁ ନିଆଯିବ। ବଜାର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଆର୍.ଟି.ଏଫ୍.ସି.ଟି.ଏଲ୍.ଏ.ଆର୍.ଆର୍ ୨୦୧୩ ର ୧୧(୧) ଧାରା ଅନୁଯାୟୀ ପ୍ରକାଶିତ ପ୍ରାଥମିକ ବିଜ୍ଞପ୍ତି ର ତାରିଖ କୁ ବିଚାରକୁ ନିଆଯିବ। ଜିଲ୍ଲା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ଉପଲବ୍ଧ ବେଞ୍ଚମାର୍କ ମୂଲ୍ୟର ବିସ୍ତୃତ ବିବରଣୀ ନିମ୍ନ ସାରଣୀ ୩.୫ରେ ଉଲ୍ଲେଖ କରାଯାଇଛି।

**ସାରଣୀ ୩.୫ ପ୍ରଭାବିତ ଜମିର ବେଞ୍ଚମାର୍କ ମୂଲ୍ୟ (ଟଙ୍କା/ ଏକର)**

| ବର୍ଗ | ପ୍ଲଟ୍ ନମ୍ବର | ପ୍ରକାର | ସମୁଦାୟ ଜମି ଏକରରେ | ଅଧିଗ୍ରହଣ ହେଉଥିବା ଜମି ଏକରରେ | ବେଞ୍ଚମାର୍କ ମୂଲ୍ୟ (ଟଙ୍କା /ଏକର ପ୍ରତି ) |
|---|---|---|---|---|---|
| ୧ | ୪୭୬, ୪୭୬/୧୪୪୮, ୧୨୬୧, ୧୨୮୮, ୧୨୮୦/୧୪୯୨, ୧୩୧୧ | ଘରବାରି-୧, ଘରବାରି -୨ | ୦.୪୯୨ | ୦.୩୦୯ | ୩,୪୨,୧୯,୬୮୮.୦୦ |
| ୨ | ୪୭୭, ୪୭୭/୧୪୪୯ , ୪୭୮/୧୩୯୫, ୪୮୧, ୪୮୧/୧୫୮୫ ,୪୮୨ , ୧୨୭୪, ୧୨୮୭ | ଜଳାଶୟ -୧, ଘରବାରି -୧, ଶାରଦ-୧, ଜଳାଶୟ -୨ | ୦.୬୧୫ | ୦.୫୨୫ | ୨,୨୮,୧୩,୧୨୫.୦୦ |
| ୩ | ୩୮୯ | ଶାରଦ -୧ | ୦.୧୧୩ | ୦.୧୧୩ | ୨,୦୫,୩୧,୮୧୩.୦୦ |
| ୪ | ୪୮୩, ୮୩୯, ୮୪୧, ୪୦୬, ୪୦୬/୧୭୨୫ | ଶାରଦ -୧, ବଗାୟତ-୨ | ୦.୯୧ | ୦.୭୩ | ୯୧,୨୫,୨୫୦.୦୦ |
| ୫ | ୪୦୬/୧୪୪୭, ୪୦୬/୧୪୭୭, ୪୦୯ | ଘରବାରି -୧ ଶାରଦ -୧, ଘରବାରି -୨ | ୦.୩୦୩ | ୦.୧୦୦ | ୬୮,୪୩,୯୩୮.୦୦ |

| | | | | | |
|---|---|---|---|---|---|
| ୬ | ୧୨୭୬, ୧୨୬୫, ୧୨୬୬ , ୧୨୬୫/୧୪୨୪, ୧୨୬୨, ୧୨୮୦, ୧୨୮୧, ୧୨୬୦, ୧୨୮୨, ୧୨୫୯, ୧୩୦୬, ୧୩୦୭, ୧୨୭୬/୧୪୨୬, | ଜଳାଶୟ -୨ | ୦.୪୮୭ | ୦.୨୩୩ | ୫୭,୦୩,୨୮୨.୦୦ |

*ଉତ୍ସ- ବେଞ୍ଚମାର୍କ ମୂଲ୍ୟ ତଥ୍ୟ, ଜିଲ୍ଲା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଯାଜପୁର*

ବର୍ତ୍ତମାନ ଘଟଣାରେ ସାରଣୀ ୩.୫ରେ ଉଲ୍ଲେଖ କରାଯାଇଥିବା ଏକର ପ୍ରତି ବେଞ୍ଚମାର୍କ ମୂଲ୍ୟ ପ୍ରାସଙ୍ଗିକ ବଜାର ମୂଲ୍ୟ ଅଟେ। ଅଧିଗ୍ରହଣ କରାଯାଉଥିବା ଜମିର କ୍ଷତିପୂରଣ ପ୍ରଦାନ ନିମନ୍ତେ ନିମ୍ନଲିଖିତ ବିଷୟଗୁଡିକୁ ବିଚାରକୁ ନିଆଯାଏ।

### ୩.୭.୨ ବିଭିନ୍ନ ଗୁଣକ ଏବଂ ସ୍ଲାଇଡିଙ୍ଗ ସ୍କେଲ

ଜମିର ମୂଲ୍ୟ ଆକଳନ ନିମନ୍ତେ ସ୍ଲାଇଡିଙ୍ଗ ସ୍କେଲରେ ଗୁଣନ କରାଯାଉଥିବା ବିଭିନ୍ନ ଗୁଣକଗୁଡିକ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ବୈଧ ବିଜ୍ଞପ୍ତି ଦ୍ୱାରା ନିର୍ଦ୍ଧାରିତ । ଏହା ସାରଣୀ ୩.୬ ରେ ଉଲ୍ଲେଖ କରାଯାଇଛି।

**ସାରଣୀ ୩.୬ ଦୂରତ୍ୱର ପରିଧି, ବିଭିନ୍ନ ଗୁଣକ ଏବଂ ସ୍ଲାଇଡିଙ୍ଗ ସ୍କେଲ**

| କ୍ର ସଂ | ସ୍ତର | ନିକଟସ୍ଥ ସହର ଠାରୁ ଦୂରତ୍ୱର ପରିଧି | ଗୁଣକ |
|---|---|---|---|
| ୧ | ୧ | ୦-୧୦ | ୧.୦୦ |
| ୨ | ୨ | >୧୧-୨୦ | ୧.୨୦ |
| ୩ | ୩ | >୨୧-୩୦ | ୧.୪୦ |
| ୪ | ୪ | >୩୧-୪୦ | ୧.୮୦ |
| ୫ | ୫ | ୪୦ କିଲୋମିଟର ରୁ ଅଧିକ | ୨.୦୦ |

*ଉତ୍ସ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା No. LA(A)-୨୩/୨୦୧୪/୯୦୬୮ dated ୧୯.୦୩.୨୦୧୬*

ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଅଧିଗ୍ରହଣ ହେଉଥିବା ଘରୋଇ ଜମି ନିମନ୍ତେ ପ୍ରଯୁଜ୍ୟ ଗୁଣକ ସ୍ତର-୧ ଅନୁଯାୟୀ ୧.୦୦ ଅଟେ କାରଣ ଏହା ଯାଜପୁର ସହର ମଧ୍ୟରେ ଅବସ୍ଥିତ ।

### ୩.୭.୩ ସମ୍ପତ୍ତିର ମୂଲ୍ୟ, ଜମି ଉପରେ ଅବସ୍ଥିତ ଥିବା ଗଛର ମୂଲ୍ୟ

ଆର୍.ଟି.ଏଫ୍.ସି.ଟି.ଏଲ୍.ଏ.ଆର୍.ଆର୍ଅଧିନିୟମ ୨୦୧୩ ର ୨୯(୧) ଧାରା ଅନୁଯାୟୀ ପ୍ରକାଶିତ ପ୍ରାଥମିକ ବିଜ୍ଞପ୍ତି ର ତାରିଖ କୁ ବିଚାରକୁ ନିଆଯିବ। (କ) ଅଧିଗ୍ରହଣ କରାଯାଉଥିବା ଜମି ସହ ସଂଲଗ୍ନ କୋଠା ବାଡି, ଘର ଏବଂ ଅନ୍ୟାନ୍ୟ ଅଚଳ ସମ୍ପତ୍ତି ଏବଂ (ଖ) ସେହି ଜମି ଉପରେ ଥିବା ବୃକ୍ଷର ମୂଲ୍ୟ ଜମିର ମୂଲ୍ୟ ଆକଳନ ନିମନ୍ତେ

ବିଚାରକୁ ନିଆଯିବ। ଜିଲ୍ଲାର ଜିଲ୍ଲାପାଳ, ଯେ କି ଜମିର ମୂଲ୍ୟ ସ୍ଥିର କରନ୍ତି, ସେ ଆବଶ୍ୟକ ଅନୁଭବ କଲେ ଜଣେ ଇଞ୍ଜିନିୟର କିମ୍ବା ପ୍ରାସଙ୍ଗିକ ବିଷୟରେ ଯେପରି କି, କୃଷି, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ରେଶମ ପୋକ ଚାଷ, ମତ୍ସ୍ୟ ଚାଷ ଇତ୍ୟାଦିରେ ବିଶେଷଜ୍ଞ ଥିବା କୌଣସି ବିଶେଷଜ୍ଞଙ୍କ ପରାମର୍ଶ ଗ୍ରହଣ କରିପାରିବେ।

### ୩.୭.୪ ଅନୁକମ୍ପା ରାଶି

ଉପର ବର୍ଣ୍ଣିତ ନିୟମ, ୨୦୧୩ର ଧାରା ୩୦ ଅନୁଯାୟୀ, ଜମି ମୂଲ୍ୟର ଶତ ପ୍ରତିଶତ ଅର୍ଥ ଅନୁକମ୍ପା ମୂଳକ ରାଶି ଆକାରରେ ପ୍ରଦାନ କରାଯିବ।  ଜମିର ମୂଲ୍ୟ ସହ ଗୁଣକର ମୂଲ୍ୟକୁ ଗୁଣନ କରାଯିବା ପରେ ଉପଲବ୍ଧ ପରିମାଣ ସହ ସଂଲଗ୍ନ ସମ୍ପତ୍ତି ଓ ବୃକ୍ଷଆଦିର ମୂଲ୍ୟକୁ ମିଶାଇ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବ।

### ୩.୭.୫ ଅତିରିକ୍ତ ପାଉଣା

୨୦୧୩ ଆଇନର ଧାରା ୩୦(୩) ଅନୁଯାୟୀ, ଭୂମି ଅଧିଗ୍ରହଣ ନିମନ୍ତେ ୧୧(୧) ଧାରା ଅନୁଯାୟୀ ପ୍ରକାଶିତ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ପ୍ରତିବର୍ଷ ଅତିରିକ୍ତ ୧୨ ପ୍ରତିଶତ ସୁଧ, ପୁନର୍ବାସ ଓ ଥଇଥାନର ଘୋଷଣା ପ୍ରକାଶନ ତାରିଖ ପର୍ଯ୍ୟନ୍ତ ଏହି ନିୟମର ଧାରା ୧୯(୧) ଅନୁଯାୟୀ ପ୍ରଭାବିତ ପରିବାରକୁ ଅତିରିକ୍ତ ପାଉଣା ଆକାରରେ ପ୍ରଦାନ କରାଯାଉଥିବା ତାରିଖ ପର୍ଯ୍ୟନ୍ତ କିମ୍ବା ଜିଲ୍ଲାପାଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ କରିବା ପର୍ଯ୍ୟନ୍ତ ଯାହା ପ୍ରଥମରେ ଆସିବ (ସାଧାରଣ ଭାବରେ ପ୍ରତ୍ୟେକ ନିମନ୍ତେ ଏକ ବର୍ଷ ହିସାବରେ ୨ ବର୍ଷ ପର୍ଯ୍ୟନ୍ତ) ଜମି ମୂଲ୍ୟ ଉପରେ ଅତିରିକ୍ତ ପାଉଣା ପ୍ରଦାନ କରାଯିବ।  ଉପର ଲିଖିତ ୩.୭.୧ରେ ଦିଆଯାଇଥିବା ତଥ୍ୟ ଭିତ୍ତିରେ ଏହା ନିର୍ଦ୍ଧାରଣ କରାଯିବ। ଧାରା ୧୧ (୧), ୩୦(୩) ଏବଂ ୧୯(୧)ରେ ଉଲ୍ଲେଖ କରାଯାଇଥିବା ପ୍ରବନ୍ଧନ ଅନୁଯାୟୀ ଭୂମି ଅଧିଗ୍ରହଣରେ ଭୂମିର ମୂଲ୍ୟାୟନ ସମ୍ବନ୍ଧରେ ଧାରଣାନିମନ୍ତେ କାଳ୍ପନିକ ଭାବରେ ଗୋଟିଏ ଜମିର ମୂଲ୍ୟ ଟଙ୍କା୧୦୦,୦୦୦/-ଉପରେ ଏକ ନମୁନା ନିମ୍ନ ସାରଣୀ ୩.୭ ରେ ପ୍ରଦାନ କରାଯାଇଛି।

**ସାରଣୀ - ୩.୭ ହିସାବ ପ୍ରଣାଳୀର ନମୁନା**

| କ୍ର.ସଂ | ବିଷୟ | ମୂଲ୍ୟ (ଟଙ୍କାରେ) |
|---|---|---|
| ୧ | ବଜାର ମୂଲ୍ୟ | ୧,୦୦,୦୦୦.୦୦ |
| ୨ | ଗୁଣକ (ଜମିର ଦୁରତ୍ୱ ହିସାବରେ) ୨ | ୨ |
| ୩ | ମୋଟ (୧+୨) | ୨,୦୦,୦୦୦.୦୦ |
| ୪ | ସେହି ଜମି ଉପରେ ଥିବା ସମ୍ପତ୍ତି ଓ ବୃକ୍ଷର ମୂଲ୍ୟ | ୧,୦୦,୦୦୦.୦୦ |
| ୫ | ମୋଟ (୩+୪) | ୩,୦୦,୦୦୦.୦୦ |
| ୬ | ୧୦୦% ଅନୁକମ୍ପା ରାଶୀ | ୩,୦୦,୦୦୦ .୦୦ |
| ୭ | ଉପରେ ୧ ନମ୍ବରରେ ପ୍ରଦାନ କରାଯାଇଥିବା ଜମି ମୂଲ୍ୟ ଉପରେ ୨ ବର୍ଷ ୧୨% ହିସାବରେ ( ୧୧(୧)ରୁ ୧୯(୧) ପର୍ଯ୍ୟନ୍ତ ୧ ବର୍ଷ ଏବଂ ୧୯(୧) ଅଧିନିୟମ ଅନୁଯାୟୀ ୧ ବର୍ଷ ଏହି ପରି ୨ ବର୍ଷ ପର୍ଯନ୍ତ ୧୨% ହିସାବରେ | ୨୪,୦୦୦.୦୦ |
| **ସର୍ବମୋଟ (୫ + ୬ + ୭)** | | **୬,୨୪,୦୦୦.୦୦** |

*ଉତ୍ସ : ବେଞ୍ଚ ମାର୍କ ମୂଲ୍ୟ । ତା ୨୨.୦୬.୧୮  ଦ୍ରଷ୍ଟବ୍ୟ – ୧ରୁ ୪ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ସଂଖ୍ୟା ଅନୁମାନିକ*

# ଚତୁର୍ଥ ଅଧ୍ୟାୟ
# ପ୍ରଭାବିତ ଅଞ୍ଚଳର ପାର୍ଶ୍ୱଚିତ୍ର, ପ୍ରଭାବିତ ପରିବାରର ଗଣନା

## ୪.୧. ଓଡିଶା ରାଜ୍ୟ ସମ୍ବନ୍ଧରେ

ଓଡିଶା ଭାରତର ପୂର୍ବ ଉପକୂଳରେ ବଙ୍ଗୋପସାଗର କୂଳରେ ଭାରତର ୨୯ଟି ରାଜ୍ୟ ମଧ୍ୟରୁ ଗୋଟିଏ ପୂର୍ବ ଭାରତୀୟ ରାଜ୍ୟ । ଏହା ଉତ୍ତର-ପୂର୍ବ ଦିଗରେ ପଶ୍ଚିମବଙ୍ଗ, ଉତ୍ତର ଦିଗରେ ଝାଡଖଣ୍ଡ, ପଶ୍ଚିମ ଏବଂ ଉତ୍ତର ପଶ୍ଚିମ ଦିଗରେ ଛତିଶଗଡ, ଦକ୍ଷିଣ ଓ ଦକ୍ଷିଣ ପଶ୍ଚିମ ଦିଗରେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟଦ୍ୱାରା ପରିବେଷ୍ଟିତ । ଓଡିଶାର ପୂର୍ବପଟ ବଙ୍ଗୋପସାଗର କୂଳରେ ପର୍ଯ୍ୟନ୍ତ ୪୮୫ କିଲୋମିଟର (୩୦୧ ମାଇଲ୍) ସମୁଦ୍ରତଟବର୍ତ୍ତୀ ଅଞ୍ଚଳ ଅଛି । ଆୟତନ ଦୃଷ୍ଟିରୁ ଏହା ନବମ ବୃହତ ଏବଂ ଆଦିବାସୀ ଜନସଂଖ୍ୟା ଦୃଷ୍ଟିରୁ ତୃତୀୟ ସ୍ଥାନ ଅଧିକାର କରିଛି । ଓଡିଶା ୧୭.୭୮ ଡିଗ୍ରୀ ରୁ ୨୨.୭୩ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୧.୩୭ ଡିଗ୍ରୀ ରୁ ୮୭.୫୩ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ରାଜ୍ୟର ସମୁଦାୟ ଭୌଗଳିକ ଅଞ୍ଚଳ ୧୫୫,୭୦୭ ବର୍ଗ କିଲୋମିଟର, ଯାହାକି ଭାରତର ସମୁଦାୟ ଭୌଗଳିକ ଅଞ୍ଚଳର ୪.୮୭ ପ୍ରତିଶତ । ରାଜ୍ୟର ପୂର୍ବ ପଟରେ ତଟବର୍ତ୍ତୀ ସମତଳ ଅଞ୍ଚଳ ଅବସ୍ଥିତ । ଏହା ଉତ୍ତରରେ ସୁବର୍ଣ୍ଣରେଖା ନଦୀ ଠାରୁ ଦକ୍ଷିଣରେ ଋଶିକୁଲ୍ୟା ମୁହାଣ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଚିଲିକା ହ୍ରଦ ତଟବର୍ତ୍ତୀ ଅଞ୍ଚଳ ସମତଳ ଅଞ୍ଚଳର ଅଂଶବିଶେଷ । ବଙ୍ଗୋପସାଗରକୁ ବୋହିଯାଉଥିବା ଛଅଟି ବଡ ନଦୀର ପଟୁମାଟିରେ ସମତଳ ଅଞ୍ଚଳ ଅତି ଉର୍ବର । ସେହି ନଦୀଗୁଡିକ ହେଲା ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଏବଂ ଋଶିକୁଲ୍ୟା ।

ଓଡିଶା ରାଜ୍ୟ ବିପୁଳ ପରିମାଣର ଖଣିଜ ସମ୍ପଦ ଦ୍ୱାରା ସମୃଦ୍ଧ, ସେଗୁଡିକ ହେଲା ବକ୍ସାଇଟ୍, କ୍ରୋମାଇଟ୍, କୋଇଲା, ଡୋଲୋମାଇଟ୍, ଆଗ୍ନେୟ ମୃତ୍ତିକା, ଗ୍ରାଫାଇଟ୍, ରତ୍ନପଥର, ଲୁହାପଥର, ମାଙ୍ଗାନିଜ ପଥର, ନିକେଲ୍ ପଥର, କ୍ୱାର୍ଜ ପଥର ଇତ୍ୟାଦି । ଭାରତବର୍ଷରେ ସମୁଦାୟ ଗଛିତ ଥିବା କ୍ରୋମାଇଟ୍, ନିକେଲ୍, ବକ୍ସାଇଟ୍, ଲୁହାପଥର ଏବଂ କୋଇଲା ପ୍ରଭୃତି ଖଣିଜ ସମ୍ପଦ ସମୁହ ମଧ୍ୟରୁ ଓଡିଶାରେ ଯଥାକ୍ରମେ ୮୩%, ୯୨%, ୫୫%, ୩୮% ଏବଂ ୨୬% ଗଛିତ ଅଛି ।

## ୪.୨ ଯାଜପୁର ଜିଲ୍ଲା ସମ୍ବନ୍ଧରେ

ଓଡିଶାରେ ୩୦ଗୋଟି ଜିଲ୍ଲା, ସେଥିମଧ୍ୟରୁ ଯାଜପୁର ଜିଲ୍ଲା ଅନ୍ୟତମ ଯାହାକି ୧ ଅପ୍ରିଲ୍ ୧୯୯୩ ମସିହାରେ ଗଠନ କରାଯାଇଥିଲା । ପୂର୍ବରୁ ଏହା କଟକ ଜିଲ୍ଲା ଅନ୍ତର୍ଗତ ଥିଲା ଏବଂ ୦୧.୦୪.୧୯୯୩ ମସିହାରେ କଟକ ଜିଲ୍ଲା ୪ ଟି ଜିଲ୍ଲାରେ ଭାଗ ହୋଇ କଟକ, କେନ୍ଦ୍ରାପଡା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାରେ ପରିଣତ ହେଲା । ଯାଜପୁର ଜିଲ୍ଲାରେ ୨୦ଡିଗ୍ରୀ ୩୪' ୫୭" ରୁ ୨୧ଡିଗ୍ରୀ ୦୮' ୫୨" ଉତ୍ତର ଅକ୍ଷାଂଶ ଏବଂ ୮୫ ଡିଗ୍ରୀ ୪୧' ୨୧" ରୁ ୮୬ ଡିଗ୍ରୀ ୩୭' ୨୬" ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହା ଉତ୍ତରରେ କେନ୍ଦୁଝର ଓ ଭଦ୍ରଖ ଜିଲ୍ଲା, ପଶ୍ଚିମରେ ଢ଼େଙ୍କାନାଳ ଏବଂ କଟକ ଜିଲ୍ଲା, ଦକ୍ଷିଣରେ କେନ୍ଦ୍ରାପଡା ଓ କଟକ ଜିଲ୍ଲା ଏବଂ ପଶ୍ଚିମରେ କଟକ ଜିଲ୍ଲା ଦ୍ୱାରା ଆଚ୍ଛାଦିତ । ଜିଲ୍ଲା ମୁଖ୍ୟାଳୟ ଯାଜପୁର ଅନୁଯାୟୀ ଏହି ଜିଲ୍ଲାର ନାମକରଣ କରାଯାଇଛି । ପ୍ରାଚୀନ କାଳରୁ

ଯାଜପୁର ଜିଲ୍ଲା କହିଲେ ମା ବିରଜା ଓ ବିରଜା କ୍ଷେତ୍ରକୁ ବୁଝାଏ । ଯାଜପୁର ଜିଲ୍ଲାରେ ୭ ଟି ବିଧାନସଭା ଅଞ୍ଚଳ ଅଛି । ସେଗୁଡିକ ହେଲା ବିଞ୍ଝାରପୁର (୪୮), ବରୀ (୪୯), ବଡଚଣା (୫୦), ଧର୍ମଶାଳା(୫୧), ଯାଜପୁର (୫୨), କୋରେଇ (୫୩), ସୁକିନ୍ଦା (୫୪) ଏବଂ ଗୋଟିଏ ଲୋକସଭା ଅଞ୍ଚଳ ଯାଜପୁର । ପ୍ରକଳ୍ପ ଅଞ୍ଚଳଟି ଧର୍ମଶାଳା ବ୍ଲକ୍ ଓ ଧର୍ମଶାଳା ବିଧାନସଭା ଅଞ୍ଚଳରେ ଅବସ୍ଥିତ ।

## ମାନଚିତ୍ର - ୩ ଯାଜପୁର ଜିଲ୍ଲା




**ସାରଣୀ :- ୪.୧ ଜିଲ୍ଲା ସମ୍ବନ୍ଧରେ ମୌଳିକ ତଥ୍ୟ**

| | | | |
|---|---|---|---|
| ୧. | ଗଠନ ତାରିଖ | : | ୧ ଅପ୍ରେଲ୍ ୧୯୯୩ |
| ୨. | ଭୌଗଳିକ ଅଞ୍ଚଳ | : | ୨୮୮୭.୬୯ ବର୍ଗ କିଲୋମିଟର |
| ୩. | ଭୌଗଳିକ ଅବସ୍ଥିତି | : | ୨୦ଡିଗ୍ରୀ ୩୪'୫୭" ରୁ ୨୧ଡିଗ୍ରୀ ୦୮'୫୨"ଉତ୍ତର ଅକ୍ଷାଂଶ<br>୮୫ ଡିଗ୍ରୀ ୪୧' ୨୧" ରୁ ୮୬ ଡିଗ୍ରୀ ୩୭' ୨୬" ପୂର୍ବ ଦ୍ରାଘିମା |
| ୪ | ଭୌଗଳିକ ପରିସୀମା | | ଉତ୍ତର - କେନ୍ଦୁଝର ଓ ଭଦ୍ରଖ ଜିଲ୍ଲା<br>ପଶ୍ଚିମ - ଢ଼େଙ୍କାନାଳ ଏବଂ କଟକ ଜିଲ୍ଲା,<br>ଦକ୍ଷିଣ - କେନ୍ଦ୍ରାପଡା ଓ କଟକ ଜିଲ୍ଲା<br>ପଶ୍ଚିମ - କଟକ ଜିଲ୍ଲା |

**ସାରଣୀ :- ୪.୨ ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା**

| | | | |
|---|---|---|---|
| ସବ୍-ଡିଭିଜନ୍ ସଂଖ୍ୟା | ୧ | ବିଜ୍ଞାପିତ ଅଞ୍ଚଳ ପରିଷଦ ସଂଖ୍ୟା | ୦ |
| ମ୍ୟୁନିସିପାଲିଟି | ୨ | ମହିଳା ଥାନା ସହ ସମୁଦାୟ ଥାନା ସଂଖ୍ୟା | ୨୧ |
| ବ୍ଲକ୍ ସଂଖ୍ୟା | ୧୦ | ନିର୍ଜନ ଗ୍ରାମ ସଂଖ୍ୟା | ୧୮୫ |
| ତହସିଲ୍ ସଂଖ୍ୟା | ୧୦ | ଆବାସିକ ଗ୍ରାମ ସଂଖ୍ୟା | ୧୫୯୮ |
| ଗ୍ରାମ ପଞ୍ଚାୟତ ସଂଖ୍ୟା | ୨୮୦ | ମୋଟ ଗ୍ରାମ ସଂଖ୍ୟା | ୧୭୮୩ |

*ଉତ୍ସ : - ଡିଷ୍ଟ୍ରିକ୍ଟ ଆଟ୍ ଏ ଗ୍ଲାନ୍ସ*

**ସାରଣୀ :- ୪.୩ ଯାଜପୁର ଜିଲ୍ଲାର ଜନସଂଖ୍ୟା ସମ୍ବନ୍ଧୀତ ଚିତ୍ର**

| ଯାଜପୁର ଜିଲ୍ଲାର ଭୌଗଳିକ ଏବଂ ଜନସଂଖ୍ୟା ସମ୍ବନ୍ଧୀତ ବିବରଣୀ | | | |
|---|---|---|---|
| ଭୌଗଳିକ ଅଞ୍ଚଳ: ୨,୮୮୭.୬୯ବର୍ଗ କିମି | ଜଙ୍ଗଲ ଅଞ୍ଚଳ | ୧୪୫୩.୨୨ ବର୍ଗ କିମି | ୫୦.୩୨% |
| ୨୦୧୧ ଜନଗଣନା ଅନୁଯାୟୀ ଲୋକସଂଖ୍ୟା | ମୋଟ ଲୋକସଂଖ୍ୟା | ୧୮,୨୬,୨୭୫ | %ରେ |
| | ପୁରୁଷ | ୯,୨୬,୦୧୨ | ୫୦.୭୦ |
| | ମହିଳା | ୯,୦୦,୨୬୩ | ୪୯.୩୦ |
| | ଗ୍ରାମାଞ୍ଚଳ ଲୋକ ସଂଖ୍ୟା | ୧,୭୩୧,୯୫୦ | ୯୪.୮୪ |
| | ସହରାଞ୍ଚଳ ଲୋକ ସଂଖ୍ୟା | ୯୪,୩୨୫ | ୫.୧୬ |
| | ଅନୁସୂଚିତ ଜାତି ଲୋକସଂଖ୍ୟା | ୩,୭୩,୫୧୩ | ୨୦.୪୫ |
| | ଅନୁସୂଚିତ ଜାତି ପୁରୁଷ | ୧,୯୦୯୭୬ | ୫୧.୧୩ |
| | ଅନୁସୂଚିତ ଜାତି ମହିଳା | ୧,୮୨,୫୩୭ | ୪୮.୮୭ |
| | ଅନୁସୂଚିତ ଜନଜାତି ଲୋକସଂଖ୍ୟା | ୧୨୫୯୮୯ | ୬.୯୦ |
| | ଅନୁସୂଚିତ ଜନଜାତି ପୁରୁଷ | ୬୪.୧୯୮ | ୫୦.୯୬ |
| | ଅନୁସୂଚିତ ଜନଜାତି ମହିଳା | ୬୧.୭୯୧ | ୪୯.୦୪ |
| ଲୋକସଂଖ୍ୟା ଘନତ୍ୱ | ୬୩୦ (ପ୍ରତି ବର୍ଗ କିଲୋମିଟରରେ) | | |
| ସାକ୍ଷରତା ହାର | ସମୁଦାୟ ସାକ୍ଷର | ୧,୩୦୨,୨୯୨ | ୭୧.୩୧ |
| | ସାକ୍ଷର ପୁରୁଷ | ୭୧୪୬୫୦ | ୫୪.୮୮ |
| | ସାକ୍ଷର ମହିଳା | ୫୮୭୬୪୨ | ୪୫.୧୨ |
| | ସମୁଦାୟ ନିରକ୍ଷର | ୫୨୩୯୮୩ | ୨୮.୬୯ |
| ପରିବାର ସଂଖ୍ୟା | ମୋଟ ପରିବାର ସଂଖ୍ୟା | ୪୦୭,୮୫୧ | |
| | ଗ୍ରାମାଞ୍ଚଳ ପରିବାର ସଂଖ୍ୟା | ୩୭୮୬୪୫ | ୯୨.୮୪ |
| | ସହରାଞ୍ଚଳ ପରିବାର ସଂଖ୍ୟା | ୨୯,୨୦୬ | ୭.୧୬ |
| | ବିପିଏଲ୍ ପରିବାର ସଂଖ୍ୟା | ୧,୬୯,୫୯୫ | |

*ଉତ୍ସ – ଜିଲ୍ଲା ପୋର୍ଟାଲ୍ ଯାଜପୁର*

ଭୌଗଳିକ ଅଞ୍ଚଳ ଦୃଷ୍ଟିରୁ ଯାଜପୁର ଜିଲ୍ଲା ରାଜ୍ୟର ସମଗ୍ର ଭୌଗଳିକ ଅଞ୍ଚଳର ୧.୮୬% ଓ ଲୋକସଂଖ୍ୟା ଦୃଷ୍ଟିରୁ ରାଜ୍ୟର ସମୁଦାୟ ଲୋକସଂଖ୍ୟାର ୪.୩୫% ଅଟେ । ଜିଲ୍ଲାର ସମୁଦାୟ ଲୋକସଂଖ୍ୟା ୧୮,୨୬,୨୭୫ ସେଥିରୁ ପୁରୁଷମାନଙ୍କ ସଂଖ୍ୟା ୯,୨୬,୦୧୨ ଏବଂ ମହିଳାମାନଙ୍କ ସଂଖ୍ୟା ୯,୦୦,୨୬୩ । ଓଡିଶାର ୩୦ଟି ଜିଲ୍ଲା ମଧ୍ୟରୁ ଭୌଗଳିକ ଅଞ୍ଚଳ ଦୃଷ୍ଟିରୁ ଏହି ଜିଲ୍ଲା ୨୪ତମ ସ୍ଥାନ ଦଖଲ କରିଥିବା ବେଳେ ଜନସଂଖ୍ୟା ଦୃଷ୍ଟିରୁ ଏହାର ସ୍ଥାନ ସପ୍ତମ ଅଟେ । କିନ୍ତୁ ଜନସଂଖ୍ୟାର ଘନତ୍ୱ ଦୃଷ୍ଟିରୁ ଏହାର ସ୍ଥାନ ଚତୁର୍ଥ । ୨୦୧୧ ଜନସଂଖ୍ୟା ବିବରଣୀ ଅନୁଯାୟୀ, ଏହି ଜିଲ୍ଲାର ଜନସଂଖ୍ୟାର ଘନତ୍ୱ (ପ୍ରତି ବର୍ଗ କିଲୋମିଟରରେ ୬୩୦) ବହୁତ ଅଧିକ ଅଟେ, ଓଡିଶାର ଜନସଂଖ୍ୟାର ଘନତ୍ୱର ( ପ୍ରତି ବର୍ଗ କିଲୋମିଟରରେ ୬୩୦) ପ୍ରାୟ ଦୁଇଗୁଣରୁ ଅଧିକ । ୨୦୧୧ ଜନସଂଖ୍ୟା ବିବରଣୀ ଅନୁଯାୟୀ, ଅନୁସୂଚିତ ଜାତିର ଲୋକସଂଖ୍ୟା ୩,୭୩,୫୧୩ ( ସମୁଦାୟ ଲୋକସଂଖ୍ୟାର ୨୦.୪୫%) ଏବଂ ଅନୁସୂଚିତ ଜନଜାତି ଲୋକସଂଖ୍ୟା ୧,୨୫,୯୮୯ (ସମୁଦାୟ ଲୋକସଂଖ୍ୟାର ୬.୯୦%) ।

### ୪.୨.୧. କୃଷି

ଯଦିଓ ଏହି ଜିଲ୍ଲା ବିଭିନ୍ନ ଶିଳ୍ପ ନିମନ୍ତେ ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି, କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟ ଲୋକମାନଙ୍କ ଆୟର ମୁଖ୍ୟ ପନ୍ଥା ଅଟେ ଏବଂ ଯାଜପୁର ଜିଲ୍ଲାର ୬୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରକରି ଚଳନ୍ତି । ମୃତ୍ତିକାର ପ୍ରକାର, ଭୂଭାଗର ପ୍ରକାର, ବୃଷ୍ଟିପାତର ପରିମାଣ, ଚାଷ ପ୍ରଣାଳୀ ଅସମତଳ ଏବଂ ପାର୍ବତ୍ୟ ଅଞ୍ଚଳ ଆଦିକୁ ଦୃଷ୍ଟିରେ ରଖି ଜିଲ୍ଲାର ସମୁଦାୟ ୨୮୯୯ ବର୍ଗ କିଲୋମିଟର ଭୌଗଳିକ ଅଞ୍ଚଳକୁ ଦୃଷ୍ଟିରେ ରଖି ଏନ୍ ଏ ଆର୍ ପି ଏହି ଜିଲ୍ଲା ଉତ୍ତର ପୂର୍ବ ଉପକୂଳବର୍ତ୍ତୀ ସମତଳ କୃଷି-ଜଳବାୟୁ କ୍ଷେତ୍ରରେ ଅବସ୍ଥିତ । କୃଷି-ଜଳବାୟୁ କ୍ଷେତ୍ରରେ ଭାଗ କରାଯାଇଛି । ଜିଲ୍ଲାରେ ହାରାହାରି ୭୩.୨ ବୃଷ୍ଟିପାତ ଦିନରେ ୧୫୫୯.୯ ମିଲି ମିଟର ବୃଷ୍ଟିପାତ ହୋଇଥାଏ । କୃଷିର ଚିରନ୍ତନ ବିକାଶ ନିମନ୍ତେ ଆବଶ୍ୟକ ଉତ୍ତମ ପରିବେଶକୁ ଦୃଷ୍ଟି ଦେଲେ ବରଗଡ ଓ ଜଗତସିଂପୁର ଜିଲ୍ଲା ପରେ ଯାଜପୁର ଜିଲ୍ଲା ତୃତୀୟ ହିସାବରେ ପରିଗଣିତ ହୋଇଥାଏ ।

**ସାରଣୀ – ୪.୪ କୃଷି ପରିସ୍ଥିତି, ଜଳବାୟୁ, ଜଳ ବିଜ୍ଞାନ ଏବଂ ଭୂଭାଗର ରୂପ**

| ସାରଣୀ :-୨.୪ କୃଷି ପରିସ୍ଥିତି, ଜଳବାୟୁ | |
|---|---|
| କୃଷି-ଜଳବାୟୁ, ଉପ ଅଞ୍ଚଳ (ଆଇ ସି ଏ ଆର୍ ) | ଉପ ଆଦ୍ର ରୁ ଆଦ୍ର, ପୂର୍ବ ଏବଂ ଦକ୍ଷିଣ ପୂର୍ବ ଉଚ୍ଚ ଭୂମି ଜଳବାୟୁ |
| କୃଷି-ଜଳବାୟୁ, ଉପ ଅଞ୍ଚଳ (ଯୋଜନା କମିଶନ) | ପୂର୍ବ ଉପକୂଳ ସମତଳ ଅଞ୍ଚଳ |
| କୃଷି-ଜଳବାୟୁ, ଉପ ଅଞ୍ଚଳ (ଏନ୍ ଏ ଆର୍ ପି ) | ଉତ୍ତର ପୂର୍ବ ସମତଳ ଅଞ୍ଚଳ |

### ୪.୨.୨ ନଦୀ ବ୍ୟବସ୍ଥା

ଯାଜପୁର ଜିଲ୍ଲାଟି ତିନୋଟି ମୁଖ୍ୟ ନଦୀ ଦ୍ୱାରା ବିମଣ୍ଡିତ ସେଗୁଡିକ ହେଲା ବ୍ରାହ୍ମଣୀ, ବୈତରଣୀ ଏବଂ ବିରୁପା । ବୈତରଣୀ ନଦୀ ଯାଜପୁର ଜିଲ୍ଲାର ଯାଜପୁର-କେନ୍ଦୁଝର ଓ ଯାଜପୁର-ଭଦ୍ରଖ ସୀମା ଦେଇ ବୋହି ଯାଉଥିବା ବେଳେ ବ୍ରାହ୍ମଣୀ ନଦୀ ଜିଲ୍ଲା ମଧ୍ୟ ଦେଇ ପ୍ରବହିତ । ବ୍ରାହ୍ମଣୀ ନଦୀ ଓଡିଶାର ଦ୍ୱିତୀୟ ବୃହତ୍ତମ ନଦୀ ଅଟେ । ଏହା ଶଂଖ ଓ କୋଏଲ୍ ନାମକ ଦୁଇଟି ନଦୀ ନାମରେ ବିହାର ରାଜ୍ୟର ଛୋଟନାଗପୁର ମାଳଭୂମିରୁ ବାହାରି ସୁନ୍ଦରଗଡର ରାଉରକେଲା ନିକଟ ବେଦବ୍ୟାସ ନିକଟରେ ଏକାଠି ହୋଇ ବ୍ରାହ୍ମଣୀ ନଦୀରେ ପରିଣତ ହୋଇଛନ୍ତି । ଏହା ପଶ୍ଚିମ ଘାଟ ପର୍ବତମାଳାରେ ସୁନ୍ଦରଗଡ, ଦେଓଗଡ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର ଏବଂ ଭଦ୍ରଖ ଉପକୁଳବର୍ତ୍ତୀ ସମତଳ ଅଞ୍ଚଳ ମଧ୍ୟ ଦେଇ ବୈତରଣୀ ନଦୀ ସହ ଏକାଠି ହୋଇ ଧାମରା ନିକଟରେ ବଙ୍ଗୋପସାଗରରେ ମିଶିଛି । ଯାଜପୁର ଜିଲ୍ଲାର ଜେନାପୁର ନିକଟରେ ଏହା ବ୍ରାହ୍ମଣୀ ଓ ଖରସ୍ରୋତା ନାମରେ ଦୁଇଭାଗରେ ବିଭକ୍ତ ହୋଇଛି । ବିରୁପା ନଦୀ ମହାନଦୀର ଏକ ମୁଖ୍ୟ ଉପନଦୀ । ଏହା କଟକ ନିକଟରେ ମହାନଦୀରୁ ବାହାରି ତଳକୁ ଗତିକରି କେନ୍ଦ୍ରାପଡାର ଇନ୍ଦୁପୁର ନିକଟରେ ବ୍ରାହ୍ମଣୀ ନଦୀରେ ମିଶିଛି ।




ସାରଣୀ - ୪.୫ ବିଭିନ୍ନ ବ୍ଲକର ଭୌଗଳିକ ଅଞ୍ଚଳ (ହେକ୍ଟରରେ)

| କ୍ର ସଂ | ବ୍ଲକ୍ ରନାମ | ଭୌଗଳିକ ଅଞ୍ଚଳ |
|---|---|---|
| ୧ | ସୁକିନ୍ଦା | ୫୯୩୩୦ |
| ୨ | ଦାନଗଦୀ | ୪୫୪୩୧ |
| ୩ | କୋରେଇ | ୨୭୪୨୬ |
| ୪ | ଧର୍ମଶାଳା | ୨୮୭୮୩ |
| ୫ | ଯାଜପୁର | ୧୭୬୮୫ |
| ୬ | ରସୁଲପୁର | ୧୩୧୨୯ |
| ୭ | ବରୀ | ୧୫୬୧୧ |
| ୮ | ବଡଚଣା | ୪୨୦୮୭ |
| ୯ | ଦଶରଥପୁର | ୨୨୫୨୪ |
| ୧୦ | ବିଞ୍ଝାରପୁର | ୧୭୮୯୪ |

### ୪.୨.୩ ଜମି ବ୍ୟବହାର ପ୍ରଣାଳୀ

ନଦୀ ଦ୍ୱାରା ପରିବେଷ୍ଟିତ ହୋଇ ଯାଜପୁର ଜିଲ୍ଲା କୃଷି ନିମନ୍ତେ ଏକ ପ୍ରକୃଷ୍ଟ ସ୍ଥାନ ଅଟେ । ଏହି ସନ୍ଦର୍ଭରେ ଜମି ବ୍ୟବହାର ପ୍ରଣାଳୀରେ ଜିଲ୍ଲାର କ୍ଷମତା ବୁଝିବାର ଆବଶ୍ୟକତା ଅଛି । ନିମ୍ନରେ ପ୍ରଦତ୍ତ ସାରଣୀରୁ ୨୦୧୦-୧୧ ମସିହାରେ ଯାଜପୁର ଜିଲ୍ଲା ତଥା ଧର୍ମଶାଳା ବ୍ଲକର ଜମି ବ୍ୟବହାର ପ୍ରଣାଳୀ ସମ୍ବନ୍ଧରେ ଅବଗତ କରିହେବ । ଯାଜପୁର ଜିଲ୍ଲାରେ ଫସଲର ତିବ୍ରତା ୧୮୬% ଯାହାକି ରାଜ୍ୟର ଫସଲର ତିବ୍ରତା ୧୫୮% ଠାରୁ ଅଧିକ ଅଟେ । ବ୍ଲକସ୍ତରିୟ ଜମି ବ୍ୟବହାର ପ୍ରଣାଳୀର ବିଶ୍ଳେଷଣରୁ ଏହା ଜଣାପଡୁଛି ଯେ, ଜିଲ୍ଲାର କୋରେଇ ବ୍ଲକରେ ସର୍ବାଧିକ ହେକ୍ଟର ସମୁଦାୟ ବିହନ ବୁଣାଯାଉଥିବା ଅଞ୍ଚଳ ଥିବା ବେଳେ ଫସଲର ତିବ୍ରତା କମ (୧୪୦.୮%)

ହୋଇଥିବାବେଳେ, ବରୀ ବ୍ଲକରେ ସର୍ବନିମ୍ନ ଅର୍ଥାତ୍ ୧୧୪୨୦ ହେକ୍ଟର ସମୁଦାୟ ବିହନ ବୁଣାଯାଉଥିବା ଅଞ୍ଚଳ ଥିବା ବେଳେ ଫସଲର ତିବ୍ରତା ସର୍ବାଧିକ ୨୦୫.୮% । ସାରଣୀ ୨.୬ ସୁଚିତ କରୁଛି ଯେ ସୁକିନ୍ଦା ବ୍ଲକରେ ସର୍ବାଧିକ ଭୌଗଳିକ ଅଞ୍ଚଳ ୫୯.୩୩୦ହେକ୍ଟର ଥିବାବେଳେ ତା ପଛକୁ ଦାନଗଦୀ ୪୫୪୩୧ ହେକ୍ଟର ଏବଂ ବଡଚଣା ୪୨୦୮୭ ହେକ୍ଟର । ଜିଲ୍ଲାରେ ଜଂଗଲ ଅଞ୍ଚଳ ସମୁଦାୟ ଭୌଗଳିକ ଅଞ୍ଚଳର ୨୫% ଅଟେ । ସୁକିନ୍ଦା ବ୍ଲକରେ ସର୍ବାଧିକ ୩୭% ଅଞ୍ଚଳରେ ଜଂଗଲ ଦେଖାଯାଏ ତା ପଛକୁ ଦାନଗଦୀ ଓ ବଡଚଣା ବ୍ଲକରେ ଜଂଗଲ ଅଞ୍ଚଳ ଦେଖାଯାଏ । ବହୁତ ଅଞ୍ଚଳରେ ଜଳସେଚନ ସୁବିଧା ଥିବାରୁ ହାରାହାରି ସର୍ବାଧିକ ପରିମାଣର ଚାଷ ହେଉଥିବା ଅଞ୍ଚଳ ଯାଜପୁର ଜିଲ୍ଲାରେ ଦୃଷ୍ଟିଗୋଚର ହୋଇଥାଏ ଯାହାକି ୬୫,୫୮୧ ହେକ୍ଟର ବା (୩୮.୨%) ।

**ସାରଣୀ – ୪.୬ ଯାଜପୁର ଜିଲ୍ଲାରେ ଜମି ବ୍ୟବହାର ପ୍ରଣାଳୀ (ଭୌଗଳିକ ଅଞ୍ଚଳ୦୦୦ ହେକ୍ଟର )**

| ଜମି ବ୍ୟବହାର ପ୍ରଣାଳୀ | ଯାଜପୁର ଜିଲ୍ଲା | | ଯାଜପୁର ବ୍ଲକ | |
|---|---|---|---|---|
| | ଅଞ୍ଚଳ ହେକ୍ଟର | ଭୌଗଳିକ ଅଞ୍ଚଳ ର ପ୍ରତିଶତ | ଅଞ୍ଚଳ ହେକ୍ଟର | ଭୌଗଳିକ ଅଞ୍ଚଳ ର ପ୍ରତିଶତ |
| ଜଂଗଲ ଅଞ୍ଚଳ | ୧୮୮୨୬ | ୭.୦୭ | ୧୬୪ | ୦.୮୪ |
| ଅଣକୃଷି କାର୍ଯ୍ୟରେ ବିନିଯୋଗ ଜମି | ୪୯୨୧୮ | ୧୮.୪୭ | ୯୯୧୭ | ୫୧.୦୧ |
| ପତିତ ଓ ଅନାବାଦୀ ଜମି | ୧୩୩୬୬ | ୫.୦୨ | ୦ | ୦.୦୦ |
| ଗୋଚର ଓ ଅନ୍ୟାନ୍ୟ ଚାରଣ ଭୂମି | ୧୩୧୭୯ | ୪.୯୫ | ୯୮୧ | ୫.୦୫ |
| ଅନାବନା ଛୋଟ ଗଛ ଜଙ୍ଗଲ ଯାହାକି ସମୁଦାୟ ବିହନ ବୁଣା ଅଞ୍ଚଳରେ ମିଶିନଥିବା ଜମି | ୩୦୮୧ | ୧.୧୬ | ୩୦୪ | ୧.୫୬ |
| ଆବାଦଯୋଗ୍ୟ ଅନାବାଦୀ | ୮୬୭୬ | ୩.୨୬ | ୧୬୮ | ୦.୮୬ |
| ପୁରାତନ ପତିତ | ୧୦୬୪୨ | ୩.୯୯ | ୪୩୪ | ୨.୨୩ |
| ବର୍ତ୍ତମାନର ପତିତ | ୧୪୮୧୯ | ୫.୫୬ | ୪୪୪ | ୨.୨୮ |
| ସମୁଦାୟ ବିହନ ବୁଣା ଅଞ୍ଚଳ | ୧୩୪୬୦୩ | ୫୦.୫୨ | ୭୦୩୦ | ୩୬.୧୬ |
| ସମୁଦାୟ ସର୍ବେକ୍ଷଣ ଅଞ୍ଚଳ | **୨୬୬୪୧୦** | **୧୦୦** | **୧୯୪୪୨** | **୧୦୦.୦୦** |

***ଉତ୍ସ :- ଜିଲ୍ଲା ଷ୍ଟାଟିଷ୍ଟିକାଲ ହ୍ୟାଣ୍ଡବୁକ୍୨୦୧୧***

### ୪.୨.୪ ରାସ୍ତା ଓ ରେଳପଥ ସଂଜାଳ :

ବ୍ୟାପକ ସଡକପଥ ସଂଜାଳର ବିକାଶ ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଗୋଟିଏ ପୂର୍ବ ଆବଶ୍ୟକତା ଅଟେ ଯାହା ଉପରେ ବିକାଶର ଗତି ଓ ପ୍ରଣାଳୀ ନିର୍ଭର କରିଥାଏ । ଓଡିଶାର ଆର୍ଥିକ ଉନ୍ନତି ନିମନ୍ତେ ରାସ୍ତା ଯୋଗାଯୋଗ ବ୍ୟବସ୍ଥା ଗୋଟିଏ ମୁଖ୍ୟ ଉପାଦାନ ଅଟେ । ସେଥିପାଇଁ ଗ୍ରାମୀଣ ଓ ଅପହଞ୍ଚ ଅଞ୍ଚଳରେ ସବୁଦିନିଆ ରାସ୍ତା ବ୍ୟବସ୍ଥା ଉପଲବ୍ଧ କରିବାକୁ ଏବଂ ଅବସ୍ଥିତ ଥିବା ରାସ୍ତା ଗୁଡିକରେ ଉନ୍ନତି କରି ଗ୍ରାମୀଣ ଲୋକମାନଙ୍କର ଚଳଣୀରେ ସୁଧାର ଆଣିବାକୁ ପ୍ରାଧାନ୍ୟ ଦିଆଯାଉଛି । ଜିଲ୍ଲାରେ ୬୭୮୭.୨୧କିଲୋମିଟରର ରାସ୍ତା ଯୋଗାଯୋଗ ବ୍ୟବସ୍ଥା ଅଛି, ଯେଉଁଥିରେ କି ଜାତୀୟ ରାଜପଥ , ରାଜ୍ୟ ରାଜପଥ, ଜିଲ୍ଲା ରାସ୍ତା ଏବଂ ଅନ୍ୟାନ୍ୟ ରାସ୍ତା ସାମିଲ ଅଛି । ରାଜ୍ୟରେ

ଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲ୍ଲା ରାସ୍ତା ପରିମାଣ ସହ ଜିଲ୍ଲାକୁ ତୁଳନା କଲେ ଏହି ପରିମାଣ ଯଥାକ୍ରମେ ୪.୧୬%, ୧.୫୫% ଏବଂ ୨.୬୫% ହେବ । ଏତଦବ୍ୟତୀତ ଯାଜପୁର ଜିଲ୍ଲାମଧ୍ଯ ରେଳପଥ ସହ ଉତ୍ତମ ଭାବରେ ସଂଯୁକ୍ତ । ହାଓଡା –ଭୁବନେଶ୍ୱର ରେଳପଥ ଓ ଯାଜପୁର-କେନ୍ଦୁଝର ରୋଡ ରେଳପଥ ଏହି ଜିଲ୍ଲା ମଧ୍ୟଦେଇ ଯାଇଛି । ଏହି ଜିଲ୍ଲାରେ ୧୩୧.୬୬ କିଲୋମିଟରର ରେଳପଥ ଏବଂ ୧୭ ଟି ଷ୍ଟେସନ୍ ଏବଂ ପାସେଞ୍ଜର ହଲ୍ଟ ଅଛି ।

**ସାରଣୀ – ୪.୭ ଯାଜପୁର ଜିଲ୍ଲାରେଥିବା ରାସ୍ତା ଯୋଗାଯୋଗ ବ୍ୟବସ୍ଥା**

| କ୍ର ସଂ | ବିବରଣୀ | ରାସ୍ତାର ଲମ୍ବ (କିଲୋମିଟର) | | ରାଜ୍ୟର ଶତକଡା |
|---|---|---|---|---|
| | | ଯାଜପୁର | ଓଡିଶା | |
| ୧ | ଜାତୀୟ ରାଜପଥ | ୨୦୨.୦୨ | ୪୮୫୫.୭୦ | ୪.୧୬ |
| ୨ | ରାଜ୍ୟ ରାଜପଥ | ୬୪.୩୮ | ୪୧୪୮.୮୨ | ୧.୫୫ |
| ୩ | ମୁଖ୍ୟ ଜିଲ୍ଲା ରାସ୍ତା | ୭୧.୪୪ | ୨୬୯୪.୭୭ | ୨.୬୫ |
| ୪ | ଅନ୍ୟାନ୍ୟ ଜିଲ୍ଲା ରାସ୍ତା | ୬୩୧.୪୮ | ୧୧୯୯୯.୪୬ | ୫.୨୬ |
| ୫ | ଗ୍ରାମ୍ୟ ରାସ୍ତା | ୧୬୩୭.୮୯ | ୩୬୧୨୮.୩୪ | ୪.୫୩ |
| ୬ | ଗ୍ରାମ ପଞ୍ଚାୟତ ରାସ୍ତା | ୩୧୮୭ | ୧୪୫୩୬୮ | ୨.୧୯ |
| ୭ | ପଞ୍ଚାୟତ ସମିତି ରାସ୍ତା | ୯୫୧ | ୨୫୩୧୦ | ୩.୭୬ |
| ୮ | ଜଙ୍ଗଲ ରାସ୍ତା | ୪୨ | ୭୫୭୪୯୦ | ୦.୦୧ |
| | **ସମୁଦାୟ ରାସ୍ତା ପରିମାଣ** | **୬୭୮୭.୨୧** | **୯୮୭୯୯୫.୦୯** | **୦.୬୯** |

*ଉତ୍ସ :- ଜିଲ୍ଲା ଷ୍ଟାଟିଷ୍ଟିକାଲ ହ୍ୟାଣ୍ଡବୁକ୍୨୦୧୧*

## ୪.୩ ପ୍ରଭାବିତ ଅଞ୍ଚଳ ତଥା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ପାର୍ଶ୍ବଚିତ୍ର

ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ହେଲା, ମୁଖ୍ୟତଃ ପ୍ରକଳ୍ପ ଅଞ୍ଚଳରେ ବାସ କରୁଥିବା ତଥା ଜମି ହରାଉଥିବା ପ୍ରଭାବିତ ଗୋଷ୍ଠୀର ସାମାଜିକ–ଆର୍ଥିକ ସ୍ଥିତି ଉପରେ ପ୍ରସ୍ତାବିତ ଜମି ଅଧିଗ୍ରହଣର ପ୍ରଭାବର ଆକଳନ କରିବା । ପ୍ରଭାବ ଉପରେ ଏକ ଯଥାର୍ଥ ଏବଂ ଉଚିତ ନିଷ୍କର୍ଷ ବାହାର କରିବା ପାଇଁ, ବର୍ତ୍ତମାନର ଏହି ଏସ୍ ଆଇ ଏ ଅଧ୍ୟୟନରେ ପ୍ରଭାବିତ ଗୋଷ୍ଠୀ ଓ ଅଞ୍ଚଳର ସାମାଜିକ ଆର୍ଥିକ ପାର୍ଶ୍ୱଚିତ୍ର ସମ୍ବନ୍ଧରେ ତଥ୍ୟ ଜାଣିବାର ଆବଶ୍ୟକତା ଅଛି ।

ମୋଟାମୋଟି ଭାବରେ ପ୍ରକଳ୍ପ ଅଞ୍ଚଳର ପାର୍ଶ୍ୱଚିତ୍ରରେ ଜନସଂଖ୍ୟାର ବିଶ୍ଳେଷଣ, ସାକ୍ଷରତା ହାର, ଆର୍ଥିକ କାର୍ଯ୍ୟ, ଶିକ୍ଷାର ଉପଲବ୍ଧତା, ଗମନାଗମନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ସେବା ସୁବିଧା, କୃଷି, ପଶୁସମ୍ପଦ ଇତ୍ୟାଦି ସାମିଲ୍ ଅଛି । ଏହି ପ୍ରକାରର ବିଶ୍ଳେଷଣ ଲୋକମାନଙ୍କ ଅବସ୍ଥା ଓ ଗୁଣବତ୍ତା ସମ୍ବନ୍ଧରେ ପ୍ରତ୍ୟକ୍ଷ ତଥ୍ୟ ପ୍ରଦାନ କରିଥାଏ ଏବଂ ଅନ୍ତତଃ ବର୍ତ୍ତମାନର ଏହି ଅଧ୍ୟୟନ ନିମନ୍ତେ ଉଚିତ ନିଷ୍କର୍ଷ ବାହାର କରିବାରେ ସହାୟତା ପ୍ରଦାନ କରିଥାଏ ।

ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ ପାଇଁ ଶୀତଳେଶ୍ୱର ଗ୍ରାମର ଲୋକମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ହେଉଛନ୍ତି । ସାମାଜିକ ଆକଳନ ଅଧ୍ୟୟନର ଏକ ଅଂଶ ହିସାବରେ, ଏକ ସଂରଚିତ ପ୍ରଶ୍ନାବଳୀ ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ସର୍ବେକ୍ଷଣ କରାଯାଇଥିଲା । ସର୍ବେକ୍ଷଣରୁ ମିଳିଥିବା ପରିମାଣାତ୍ମକ ତଥ୍ୟ ଆଧାରରେ ପ୍ରକଳ୍ପ ପ୍ରଭାବିତ ପରିବାରର ଏକ ସମ୍ପୁର୍ଣ୍ଣ ସାମାଜିକ ଆର୍ଥିକ ଅବସ୍ଥାର ମୌଳିକ ତଥ୍ୟ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି ।

## ୪.୩.୧ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ ସମ୍ବନ୍ଧରେ ବିଷଦ ବିବରଣୀ

ଶୀତଳେଶ୍ୱର ଗ୍ରାମଟି ଯାଜପୁର ଜିଲ୍ଲାର ଯାଜପୁର ବ୍ଲକ୍/ତହସିଲରେ ଯାଜପୁର ନଗରରପାଳିକ ମଧ୍ୟରେ ଅବସ୍ଥିତ । ଏହା ଜିଲ୍ଲା ସଦର ନହକୁମା ମଧ୍ୟରେ ଅବସ୍ଥିତ । ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ଭୂମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାକୁ ୟୁନିଟ ନମ୍ବର -୭ ଶିତଳେଶ୍ୱର ଗ୍ରାମରୁ ୪୯ ଟି ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଓ ୧୧ ଟି ଅଣ-ପ୍ରଭାବିତ ପରିବାର ନିକଟରୁ ସଂଗୃହିତ ବିଷୟ ମୁଖ୍ୟତଃ ପ୍ରାଥମିକ ତଥ୍ୟ ଆଧାରରେ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ମାନେ ଜମି ଓ ଜମି ଉପରେ ନିର୍ମାଣ କରାଯାଇଥିବା ଘରଦ୍ୱାର (ବାସଗୃହ ସହିତ) ଏବଂ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକର କ୍ଷତି ହେବ ଏବଂ ଏହାଫଳରେ ସେମାନେ ଜୀବିକା ହରାଇବେ । ଏହି ପ୍ରକାର ପ୍ରଭାବର ପରିଣାମ ଓ ଗମ୍ଭିରତା ହରାଉଥିବା ଜମିର ପରିମାଣ, ସମ୍ପତ୍ତି, ସମ୍ପତ୍ତି ସହିତ ଯୋଡି ହୋଇଥିବା ଜୀବିକାର ଆଧାର ଉପରେ ନିର୍ଭର କରିଥାଏ। ଜମି ଅଧିଗ୍ରହଣ ହେତୁ ଏହି ପ୍ରକାର କ୍ଷତି ସହିବାକୁ ପଡ଼ିଥାଏ। କିଏ ଜମି ହରାଉଛି ଏବଂ କଣ ହରାଉଛି ତାହା ଉପରେ ଏହା ନିର୍ଭର କରିଥାଏ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ଏହି ସମସ୍ୟା ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଅଧ୍ୟାୟରେ ଭୂମି ଅଧିଗ୍ରହଣର କିଛି ଗୁରୁତ୍ୱପୁର୍ଣ୍ଣ ବିଷୟ ଉପରେ ବିଶ୍ଳେଷଣ କରାଯାଇଛି।

ମୋଟାମୋଟି କହିବାକୁ ଗଲେ ପ୍ରଭାବିତ ଜମି ଶୀତଳେଶ୍ୱର ଗ୍ରାମରେ ଥିଲେ ମଧ୍ୟ ପ୍ରଭାବିତ ପରିବାର ମଧ୍ୟରୁ ଅଧିକାଂଶ ପରିବାର ନିକଟବର୍ତ୍ତୀ ଗ୍ରାମ ତାରାମଦନ, ଆଙ୍କୁଲା, କଲ୍ୟାଣପୁର, ବେପାରୀ ବ୍ରହ୍ମପୁର, ଭୀମକରପୁର, ଯମଧର, ଖଣ୍ଡେଶ୍ବର, ବିବିସରାଇ ଗ୍ରାମରେ ବସବାସ କରନ୍ତି ।

## ୪.୩.୨ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡ଼ିକର ଜନସଂଖ୍ୟାର ପାର୍ଶ୍ୱଚିତ୍ର

ୟୁନିଟ ନମ୍ବର – ୭ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ପରିବାର ଗୁଡ଼ିକର ଜନସଂଖ୍ୟା ସମ୍ବନ୍ଧିତ ଓ ସାମାଜିକ ଆର୍ଥିକ ବୈଶିଷ୍ଟ୍ୟକୁ ନିମ୍ନରେ ପ୍ରଦାନ କରାଗଲା। ଐତିହାସିକ କାଳରୁ ଯେତେବେଳେ ପରିବାର ସମୁହର ସାମାଜିକ ଓ ଆର୍ଥିକ ସ୍ଥିତିକୁ ବିଶ୍ଳେଷଣ କରାଯାଇଛି ସେତେବେଳେ ସେମାନଙ୍କର ଜାତି ଓ ଧର୍ମକୁ ବିଚାରକୁ ନିଆଯାଇଛି । ଅନ୍ୟ ବାଟରେ ଏହା ସତ୍ୟତା ମଧ୍ୟ ଥାଇପାରେ । ଯାଜପୁରରେ ଯେହେତୁ ଆଖିଦୃଶିଆ ମୁସଲିମ୍ ମାନଙ୍କ ଜନସଂଖ୍ୟା ରହିଛି, ପ୍ରଭାବିତ ପରିବାରଙ୍କ ମଧ୍ୟରେ ମୁସଲିମ୍ ପରିବାର ରହିବା କିଛି ବିଚିତ୍ର କଥା ନୁହେଁ।

ପ୍ରକୃତ ପକ୍ଷରେ, ଉଭୟ ହିନ୍ଦୁ ଓ ମୁସଲିମ୍ ପରିବାର ମାନେ ପ୍ରକଳ୍ପ ହେତୁ ଜମି ଅଧିଗ୍ରହଣ ହେଲେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହେବେ । ଏହାର ବିଶେଷ ବିବରଣୀ କୁ ସାରଣୀ ସଂଖ୍ୟା ୪.୮ରେ ଦର୍ଶାଯାଇଛି।

**ସାରଣୀ ୪.୮ ଧର୍ମ ଓ ସାମାଜିକ ଗୋଷ୍ଠୀ ଆଧାରରେ ପ୍ରଭାବିତ ପରିବାର ଗୁଡ଼ିକର ସଂରଚନା**

| କ୍ର.ନଂ | ୱାର୍ଡ/ଗ୍ରାମ | | ହିନ୍ଦୁ | | | | | ମୁମଲମାନ | ସର୍ବମୋଟ |
|---|---|---|---|---|---|---|---|---|---|
| | | | ଅନୁସୂଚୀତ ଜାତି | ଅନୁସୂଚୀତ ଜନଜାତି | ଅନ୍ୟାନ୍ୟ ପଛୁଆ ବର୍ଗ | ସାଧାରଣ ବର୍ଗ | ମୋଟ | | |
| ୧ | ଶୀତଳେଶ୍ୱର | ସଂ | ୨୦ | ୦ | ୧୩ | ୪ | ୩୭ | ୧୨ | ୪୯ |
| | ମୋଟ | % | ୪୦.୮୨ | ୦.୦୦ | ୨୬.୫୩ | ୮.୧୬ | ୭୫.୫୧ | ୨୪.୪୯ | ୧୦୦.୦୦ |

*ଉତ୍ସ- ମୌଳିକ ପରିବାର ସର୍ବେକ୍ଷଣ*




ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣରୁ ଜଣାଯାଏ ଯେ, ଯେଉଁ ୪୯ ପରିବାରର ସର୍ବେକ୍ଷଣ କରାଯାଇଛି, ସେମାନଙ୍କ ମଧ୍ୟରୁ ୩୭ (୭୫.୫୧%) ପରିବାର ହିନ୍ଦୁ ସଂପ୍ରଦାୟର ଏବଂ ବଳକା ୧୨ (୨୪.୪୯%) ଟି ପରିବାର ମୁସଲମାନ ସଂପ୍ରଦାୟର ଅଟନ୍ତି। ୩୭ ଟି ହିନ୍ଦୁ ପରିବାର ମଧ୍ୟରୁ ୨୦ଟି ପରିବାର (୪୦.୮୨%) ଅନୁସୂଚୀତ ଜାତିର, ୧୩ (୨୬.୫୩%) ଟି ପରିବାର ଅନ୍ୟାନ୍ୟ ପଛୁଆ ବର୍ଗର ଏବଂ ୪ ଟି ପରିବାର (୮.୧୬%) ସାଧାରଣ ବର୍ଗର ଅଟନ୍ତି । ଯେହେତୁ ପ୍ରଭାବିତ ପରିବାର ଗୁଡ଼ିକରେ ଅଧିକାଂଶ ସାମାଜିକ-ଆର୍ଥିକ ଦିଗରୁ ଦୁର୍ବଳ, ଜମି ଅଧିଗ୍ରହଣ କାରଣରୁ ସେମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ।

### ୪.୩.୩ ଲିଙ୍ଗଗତ ପାର୍ଶ୍ୱଚିତ୍ର

ଲିଙ୍ଗଗତ ଦୃଷ୍ଟିକୋଣରୁ ବିଚାର କରିବା ହେଉଛି ବିକାଶ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ପରିସର ଅନ୍ତର୍ଭୁକ୍ତ ଏବଂ ଏହି ଦିଗଟିକୁ ସର୍ବେକ୍ଷଣରେ ଅନୁଧ୍ୟାନ କରାଯାଇଛି। ଏହାର ବିବରଣୀ ସାରଣୀ ସଂଖ୍ୟା ୪.୯ ଓ ୪.୧୦ରେ ପ୍ରଦାନ କରାଯାଇଛି ।

**ସାରଣୀ -୪.୯ ପ୍ରଭାବିତ ପରିବାର ମୁଖ୍ୟମାନଙ୍କର ଲିଙ୍ଗଗତ ସଂରଚନା**

| କ୍ର.ନଂ. | ୱାର୍ଡ/ଗ୍ରାମ | | ପରିବାରମୁଖ୍ୟଙ୍କର ଲିଙ୍ଗର ସୂଚନା | | ମୋଟ |
|---|---|---|---|---|---|
| | | | ପୁରଷ | ମହିଳା | |
| ୧ | ଶୀତଳେଶ୍ୱର | ସଂ | ୩୭ | ୧୨ | ୪୯ |
| | | % | ୭୫.୫୧ | ୨୪.୪୯ | ୧୦୦ |

*ଉତ୍ସ- ମୌଳିକ ପରିବାର ସର୍ବେକ୍ଷଣ (ସୂଚନା- ବନ୍ଧନୀ ମଧ୍ୟରେ ଥିବା ଅଙ୍କ ସବୁ ଶତକଡ଼ାକୁ ବୁଝାଏ।)*

ସାରଣୀ ୪.୧୦ ରୁ ଜଣାଯାଏ ଯେ, ଅଧିକାଂଶ ପରିବାର ଯାହାର ସର୍ବେକ୍ଷଣ କରାଯାଇଛି ଅର୍ଥାତ ୪୯ ରୁ ୩୭ (୭୫.୫୧%) ଟି ପରିବାରର ମୁଖ୍ୟ ପୁରୁଷ ଅଟନ୍ତି ଏବଂ ୪୯ ଟି ପରିବାର ମଧ୍ୟରୁ ୧୨ ଟି ପରିବାର (୨୪.୪୯%) ର ମୁଖ୍ୟ ମହିଳା ଅଟନ୍ତି ।

**ସାରଣୀ - ୪.୧୦ ପ୍ରଭାବିତ ପରିବାର ଗୁଡ଼ିକର ଜନସଂଖ୍ୟାରେ ଲିଙ୍ଗଗତ ବିତରଣ**

| କ୍ର.ସଂ. | ୱାର୍ଡ/ଗ୍ରାମ | ପରିବାର ମୁଖ୍ୟଙ୍କର ଲିଙ୍ଗର ସୂଚନା | | ସର୍ବମୋଟ | ହାରାହାରି ଭାବେ ପରିବାର ସଭ୍ୟଙ୍କ ସଂଖ୍ୟା | ଲିଙ୍ଗ ଅନୁପାତ |
|---|---|---|---|---|---|---|
| | | ପୁରଷ | ମହିଳା | | | |
| ୧ | ଶୀତଳେଶ୍ୱର | ୧୪୦ (୫୧.୦୯%) | ୧୩୪ (୪୮.୯୧%) | ୨୭୪ | ୫.୫୯ | ୯୫୭ |
| | **ମୋଟ** | **୧୪୦ (୫୧.୦୯%)** | **୧୩୪ (୪୮.୯୧%)** | **୨୭୪** | **୫.୫୯** | **୯୫୭** |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ (ସୂଚନା- ବନ୍ଧନୀ ମଧ୍ୟରେ ଥିବା ଅଙ୍କ ସବୁ ଶତକଡ଼ାକୁ ବୁଝାଏ।)*

୪୯ ଗୋଟି ପ୍ରକଳ୍ପ ପ୍ରଭାବିତ ପରିବାରର ମୋଟ ଲୋକ ସଂଖ୍ୟା ୨୭୪ ବୋଲି ଆକଳନ କରାଯାଇଛି । ସେମାନଙ୍କ ମଧ୍ୟରୁ ୧୪୦ (୫୧.୦୯%)ଜଣ ପୁରୁଷ ଓ ୧୩୪ (୪୮.୯୧%) ଜଣ ମହିଳା । ପରିବାର ପିଛା ହାରାହାରି ସଭ୍ୟଙ୍କ ସଂଖ୍ୟା ୫.୫୯ ଏବଂ ଲିଙ୍ଗ ଅନୁପାତ ୯୫୭ ଅଟେ ।

### ୪.୩.୪ ବୟସ ସଂରଚନା

ଜନଗଣନା ପାର୍ଶ୍ୱଚିତ୍ରର ଦିଗକୁ ବିଚାରକୁ ନେଲା ବେଳେ ଲୋକନାମଙ୍କର ବିଭିନ୍ନ ବୟସର ବିତରଣକୁ ଦୃଷ୍ଟିଦେବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ଏଥିରୁ ସମାଜରେ ଥିବା ଉତ୍ପାଦନକ୍ଷମ ମାନବ ସମ୍ବଳ ଏବଂ ଆଶ୍ରିତ ବୋଝକୁ ଆକଳନ କରିହୁଏ । କଥିତ ଅଞ୍ଚଳର ଲୋକଙ୍କର ବୟସ ବିତରଣକୁ ସାରଣୀ ୪.୧୧ ରେ ଦର୍ଶାଯାଉଛି ।

**ସାରଣୀ - ୪.୧୧ ପ୍ରଭାବିତ ଏବଂ ଅଣ ପ୍ରଭାବିତ ପରିବାର ମଧ୍ୟରେ ବୟସ ଅନୁଯାୟୀ ବର୍ଗୀକରଣ**

| ବୟସ ବର୍ଗ | ପ୍ରଭାବିତ ପରିବାର | | | ସମୁଦାୟ ଲୋକସଂଖ୍ୟା ର କେତେ ପ୍ରତିଶତ | ଅଣ ପ୍ରଭାବିତ ପରିବାର | | | ସମୁଦାୟ ଲୋକସଂଖ୍ୟା ର କେତେ ପ୍ରତିଶତ |
|---|---|---|---|---|---|---|---|---|
| | ପୁରଷ | ମହିଳା | ମୋଟ | | ପୁରଷ | ମହିଳା | ମୋଟ | |
| ୦-୬ | ୯ | ୧୧ | ୨୦ | ୭.୩୦ | ୩ | ୨ | ୫ | ୧୦.୨୦ |
| ୭ ରୁ ୧୪ | ୨୮ | ୨୭ | ୫୫ | ୨୦.୦୭ | ୪ | ୩ | ୭ | ୧୪.୨୯ |
| ୧୫-୪୫ | ୭୩ | ୫୯ | ୧୨୨ | ୪୪.୫୩ | ୧୪ | ୧୧ | ୨୫ | ୫୧.୦୨ |
| ୪୬-୬୦ | ୨୮ | ୨୭ | ୫୫ | ୨୦.୦୭ | ୩ | ୨ | ୫ | ୧୦.୨୦ |
| ୬୦ଓ ଅଧିକ | ୧୨ | ୧୦ | ୨୨ | ୮.୦୩ | ୩ | ୪ | ୭ | ୧୪.୨୯ |
| ସର୍ବମୋଟ | ୧୪୦ | ୧୩୪ | ୨୭୪ | ୧୦୦.୦୦ | ୨୭ | ୨୨ | ୪୯ | ୧୦୦.୦୦ |

*ଉତ୍ସ- ମୌଳିକ ପରିବାର ସର୍ବେକ୍ଷଣ*

**ଚିତ୍ର – ୪.୨ ବିଭିନ୍ନ ବୟସ ଅନୁଯାୟୀ ଲୋକସଂଖ୍ୟା ର ପ୍ରତିଶତ ଅନୁଯାୟୀ ବିଭାଜନ (ପ୍ରଭାବିତ ଏବଂ ଅଣ ପ୍ରଭାବିତ)**







ଉପରୋକ୍ତ ସାରଣୀ ଏବଂ ଚିତ୍ର ରୁ ଜଣାଯାଏ ଶୀତଳେଶ୍ୱର ଗ୍ରାମର ଉତ୍ପାଦନକ୍ଷମ (୧୫-୪୫) ବୟସ ମଧ୍ୟରେ ପ୍ରଭାବିତ ଲୋକସଂଖ୍ୟାରେ ୪୪.୫୩% ଥିବା ବେଳେ ଅଣ ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଏହାର ପରିମାଣ ୫୧.୦୨% ଲୋକ ଅଛନ୍ତି । ଏହା ପଛକୁ ଅଛନ୍ତି ୪୬-୬୦ ବର୍ଷ ବୟସ ଗୋଷ୍ଠୀର ବ୍ୟକ୍ତି ଯାହା ପ୍ରଭାବିତ ଲୋକମାନଙ୍କ କ୍ଷେତ୍ରରେ ମୋଟ ଲୋକ ସଂଖ୍ୟାର ୨୦.୦୭% ହୋଇଥିବାବେଳେ ଅଣପ୍ରଭାବିତ ଲୋକମାନଙ୍କ କ୍ଷେତ୍ରରେ ୧୦.୨୦% ଅଟେ । ଏହାପରେ ୭-୧୪ ବୟସ ଶ୍ରେଣୀର ଲୋକ ଅଛନ୍ତି ପ୍ରଭାବିତ ଲୋକସଂଖ୍ୟାରେ ଏହା ୨୦.୦୭% ହୋଇଥିବା ବେଳେ ଅଣ ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଏହାର ପରିମାଣ ୧୪.୨୯% ଅଟେ । ୧୬-୬୦ ବୟସ ମଧ୍ୟରେ କାର୍ଯ୍ୟକ୍ଷମ ବୟସର ଲୋକ ସଂଖ୍ୟା ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ୬୪% ରୁ ଅଧିକ ହୋଇଥିବା ବେଳେ ସେମାନଙ୍କ ଉପରେ ନିର୍ଭର କରୁଥିବା ଲୋକମାନଙ୍କ ସଂଖ୍ୟା ୩୬% ଅଟେ ଯାହାକୁ ବିଚାରକୁ ନେଲେ ଏହା ଟିକେ ଅଧିକ ଜଣାପଡ଼େ। ଏହିପରି ଅଧିକ ପରିମାଣ ନିର୍ଭରଶୀଳ ବ୍ୟକ୍ତିଙ୍କର ଉପସ୍ଥିତିର ଅର୍ଥ ହେଲା, ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ପରିବାର ମାନେ କଠିନ ପରିସ୍ଥିତିର ସମ୍ମୁଖୀନ ହେବେ।

### ୪.୩.୫ ବୈବାହିକ ସ୍ଥିତି

ପ୍ରଭାବିତ ଓ ଅଣପ୍ରଭାବିତ ଜନସଂଖ୍ୟାର ବୈବାହିକ ସ୍ଥିତି ସମ୍ପର୍କରେ ସାରଣୀ ୪.୧୨ରେ ସୂଚନା ଦିଆଯାଇଛି । ଉକ୍ତ ସାରଣୀକୁ ଅନୁଧ୍ୟାନ କଲେ ଅବଗତ ହେଉଛି ଯେ, ବିବାହିତ ଲୋକସଂଖ୍ୟା ଅନ୍ୟ ସମସ୍ତ ଶ୍ରେଣୀର ଲୋକଙ୍କ ଠାରୁ ଅଧିକ । ପ୍ରଭାବିତ ପରିବାର ର ସମୁଦାୟ ଲୋକସଂଖ୍ୟାର ୫୩.୬୫% ବିବାହିତ ଥିବାବେଳେ ଅଣ ପ୍ରଭାବିତ ପରିବାର ର ସମୁଦାୟ ଲୋକସଂଖ୍ୟାର ୬୭.୩୫% ବିବାହିତ ଲୋକ ଅଛନ୍ତି । ଅନ୍ୟ ପକ୍ଷରେ ଅବିବାହିତ ଲୋକ (ଏଥିରେ ବିବାହ ବୟସରୁ କମ୍ ଥିବା ଲୋକଙ୍କୁ ନିଆଯାଇଛି) ପ୍ରଭାବିତ ପରିବାରରେ ସମୁଦାୟ ଲୋକସଂଖ୍ୟାର ୪୨.୭୦% ଅବିବାହିତ ଥିବାବେଳେ ଅଣ ପ୍ରଭାବିତ ପରିବାର ର ସମୁଦାୟ ଲୋକସଂଖ୍ୟାର ୨୬.୫୩% ଅବିବାହିତ ଲୋକ ଅଛନ୍ତି । ପୁନଶ୍ଚ ଔପଚାରିକ ରୀତିରେ ବିବାହ ବିଚ୍ଛେଦ ନହୋଇ ଯେଉଁମାନେ ଅଲଗା ରହୁଛନ୍ତି

ସେମାନଙ୍କର ସଂଖ୍ୟା ପ୍ରଭାବିତ ପରିବାର ରେ ୧.୭୬% ହୋଇଥିବା ବେଳେ ଅଣ ପ୍ରଭାବିତ ପରିବାରରେ କେହି ନାହାନ୍ତି । କିନ୍ତୁ ବିଧବା ଓ ଛାଡ଼ପତ୍ର ଦ୍ୱାରା ଅଲଗା ହୋଇଥିବା ବ୍ୟକ୍ତିଙ୍କର ସଂଖ୍ୟା ପ୍ରଭାବିତ ପରିବାରରେ ଶତକଡ଼ା ୧.୮୨% ହୋଇଥିବା ବେଳେ ଅଣପ୍ରଭାବିତ ପରିବାରରେ ଏହା ୬.୧୨% ।

**ସାରଣୀ – ୪.୧୨ ବୈବାହିକ ସ୍ଥିତି ଆଧାରରେ ପ୍ରଭାବିତ ପରିବାର ଗୁଡ଼ିକର ଆବଣ୍ଟନ**

| ବୈବାହିକ ସ୍ଥିତି | ପ୍ରଭାବିତ ପରିବାର | | ଅଣ ପ୍ରଭାବିତ ପରିବାର | |
|---|---|---|---|---|
| | **ସଂଖ୍ୟା** | **%** | **ସଂଖ୍ୟା** | **%** |
| ବିବାହିତ | ୧୪୭ | ୫୩.୬୫ | ୩୩ | ୬୭.୩୫ |
| ଅବିବାହିତ | ୧୧୭ | ୪୨.୭୦ | ୧୩ | ୨୬.୫୩ |
| ଛାଡ଼ପତ୍ର | ୪ | ୧.୪୬ | ୦ | ୦.୦୦ |
| ଅଲଗା ରହୁଥିବା | ୧ | ୦.୩୬ | ୦ | ୦.୦୦ |
| ବିଧବା/ବିପତ୍ନୀକ | ୫ | ୧.୮୨ | ୩ | ୬.୧୨ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ (ସୂଚନା- ଅବିବାହିତାଙ୍କ ମଧ୍ୟରେ ରହିଛନ୍ତି ପିଲାମାନେ)*

### ୪.୩.୬ ସାକ୍ଷରତା ଏବଂ ଶିକ୍ଷାଗତ ଯୋଗ୍ୟତା ସ୍ଥିତି

ଶିକ୍ଷା ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବରେ ବିବେଚନା କରାଯାଏ କାରଣ ଏହା ସାମଗ୍ରିକ ସାମାଜିକ-ଅର୍ଥନୈତିକ ମାନକ ଏବଂ ବିଭିନ୍ନ କାର୍ଯ୍ୟକଳାପ ଏବଂ ବୃତ୍ତିରେ ନିୟୋଜିତ ହେବା ପାଇଁ ଲୋକଙ୍କ ସାମର୍ଥ୍ୟର ମୂଲ୍ୟାଙ୍କନରେ ସହାୟକ ହୋଇଥାଏ । ଏକ ଅର୍ଥନୈତିକ ପୁନର୍ବାସ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାବେଳେ, ଲକ୍ଷିତ ଜନସଂଖ୍ୟାର ଶିକ୍ଷା ସ୍ତରକୁ ଅଧିକ ପ୍ରାଧାନ୍ୟ ଦିଆଯାଏ କାରଣ ଏହା ଯୋଜନା କାର୍ଯ୍ୟକାରୀ କରିବାରେ ଲୋକଙ୍କ ଅଂଶଗ୍ରହଣର ପରିମାଣ ଆକଳନ କରିବାର ସହାୟତା କରିଥାଏ । ନିମ୍ନରେ ପ୍ରଦତ୍ତ ସାରଣୀ ରୁ ସୂଚନା ମିଳେ ଯେ ୪୯ ଟି ପ୍ରଭାବିତ ପରିବାରରେ ବାସ କରୁଥିବା ୨୭୪ ଜଣଙ୍କ ମଧ୍ୟରୁ ୨୦ ଜଣ (୭.୩୦%) ଏବଂ ଅଣପ୍ରଭାବିତ ପରିବାରର ୪୯ ଜଣ ଲୋକଙ୍କ ମଧ୍ୟରୁ ୫ (୧୦.୨୦%)ହେଉଛନ୍ତି ଛୋଟପିଲା (୦-୬ ବର୍ଷ ମଧ୍ୟରେ) ଯିଏକି ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଇନାହାନ୍ତି । ଉଭୟ ବର୍ଗରେ ସର୍ବାଧିକ ସଂଖ୍ୟକ ବ୍ୟକ୍ତି ଅର୍ଥାତ ପ୍ରଭାବିତ ମାନଙ୍କ କ୍ଷେତ୍ରରେ ୨୨.୨୬% ଏବଂ ଅଣ ପ୍ରଭାବିତମାନଙ୍କ କ୍ଷେତ୍ରରେ ୨୨.୪୫% ପ୍ରାଥମିକ ଶିକ୍ଷା ଲାଭ କରିଛନ୍ତି । ସମସ୍ତ ଶିକ୍ଷାଗତ ସୁବିଧା ସୁଯୋଗ ସହ ସହ ସହରାଞ୍ଚଳରେ ଥିବା ଏକ ଗ୍ରାମର ଅବସ୍ଥାକୁ ଦେଖିଲେ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ନିରକ୍ଷରତା ସ୍ତର ଅଧିକ ରହିଛି । ପ୍ରଭାବିତ ଜନସଂଖ୍ୟାର ସାକ୍ଷରତା ଏବଂ ଶିକ୍ଷା ସ୍ତରର ସବିଶେଷ ବିବରଣୀ ନିମ୍ନ ସାରଣୀରେ ଚିତ୍ରିତ ହୋଇଛି ।

**ସାରଣୀ ୪.୧୩ ଶିକ୍ଷାର ବିଭିନ୍ନ ସ୍ତରକୁ ବିଚାରକୁ ନେଇ ସଦସ୍ୟଙ୍କ ର ବିତରଣ**

| ଶିକ୍ଷାର ସ୍ତର | ପ୍ରଭାବିତ ପରିବାର | | | | ଅଣପ୍ରଭାବିତ ପରିବାର | | | |
|---|---|---|---|---|---|---|---|---|
| | ପୁରଷ | ମହିଳା | ମୋଟ | ସମୁଦାୟ ଲୋକସଂଖ୍ୟା ର % | ପୁରଷ | ମହିଳା | ମୋଟ | ସମୁଦାୟ ଲୋକସଂଖ୍ୟା ର % |
| ବିଦ୍ୟାଳୟକୁ ଯିବାର ବୟସ ହୋଇନଥିବା ପିଲା | ୯ | ୧୧ | **୨୦** | ୭.୩୦ | ୩ | ୨ | **୫** | ୧୦.୨୦ |
| ନିରକ୍ଷର | ୧୪ | ୧୭ | **୩୧** | ୧୧.୩୧ | ୧ | ୨ | **୩** | ୬.୧୨ |
| ସାମାନ୍ୟ ସାକ୍ଷର | ୭ | ୮ | **୧୫** | ୫.୪୭ | ୩ | ୩ | **୬** | ୧୨.୨୪ |

| | | | | | | | | |
|---|---|---|---|---|---|---|---|---|
| ପ୍ରାଥମିକ | ୨୩ | ୩୮ | **୬୧** | ୨୨.୨୬ | ୪ | ୭ | **୧୧** | ୨୨.୪୫ |
| ହାଇସ୍କୁଲ ସ୍ତର | ୨୧ | ୨୧ | **୪୨** | ୧୫.୩୩ | ୨ | ୩ | **୫** | ୧୦.୨୦ |
| ମାଟ୍ରିକ ପାସ | ୨୦ | ୧୪ | **୩୪** | ୧୨.୪୧ | ୪ | ୧ | **୫** | ୧୦.୨୦ |
| ଯୁକ୍ତ ୨ | ୧୩ | ୮ | **୨୧** | ୭.୬୬ | ୩ | ୧ | **୪** | ୮.୧୬ |
| ଗ୍ରାଜୁଏଟ | ୨୫ | ୧୩ | **୩୮** | ୧୩.୮୭ | ୨ | ୧ | **୩** | ୬.୧୨ |
| ପୋଷ୍ଟ ଗ୍ରାଜୁଏଟ | ୬ | ୪ | **୧୦** | ୩.୬୫ | ୨ | ୦ | **୨** | ୪.୦୮ |
| ବୈଷୟିକ ଶିକ୍ଷା | ୨ | ୦ | **୨** | ୦.୭୩ | ୩ | ୨ | **୫** | ୧୦.୨୦ |
| | ୧୪୦ | ୧୩୪ | **୨୭୪** | ୧୦୦.୦୦ | ୨୭ | ୨୨ | **୪୯** | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

**ଚିତ୍ର – ୪.୩ ଲୋକସଂଖ୍ୟାର ଶିକ୍ଷାଗତ ଯୋଗ୍ୟତାର ସ୍ଥିତି (ସମସ୍ତ ସଂଖ୍ୟା ଶତକଡାରେ)**







ସାରଣୀରୁ ଏହା ଦେଖାଗଲା ଯେ, ସାକ୍ଷରମାନଙ୍କ ମଧ୍ୟରେ ପ୍ରଭାବିତ ବର୍ଗର ପରିବାର ମଧ୍ୟରେ ୪୩.୦୭% ଏବଂ ଅଣ ପ୍ରଭାବିତ ବର୍ଗର ପରିବାର ମଧ୍ୟରେ ୪୪.୯୦% କେବଳ ସାକ୍ଷର କିମ୍ବା ପ୍ରାଥମିକ କିମ୍ବା ମାଟ୍ରିକ୍ ସ୍ତରରେ । ଏହାର ଅର୍ଥ ହେଉଛି ଶିକ୍ଷାଗତ ସ୍ତର କମ୍ ଯାହା ସୂଚିତ କରେ ଯେ ଲୋକମାନେ ଛୋଟ ଛୋଟ କାମଦମ କରି ଘର ପରିଚାଳନା କରୁଛନ୍ତି । ଜମି ଅଧିଗ୍ରହଣ ସେମାନଙ୍କୁ ପ୍ରଭାବିତ କରିବ ।

### ୪.୩.୭ ବୃତ୍ତି ଅନୁଯାୟୀ ଲୋକସଂଖ୍ୟାର ବିତରଣ

ସାଧାରଣ କାର୍ଯ୍ୟକଳାପ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ବିଷୟରେ ଆଲୋଚନା କରିବାର ଆବଶ୍ୟକତା ଅଛି, ଯାହାକି ଜୀବିକା ଉପରେ ଆଲୋଚନା କରିବା ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ ହାର ଏବଂ ରୋଜଗାରର ସ୍ଥିତି ବିଷୟରେ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାଏ । ଦଳଗତ ଆଲୋଚନା ଅନୁଯାୟୀ ଏହା ପ୍ରକାଶ ପାଇଲା ଯେ ପ୍ରଭାବିତ ବର୍ଗର ଉତ୍ପାଦନକାରୀ ଗୋଷ୍ଠୀ ଯେଉଁମାନେ କି ୧୮ ରୁ ୪୫ ବର୍ଷ ମଧ୍ୟରେ ସେମାନଙ୍କ ମଧ୍ୟରୁ ପ୍ରଭାବିତ ବର୍ଗରେ କେବଳ ୩୩.୫୮% ଓ ଅଣ ପ୍ରଭାବିତ ବର୍ଗରେ ୨୨.୪୫% ଆୟକାରୀ କାର୍ଯ୍ୟରେ

ନିୟୋଜିତ ଅଛନ୍ତି ଏବଂ ପ୍ରଭାବିତ ବର୍ଗରେ ୫.୪୭% ଓ ଅଣ ପ୍ରଭାବିତ ୨୨.୪୫% ବ୍ୟକ୍ତି ସଂପୂର୍ଣ୍ଣ ବେରୋଜଗାର ଅଛନ୍ତି । ଯେଉଁମାନେ ଅର୍ଥନୈତିକ କାର୍ଯ୍ୟକଳାପରେ ଜଡିତ ସେମାନେ ପରିବାରର ଆୟର ଯୋଗଦାନରେ ସହାୟକ ହୁଅନ୍ତି । ପ୍ରଭାବିତ ଅଞ୍ଚଳରେ ପୁରୁଷ ଏବଂ ମହିଳା ସମସ୍ତ ଜନସଂଖ୍ୟା ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ଚାଷ କାର୍ଯ୍ୟର ଅଭାବରେ ଦୈନିକ ମଜୁରୀ ଶ୍ରମିକ ଭାବରେ କାମ କରିବାକୁ ପସନ୍ଦ କରନ୍ତି । ଏ ସମ୍ବନ୍ଧରେ ସବିଶେଷ ବିବରଣୀ ନିମ୍ନରେ ସାରଣୀରେ ଦିଆଯାଇଛି (୪.୧୪) |

**ସାରଣୀ ୪.୧୪ ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ଲୋକମାନଙ୍କର ବିତରଣ**

| କ୍ର ସଂ | ପେଶା/ବୃତ୍ତି | ପ୍ରଭାବିତ ପରିବାର | | | | ଅଣପ୍ରଭାବିତ ପରିବାର | | | |
|---|---|---|---|---|---|---|---|---|---|
| | | ପୁରୁଷ | ମହିଳା | ମୋଟ | ସମୁଦାୟ ଲୋକସଂଖ୍ୟା ର କେତେ ପ୍ରତିଶତ | ପୁରୁଷ | ମହିଳା | ମୋଟ | ସମୁଦାୟ ଲୋକସଂଖ୍ୟା ର କେତେ ପ୍ରତିଶତ |
| ୧ | ନିଯୁକ୍ତି ପ୍ରାପ୍ତ | ୮୪ | ୮ | **୯୨** | **୩୩.୫୮** | ୯ | ୨ | **୧୧** | **୨୨.୪୫** |
| ୨ | ବେକାର | ୮ | ୭ | **୧୫** | **୫.୪୭** | ୭ | ୪ | **୧୧** | **୨୨.୪୫** |
| ୩ | ଗୃହିଣୀ | ୦ | ୭୬ | **୭୬** | **୨୭.୭୪** | ୦ | ୧୧ | **୧୧** | **୨୨.୪୫** |
| ୪ | ଛାତ୍ର | ୩୪ | ୨୮ | **୬୨** | **୨୨.୬୩** | ୫ | ୩ | **୮** | **୧୬.୩୩** |
| ୫ | ସ୍କୁଲକୁ ଯାଉନଥିବା ପିଲା | ୯ | ୧୧ | **୨୦** | **୭.୩୦** | ୩ | ୨ | **୫** | **୧୦.୨୦** |
| ୬ | ବୃଦ୍ଧ | ୪ | ୩ | **୭** | **୨.୫୫** | ୧ | ୦ | **୧** | **୨.୦୪** |
| ୭ | ଅବସର ପ୍ରାପ୍ତ | ୧ | ୧ | **୨** | **୦.୭୩** | ୨ | ୦ | **୨** | **୪.୦୮** |
| | ମୋଟ | **୧୪୦** | **୧୩୪** | **୨୭୪** | **୧୦୦.୦୦** | ୨୭ | **୨୨** | **୪୯** | **୧୦୦.୦୦** |

*ଉସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ସାରଣୀରୁ ଜଣାଯାଏ ଯେ, ପ୍ରଭାବିତ ପରିବାର ମଧ୍ୟରେ କେବଳ ୯୨ (୩୩.୫୮%) ଜଣ ବ୍ୟକ୍ତି ଏବଂ ଅଣ ପ୍ରଭାବିତ ପରିବାର ମଧ୍ୟରେ କେବଳ ୧୧ (୨୨.୪୫%) ଜଣ ବ୍ୟକ୍ତି ତାଙ୍କର ପରିବାର ପ୍ରତିପୋଷଣ ପାଇଁ କୌଣସି ନା କୌଣସି ଲାଭଦାୟକ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ସେମାନଙ୍କର ମଧ୍ୟରୁ ପ୍ରଭାବିତ ପରିବାର ମଧ୍ୟରେ ୮୪ ଜଣ ପୁରୁଷ ଓ ୪ ଜଣ ମହିଳା ହୋଇଥିବା ବେଳେ ଅଣ ପ୍ରଭାବିତ ପରିବାର ମଧ୍ୟରେ ୯ ଜଣ ପୁରୁଷ ଓ ୨ ଜଣ ମହିଳା ଅଟନ୍ତି । ଯାହା ସଂକେତ ଦିଏ ଯେ, ଅଧିକାଂଶ କ୍ଷେତ୍ରରେ ମହିଳାମାନେ ପ୍ରତ୍ୟକ୍ଷ ଭାବେ ପରିବାରର ଆୟ ବୃଦ୍ଧିରେ ବିଶେଷ ଭାବେ ସହାୟକ ହେଉନାହାନ୍ତି । ଆୟର ଢାଞ୍ଚା ସମ୍ପର୍କରେ ବିଶ୍ଳେଷଣ କରିବାବେଳେ ଏହା ଜଣାପଡିଥିଲା ଯେ ପ୍ରଭାବିତ ବର୍ଗରେ ଆର୍ଥିକ ଭାବରେ ସକ୍ରିୟ ଜନସଂଖ୍ୟା ମଧ୍ୟରୁ ସର୍ବାଧିକ ସଂଖ୍ୟା ହେଉଛି ୩୫ (୩୮.୦୪%) ବ୍ୟକ୍ତି ଚାକିରିରେ ନିୟୋଜିତ ଅଛନ୍ତି ଏବଂ ନିୟମିତ ବେତନ ପାଆନ୍ତି କିନ୍ତୁ ଅଣ ପ୍ରଭାବିତ ବର୍ଗରେ ସର୍ବାଧିକ ଶତକଡା ୪୫.୪୫% ବ୍ୟକ୍ତି ଦିନ ମଜୁରୀ କରି ଜୀବିକା ନିର୍ବାହ କରନ୍ତି । ନିଯୁକ୍ତିର ଢାଞ୍ଚା ବିବରଣୀ ନିମ୍ନ ସାରଣୀରେ ଆଲୋଚନା କରାଯାଇଛି ।

**ସାରଣୀ ୪.୧୫ ଜୀବିକା ର କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର  ବିଭାଜନ**

| କ୍ର ସଂ | ଜୀବିକାର ପ୍ରକାର | ପ୍ରଭାବିତ ପରିବାର | | ଅଣପ୍ରଭାବିତ ପରିବାର | |
|---|---|---|---|---|---|
| | | ସଂଖ୍ୟା | ଶତକଡା | ସଂଖ୍ୟା | ଶତକଡା |
| ୧ | ଚାଷ | ୧ | ୧.୦୯ | ୨ | ୧୮.୧୮ |
| ୨ | ଦୈନିକ ଶ୍ରମଜୀବି | ୧୮ | ୧୯.୫୭ | ୫ | ୪୫.୪୫ |
| ୩ | ବେତନ | ୩୫ | ୩୮.୦୪ | ୨ | ୧୮.୧୮ |
| ୪ | ବ୍ୟବସାୟୀ | ୩୦ | ୩୨.୬୧ | ୨ | ୧୮.୧୮ |
| ୫ | ପେଷାଦାର ବ୍ୟକ୍ତି | ୮ | ୮.୭୦ | ୦ | ୦.୦୦ |
| | **ମୋଟ** | **୯୨** | ୧୦୦.୦୦ | **୧୧** | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ପୂର୍ବରୁ ସୂଚାଇ ଦିଆଯାଇଛି ଯେ ପ୍ରଭାବିତ ପରିବାରରେ ରହୁଥିବା ମୋଟ ୨୭୪ ଜଣ ଲୋକମାନଙ୍କର ମଧ୍ୟରୁ ୦-୧୪ ବର୍ଷର ଶ୍ରେଣୀର ପିଲା ଏବଂ ଛାତ୍ରମାନଙ୍କୁ ବାଦଦେଲେ ଅବଶିଷ୍ଟ ୧୯୨ ଜଣ ବିଭିନ୍ନ ଲାଭପ୍ରଦ ତଥା ଆୟକାରୀ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି। ଏହା ଉପରେ ମଧ ଉଲ୍ଲେଖ କରାଯାଇଛି ଯେ, ୯୨ ଜଣ ବ୍ୟକ୍ତି ବିଭିନ୍ନ ଆୟକାରୀ କାର୍ଯ୍ୟ ରେ ନିୟୋଜିତ ଅଛନ୍ତି ଏହା ସମୁଦାୟ ଲୋକସଂଖ୍ୟା ୨୭୪ ଜଣଙ୍କ ମଧ୍ୟରୁ ପ୍ରାୟ ୩୩.୫୮% ଅଟେ । ସମୁଦାୟ ଲୋକସଂଖ୍ୟା ର ପ୍ରାୟ ୫.୪୭% ଲୋକ ବେକାର ଅଛନ୍ତି, ଗୃହିଣୀମାନଙ୍କ ସଂଖ୍ୟା ୨୭.୭୪%, ରୋଜଗାର କରୁନଥିବା ବୃଦ୍ଧ ବ୍ୟକ୍ତିମାନଙ୍କ ସଂଖ୍ୟା ୨.୫୫% । ଅଣ ପ୍ରଭାବିତ ବର୍ଗରେ ଏହା ଲକ୍ଷ୍ୟ କରାଯାଇଛି ଯେ, ସମୁଦାୟ ଲୋକସଂଖ୍ୟା ର ପ୍ରାୟ ୨୬.୪୫% ବିଭିନ୍ନ ବିଭିନ୍ନ ଆୟକାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି , ୨୨.୪୫% ବେକାର ଅଛନ୍ତି, ଗୃହିଣୀମାନଙ୍କ ସଂଖ୍ୟା ୨୨.୪୫%, ରୋଜଗାର କରୁନଥିବା ବୃଦ୍ଧ ବ୍ୟକ୍ତିମାନଙ୍କ ସଂଖ୍ୟା ୨.୦୪% ଅଟେ । ଏ ସବୁରୁ ବୁଝିବାକୁ ହେବ ଯେ, ଜନସଂଖ୍ୟାରେ ଅନ୍ୟ ଉପେର ନିର୍ଭରଶୀଳ ଲୋକଙ୍କର ବୋଝ ଅଧିକ ରହିଛି ଏବଂ ଏହା ଦ୍ଵାରା ରାସ୍ତା ପ୍ରକଳ୍ପ ନିମନ୍ତେ ନକରାତ୍ମକ ପ୍ରଭାବ, ପ୍ରଭାବିତ ପରିବାର ଗୁଡ଼ିକ ଉପରେ ଅବଶ୍ୟ ପଡ଼ିବ।

**ଚିତ୍ର – ୪.୪ ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର ବିଭାଜନ (ସମସ୍ତ ସଂଖ୍ୟା ଶତକଡାରେ)**




**ଚିତ୍ର – ୪.୫ ଜୀବିକା ର କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର ବିଭାଜନ (ସମସ୍ତ ସଂଖ୍ୟା ଶତକଡାରେ)**



### ୪.୩.୮ ଆୟ, ଦାରିଦ୍ର୍ୟତା ଓ ଋଣଗ୍ରସ୍ତତା

ଗୋଟିଏ ପରିବାରର ଆୟ ଦାରିଦ୍ର୍ୟତା ଓ ଋଣର ଅବସ୍ଥା ତାହାର ଆର୍ଥିକ ସ୍ଥିତିର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୂଚକ। ଲୋକମାନଙ୍କର ବୃତ୍ତି ଆୟ, ଦାରିଦ୍ର୍ୟ ଅବସ୍ଥା, ଓ ଋଣ ଗ୍ରସ୍ତତା ଆଦିର ସୂଚନାମାନ ପ୍ରଭାବିତ ପରିବାର ଗୁଡ଼ିକ ନିମନ୍ତେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ । ସାରଣୀ ୪.୧୬ ଓ ଚିତ୍ର – ୪.୬ ରେ ରେ ଏ ସଂକ୍ରାନ୍ତିୟ ସୂଚନା ପ୍ରଦାନ କରାଯାଇଛି।

**ସାରଣୀ ୪.୧୬ : ଆୟ ଶ୍ରେଣୀ ଅନୁସାରେ ପରିବାର ଗୁଡ଼ିକର ବିଭକ୍ତିକରଣ**

| କ୍ର ସଂ | ଆୟର ବର୍ଗ | ପ୍ରଭାବିତ ପରିବାର | | ଅଣପ୍ରଭାବିତ ପରିବାର | |
|---|---|---|---|---|---|
| | | **ସଂଖ୍ୟା** | **ଶତକଡା** | **ସଂଖ୍ୟା** | **ଶତକଡା** |
| ୧ | ୫୪,୦୦୦ ପର୍ଯ୍ୟନ୍ତ | ୮ | ୧୬.୩୩ | ୨ | ୧୮.୧୮ |
| ୨ | ୫୪୦୦୧ - ୧୫୦୦୦୦ | ୧୧ | ୨୨.୪୫ | ୨ | ୧୮.୧୮ |
| ୩ | ୧୫୦୦୦୧ ରୁ ୨୫୦୦୦୦ | ୧୨ | ୨୪.୪୯ | ୩ | ୨୭.୨୭ |
| ୪ | ୨୫୧୦୦୧ ରୁ ୫୦୦୦୦୦ | ୯ | ୧୮.୩୭ | ୨ | ୧୮.୧୮ |
| ୫ | ୫୦୦୦୦୧-୧୦୦୦୦୦୦ | ୪ | ୮.୧୬ | ୨ | ୧୮.୧୮ |
| ୬ | ୧୦୦୦୦୦୦ ରୁ ଅଧିକ | ୫ | ୧୦.୨୦ | ୦ | ୦.୦୦ |
| | **ମୋଟ** | **୪୯** | ୧୦୦.୦୦ | **୧୧** | **୧୦୦.୦୦** |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ (ସୂଚନା- ବନ୍ଧନୀ ମଧ୍ୟରେ ଥିବା ଅଙ୍କ ସବୁ ଶତକଡ଼ାକୁ ବୁଝାଏ। )*

ଉପରୋକ୍ତ ସାରଣୀ ସର୍ବେକ୍ଷଣ କରାଯାଇଥିବା ୪୯ ଟି ପ୍ରଭାବିତ ଏବଂ ୧୧ ଟି ଅଣ ପ୍ରଭାବିତ ପରିବାରର ବାର୍ଷିକ ଆୟ ଦର୍ଶାଉଛି । ବିଶ୍ଳେଷଣରୁ ଏହା ଅବଗତ ହେଉଛି ଯେ, ପ୍ରଭାବିତ ପରିବାରର ସର୍ବାଧିକ ସଂଖ୍ୟା ୧୨ (୨୪.୪୯%) ପରିବାର ଏବଂ ୨୭.୨୭% ଅଣ-ପ୍ରଭାବିତ ପରିବାରର ବାର୍ଷିକ ଆୟ ହେଉଛି ୧,୫୦,୦୦୧- ୨,୫୦,୦୦୦ । ପରିବାର ମଧ୍ୟରେ ଆୟର ପରିସର ସାରଣୀ ଏବଂ ଚିତ୍ରରେ



ଦିଆଯାଇଛି ଏହା ସାମାଜିକ ପ୍ରଭାବ ପରିଚାଳନା ଆକଳନ ଯୋଜନା ପ୍ରସ୍ତୁତ କରିବାରେ ଏହି ସୂଚନା ଗୁରୁତ୍ୱପୂର୍ଣ୍ଣ ହେବ । ସାରଣୀ ସୂଚିତ କରେ ଯେ ସମୁଦାୟ ପ୍ରଭାବିତ ପରିବାର ମଧ୍ୟରେ ୧୬.୩୩% ଏବଂ ଅଣ-ପ୍ରଭାବିତ ପରିବାର କ୍ଷେତ୍ରରେ ୧୮.୧୮% BPL ବର୍ଗରେ ଅଛନ୍ତି | ଦାରିଦ୍ର୍ୟ ସ୍ତରର ସୂଚକ ଭାବରେ ଏଗୁଡିକ ପ୍ରାୟତଃ ଗ୍ରହଣ କରାଯାଇପାରେ ।

**ସାରଣୀ ୪.୧୭ ଋଣର ସବିଶେଷ ବିବରଣୀ**

| ଋଣ ର ଉତ୍ସ | **ପ୍ରଭାବିତ ପରିବାର** | | **ଅଣପ୍ରଭାବିତ ପରିବାର** | |
|---|---|---|---|---|
| | **ସଂଖ୍ୟା** | **ଶତକଡା** | **ସଂଖ୍ୟା** | **ଶତକଡା** |
| ବ୍ୟାଙ୍କ | ୪ | ୨୧.୦୫ | ୦ | ୦.୦୦ |
| କୋ-ଅପରେଟିଭ ସୋସାଇଟି | ୩ | ୧୫.୭୯ | ୦ | ୦.୦୦ |
| ସ୍ୱୟଂ ସହାୟକ ଦଳ | ୫ | ୨୬.୩୨ | ୩ | ୬୦.୦୦ |
| ହାତ ଉଧାରୀ | ୧ | ୫.୨୬ | ୧ | ୨୦.୦୦ |
| ଅନେକ ପ୍ରକାରର ଋଣ | ୬ | ୩୧.୫୮ | ୧ | ୨୦.୦୦ |
| **ମୋଟ** | ୧୯ | ୧୦୦.୦୦ | ୫ | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

କେତେକ ପରିବାର ଅଭାବରେ ପଡ଼ି ଋଣ କରିଥିବା ବିଷୟ ସୂଚନା ଦେଇଛନ୍ତି। ଏହା ଅବଗତ ହେଲା ଯେ, ଋଣ କରିଥିବା ବ୍ୟକ୍ତି ସାଧାରଣତଃ ପରିବାର ମୁଖ୍ୟ ଅଟନ୍ତି । ପ୍ରଭାବିତ ପରିବାର ମଧ୍ୟରେ ୧୯ ଟି ପରିବାର ଏବଂ ଅଣ ପ୍ରଭାବିତ ପରିବାର ମଧ୍ୟରେ ୫ ଟି ପରିବାର ଋଣ କରିଛନ୍ତି । ଏମାନେ ମୁଖ୍ୟତଃ ପରିବାରିକ ଖର୍ଚ୍ଚରେ ଅଭାବ ପୂରଣ ପାଇଁ ଋଣ କରିଛନ୍ତି।

### ୪.୩.୯ ସ୍ଥାୟୀ ଉପଭୋକ୍ତା ସାମଗ୍ରୀ ଓ ଅନ୍ୟାନ୍ୟ ସମ୍ପତ୍ତି

ଘରୋଇ ସମ୍ପତ୍ତିର ମାଲିକାନା ମଧ୍ୟ ପ୍ରଭାବିତ ପରିବାରର ଜୀବନଧାରଣ ମାନକର ଏକ ସୂଚକ । ଏହାକୁ ଦୃଷ୍ଟିରେ ରଖି, ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ, ପ୍ରଭାବିତ ପରିବାରଗୁଡିକର ସମ୍ପତ୍ତି ଉପରେ ତଥ୍ୟ ସଂଗ୍ରହ କରିବାକୁ ଏକ ପ୍ରୟାସ କରାଯାଇଥିଲା ଏବଂ ବିଶ୍ଳେଷଣ କରାଯାଇଥିବା ତଥ୍ୟ ସାରଣୀ-୪.୧୮ ରେ ଉପସ୍ଥାପିତ କରାଯାଇଛି । ସାରଣୀରୁ ଜଣାପଡିଛି ଯେ, ପରିବାର ଉଭୟ ପ୍ରଭାବିତ ଏବଂ ଅଣ ପ୍ରଭାବିତ ପରିବାରରେ ୯୦ ରୁ ୧୦୦% ପରିବାରରେ ଟେଲିଭିଜନ୍, ସେଲ୍ ଫୋନ୍, ବାସନକୁସନ ଏବଂ ଅଳଙ୍କାର ଆଦି ଅଛି । କିନ୍ତୁ ବହୁତ କମ ପରିବାର ପାଖରେ ଟେପ୍ ରେକର୍ଡର ଏବଂ ରେଡିଓ ଅଛି କାରଣ ଏହା ବର୍ତ୍ତମାନ ଦିନରେ ଆଉ କେହି ବ୍ୟବହାର କରୁନାହାନ୍ତି ଏହା ପୁରୁଣା ଫେସନ ହୋଇ ଗଲାଣି । ଏହି ସମ୍ବନ୍ଧରେ ମୂଲ୍ୟବାନ ସୂଚନା ନିମ୍ନ ସାରଣୀରେ ଉପସ୍ଥାପିତ ହୋଇଛି

**ସାରଣୀ ୪.୧୮ ସ୍ଥାୟୀ ଉପଭୋକ୍ତା ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ପଦ**

| କ୍ର ସଂ | ପରିବାରର ଆସବାବପତ୍ର | ପ୍ରଭାବିତ ପରିବାର | | ଅଣପ୍ରଭାବିତ ପରିବାର | |
|---|---|---|---|---|---|
| | | ସଂଖ୍ୟା | ଶତକଡା | ସଂଖ୍ୟା | ଶତକଡା |
| ୧ | ଟି.ଭି. | ୪୭ | ୯୫.୯୨ | ୧୦ | ୯୦.୯୧ |
| ୨ | ଟେପ୍ ରେକଡର୍ | ୩ | ୬.୧୨ | ୧ | ୯.୦୯ |
| ୩ | ରେଡ଼ିଓ | ୪ | ୮.୧୬ | ୩ | ୨୭.୨୭ |
| ୪ | ରେଫ୍ରିଜେରେଟର୍ (ଫ୍ରିଜ୍) | ୨୪ | ୪୮.୯୮ | ୭ | ୬୩.୬୪ |
| ୫ | ମୋବାଇଲ (ସେଲଫୋନ୍) | ୪୯ | ୧୦୦.୦୦ | ୧୧ | ୧୦୦.୦୦ |
| ୬ | ସାଇକେଲ୍ | ୩୬ | ୭୩.୪୭ | ୮ | ୭୨.୭୩ |
| ୭ | ତିନି ଚକିଆ ଗାଡ଼ି | ୫ | ୧୦.୨୦ | ୨ | ୧୮.୧୮ |
| ୮ | ଦୁଇ ଚକିଆ ଗାଡ଼ି | ୪୪ | ୮୯.୮୦ | ୯ | ୮୧.୮୨ |
| ୯ | ଚାରିଚକିଆ ଗାଡ଼ି | ୫ | ୧୦.୨୦ | ୦ | ୦.୦୦ |
| ୧୦ | ବାସନକୁସନ | ୪୯ | ୧୦୦.୦୦ | ୧୧ | ୧୦୦.୦୦ |
| ୧୧ | ଗହଣାଗାଣ୍ଠି | ୪୯ | ୧୦୦.୦୦ | ୧୧ | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

## ୪.୩.୧୦ ବାସଗୃହର ସ୍ଥିତ ଓ ଅନ୍ୟାନ୍ୟ ସୁବିଧା ମାନ

ଜୀବନର ଗୁଣବତ୍ତା ସମ୍ପୂର୍ଣ୍ଣ ଭାବରେ କୌଣସି ଏକ ବ୍ୟକ୍ତି ବା ଗୋଷ୍ଠୀ ର ବାସସ୍ଥାନର ପରିବେଶ, ଆରାମ ଏବଂ ସୁଖ ଉପରେ ନିର୍ଭର କରେ । ଏଥିରେ ଗୃହର ଅବସ୍ଥା, ଆରାମଦାୟକ ଜୀବନଯାପନ ପାଇଁ ଘର ମଧ୍ୟରେ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଗୁଡ଼ିକର ଉପଲବ୍ଧତା, ପରିମଳ ବ୍ୟବସ୍ଥା, ଶିକ୍ଷା, ଶକ୍ତି ଏବଂ ଅନ୍ୟାନ୍ୟ ନାଗରିକ ସୁବିଧା, ସାମାଜିକ ସୁରକ୍ଷା, ଧାର୍ମିକ ବିଶ୍ୱାସ ଏବଂ ପରିବେଶ ପରି ସୂଚକ ଅନ୍ତର୍ଭୁକ୍ତ । ଉପରୋକ୍ତ ସୂଚକ ଉପରେ ଆଧାର କରି ପ୍ରଭାବିତ ପରିବାର ଦ୍ୱାରା ଅନୁସରଣ କରାଯାଉଥିବା ଜୀବନର ଗୁଣ ବିଷୟରେ ଏକ ବିସ୍ତୃତ ଆଲୋଚନା ନିମ୍ନ ଅନୁଚ୍ଛେଦରେ ଉପସ୍ଥାପନ କରାଯାଇଛି । ଘର ଏକ ମୌଳିକ ଆବଶ୍ୟକତା ଏବଂ ଏକ ସୁନ୍ଦର ଜୀବନ ପାଇଁ ଘର ଭିତରେ ଅନେକ କିଛି ସୁବିଧାର ଆବଶ୍ୟକତା ଅଛି । ନିମ୍ନଲିଖିତ ସାରଣୀରେ ଉପଯୋଗୀ ସୂଚନା ପ୍ରଦାନ କରାଯାଇଛି । ମଣିଷ ପାଇଁ ବାସଗୃହ ଏକ ମୌଳିକ ଆବଶ୍ୟକତା ଏବଂ ସୁଖସ୍ୱାଚ୍ଛନ୍ଦରେ ରହିବା ପାଇଁ ଗୃହ ଭିତରେ କଛି ସୁବିଧା ସହଯୋଗର ଆବଶ୍ୟକତା ଥାଏ । ଏହାକୁ ଦୃଷ୍ଟିରେ ରଖି ନିମ୍ନ ସାରଣୀ ୪.୧୯ ରେ ଦରକାରୀ ସୂଚନା ପ୍ରଦାନ କରାଯାଇଛି ।

**ସାରଣୀ ୪.୧୯ ଗୃହନିର୍ମାଣ ବ୍ୟବସ୍ଥା**

| ଗ୍ରାମ | ସଂଖ୍ୟା | ଛାତ | | | ଚଟାଣ | | | କାନ୍ଥ | |
|---|---|---|---|---|---|---|---|---|---|
| | % | କଂକ୍ରିଟ୍ | ଆଜବେଷ୍ଟସ | ଚାଳଛପର | ସିମେଣ୍ଟ | ମାର୍ବଲ | ଟାଇଲ | ଇଟା | ପଥର |
| ପ୍ରଭାବିତ | ସଂଖ୍ୟା | ୪୨ | ୪ | ୩ | ୩୮ | ୨ | ୯ | ୪୬ | ୩ |
| | % | ୮୫.୭୧ | ୮.୧୬ | ୬.୧୨ | ୭୭.୫୫ | ୪.୦୮ | ୧୮.୩୭ | ୯୩.୮୮ | ୬.୧୨ |
| ଅଣପ୍ରଭାବିତ | ସଂଖ୍ୟା | ୮ | ୩ | ୦ | ୫ | ୦ | ୬ | ୧୧ | ୦ |
| | % | ୭୨.୭୩ | ୨୭.୨୭ | ୦.୦୦ | ୪୫.୪୫ | ୦.୦୦ | ୫୪.୫୫ | ୧୦୦.୦୦ | ୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ସର୍ବେକ୍ଷଣରୁ ଜଣାପଡିଛି ଯେ, ସମସ୍ତ ପ୍ରଭାବିତ ପରିବାର ଏବଂ ନମୁନା ଅଣ ପ୍ରଭାବିତ ପରିବାରର ନିଜସ୍ୱ ସ୍ଥାୟୀ ଘର ଅଛି ଯେଉଁଥିରେ ପରିବାରଗୁଡିକ ବସବାସ କରନ୍ତି ଏବଂ ଏଥିରେ ତାଙ୍କର ସମ୍ପତ୍ତି ରହିଛି । କାନ୍ଥ ଗୁଡିକ ର ଗଠନ ଇଟା / ଲାଟେରାଇଟ୍ ପଥର ଏବଂ ସିମେଣ୍ଟ ଦ୍ୱାରା ନିର୍ମିତ । ଛାତଗୁଡ଼ିକ ସାଧାରଣତଃ କଂକ୍ରିଟ୍ ହୋଇଥାଏ । ବିଶ୍ଳେଷଣରୁ ଏହା ପ୍ରକାଶ ପାଇଲା ଯେ ୮୫.୭୧% ପ୍ରଭାବିତ ଏବଂ ୭୨.୭୩% ଅଣ ପ୍ରଭାବିତ ଲୋକଙ୍କ ଘରର ଛାତ କଂକ୍ରିଟ୍ ଛାତ, ୧୦୦% ଘରର କଂକ୍ରିଟ୍ କିମ୍ବା ଟାଇଲ୍ ଚଟାଣ ଏବଂ ୧୦୦% ଘରର ଇଟା କିମ୍ବା ପଥର କାନ୍ଥ ଅଛି । ସମସ୍ତ ପରିବାରର ପାନୀୟ ଜଳ, ବାଥରୁମ / ଗାଧୋଇବା ନିମନ୍ତେ ସ୍ଥାନ, ଏବଂ ଶୌଚାଳୟ ଅଛି ଏବଂ ସେମାନଙ୍କର ନିଜସ୍ୱ ବିଦ୍ୟୁତ ସଂଯୋଗ ଅଛି | ସମସ୍ତ ପରିବାରରେ ଗୃହପାଳିତ ପଶୁନାହାନ୍ତି , ଯେଉଁ ପରିବାର୍ଗୁଡିକରେ ଗୃହପାଳିତ ପଶୁ (ଗାଈ ଛେଳି, କୁକୁଡା ଆଦି ) ଅଛନ୍ତି, ସେମାନଙ୍କ ଘରେ ଗୁହାଳ ଅଛି ।

**ସାରଣୀ - ୪.୨୦ ଗୃହ ମଧ୍ୟରେ ଅନ୍ୟାନ୍ୟ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ**

| ସୁବିଧା ସୁଯୋଗ | | ପ୍ରଭାବିତ ପରିବାର | | ଅଣପ୍ରଭାବିତ ପରିବାର | |
|---|---|---|---|---|---|
| | | ସଂଖ୍ୟା | ଶତକଡା | ସଂଖ୍ୟା | ଶତକଡା |
| ବିଦ୍ୟୁତ୍ ସଂଯୋଗ | | ୪୯ | ୧୦୦.୦୦ | ୧୧ | ୧୦୦.୦୦ |
| ପାନୀୟ ଜଳ ଉତ୍ସ | ପାଇପ୍ ଲାଇନ୍ | ୪୮ | ୯୭.୯୬ | ୯ | ୮୧.୮୨ |
| | ଖୋଲାକୂପ/ବୋରୱେଲ୍ | ୫ | ୧୦.୨୦ | ୦ | ୦.୦୦ |
| | ନଳକୂପ (ଟ୍ୟୁବୱେଲ୍) | ୭ | ୧୪.୨୯ | ୨ | ୧୮.୧୮ |
| ଗାଧୁଆ ଘର | ଘରଭିତରେ ଉପଲବ୍ଧ | ୪୩ | ୮୭.୭୬ | ୮ | ୭୨.୭୩ |
| | ଖୋଲାସ୍ଥାନ | ୧୩ | ୨୬.୫୩ | ୧ | ୯.୦୯ |
| | ହତାମଧ୍ୟରେ | ୩୫ | ୭୧.୪୩ | ୨ | ୧୮.୧୮ |
| ପାଇଖାନା | ଘରଭିତରେ | ୩୪ | ୬୯.୩୯ | ୩ | ୨୭.୨୭ |
| | ହତାମଧ୍ୟରେ | ୨୫ | ୫୧.୦୨ | ୮ | ୭୨.୭୩ |
| ଗୁହାଳ ଘର | ସମାନକାନ୍ଥକୁ ଭାଗକରି | ୨ | ୪.୦୮ | ୧ | ୯.୦୯ |
| | ସମ୍ପୂର୍ଣ୍ଣଭାବେ ଅଲଗା ସ୍ଥାନରେ | ୧୬ | ୩୨.୬୫ | ୨ | ୧୮.୧୮ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

### ୪.୩.୧୧ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ନିମନ୍ତେ ସୁଯୋଗର ବ୍ୟବହାର

କୁହାଯାଏ "ସମ୍ପଦ", ମାନବ ସମ୍ବଳ ଗଠନ ନିମନ୍ତେ ଓ ମଣିଷର ସ୍ୱଚ୍ଛଳ ଜୀବିକା ନିର୍ବାହ ନିମନ୍ତେ ସ୍ୱାସ୍ଥ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସର୍ବେକ୍ଷଣରେ ଥିବା ପରିବାର ଗୁଡ଼ିକର ସ୍ୱାସ୍ଥ୍ୟ ଅବସ୍ଥା ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଉପଲବ୍ଧ ସୁବିଧା ସୁଯୋଗ ସଂପର୍କିତ ତଥ୍ୟମାନ ସାରଣୀ ୪.୨୧ ରେ ଦର୍ଶାଯାଇଛି।

**ସାରଣୀ ୪.୨୧ ରୋଗ ବିରାଗ ଓ ସ୍ୱାସ୍ଥ୍ୟ ସୁବିଧା**

| କ୍ର.ସଂ | ପରିବାରର ପ୍ରକାର | ପରିବାର ସଂଖ୍ୟା | | | |
|---|---|---|---|---|---|
| | | ଅସୁସ୍ଥତାର ଅଭିଯୋଗ | ନିୟମିତ ରୋଗରେ ପୀଡିତ ଅଛନ୍ତି | ଲବ୍ଧ ଚିକିତ୍ସା/ଉପଚାର | |
| | | | | ପ୍ରକାର | ଅନୁଷ୍ଠାନ |
| ୧ | ପ୍ରଭାବିତ | ୩୧ (୬୩.୨୬%) | ୩ (୬.୧୨%) | ଡାକ୍ତରୀଚିକିତ୍ସା (ଏଲୋପାଥି) | ଜିଲ୍ଲାମୁଖ୍ୟ ଚିକିତ୍ସାଳୟ |
| ୨ | ଅଣପ୍ରଭାବିତ | ୬ (୫୪.୫୪%) | ୨(୧୮.୧୮%) | | |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ପ୍ରଭାବିତ ପରିବାର ମଧ୍ୟରୁ ୭୩.୨୬% ଏବଂ ଅଣପ୍ରଭାବିତ ପରିବାର ମଧ୍ୟରୁ ୫୪.୫୪% ପରିବାରରୁ ଅସୁସ୍ଥତାର ଅଭିଯୋଗ ଆସିଛି । ସେମାନଙ୍କ ମଧ୍ୟରୁ ପ୍ରଭାବିତ ପରିବାରର କେତେକ ବ୍ୟକ୍ତି ନିୟମିତ ରୋଗରେ ପୀଡିତ ଥିବାର ଜଣାଯାଇଛି ।ଏମାନେ ସମସ୍ତେ ମୁଖ୍ଯତଃ ଡାକ୍ତରୀ ଚିକିତ୍ସାରେ ନିଜର ଉପଚାର କରାଉଛନ୍ତି ଯାହା ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପଲବ୍ଧ । ଏଥିରୁ ଜଣାଯାଏ ଜିଲ୍ଲା ସ୍ତରୀୟ ମୁଖ୍ୟ ଚିକିତ୍ସାଳୟଟି ମୁଖ୍ୟ ଚିକିତ୍ସା ସୁବିଧା ଯୋଗାଉଥିବା ସ୍ୱାସ୍ଥ୍ୟ ଅନୁଷ୍ଠାନ ଯାହା ପ୍ରଭାବିତ ୱାର୍ଡ଼ ବା ଗ୍ରାମ ଓ ସମଗ୍ର ଜିଲ୍ଲାବାସୀଙ୍କ ପାଇଁ ଉପଲବ୍ଧ ଅଟେ। ଏଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ରାସ୍ତାଟିର ପ୍ରଶସ୍ତିକରଣ ଓ ଦୃଢ଼ିକରଣ କରିବା –(ଯାହା ଏହି ପ୍ରକଳ୍ପର ଅନ୍ୟ ଏକ ମୁଖ୍ୟ ଉଦ୍ଦେଶ୍ୟ)- ର ନିହାତି ଆବଶ୍ୟକତା ରହିଛି ।

### ୪.୩.୧୨ ଦୁର୍ବଳ ବା ଅସୁରକ୍ଷିତ ଅବସ୍ଥା

ବିକାଶ କାର୍ଯ୍ୟକ୍ରମ ନିମନ୍ତେ ଅଧିଗ୍ରହଣରେ ଜଡିତ ବିକାଶ ପ୍ରକଳ୍ପ କ୍ଷେତ୍ରରେ, ଏହି ଅସୁରକ୍ଷିତ ଗୋଷ୍ଠୀ ପ୍ରକଳ୍ପର ପ୍ରତିକୂଳ କିମ୍ବା ନକାରାତ୍ମକ ପ୍ରଭାବ ପାଇଁ ସଂକ୍ରମିତ ହୁଏ ଏବଂ ପ୍ରକଳ୍ପ ପରବର୍ତ୍ତୀ ପର୍ଯ୍ୟାୟରେ ଦୁର୍ଦଶା ଭୋଗ କରନ୍ତି । ଏହିପରି ଅସୁରକ୍ଷିତ ଗୋଷ୍ଠୀରେ ମହିଳା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଛୋଟପିଲା, ବୟସ୍କ ବ୍ୟକ୍ତି, ଭିନ୍ନକ୍ଷମ, ବାହାରକୁ କାମ କରିବାକୁ ଯାଉଥିବା ଦାଦନ ଶ୍ରମିକ, HIV/AIDS ରେ ପୀଡିତ ବ୍ୟକ୍ତି ଆଦି ସାମିଲ ଅଛନ୍ତି । ଥଇଥାନ ସମୟରେ ଏହି ଦୁସ୍ଥ ପରିବାର ଗୁଡିକ ସ୍ୱତନ୍ତ୍ର ଯତ୍ନ ଏବଂ ଧ୍ୟାନ ଆବଶ୍ୟକ କରନ୍ତି । ପ୍ରଭାବିତ ଘରଗୁଡ଼ିକ ମଧ୍ୟରେ ଦୁର୍ବଳତା ପରିସ୍ଥିତି ସାରଣୀ ୪.୨୨ ରେ ଚିତ୍ରଣ କରାଯାଇଛି । ସାରଣୀରୁ ଜଣାଯାଏ ଯେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକ ମଧ୍ୟରୁ ୪୦.୮୨% ଲୋକ ଅନୁସୂଚୀତ ଜାତି (ଏସ୍.ସି.) ବର୍ଗର, ୧୦.୨୦% ମହିଳାମୁଖ୍ୟ ପରିବାର, ୭୩.୪୭% ପରିବାରଙ୍କ ପାଖରେ ରେସନ କାର୍ଡ ଅଛି ଏବଂ ୩୬.୫୪% ପରିବାର ବି.ପି.ଏଲ୍. ଅଟନ୍ତି । ଜମି ଅଧିଗ୍ରହଣ ହେତୁ ଏହି ପରିବାର ଗୁଡ଼ିକ ବହୁତ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ। ଏଣୁ ପ୍ରଚଳିତ ବିଧି ଅନୁସାରେ ସେମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ। କୌଣସି ପରିବାର ଅନୁସୂଚୀତ ଜନଜାତି (ଆଦିବାସୀ) ଗୋଷ୍ଠୀର ନାହାନ୍ତି କି ଭିନ୍ନକ୍ଷମ ବ୍ୟକ୍ତି ନାହାନ୍ତି । ଏହି ସାରଣୀ ଓ ସାରଣୀ ସଂଖ୍ୟା ୪.୨୨ କୁ ପରୀକ୍ଷା ନିରୀକ୍ଷା କଲେ ଜଣାଯାଏ ଯେ, ପ୍ରଭାବିତ ପରିବାରଙ୍କ ମଧ୍ୟରୁ ଅନେକ ଗରିବ ଅଟନ୍ତି ।

**ସାରଣୀ ୪.୨୨ ଅସୁରକ୍ଷିତ ଅବସ୍ଥାରେ ଥିବା ପ୍ରଭାବିତ ପରିବାର**

| ବର୍ଗ | ସଂଖ୍ୟା | ଶତକଡା |
|---|---|---|
| ଅନୁସୂଚିତ ଜନଜାତି | ୦ | ୦.୦୦ |
| ଅନୁସୂଚିତ ଜାତି | ୨୦ | ୪୦.୮୨ |
| ଦିବ୍ୟାଙ୍ଗ | ୦ | ୦.୦୦ |
| ମହିଳାମୁଖ୍ୟ ପରିବାର | ୫ | ୧୦.୨୦ |
| ରେସନକାର୍ଡ ଥିବା ପରିବାର | ୩୬ | ୭୩.୪୭ |
| ବି.ପି.ଏଲ୍.କାର୍ଡ ଥିବା ପରିବାର | ୮ | ୧୬.୩୩ |
| ସର୍ବେକ୍ଷଣ କରାଯାଇଥିବା ପରିବାର | ୪୯ | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

## ୪.୪ ମହିଳାମାନଙ୍କର ଭାଗିଦାରୀତା

ଲୋକମାନଙ୍କ ଜୀବନଯାପନ ପ୍ରଣାଳୀରେ ଲିଙ୍ଗ ଭେଦରେ ଲୋକମାନଙ୍କ ଭୂମିକା ପ୍ରାଧାନ୍ୟ ଲାଭ କରୁଛି । ଘରୋଇ ନିଷ୍ପତ୍ତି ନେବାରେ ମହିଳାମାନଙ୍କର ଭୂମିକା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣରେ ସେମାନେ ଉପଭୋଗ କରୁଥିବା ସ୍ୱାଧୀନତା ଏହି ଦିଗରେ ଗୁରୁତ୍ୱପୂର୍ଣ୍ଣ । ସର୍ବେକ୍ଷଣ ସମୟରେ ଏହା ଦୃଷ୍ଟିକୁ ଆସିଛି ଯେ, ଅଧିକାଂଶ କ୍ଷେତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସମ୍ପତ୍ତି ର କ୍ରୟ ଏବଂ ବିକ୍ରୟ, ପାରିବାରିକ କାର୍ଯ୍ୟ, ଋଣ ଇତ୍ୟାଦି ସମସ୍ତ ବିଷୟ ଉପରେ ନିଷ୍ପତ୍ତି ପୁରୁଷ ମୁଖ୍ୟ ପରିବାର କ୍ଷେତ୍ରରେ ପୁରୁଷମାନଙ୍କ ଦ୍ୱାରା ନିଆଯାଇ ଥାଏ । ଯେଉଁ ପରିବାରରେ ମହିଳାମାନେ ମୁଖ୍ୟ ସେଠାରେ ବଡ଼ପୁଅର ସିଦ୍ଧାନ୍ତକୁ ଗୁରୁତ୍ୱ ଦିଆଯାଉଛି । ମୁଖ୍ୟମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ସାଧାରଣତଃ  ଆଲୋଚନା କରାଯାଇ ଗ୍ରହଣ କରାଯାଏ ଏବଂ କୌଣସି ମତଭେଦ ବିଷୟରେ ଜଣାଯାଇ ନାହିଁ । ଉଦାର ଭାବରେ କହିବାକୁ ଗଲେ, ନିଷ୍ପତ୍ତିଗୁଡ଼ିକ ମିଳିତ ଭାବରେ ନିଆଯାଏ । ମହିଳାମାନେ ଏହି ନିଷ୍ପତ୍ତିରେ ଅଂଶଗ୍ରହଣ କରିଥିବା ଜଣାଯାଇଛି। ସେହିଭଳି, ସୀମିତ ଭାବରେ ପୁରୁଷ ସଦସ୍ୟଙ୍କୁ ସାଙ୍ଗରେ ନେଇ ଏପରିକି ଛୋଟ ପୁଅ ପିଲା ସହିତ ମହିଳାମାନଙ୍କୁ ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ସମାବେଶରେ ଯୋଗଦେବାକୁ ମଧ୍ୟ ଅନୁମତି ଦିଆଯାଏ ।  ଆଜିକାଲି ଅଧିକାଂଶ ପରିବାରର ମହିଳା ମାନେ ସ୍ୱୟଂ ସହାୟକ ଗୋଷ୍ଠୀ ବା ଏସ୍.ଏଚ୍.ଜି.ରେ ସଭ୍ୟା ଅଟନ୍ତି ।  ଏଥିରୁ ଜଣାଯାଏ ଯେ ପାରିବାରିକ ଓ ଗୋଷ୍ଠୀଗତ କାର୍ଯ୍ୟକ୍ରମ ତଥା ସିଦ୍ଧାନ୍ତ ଗ୍ରହଣ କ୍ଷେତ୍ରରେ ମହିଳା ମାନଙ୍କର ସହଭାଗୀତା କିଛିଟା ଭଲ ରହିଛି।

## ୪.୫ ଜୀବନଧାରଣ ପରିବେଶ ଓ ତାର ଗୁଣବତ୍ତା

ଯେହେତୁ ପ୍ରଭାବିତ ଗ୍ରାମ ୟୁନିଟ୍ - ୭ ଶୀତଳେଶ୍ୱର ଗ୍ରାମ ଯାଜପୁର ମୁନ୍ସିପାଲିଟି ର ପ୍ରଶାସନିକ ଅଞ୍ଚଳରେ ଅବସ୍ଥିତ ଯାହାକି ଯାଜପୁର ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟ ଅଟେ, ତେଣୁ ଗ୍ରାମ ସ୍ତରରେ ସାମାଜିକ-ଅର୍ଥ ନୈତିକ ଭିତ୍ତିଭୂମି ସ୍ଥିତି ଭଲ । ଏହା ଦେଖିବାକୁ ମିଳିଥିଲା ଯେ, ଗାଁରେ ସବୁଦିନିଆ ପକ୍କା ରାସ୍ତା ଅଛି ଏବଂ ସମସ୍ତ ପରିବାରକୁ ବିଦ୍ୟୁତ ସଂଯୋଗ ଅଛି । ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର, ଆଶାକର୍ମୀ, କମ୍ୟୁନିଟି ହଲ୍, ଆବର୍ଜନା ପକାଇବା କୁଣ୍ଡ, ପାଣିଯୋଗାଣ ପୋଷ୍ଟ, କଲ୍ୟାଣ ମଣ୍ଡପ, ସ୍ୱେଚ୍ଛାସେବୀ ଅନୁଷ୍ଠାନ (ଏନ୍.ଜି.ଓ), ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି) ଏବଂ ମାର୍କେଟ କମ୍ପ୍ଲେକ୍ସ ମାନ ଅଳ୍ପ ବହୁତେ ଉପଲବ୍ଧ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, କଲେଜ ସଂସ୍କୃତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଆଦି ଶୀତଳେଶ୍ୱର ଗ୍ରାମ ମଧ୍ୟରେ କିମ୍ବା ଗ୍ରାମର ୨ ରୁ ୩ କିଲୋମିଟର ପରିଧି ମଧ୍ୟରେ ଅବସ୍ଥିତ । ସମସ୍ତ ପ୍ରକାର ସାଂସ୍କୃତିକ ଅନୁଷ୍ଠାନ, ସିନେମା ହଲ, ଅବସର ବିନୋଦନ କେନ୍ଦ୍ର, ଇଣ୍ଡୋର ଷ୍ଟାଡିୟମ,  ମିନି ଷ୍ଟାଡିୟମ, ମନ୍ଦିର, ପୂଜା ଏବଂ ପ୍ରାର୍ଥନା ପାଇଁ ପୂଜାସ୍ଥଳ, ସର୍ବସାଧାରଣ ବଣ୍ଟନ, ନିଶ୍ଚିତ ଭାବରେ ସବୁ ଧର୍ମର ବ୍ୟକ୍ତିମାନଙ୍କ ନିମନ୍ତେ ଶ୍ମଶାନ ଉପଲବ୍ଧ ଅଛି ।

# ପଞ୍ଚମ ଅଧ୍ୟାୟ
# ପ୍ରକଳ୍ପ ସମ୍ବନ୍ଧରେ ପରିବାରର ଧାରଣା ଏବଂ ପ୍ରକଳ୍ପର ପ୍ରଭାବ

ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟା ପରିପ୍ରେକ୍ଷୀରେ, ଜନସାଧାରଣଙ୍କ ପରାମର୍ଶ ଏବଂ ପ୍ରକାଶ ଆକାରରେ ହିତାଧିକାରୀଙ୍କ ସମ୍ପୃକ୍ତିକୁ ସାମାଜିକ ପ୍ରଭାବ ଆକଳନ ଦଳ ଏବଂ ପ୍ରଭାବିତ ଗୋଷ୍ଠୀ ମଧ୍ୟରେ ଦ୍ୱିପାକ୍ଷିକ ଯୋଗାଯୋଗ ଭାବରେ ବ୍ୟାଖ୍ୟା କରାଯାଇଛି । ଏହିପରି ହିତାଧିକାରୀମାନଙ୍କ ଅଂଶଗ୍ରହଣର ଲକ୍ଷ୍ୟ ହେଉଛି ମୁଖ୍ୟତଃ ଜନସାଧାରଣଙ୍କ ବୁଝାମଣା ତଥା ବିକାଶମୂଳକ କାର୍ଯ୍ୟକଳାପ କୁ ଶିକ୍ଷା ଏବଂ ଖୋଲା ଆଲୋଚନା ମାଧ୍ୟମରେ ସାମ୍ଭାବ୍ୟ ପରିବେଶ ପ୍ରଭାବକୁ କମ୍ କରି  ପ୍ରକଳ୍ପର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା । ଏହାର ପ୍ରତିବଦଳରେ, ଜନସାଧାରଣଙ୍କ ମତାମତକୁ ପ୍ରକଳ୍ପର ଡିଜାଇନରେ ଉନ୍ନତି ଆଣିବା ପାଇଁ ଗଠନମୂଳକ ଉପଦେଶ ଭାବରେ ବ୍ୟବହାର କରାଯାଇପାରିବ । ଭାରତରେ ପରିବେଶ ପରିଚାଳନା ସମ୍ବନ୍ଧୀୟ ନିଷ୍ପତ୍ତି ନେବାରେ ଜନସାଧାରଣଙ୍କ ସକ୍ରିୟ ଯୋଗଦାନ କେବଳ ସାମ୍ପ୍ରତିକ ସମୟରେ ଏକ ପ୍ରାଥମିକତା ଭାବରେ ଉଭା ହୋଇଛି । ଏହା ସତ୍ତ୍ୱେ ଭାରତୀୟ ସମ୍ବିଧାନର ୪୨ ତମ ସଂଶୋଧନ ଧାରା ୫୧A (g) କୁ ଅନ୍ତର୍ଭୁକ୍ତ କରି ନାଗରିକଙ୍କ ଉପରେ ଏକ ସାମାଜିକ ଦାୟିତ୍ୱ ନିର୍ବାହ କରେ । ଜନସାଧାରଣଙ୍କ ପରାମର୍ଶ ହେଉଛି ନୂତନ ଜମି ଅଧିଗ୍ରହଣ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯାହାକି ସମଗ୍ର ପ୍ରକ୍ରିୟାରେ ସ୍ୱଚ୍ଛତା ନିଶ୍ଚିତ କରିବା ପାଇଁ ସଠିକ୍ ଏବଂ ପ୍ରଭାବଶାଳୀ ଭାବରେ କରାଯିବା ଆବଶ୍ୟକ ।

## ୫.୧  ପ୍ରକଳ୍ପ ସମ୍ବନ୍ଧରେ ସଚେତନତା

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଏକ ଅଂଶ ଭାବରେ ସାମାଜିକ ପ୍ରଭାବ ଆକଳନ ତଥ୍ୟ ସଂଗ୍ରହ ସମୟରେ ଜମି ହରାଉଥିବା ପରିବାରଗୁଡିକର ପ୍ରକଳ୍ପ ସମ୍ପର୍କରେ ଧାରଣା ସଂଗ୍ରହ କରାଯାଇଥିଲା । ଲୋକଙ୍କ ବିଭିନ୍ନ ବିଭାଗରୁ ସଂଗୃହିତ ତଥ୍ୟର ବିଶ୍ଳେଷଣରୁ ଏହା ବୁଝାପଡୁଥିଲା ଯେ, ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତ କରିବା ବିଷୟରେ ଗ୍ରାମବାସୀମାନେ ଅବଗତ ଅଛନ୍ତି  । ତେବେ ରାସ୍ତାର କେଉଁ ଅଂଶ ଅଧିଗ୍ରହଣ ହେବ ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଭାବେ ଅବଗତ ନଥିଲେ । କିନ୍ତୁ ସାମଗ୍ରିକ ଭାବେ, ଜମି ଅଧିଗ୍ରହଣକୁ ନେଇ ଲୋକଙ୍କ ପାଖରେ କୌଣସି ଦ୍ୱିଧା ନଥିଲା କାରଣ କ୍ରୟ ପରେ ଆର ଆଣ୍ଡ ବି ଡିଭିଜନ୍ ଦ୍ୱାରା ବହୁତ କମ୍ ପରିମାଣର ଜମି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି । ଯେହେତୁ ଆର ଆଣ୍ଡ ବି ଡିଭିଜନ୍ ଓଡିଶା ସରକାରଙ୍କର ଏକ ସଂସ୍ଥା ଏବଂ ସେମାନେ କ୍ଷତିପୂରଣ ଏବଂ ଉନ୍ନତ ଯୋଗାଯୋଗ ଏବଂ ପରିବହନ ସୁବିଧା ଦ୍ୱାରା ଏହି ପ୍ରକଳ୍ପରୁ ଉପକୃତ ହେବେ ।

## ୫.୨ ପ୍ରକଳ୍ପରୁ ମିଳିବାକୁ ଥିବା ଲାଭ : ସାମାଜିକ ଏବଂ ଅର୍ଥନୈତିକ

ଏହି ପ୍ରକଳ୍ପ ପୂର୍ବରୁ ଅବସ୍ଥିତ ଥିବା ଗୋଟିଏ ସଡକର ବିସ୍ତାର ବ ଉନ୍ନତିକରଣ ଅଟେ । ପ୍ରଭାବିତ ପରିବାରର ସଦସ୍ୟମାନେ ପ୍ରକାଶ କରିଥିଲେ ଯେ, ଏହି ରାସ୍ତାର ଉନ୍ନତି ଏବଂ ସଶକ୍ତିକରଣ ପରେ ଛୋଟ ଯାତ୍ରୀବାହୀ ଯାନଗୁଡ଼ିକ ଏହି ରାସ୍ତାରେ ବାରମ୍ବାର ଚାଲିବା ସହିତ ଲୋକମାନଙ୍କ ପାଇଁ ସହଜ ଏବଂ କମ୍ ମୂଲ୍ୟର ଯୋଗାଯୋଗ ଯୋଗାଇଦେବ। ଏହିପରି, କ୍ଷେତ୍ର ପରିଦର୍ଶନ ସମୟରେ ପ୍ରକଳ୍ପର ଉଭୟ ସାମାଜିକ ଏବଂ ଅର୍ଥନୈତିକ ଲାଭ ଆକଳନ କରାଯାଇଛି । ପ୍ରକଳ୍ପର ସାମାଜିକ ଏବଂ ଅର୍ଥନୈତିକ ଲାଭ ସମ୍ବନ୍ଧୀୟ କିଛି ନିର୍ଦ୍ଦିଷ୍ଟ ବିକଳ୍ପ ଉତ୍ତରଦାତାମାନଙ୍କୁ କୁହାଯାଇଥିଲା । ବେଳେବେଳେ ପ୍ରଶ୍ନଗୁଡ଼ିକ ବିରୁଦ୍ଧରେ ଦିଆଯାଇଥିବା ଉତ୍ତରଗୁଡ଼ିକ ମଧ୍ୟ ଅନେକ ପ୍ରକାରର ଥିଲା ।

ତଥ୍ୟର ବିଶ୍ଳେଷଣରୁ ଜଣାପଡିଛି ଯେ, ସର୍ବାଧିକ ସଂଖ୍ୟକ ୮୫.୭୧% ପରିବାର ମତ ଅନୁଯାୟୀ ଜମି ମୂଲ୍ୟରେ ବୃଦ୍ଧି ହେବ। ଏହା ପଛକୁ ୭୭.୫୫% (୩୫) ବ୍ୟକ୍ତି ମତ ଦେଇଛନ୍ତି ଯେ ରାସ୍ତାର ଉନ୍ନତି ପରିବହନ ଏବଂ ଯୋଗାଯୋଗରେ ଉନ୍ନତି ଆଣିବ ଏବଂ ସମାନ ସଂଖ୍ୟକ ଉତ୍ତରଦାତା କହିଛନ୍ତି ଯେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ତେଣୁ ଏହା କୁହାଯାଇପାରେ ଯେ, ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ସାମାଜିକ ଅର୍ଥନୈତିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ । (ଚିତ୍ର: ୫.୧)

**ଚିତ୍ର – ୫.୧ ସାମାଜିକ ଏବଂ ଅର୍ଥନୈତିକ ସୁବିଧା**




## ୫.୩ ପ୍ରକଳ୍ପ ପ୍ରତି ପରିବାରର ମନୋଭାବ

ତଥ୍ୟ ସଂଗ୍ରହ ପ୍ରକ୍ରିୟା ସମୟରେ ପ୍ରକଳ୍ପ ପ୍ରତି ପ୍ରତ୍ୟେକ ଉତ୍ତରଦାତାର ମନୋଭାବ ସଂଗ୍ରହ କରାଯାଇଥିଲା ଏବଂ ଅନୁସରଣକାରୀଙ୍କୁ ଅନୁସରଣ କରିବାକୁ ଚେଷ୍ଟା କରାଯାଇଥିଲା ଏବଂ ସେମାନଙ୍କର ପ୍ରତିକ୍ରିୟା ଭାବରେ ***ଦୃଢ***

***ଭାବରେ ସହମତ, ସହମତ, ଅସହମତ, କୌଣସି ମତାମତ ନାହିଁ ଏବଂ ସହମତ ନୁହେଁ*** ବୋଲି ଲିପିବଦ୍ଧ କରାଯାଇଥିଲା । ସାରଣୀ ସଂଖ୍ୟା ୫.୧ ରେ ବିଭିନ୍ନ ସକାରାତ୍ମକ ସୂଚକ ଉପରେ ଉତ୍ତରଦାତାଙ୍କ ମନୋଭାବକୁ ସୂଚିତ କରେ ।

**ସାରଣୀ ୫.୧ ପ୍ରକଳ୍ପର ସକରାତ୍ମକ ସୂଚକ ଉପରେ ପରିବାରର ପ୍ରତିକ୍ରିୟା**

| ସୂଚକ | ଦୃଢ ଭାବରେ ସହମତ (ସଂଖ୍ୟା – ୪୯) | | ସହମତ (ସଂଖ୍ୟା – ୪୯) | | କୌଣସି ମତାମତ ନାହିଁ (ସଂଖ୍ୟା – ୪୯) | | ଅସହମତ (ସଂଖ୍ୟା – ୪୯) | |
|---|---|---|---|---|---|---|---|---|
| | ସଂ | % | ସଂ | % | ସଂ | % | ସଂ | % |
| ସ୍ଥାନୀୟ ବିକାଶ ପାଇଁ ଭଲ | ୩୨ | ୬୫.୩୧ | ୧୦ | ୨୦.୪୧ | ୭ | ୧୪.୨୯ | ୦ | ୦.୦୦ |
| ପରିବହନ ଏବଂ ଯୋଗାଯୋଗରେ ଉନ୍ନତି କରିବ | ୨୧ | ୪୨.୮୬ | ୧୪ | ୨୮.୫୭ | ୮ | ୧୬.୩୩ | ୬ | ୧୨.୨୪ |
| ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ | ୨୮ | ୫୭.୧୪ | ୧୨ | ୨୪.୪୯ | ୬ | ୧୨.୨୪ | ୩ | ୬.୧୨ |
| ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ | ୨୪ | ୪୮.୯୮ | ୧୬ | ୩୨.୬୫ | ୪ | ୮.୧୬ | ୫ | ୧୦.୨୦ |
| ସମ୍ପତ୍ତି ର ମୂଲ୍ୟ ବୃଦ୍ଧି କରିବ | ୩୬ | ୭୩.୪୭ | ୬ | ୧୨.୨୪ | ୫ | ୧୦.୨୦ | ୨ | ୪.୦୮ |
| ବ୍ୟବସାୟୀକ ସୁଯୋଗ ସୃଷ୍ଟି କରିବ | ୨୪ | ୪୮.୯୮ | ୧୪ | ୨୮.୫୭ | ୬ | ୧୨.୨୪ | ୫ | ୧୦.୨୦ |
| ଚାଲୁଥିବା ବ୍ୟବସାୟ ନିମନ୍ତେ ସୁଯୋଗ ସୃଷ୍ଟି କରିବ | ୨୨ | ୪୪.୯୦ | ୧୨ | ୨୪.୪୯ | ୮ | ୧୬.୩୩ | ୭ | ୧୪.୨୯ |

ଉପରୋକ୍ତ ପ୍ରଭାବ ସୂଚକାଙ୍କ ଉପରେ ପରିବାରର ମନୋଭାବରୁ ଜଣାଗଲା ଯେ, ହାରାହାରି ୪୦% ରୁ ଅଧିକ ଉତ୍ତରଦାତା ***ଦୃଢ ଭାବରେ ସହମତ*** ଅଟନ୍ତି ଯାହା ସ୍ଥାନୀୟ ବିକାଶ ପାଇଁ ଭଲ ହେବ (୬୫.୩୧%), ପରିବହନ ଏବଂ ଯୋଗାଯୋଗରେ ଉନ୍ନତି ଆଣିବ (୪୨.୮୬%), ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ (୫୭.୧୪%), ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ (୪୮.୯୮%), ସମ୍ପତ୍ତିର ମୂଲ୍ୟ ବୃଦ୍ଧି ହେବ (୭୩.୪୭%), ବ୍ୟବସାୟ ସୁଯୋଗ ସୃଷ୍ଟି ହେବ (୪୮.୯୮%) ଏବଂ ଚାଲୁଥିବା ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି ହେବ (୪୪.୯୦%) । ତଥାପି, ହାରାହାରି ୬୦% ଉତ୍ତରଦାତା ଏହି ସୂଚକାଙ୍କ ସହିତ ସହମତ ଅଟନ୍ତି । କୌଣସି ମତ ପ୍ରଦାନ କାଲେ ନାହିଁ ଏବଂ ସହମତ ବିଷୟରେ ପ୍ରତିକ୍ରିୟା ଅତ୍ୟନ୍ତ କମ୍ ଅଟେ । ତେଣୁ ସାରଣୀରେ ଥିବା ଆକଳନରୁ ଜଣାପଡିଛି ଯେ, ଏହି ପ୍ରକଳ୍ପ ପ୍ରତି ଉତ୍ତରଦାତାର ଅଧିକାଂଶଙ୍କ ମନୋଭାବ ସକରାତ୍ମକ ଅଟେ ।

**ସାରଣୀ ୫.୨ ପ୍ରକଳ୍ପର ନକରାତ୍ମକ ସୂଚକ ଉପରେ ପରିବାରର ପ୍ରତିକ୍ରିୟା**

| ସୂଚକ | ଦୃଢ ଭାବରେ ସହମତ (ସଂଖ୍ୟା – ୪୯) | | ସହମତ (ସଂଖ୍ୟା – ୪୯) | | କୌଣସି ମତାମତ ନାହିଁ (ସଂଖ୍ୟା – ୪୯) | | ଅସହମତ (ସଂଖ୍ୟା – ୪୯) | |
|---|---|---|---|---|---|---|---|---|
| | ସଂ | % | ସଂ | % | ସଂ | % | ସଂ | % |
| ନିରନ୍ତର ଜୀବିକା ନିର୍ବାହ ପ୍ରକ୍ରିୟାକୁ ନଷ୍ଟ କରିଦେବ | ୧୩ | ୨୬.୫୩ | ୮ | ୧୬.୩୩ | ୧୨ | ୨୪.୪୯ | ୧୬ | ୩୨.୬୫ |
| ଅପରାଧ ବୃଦ୍ଧି ପାଇବ | ୧୬ | ୩୨.୬୫ | ୧୦ | ୨୦.୪୧ | ୫ | ୧୦.୨୦ | ୧୮ | ୩୬.୭୩ |
| ବାୟୁ ପ୍ରଦୂଷଣ ହେତୁ ସ୍ୱାସ୍ଥ୍ୟ କ୍ଷତି | ୧୨ | ୨୪.୪୯ | ୮ | ୧୬.୩୩ | ୮ | ୧୬.୩୩ | ୨୧ | ୪୨.୮୬ |

| ସୂଚକ | ଦୃଢ ଭାବରେ ସହମତ (ସଂଖ୍ୟା – ୪୯) | | ସହମତ (ସଂଖ୍ୟା – ୪୯) | | କୌଣସି ମତାମତ ନାହିଁ (ସଂଖ୍ୟା – ୪୯) | | ଅସହମତ (ସଂଖ୍ୟା – ୪୯) | |
|---|---|---|---|---|---|---|---|---|
| | ସଂ | % | ସଂ | % | ସଂ | % | ସଂ | % |
| ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହେବ | ୨୪ | ୪୮.୯୮ | ୧୨ | ୨୪.୪୯ | ୬ | ୧୨.୨୪ | ୭ | ୧୪.୨୯ |
| ସ୍ଥାନୀୟ ଜଙ୍ଗଲ ନଷ୍ଟ ହେବ | ୨୩ | ୪୬.୯୪ | ୧୩ | ୨୬.୫୩ | ୭ | ୧୪.୨୯ | ୬ | ୧୨.୨୪ |
| ଗୃହପାଳିତ ପଶୁମାନଙ୍କ ଦୁର୍ଘଟଣା ବୃଦ୍ଧିପାଇବ | ୩୨ | ୬୫.୩୧ | ୧୨ | ୨୪.୪୯ | ୦ | ୦.୦୦ | ୫ | ୧୦.୨୦ |
| ଲୋକମାନଙ୍କ ଦୁର୍ଘଟଣା ବୃଦ୍ଧିପାଇବ | ୨୫ | ୫୧.୦୨ | ୧୪ | ୨୮.୫୭ | ୪ | ୮.୧୬ | ୬ | ୧୨.୨୪ |

ଉତ୍ତରଦାତାମାନଙ୍କର ନକାରାତ୍ମକ ମନୋଭାବରୁ ଏହା ଅବଗତ ହେଲା ଯେ, ସର୍ବାଧିକ ଅଂଶଗ୍ରହଣକାରୀଙ୍କ କ୍ଷେତ୍ରରେ ଦେଖାଯାଏ ଯେ, ପଶୁଙ୍କ ଦୁର୍ଘଟଣା ବୃଦ୍ଧି ହେବ ସୂଚକ ରେ ୬୫.୩୧% ଉତ୍ତରଦାତା "ଦୃଢଭାବରେ ସହମତ" ଏବଂ ପ୍ରକଳ୍ପ ହେତୁ ମନୁଷ୍ୟମାନଙ୍କର ଦୁର୍ଘଟଣା ବୃଦ୍ଧି କରିବ ୫୧.୦୨% ମତ ଦେଇଛନ୍ତି । ୪୮.୯୮% ଉତ୍ତରଦାତା ମତ ଦେଇଛନ୍ତି ଯେ, ଏହି ପ୍ରକଳ୍ପ ସାଧାରଣ ସମ୍ପତ୍ତି ସମ୍ବଳକୁ ନଷ୍ଟ କରିବ, ପ୍ରକଳ୍ପ ସ୍ଥାୟୀ ଜୀବିକାକୁ ନଷ୍ଟ କରିବ (୨୬.୫୩%), ଅପରାଧରେ ବୃଦ୍ଧି (୩୨.୬୫%), (୨୪.୪୯%) ବାୟୁ ପ୍ରଦୂଷଣ ହେତୁ ସ୍ୱାସ୍ଥ୍ୟ ସ୍ଥିତି ପ୍ରଭାବିତ ହେବ ବୋଲି ମତ ଦେଇଛନ୍ତି। ସହମତି ଉପରେ ମଧ୍ୟ ସେହି ସମାନ ଧାରା ଦେଖାଯାଏ । ସାରଣୀ ୫.୨ ରେ ସର୍ଭେ କରାଯାଇଥିବା ପରିବାରଗୁଡିକରୁ ପ୍ରକାଶିତ ପ୍ରଭାବର ବିବରଣୀ ବର୍ଣ୍ଣନା କରାଯାଇଛି । ଏହା ବ୍ୟତୀତ କୌଣସି ମତ ଏବଂ ସହମତ ସ୍ତମ୍ଭ ବିଶ୍ଳେଷଣ ଦର୍ଶାଏ ଯେ, ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥରେ ଅଭ୍ୟସ୍ତ ହୋଇଥିବାରୁ ପ୍ରକଳ୍ପର ନକାରାତ୍ମକ ପ୍ରଭାବ ସପକ୍ଷରେ ହାରାହାରି ୨୨.୭୬% ଉତ୍ତରଦାତା ନାହାଁନ୍ତି । ଏହିପରି ସାରଣୀରୁ ଏହା ପ୍ରକାଶ ପାଇଛି ଯେ, ଉତ୍ତରଦାତାଙ୍କର ନକାରାତ୍ମକ ମନୋଭାବ ସେମାନଙ୍କ ସକାରାତ୍ମକ ମନୋଭାବଠାରୁ କମ୍ ଅଟେ । ମୋଟ ଉପରେ, ପ୍ରଭାବିତ ପରିବାରଗୁଡିକର ପ୍ରତିକ୍ରିୟାରୁ ଏହା ଦେଖାଯାଏ ଯେ ପ୍ରଭାବିତ ଲୋକଙ୍କ ଉପରେ ପ୍ରକଳ୍ପର ସାମଗ୍ରିକ ପ୍ରଭାବ ଏହାର ନକାରାତ୍ମକ ଦିଗ ଅପେକ୍ଷା ଅଧିକ ସକାରାତ୍ମକ ହେବ ।

## ୫.୪ କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାରଗୁଡିକର ଆଶା ଏବଂ ପସନ୍ଦ:

ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି ନଷ୍ଟ ପାଇଁ କ୍ଷତିପୂରଣ ବାବଦରେ ପ୍ରଭାବିତ ପରିବାରର ଅଗ୍ରାଧିକାର ଏବଂ ଆଶା ଜାଣିବା ପାଇଁ ସର୍ଭେ ସମୟରେ ଏକ ପ୍ରୟାସ କରାଯାଇଥିଲା । ପୁନର୍ବାସ ଓ ଥଇଥାନ ପ୍ରକ୍ରିୟାକୁ ଅଧିକ ସହଭାଗୀ ଏବଂ ଲୋକଙ୍କ ମନୋଭାବ କୁ ଆଧାରିତ କରିବା ଏହାର ଉଦ୍ଦେଶ୍ୟ ଥିଲା। । ପ୍ରତ୍ୟେକ ପ୍ରଭାବିତ ପରିବାର ନିକଟରୁ ସେମାନଙ୍କ ପସନ୍ଦ ଜାଣିବା ନିମନ୍ତେ ଯୋଗାଯୋଗ କରାଯାଇଥିଲା ।

ସର୍ବେକ୍ଷଣରୁ ଜଣାପଡିଛି ଯେ, ସମସ୍ତ ୪୯ ଟି ପ୍ରଭାବିତ ପରିବାର ନିଜ ନିଜର ଜମି ନଷ୍ଟ ପାଇଁ ନଗଦ ର୍ଥ ପାଇବା ପାଇଁ ଚୟନ କରିଛନ୍ତି । ନଗଦ କ୍ଷତିପୂରଣ ବ୍ୟତୀତ ସେମାନେ ନିର୍ମାଣ ସମୟରେ ପ୍ରକଳ୍ପରେ ନିଯୁକ୍ତି ସୁଯୋଗ ଏବଂ ଚାଲୁଥିବା ସରକାରୀ ଯୋଜନାଗୁଡିକର ଅନ୍ୟାନ୍ୟ ସହାୟତା ପାଇଁ ଆଶା କରିଛନ୍ତି । ସମସ୍ତ ପ୍ରଭାବିତ

ପରିବାର ପାଇଁ ସବୁଠାରୁ ଅଧିକ ପସନ୍ଦ ହେଉଛି ଜମି ନଷ୍ଟ ହେବା ବିରୋଧରେ ନଗଦ କ୍ଷତିପୂରଣ । ଏହିପରି, ପ୍ରଭାବିତ ପରିବାରଗୁଡିକର ଆଶା ଏବଂ ସ୍ଥାନୀୟ ମାନଦଣ୍ଡ ମୂଲ୍ୟକୁ ବିଚାରକୁ ନେଇ, ପ୍ରକଳ୍ପ କର୍ତ୍ତୃପକ୍ଷ RTFCTLARR ଆକ୍ଟ ୨୧୦୩ ଅନୁଯାୟୀ କ୍ଷତିପୂରଣ ରାଶି ଚୂଡାନ୍ତ କରିବା ଉଚିତ ।

**୫.୫ ପ୍ରକଳ୍ପ ପ୍ରଭାବ:**

ପ୍ରକଳ୍ପର ସାମାଜିକ ପ୍ରଭାବକୁ ଚିହ୍ନିବା ପାଇଁ, ପ୍ରଭାବିତ ପରିବାରମାନଙ୍କଠାରୁ ପ୍ରତିକ୍ରିୟା ସଂଗ୍ରହ କରିବା ପାଇଁ ଘରୋଇ ସାକ୍ଷାତକାର, ଫୋକସ୍ ଗ୍ରୁପ୍ ଆଲୋଚନା, ଏବଂ ସହଭାଗୀ ଗ୍ରାମ୍ୟ ଅବଧାରଣ ପଦ୍ଧତି ବ୍ୟବହାର କରାଯାଇଥିଲା । ସଂଗୃହିତ ତଥ୍ୟକୁ ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର ପ୍ରଭାବ ଜାଣିବା ପାଇଁ ବିଶ୍ଳେଷଣ କରାଯାଇଥିଲା । ଏହା ବ୍ୟତୀତ ବ୍ୟକ୍ତିଗତ ହିତାଧିକାରୀଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଥିଲା ଏବଂ ପ୍ରକଳ୍ପର ପ୍ରଭାବ ଚିହ୍ନଟ କରିବା ପାଇଁ ସର୍ଭେ କାର୍ଯ୍ୟ କରିବା ସମୟରେ ଗ୍ରାମ ସ୍ତରର ସୂଚନା ସଂଗ୍ରହ କରାଯାଇଥିଲା ।

କୌଣସି ଏକ ପ୍ରକଳ୍ପ ଦ୍ୱାରା ଜମି ଅଧିଗ୍ରହଣ ସାଧାରଣତଃ ଜମି ନଷ୍ଟ ହେବା ସହ ଲୋକମାନଙ୍କୁ ବାସସ୍ଥାନରୁ ସ୍ଥାନାନ୍ତର କରିଥାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ, ପ୍ରଭାବିତ ପରିବାରଗୁଡିକର ଏପରି ସ୍ଥାନାନ୍ତର କିମ୍ବା ବିସ୍ଥାପନ ହେଉ ନାହିଁ । ତଥାପି ଅନ୍ୟାନ୍ୟ ପ୍ରକଳ୍ପ ପରି ଜମି ଏବଂ ବୃକ୍ଷ ପରି ପ୍ରାକୃତିକ ସମ୍ପତ୍ତି ନଷ୍ଟ ହେବା ସାଧାରଣ କଥା । ଏହି ପ୍ରଭାବଗୁଡିକ ମୁଖ୍ୟତଃ ଜମି ହରାଇବା, ଜମି ନଷ୍ଟ ହେତୁ ନିଯୁକ୍ତି ସୁଯୋଗରେ ସଙ୍କୋଚନ, ସ୍ଥାନୀୟ ଗତିଶୀଳତା ଏବଂ ପରିବେଶ ପ୍ରଦୂଷଣକୁ ଅନ୍ତର୍ଭୁକ୍ତ କରେ । ତଥାପି, ପ୍ରକଳ୍ପର ପ୍ରକୃତି ଏବଂ ପ୍ରଭାବର ପରିମାଣ ଲୋକ ଏବଂ ଗୋଷ୍ଠୀ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ ।

**୫.୫.୧ ଜମି ଏବଂ ଜମି ଭିତ୍ତିକ ଜୀବିକା ଉପରେ ପ୍ରଭାବ:**

ଯେ କୌଣସି ଜମି ଅଧିଗ୍ରହଣ କାର୍ଯ୍ୟକଳାପରେ, ଯାହାର ଜମି ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଏ ସେହି ପରିବାରର ଜମି ଉପରେ ପ୍ରକଳ୍ପର ସବୁବେଳେ ପ୍ରଭାବ ରହିଥାଏ । ଏହା ପୂର୍ବରୁ ଆଲୋଚନା କରାଯାଇଛି ଯେ, ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ରେ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ନିମନ୍ତେ ୬.୨୮୭ ଏକର ଘରୋଇ ଜମି ର ଅବଶ୍ୟକତା ଅଛି । ସେଥିମଧ୍ୟରୁ ସିଧାସଳଖ କ୍ରୟ ଯୋଜନା ମାଧ୍ୟମରେ ୪.୩୦୯୫ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ୧.୯୭୭୫ ଏକର ଜମି ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟା ମାଧ୍ୟମରେ ଅଧିଗ୍ରହଣ ହେବ । ଅଧିକନ୍ତୁ, ଜମି ଅଧିଗ୍ରହଣ ହେତୁ କ୍ଷତି ହେଉଥିବା ଜମି ସାମାନ୍ୟ ହୋଇପାରେ କିନ୍ତୁ ଯେତେବେଳେ ଜମିର ଅବସ୍ଥିତି ଦୃଷ୍ଟିରୁ ଏବଂ ପ୍ଲଟ୍ ୱାରି ଜମି ଯାହା ଅଧିଗ୍ରହଣ ପରେ ବଳକା ରହିବ, ତାହାର ପ୍ରଭାବ ପ୍ରକୃତରେ ଗମ୍ଭୀର ଅଟେ । ସମସ୍ତ ଜମି ସହରାଞ୍ଚଳର ଜମି ତେଣୁ ଅତ୍ୟନ୍ତ ମୂଲ୍ୟବାନ ଏବଂ ଅବଶିଷ୍ଟ ଜମି ଯାହା କି ଅଧିଗ୍ରହଣ ପରେ ବଳକା ରହିବ ତାହା କୌଣସି

ବ୍ୟବହାର ପାଇଁ ଅତ୍ୟନ୍ତ କ୍ଷୁଦ୍ର ଏବଂ ଅମୂଳକ । ତେଣୁ, ଜମି ଅଧିଗ୍ରହଣ ଅତ୍ୟନ୍ତ ଭାରପ୍ରଦ ହେବ । ଏହା ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର ପ୍ରତ୍ୟକ୍ଷ ପ୍ରତିକୂଳ ପ୍ରଭାବ ସୃଷ୍ଟି କରିବ ।

ଏହି ସମସ୍ୟାଗୁଡିକୁ ହ୍ରାସ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ଯାହାଦ୍ୱାରା ଜମି ହରାଉଥିବା ଲୋକଙ୍କୁ ସେମାନଙ୍କର କୃଷି ଜୀବିକା ନିର୍ବାହ ପାଇଁ ଅତିରିକ୍ତ ଜମି କ୍ରୟ କରିବାରେ ସକ୍ଷମ କରିବ । ଅନ୍ୟ ପଟେ, ପ୍ରକଳ୍ପ କର୍ତ୍ତୃପକ୍ଷ ପ୍ରକଳ୍ପ ପ୍ରଭାବିତ ଗୁଡ଼ିକର ଜୀବିକା ଫେରାଇ ଆଣିବା ପାଇଁ ପଦକ୍ଷେପ ନେବା ଉଚିତ ଯାହା ଦ୍ୱାରା ସେମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ଉପରେ ଧ୍ୟାନ ଦେଇ ସେମାନଙ୍କ ଜୀବନଧାରଣର ଉନ୍ନତି ହେବ । ଜମି ଅଧିଗ୍ରହଣ ପରେ କିଛି ଜମି ବଳକା ରହୁଛି ଯାହାକି ଚାଷ ନିମନ୍ତେ ଅନୁପଯୁକ୍ତ ହୋଇପାରେ । ଏହି ପରିପ୍ରେକ୍ଷୀରେ ସମଗ୍ର ଜମି ଅଧିଗ୍ରହଣ କରାଯିବା ଉଚିତ ଏବଂ ଅନ୍ୟ ଜମିରେ ପ୍ରଯୁଜ୍ୟ ମୂଲ୍ୟ ଆଧାରରେ ସେମାନଙ୍କର ମାଲିକମାନଙ୍କୁ କ୍ଷତିପୂରଣ ଦିଆଯିବା ଉଚିତ୍ । ଅବଶ୍ୟ, ଯେହେତୁ ଏହି ରେଖାକାର ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମି କମ୍, ତେଣୁ ଖାଦ୍ୟ ନିରାପତ୍ତା କିମ୍ବା ଜମି ପ୍ରଭାବିତ ପରିବାରର ଜୀବିକା ଉପରେ ଏହାର ପ୍ରଭାବ ଅଳ୍ପ ହେବ ।

**୫.୫.୨ ନିଯୁକ୍ତି ଏବଂ ଆୟ ଉପରେ ପ୍ରଭାବ:**

ଜମି ଅଧିଗ୍ରହଣ ନିଶ୍ଚିତ ଭାବରେ ପ୍ରଭାବିତ ପରିବାରଗୁଡିକର ଆୟ ଏବଂ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପକାଇବ । ଏହା ମଧ୍ୟ ଅନୌପଚାରିକ ଭାବରେ ଜଣା ପଡିଛି ଯେ, ପ୍ରଭାବିତ ଜମି ଉପରେ କିଛି ଘର ନିର୍ମାଣ କରାଯାଇଛି, ଯାହା ଭଡ଼ାଟିଆଙ୍କୁ ବ୍ୟବସାୟ କରିବା ପାଇଁ ଏବଂ ରହିବା ପାଇଁ ଯୋଗାଇ ଦିଆଯାଇଛି । ଯଦିଓ ଏହିପରି ଲୋକଙ୍କ ସଂଖ୍ୟା ଏବଂ ଭଡାରୁ ମିଳୁଥିବା ଆୟ ସମ୍ପର୍କରେ ପ୍ରକାଶ କରାଯାଇ ନାହିଁ, ତଥାପି ପ୍ରଭାବିତ ପରିବାରଗୁଡିକର ଅଣସଂରକ୍ଷିତ ଆୟର ଏହି ଅଂଶ ର ପରିମାଣ ବହୁତ ଅଧିକ । ଏହି ଘରଗୁଡିକର ମାଲିକ ଏବଂ ଭଡାଟିଆମାନେ ଜୀବିକା ହରାଇବେ ଏବଂ ଆୟର ବହୁ କ୍ଷତି ସହିବେ । ଧାରଣାଭିତ୍ତିକ ପ୍ରଶ୍ନଗୁଡିକର ପ୍ରତିକ୍ରିୟା ରାସ୍ତାର ଉନ୍ନତିର ସ୍ଥାନୀୟ ଅର୍ଥନୀତି ପ୍ରଭାବ ଅନୁଯାୟୀ ରେକର୍ଡ କରାଯାଇଛି ଏବଂ ସାରଣୀ ୫.୩ ରେ ଉପସ୍ଥାପିତ କରାଯାଇଛି ।

**ସାରଣୀ ୫.୩ : ସ୍ଥାନୀୟ ଅର୍ଥନୀତି ଉପରେ ପ୍ରଭାବ ସମ୍ପର୍କରେ ଧାରଣା**

| କ୍ର ସଂ | ପରିବାର ବର୍ଗ | | ସ୍ଥାନୀୟ ଅର୍ଥନୀତିରେ ଉନ୍ନତି ହେବ | | | | | |
|---|---|---|---|---|---|---|---|---|
| | | | *ଦୃଢ ଭାବରେ ସହମତ* | *ସହମତ* | *ଦୃଢ ଭାବରେ ଅସହମତ* | *ଅସହମତ* | *କୌଣସି ମତାମତ ନାହିଁ* | ମୋଟ |
| ୧ | ପ୍ରଭାବିତ | ସଂଖ୍ୟା | ୧୫ | ୨୪ | ୩ | ୨ | ୫ | ୪୯ |
| | | % | ୩୦.୬୧ | ୪୮.୯୮ | ୬.୧୨ | ୪.୦୮ | ୧୦.୨୦ | ୧୦୦.୦୦ |
| ୨ | ଅଣପ୍ରଭାବିତ | ସଂଖ୍ୟା | ୪ | ୪ | ୦ | ୧ | ୨ | ୧୧ |
| | | % | ୩୬.୩୬ | ୩୬.୩୬ | ୦.୦୦ | ୯.୦୯ | ୧୮.୧୮ | ୧୦୦.୦୦ |

*ଉତ୍ସ : ପ୍ରାଥମିକ ପରିବାର ସର୍ଭେ*

ତଥ୍ୟରୁ ଏହା ଅବଗତ ହେଲା ଯେ, ସର୍ବେକ୍ଷଣ କରାଯାଇଥିବା ଅର୍ଦ୍ଧାଧିକ ପରିବାର (ପ୍ରାୟ ୬୦%) ସ୍ଥାନୀୟ ଅର୍ଥନୀତିରେ ଉନ୍ନତି ଆଣିବ ବୋଲି ପ୍ରକାଶ କରିଥିଲେ ।

**୫.୫.୩ ସାଧାରଣ ସମ୍ପତ୍ତି ଉପରେ ପ୍ରଭାବ :**

ଯେପରି ପୂର୍ବରୁ ଆଲୋଚନା ହୋଇଛି ଯେ, ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନିସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ପ୍ରକଳ୍ପ ହେଉଛି ପୂର୍ବରୁ ଥିବା ରାସ୍ତାର ସମ୍ପ୍ରସାରଣ । ତେଣୁ କୌଣସି ସର୍ବସାଧାରଣ ସମ୍ପତ୍ତି ସେଠାରେ ନାହିଁ କିମ୍ବା ଏହି ପ୍ଲଟଗୁଡିକରେ ଗୋଷ୍ଠୀ ସମ୍ପତ୍ତି ଅଛି ବୋଲି କୁହାଯାଇ ପାରିବ ନାହିଁ । ଫିଲ୍ଡ ସର୍ଭେ ସମୟରେ ପ୍ରସ୍ତାବିତ ଆଲାଇନ୍ମେଣ୍ଟ ଶାରୀରିକ ଭାବରେ ଯାଞ୍ଚ କରାଯାଇଥିଲା ଏବଂ ଏହି ବିଷୟରେ ସମ୍ପ୍ରଦାୟ ସହିତ ଆଲୋଚନା କରାଯାଇଥିଲା । ତଥାପି ଏପରି କୌଣସି ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହେବାର ଦେଖିବାକୁ ମିଳି ନ ଥିଲା କାରଣ ଏହି ଉଦ୍ଦେଶ୍ୟରେ ଜମିର ଅତି ଅଳ୍ପ ଅଂଶ ଅଧିଗ୍ରହଣ ହେବ । ଆହୁରି ମଧ୍ୟ, ଲୋକମାନେ କହିଛନ୍ତି ଯେ ଯଦି ରାସ୍ତାର ଉନ୍ନତି ହେବ ତେବେ ରାସ୍ତାର ଉଚ୍ଚତା ଅଧିକ ହେବ ତେଣୁ ଚାଷ ଜମିର ଜଳ ନିଷ୍କାସନରେ ଅସୁବିଧା ହେବ । ଏହି କାରଣଗୁଡିକ ପାଇଁ, ପ୍ରଭାବକୁ ସାମାନ୍ୟ ଏବଂ ମଧ୍ୟମ ଭାବରେ ଆକଳନ କରାଯାଇଥିଲା ।

**୫.୫.୪ ଜନସେବା ଏବଂ ଉପଯୋଗୀତା ଉପରେ ପ୍ରଭାବ:**

ଜନସାଧାରଣଙ୍କ ସେବା ଏବଂ ଉପଯୋଗୀତା ନିମନ୍ତେ ନିର୍ମାଣ କରାଯାଇଥିବା ସାମଗ୍ରୀ ଉପରେ ଜମି ଅଧିଗ୍ରହଣ କିଛି ପ୍ରତିକୂଳ ପ୍ରଭାବ ପକାଇବ । ଏହି ଅଧିଗ୍ରହଣ ହେତୁ ୪୫ ଟି ବିଦ୍ୟୁତ ଖୁଣ୍ଟି, ୩ ଟି ବଡ ବଡ ଟ୍ରାନ୍ସଫର୍ମର, ୨ ଟି ଛୋଟ ଟ୍ରାନ୍ସଫର୍ମର, ୧୦ ଟି ଟେଲିଫୋନ୍ ଖୁଣ୍ଟି, ୩୧ ରାସ୍ତାର ଲାଇଟ୍ ଖୁଣ୍ଟି, ଗୋଟିଏ ୱାଟର ଷ୍ଟାଣ୍ଡ ପୋଷ୍ଟ ଏବଂ ଗୋଟିଏ ନଳକୂଅ ଏବଂ ସର୍ବୋପରି ସଂସ୍କୃତ କଲେଜ ଘର ସଂପୂର୍ଣ୍ଣ ଭାବରେ ପ୍ରଭାବିତ ହେବ । ଏହି ସୁବିଧା ଏବଂ ସେବାଗୁଡିକ ବ୍ୟାହତ ହେବ । ଅଧିକନ୍ତୁ, ନିର୍ମାଣ ପର୍ଯ୍ୟାୟରେ ଗୋଟିଏ ପଟରେ ଯିବା ଆସିବା, ରାସ୍ତାରେ ଯାତାୟାତ ସମୟରେ ଭିଡ, ଜଳବନ୍ଦୀ ସମସ୍ୟା ଇତ୍ୟାଦି ଅସୁବିଧା ସୃଷ୍ଟି କରିବ ଯାହା କି ଉନ୍ନତି କାର୍ଯ୍ୟ ସମାପ୍ତ ହେବା ପରେ ପୁନଃ ସ୍ଥାପିତ ହେବ ।

**ସାରଣୀ ୫.୪ ଅଧିଗ୍ରହଣ ହେତୁ ପ୍ରଭାବିତ ହେବାକୁ ଥିବା ସର୍ବସାଧାରଣ ସମ୍ପତ୍ତି**

| କ୍ର ସଂ | ସମ୍ପତ୍ତି ର ପ୍ରକାର | ସଂଖ୍ୟା |
|---|---|---|
| ୧ | ବିଦ୍ୟୁତ ଖୁଣ୍ଟି | ୪୫ |
| ୨ | ବଡ ଟ୍ରାନ୍ସଫର୍ମର | ୩ |
| ୩ | ଛୋଟ ଟ୍ରାନ୍ସଫର୍ମର | ୨ |
| ୪ | ଟେଲିଫୋନ୍ ପୋଲ | ୧୦ |
| ୫ | ରାସ୍ତାର ଲାଇଟ୍ ଖୁଣ୍ଟି | ୩୧ |
| ୬ | ପାଇପଜଳ ଷ୍ଟାଣ୍ଡ ପୋଷ୍ଟ | ୧ |
| ୭ | ନଳକୂଅ | ୧ |
| ୮ | ସଂସ୍କୃତ କଲେଜ ବିଲଡିଂ | ୧ |

**ସାରଣୀ ୫.୫: ଜନସେବା ଏବଂ ଉପଯୋଗୀତା ଉପରେ ପ୍ରଭାବ ଉପରେ ପରିବାରର ଧାରଣା**

| କ୍ର ସଂ | ପରିବାର ବର୍ଗ | | ଜନସେବା ଏବଂ ଉପଯୋଗୀତା ରେ ଉନ୍ନତି କରିବ | | | | | |
|---|---|---|---|---|---|---|---|---|
| | | | *ଦୃଢ ଭାବରେ ସହମତ* | *ସହମତ* | *ଦୃଢ ଭାବରେ ଅସହମତ* | *ଅସହମତ* | *କୌଣସି ମତାମତ ନାହିଁ* | ମୋଟ |
| ୧ | ପ୍ରଭାବିତ | ସଂ | ୧୩ | ୧୩ | ୩ | ୨ | ୧୮ | ୪୯ |
| | | % | ୨୬.୫୩ | ୨୬.୫୩ | ୬.୧୨ | ୪.୦୮ | ୩୬.୭୩ | ୧୦୦.୦୦ |
| ୨ | ଅଣପ୍ରଭାବିତ | ସଂ | ୪ | ୩ | ୧ | ୧ | ୨ | ୧୧ |
| | | % | ୩୬.୩୬ | ୨୭.୨୭ | ୯.୦୯ | ୯.୦୯ | ୧୮.୧୮ | ୧୦୦.୦୦ |

ଏହା କହିବା ବାହୁଲ୍ୟ ଯେ, ରାସ୍ତା କାମ ସରିବା ପରେ ରାସ୍ତା ଟି ପ୍ରଶସ୍ତ ହେବ, ଲୋକମାନଙ୍କ ମଧ୍ୟରେ ସେବା ସଂପ୍ରସାରଣ ହେବ, ଜନସାଧାରଣଙ୍କ ସୁବିଧା ବିସ୍ତାର ହେବ, ସେବାରେ ଉନ୍ନତି ଆସିବ ଏବଂ ସ୍ଥିତି ଭଲ ହେବ। ପ୍ରଭାବର ଏହି ଦିଗ ଉପରେ ପରିବାରର ଧାରଣା ସାରଣୀ ୫.୫ ରେ ପ୍ରଦାନ କରାଯାଇଛି ।



ପ୍ରଭାବିତ ହେବାକୁ ଯାଉଥିବା ବିରଜା ସଂସ୍କୃତ ମହାବିଦ୍ୟାଳୟ

ସାରଣୀ ସୂଚିତ କରେ ଯେ ସର୍ବେକ୍ଷଣ କରାଯାଇଥିବା ୫୩.୦୬% ପରିବାର ଜନସେବା ଏବଂ ଉପଯୋଗିତା କ୍ଷେତ୍ରରେ ଉନ୍ନତି ହେବ ବୋଲି ଆଶା କରନ୍ତି । ସଡକ ଉନ୍ନତି ଏବଂ ରାସ୍ତା କଡ଼ରେ ଥିବା ଆଚ୍ଛାଦିତ ଜଳନିଷ୍କାସନ ନାଳ ସହିତ ସେମାନେ ଜଳ ବନ୍ଦୀ ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ମତ ଦେଇଛନ୍ତି । ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସହଜ ରେ ଯାଇପାରିବା ଦ୍ୱାରା


ପ୍ରଭାବିତ ହେବାକୁ ଯାଉଥିବା ଟ୍ରାନ୍ସଫର୍ମର

ଜୀବନ ରକ୍ଷା କରିବାରେ ସାହାଯ୍ୟ କରିବ । ତଥାପି, ୧୦.୨୦% (୬.୧୨% ଦୃଢ ଭାବରେ ଅସହମତ ଏବଂ ୪.୦୮% ଅସହମତ) ପରିବାର ଏହି ପରିସ୍ଥିତି କୁ ସମର୍ଥନ କରିନଥିଲେ ଏବଂ ବିପରୀତ ମତ ରଖିଥିଲେ । ଜନସେବା ଏବଂ ଉପଯୋଗିତା ଉପରେ ପଡିବାକୁ ଥିବା ପ୍ରଭାବ ସମ୍ପର୍କରେ ଅନେକେ ପରିବାର କୌଣସି ମତ ଦେଇନଥିଲେ । ସେମାନଙ୍କର ପରିମାଣ ୩୬.୭୩ ପ୍ରତିଶତ ଅଟେ ।

### ୫.୫.୫ ସ୍ୱାସ୍ଥ୍ୟ ଉପରେ ପ୍ରଭାବ:

ପ୍ରଶସ୍ତ ଏବଂ ମଜବୁତ ରାସ୍ତା ଏକ ସକାରାତ୍ମକ ସଙ୍କେତ ଏବଂ ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ପକାଇବ ବୋଲି ଆଶା କରାଯାଏ । ଏହାର ତିନିପ୍ରକାର କାରଣ ରହିଛି । ପରିମଳର ଉନ୍ନତି ହେବ, ଦୁର୍ଘଟଣା ହ୍ରାସ ପାଇବ ଏବଂ ପୂର୍ବ ଅପେକ୍ଷା କମ୍ ସମୟ ମଧ୍ୟରେ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ହୋଇପାରିବ । କିନ୍ତୁ ଏହାର ବିପରୀତ ଦୃଷ୍ଟିକୋଣ ହେଉଛି ବେପରୁଆ ଗାଡିଚାଳନା ହେତୁ ବ୍ୟାପକ ରାସ୍ତା ଦୁର୍ଘଟଣା-ବୃଦ୍ଧି କରିପାରେ ଏବଂ ଯଦି ଏହା ଘଟେ ତେବେ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ କ୍ଷତିକାରକ ହେବ । ସେମାନେ ଆହୁରି ମଧ୍ୟ ସୂଚାଇ ଦେଇଛନ୍ତି ଯେ ଶବ୍ଦ ଏବଂ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବ ଯାହା ସ୍ୱାସ୍ଥ୍ୟ ପ୍ରତି ଅଧିକ ବିପଦ ସୃଷ୍ଟି କରିବ । ନିର୍ମାଣ ପର୍ଯ୍ୟାୟରେ ଏହାର ପରିମାଣ ଅଧିକ ହେବ ଅନୁସନ୍ଧାନକାରୀ ଦଳ ଏହି ପ୍ରସଙ୍ଗରେ ତଥ୍ୟ ସଂଗ୍ରହ କରିଥିଲେ ଏବଂ ଉତ୍ତରଦାତାଙ୍କ ମତାମତ ସାରଣୀ ୫.୬ ରେ ପ୍ରଦାନ କରାଯାଇଛି ।

**ସାରଣୀ ୫.୬: ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ସମ୍ପର୍କରେ ବିପଦ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଖର୍ଚ୍ଚ ଉପରେ ପ୍ରଭାବ ସମ୍ପର୍କରେ ପରିବାରର ଧାରଣା**

| କ୍ର ସଂ | ପରିବାର ବର୍ଗ | | ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ସମ୍ପର୍କରେ ବିପଦ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଖର୍ଚ୍ଚ | | | | | |
|---|---|---|---|---|---|---|---|---|
| | | | *ଦୃଢ ଭାବରେ ସହମତ* | *ସହମତ* | *ଦୃଢ ଭାବରେ ଅସହମତ* | *ଅସହମତ* | *କୌଣସି ମତାମତ ନାହିଁ* | ମୋଟ |
| ୧ | ପ୍ରଭାବିତ | ସଂ | ୧୦ | ୧୧ | ୧୦ | ୦୮ | ୧୦ | ୪୯ |
| | | % | ୨୦.୪୧ | ୨୨.୪୫ | ୨୦.୪୧ | ୧୬.୩୩ | ୨୦.୪୧ | ୧୦୦.୦୦ |
| ୨ | ଅଣପ୍ରଭାବିତ | ସଂ | ୨ | ୧ | ୩ | ୪ | ୧ | ୧୧ |
| | | % | ୧୮.୧୮ | ୯.୦୯ | ୨୭.୨୭ | ୩୬.୩୬ | ୯.୦୯ | ୧୦୦.୦୦ |

*ଉତ୍ସ : ପ୍ରାଥମିକ ପରିବାର ସର୍ବେକ୍ଷଣ*

ସର୍ବେକ୍ଷଣ କରାଯାଇଥିବା ୪୯ ଟି ପରିବାର ମଧ୍ୟରେ କେବଳ ୨୦.୪୧% ପ୍ରଭାବିତ ପରିବାର ଏବଂ ୧୦ ଟି ଅଣ ପ୍ରଭାବିତ ପରିବାର ମଧ୍ୟରୁ ୧୮.୧୮% ସ୍ୱାସ୍ଥ୍ୟରେ ଅବନତି ଘଟିବ ଏବଂ ଦୁର୍ଘଟଣା ହେତୁ ସ୍ୱାସ୍ଥ୍ୟ ବିପଦ ବଢିବ ଏବଂ ରାସ୍ତା ପ୍ରଶସ୍ତ ହେବାପରେ ସ୍ୱାସ୍ଥ୍ୟ ଖର୍ଚ୍ଚ ବଢିବ ବୋଲି ସହମତ ହୋଇଛନ୍ତି । କିନ୍ତୁ ପ୍ରଭାବିତ ପରିବାରର ୨୦.୪୧% ଏବଂ ଅଣ ପ୍ରଭାବିତ ପରିବାରର ୨୭.୨୭% ଏହି ମତରେ ଦୃଢ ଭାବରେ ଅସହମତ ଅଛନ୍ତି। ପ୍ରଭାବିତ ପରିବାରର ପ୍ରାୟ ୨୦.୪୧% ଏବଂ ଅଣ ପ୍ରଭାବିତ ପରିବାର ର ୯.୦୯% କୌଣସି ପ୍ରତିକ୍ରିୟା ପ୍ରଦାନ କରିନାହାଁନ୍ତି । ଏ ବିଷୟରେ ସେମାନେ କୌଣସି ମତ ପ୍ରଦାନ କାଲେ ନାହିଁ ।

### ୫.୬ କେନ୍ଦ୍ରୀଭୂତ ଦଳଗତ ଆଲୋଚନା :

ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ବିଷୟରେ ଲୋକମାନଙ୍କର ସଚେତନତା ଏବଂ ପ୍ରକଳ୍ପ ବିଷୟରେ ସେମାନଙ୍କର ଧାରଣା ସମ୍ପର୍କରେ ଅବଗତ ହେବା ପାଇଁ ଦଳଗତ ଆଲୋଚନା ଏବଂ ଅଣଔପଚାରିକ ପାରସ୍ପରିକ କଥାବାର୍ତ୍ତାର ଆୟୋଜନ କରାଯାଇଥିଲା । ଏଥିରେ ଅଂଶଗ୍ରହଣକାରୀମାନେ ପ୍ରଭାବିତ ପରିବାରର ବ୍ୟକ୍ତି, ସ୍ଥାନୀୟ ଜ୍ଞାନୀ ବ୍ୟକ୍ତି ଏବଂ ସରକାରୀ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ

କରିଥିଲେ । ଏହି ପ୍ରକଳ୍ପ, ଏହାର ସମ୍ଭାବ୍ୟ ପ୍ରଭାବ ଏବଂ ସେମାନଙ୍କର ଅଭିଯୋଗ ଉପରେ ସେମାନେ ମୁକ୍ତ ମତ ପ୍ରକାଶ କରିଥିଲେ । ସଭାରେ ଅବଗତ ହେଲା ଯେ, ଖୁବ୍ କମ୍ ଲୋକଙ୍କୁ ବାଦ ଦେଲେ ପ୍ରକଳ୍ପ ସମ୍ବନ୍ଧରେ ଏବଂ



ପ୍ରସ୍ତାବିତ ଜମି ଅଧିଗ୍ରହଣ ସମ୍ପର୍କରେ ସମସ୍ତେ ଅବଗତ ଅଛନ୍ତି । ତେବେ ରାସ୍ତାର କେଉଁ ଅଂଶ ଅଧିଗ୍ରହଣ ହେବ ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଭାବେ ଅବଗତ ନଥିଲେ । କିନ୍ତୁ ସାମଗ୍ରିକ ଭାବେ, ଜମି ଅଧିଗ୍ରହଣକୁ ନେଇ ଲୋକଙ୍କ ପାଖରେ କୌଣସି ଦ୍ୱିଧା ନଥିଲା କାରଣ ରାସ୍ତା ଓ କୋଠା ବିଭାଜନ ବିଭାଗ ଦ୍ୱାରା କ୍ରୟ ପରେ ବହୁତ କମ୍ ପରିମାଣର ଜମି ଅଧିଗ୍ରହଣ କରାଯିବ ନିମନ୍ତେ ପ୍ରସ୍ତାବ ଦିଆଯାଇଛି । ଯେହେତୁ ରାସ୍ତା ଓ କୋଠା ବିଭାଜନ ବିଭାଗ, ଓଡିଶା ସରକାରଙ୍କ ଏକ ସଂସ୍ଥା ଏବଂ ସେମାନେ କ୍ଷତିପୂରଣ ଏବଂ ଉନ୍ନତ ଯୋଗାଯୋଗ ତଥା ପରିବହନ ସୁବିଧା ଦ୍ୱାରା ଏହି ପ୍ରକଳ୍ପରୁ ଉପକୃତ ହେବେ ।

ସେମାନେ ସ୍ୱୀକାର କରିଛନ୍ତି ଯେ, ଏହି ପ୍ରକଳ୍ପର ଏକମାତ୍ର ଅସୁବିଧା ହେବ ଯାହାଦ୍ୱାରା ଅନେକଙ୍କ ଜମି ଏବଂ ଘର ନଷ୍ଟ ହେବ । ବେଞ୍ଚମାର୍କ ମୂଲ୍ୟ ଅପେକ୍ଷା ପ୍ରକୃତରେ ଯେତିକି ମୂଲ୍ୟରେ କିଣାବିକା ହୋଇଛି ତାହା ଉପରେ ଆଧାର କରି କ୍ଷତିପୂରଣ ସହିତ ସଠିକ୍ ପୁନର୍ବାସ ବ୍ୟବସ୍ଥା କରାଯାଉ । ସେମାନଙ୍କ ମଧ୍ୟରୁ କେତେକ ସହରର ନିକଟବର୍ତ୍ତୀ ସ୍ଥାନରେ ଘରବାଡି ଜମି ପାଇଁ ଦାବି କରିଥିଲେ ଯାହାର ପରିମାଣ, ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେତୁ ନଷ୍ଟ ହେଉଥିବା ଜମିର ଚାରିଗୁଣ ହେବା ଆବଶ୍ୟକ । ସମାବେଶରେ ଉଦବେଗ ପ୍ରକାଶ କରିବାର ଏକ ମୁଖ୍ୟ କାରଣ ହେଲା, ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ  ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ନିମନ୍ତେ ପୂର୍ବରୁ ଥିବା ଏକ ରାସ୍ତାର କେବଳ ବାମ ପାର୍ଶ୍ୱରେ ଥିବା ଜମି ଅଧିଗ୍ରହଣ କରାଯିବ । ସେମାନଙ୍କ କହିବାନୁସାରେ, ରାସ୍ତାର ସମ୍ପ୍ରସାରଣ ରାସ୍ତାର ଉଭୟ ବାମ ଏବଂ ଡାହାଣ ପାର୍ଶ୍ୱରେ ରହିବା ଉଚିତ ଯାହା ଦ୍ୱାରା ଏହି କ୍ଷତି ଅନେକଙ୍କ ଉପରେ ବଣ୍ଟନ କରାଯାଇରିଥାନ୍ତା ଯାହା ଦ୍ୱାରା କୌଣସି ଗୋଟିଏ ପରିବାରର କ୍ଷତି ହୋଇନଥାନ୍ତା । କିନ୍ତୁ ବୈଷୟିକ ସମ୍ଭାବନା ଆଧାରରେ କର୍ତ୍ତୃପକ୍ଷ ସେମାନଙ୍କ ଦୃଷ୍ଟିକୁ ଗ୍ରହଣ କରିନଥିଲେ ।

# ଷଷ୍ଠ ଅଧ୍ୟାୟ

# ସାମାଜିକ ପ୍ରଭାବ ପରିଚାଳନା ଯୋଜନା

## ୬.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଜମି ଅଧିଗ୍ରହଣ ପୁନର୍ବାସ ଓ ଥାଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ ଏବଂ ଓଡିଶା ସରକାରଙ୍କ ଆଇନ ୨୦୧୬ ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ ଆଇ ଏମ ପି) ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଏହି ଅଧ୍ୟାୟରେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ବର୍ଣ୍ଣନା କରାଯାଇଛି ଯାହା ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବ ଏବଂ ସକରାତ୍ମକ ପ୍ରଭାବକୁ ବଢାଇବ । ପ୍ରକଳ୍ପର ସମଗ୍ର ଉଦ୍ଦେଶ୍ୟ ହେଉଛି ପ୍ରଭାବିତ ଲୋକମାନେ କେବଳ କିଛି ହରାଇବେ ତାହା ନୁହେଁ ବରଂ ଅନ୍ୟ ପ୍ରକାରରେ ସେମାନଙ୍କର କ୍ଷତି ପୂରଣ ହେବା ସହିତ ସେମାନଙ୍କର ଜୀବନଶୈଳୀରେ ଉନ୍ନତି ଆଣିବ । ଅନ୍ୟ ଉଦ୍ଦେଶ୍ୟ ହେଉଛି ପ୍ରକଳ୍ପର ନକାରାତ୍ମକ ପ୍ରଭାବକୁ ପରିଚାଳନା ଏବଂ ତଦାରଖ କରିବା ; ପ୍ରଭାବିତ ଲୋକ, ଗୋଷ୍ଠୀ ଏବଂ ସମାଜ ପାଇଁ ପ୍ରକଳ୍ପର ଲାଭ ବିସ୍ତାର କରି ଯୋଜନାର ଦୁର୍ବଳତା ଦୂର ହେବା ଉଚିତ ।

ରାଜ୍ୟ ସ୍ତରୀୟ ପୁନର୍ବାସ ଓ ଥଇଥାନ ତଦାରଖ କମିଟି, ପୁନର୍ବାସ ଓ ଥଇଥାନ ମୁଖ୍ୟ ଭାବରେ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ପ୍ରତିନିଧୀଙ୍କ ଯଥା ଅତିରିକ୍ତ ଜିଲ୍ଲାପାଳ, ସବ୍-କଲେକ୍ଟର, ଭୂ-ଅର୍ଜନ ଅଧିକାରୀ, ପ୍ରକଳ୍ପର ପ୍ରଶାସକ, ପ୍ରକଳ୍ପ ସ୍ତରର ପୁନର୍ବାସ ଏବଂ ଥଇଥାନ କମିଟି; କ୍ଷତିପୂରଣ ପ୍ରଦାନ, ପୁନର୍ବାସ ଏବଂ ଥଇଥାନ ଅଧିକାର ପ୍ରଦାନ, ପ୍ରଭାବିତ ପରିବାର ପାଇଁ ବିବାଦର ଶୀଘ୍ର ସମାଧାନ ଏବଂ ସମସ୍ୟାର ସମାଧାନ ସହିତ ପ୍ରକଳ୍ପର ସଠିକ୍ କାର୍ଯ୍ୟକାରିତା ଉପରେ ଦୃଷ୍ଟିଦେବେ । ଏହି ସମର୍ଥନ ବ୍ୟତୀତ, ବେସରକାରୀ ସଂଗଠନ, ସ୍ୱାଧୀନ ଆକଳନ ଅନୁଷ୍ଠାନ, କାର୍ଯ୍ୟକାରୀ ସହାୟକ ପରାମର୍ଶଦାତା ମଧ୍ୟ ପ୍ରକଳ୍ପର ସଠିକ୍ ତଦାରଖ ତଥା ପୁନର୍ବାସ ଓ ଥଇଥାନ କମିଟିର ସୁପାରିଶ ଅନୁଯାୟୀ କାର୍ଯ୍ୟକଳାପର ଅଗ୍ରଗତି ଜାଣିବା ପାଇଁ ପ୍ରକ୍ରିୟାରେ ଜଡିତ ହେବେ । ଏକ ସ୍ୱାଧୀନ ଅନୁଷ୍ଠାନ ଦ୍ୱାରା ଏକ ତୃତୀୟ ପକ୍ଷର ଆକଳନ ମଧ୍ୟ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ ଆଇ ଏମ ପି) ର ପର୍ଯ୍ୟାୟ ମୂଲ୍ୟାଙ୍କନ ପାଇଁ ଆବଶ୍ୟକ ହୋଇପାରେ । ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ ଆଇ ଏମ ପି) ର ପ୍ରୟୋଗର ତଦାରଖ ଏବଂ ଆକଳନ ବିବରଣୀରେ ସୁପାରିଶ କରାଯାଇଥିବା ପ୍ରଶମନ ପଦକ୍ଷେପଗୁଡିକର କାର୍ଯ୍ୟକାରିତାକୁ ସଫଳତାର ଆକଳନ କରିବାକୁ ସୁଯୋଗ ପ୍ରଦାନ କରିବ ।

ଏହି ଅଧ୍ୟୟନରେ ଅଞ୍ଚଳର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର, ଜମି ପ୍ରଭାବିତ ଏବଂ ଏହାର ମୂଲ୍ୟ ସହିତ ଅଧିଗ୍ରହଣ ସ୍ଥିତି, ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ସମ୍ବନ୍ଧରେ ରେ ଲୋକଙ୍କ ଧାରଣା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।

ସର୍ବେକ୍ଷଣ ସମୟରେ ଦେଖାଯାଇଥିବା ପରି, ଯେହେତୁ ଅଧିଗ୍ରହଣ ହେଉଥିବା ଜମିର ପରିମାଣ ଅତ୍ୟନ୍ତ କମ୍ ମନେହୁଏ ଯଥା ୨.୯୨୦ ଏକର ପ୍ରଭାବିତ ହେବ ଏବଂ ଯେଉଁଥିରୁ ୧.୯୭୭୫ ଏକର ଜମି ଅଧିଗ୍ରହଣ ହେବ ସେହି କାରଣରୁ ପ୍ରକଳ୍ପର ପ୍ରତିକୂଳ ପ୍ରଭାବ ବହୁତ କମ ହେବ  । ତଥାପି, ପ୍ରଭାବିତ ସମ୍ପ୍ରଦାୟ ପାଇଁ ଗୋଟିଏ ସମ୍ପୂର୍ଣ୍ଣ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବାରେ ଆବଶ୍ୟକତା ଅଛି । ଗୋଷ୍ଠୀ ର ସାମାଜିକ ଏବଂ ଅର୍ଥନୈତିକ ସଶକ୍ତିକରଣକୁ ସମାଧାନ କରିବା ଆବଶ୍ୟକ । ଏହା ପରିଲକ୍ଷିତ ହୋଇଛି ଯେ, ପ୍ରଭାବିତ ପରିବାରଗୁଡିକର ପ୍ରକଳ୍ପ ପ୍ରତି ସକରାତ୍ମକ ଧାରଣା ରହିଛି କାରଣ ଏକ ଉନ୍ନତ ଯୋଗାଯୋଗ ସୁବିଧାର ଆବଶ୍ୟକତା ଅଛି ।

ବ୍ୟକ୍ତିଗତ ଏବଂ ଗୋଷ୍ଠୀ ସ୍ତରର ଆବଶ୍ୟକତା ଉପରେ ଆଧାର କରି ଏହା ସୂଚିତ କରେ ଯେ, ଲୋକମାନଙ୍କର ଉନ୍ନତ ଜୀବନଯାପନ ଏବଂ ଉନ୍ନତ ଜୀବିକା ସୁଯୋଗ ପାଇଁ ଏକ ଇଚ୍ଛା ଅଛି । ଲୋକମାନଙ୍କର କ୍ଷତିପୂରଣ ଏବଂ ପୁନର୍ବାସ ଓ ଥଇଥାନ ଅଧିକାର ବ୍ୟତୀତ, ଉତ୍ତମ ସୁବିଧା ଏବଂ ଜୀବିକା ଏବଂ ନିଯୁକ୍ତି ସୁଯୋଗର ମଧ୍ୟ ଆବଶ୍ୟକତା ଅଛି ।

ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ସିମ୍ପି) ର ଉଦ୍ଦେଶ୍ୟ ନିମ୍ନଲିଖିତ ଅଟେ;

- ଦଳଗତ ଆଲୋଚନା ସମୟରେ ପରିବାରଗୁଡିକ ଦ୍ୱାରା ଅନୁଭବ କରାଯାଉଥିବା ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ।
- ପ୍ରଭାବିତ ପରିବାରଗୁଡିକର ପୁନର୍ବାସ ଏବଂ ଥଇଥାନ
- ପରିବାର ଏବଂ ଗ୍ରାମଗୋଷ୍ଠୀର ସାମାଜିକ-ସାଂସ୍କୃତିକ ପୁନର୍ବାସ
- ଉତ୍ତମ ନିଯୁକ୍ତି ସୁଯୋଗ ଏବଂ ନିଯୁକ୍ତି ଯୋଗ୍ୟତା |

ଅଧ୍ୟୟନ ରିପୋର୍ଟରୁ ଜଣାପଡିଛି ଯେ, ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ କରିବା ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ସମସ୍ତ ଲୋକ ଅବଗତ ଅଛନ୍ତି । ଅବଶ୍ୟ, ସମସ୍ତ ପ୍ରଭାବିତ ଲୋକ ସେମାନେ କେତେ ପରିମାଣର କ୍ଷତିପୂରଣ ପାଇବେ, ଏହାକୁ ପ୍ରଦାନ କରିବାର ପ୍ରକ୍ରିୟା, ଅନ୍ୟାନ୍ୟ ପୁନର୍ବାସ ଥଇଥାନ ସୁବିଧା, ଗାଁ ପାଇଁ ଲାଭ ଇତ୍ୟାଦି ସମ୍ପର୍କରେ ଜାଣିବା ନିମନ୍ତେ ଆଗ୍ରହ ଅଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ ପୂର୍ବ ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ଠାରୁ ଭିନ୍ନ କାରଣ ଏହା ପ୍ରଭାବିତ ସମ୍ପ୍ରଦାୟର ଅଧିକାରକୁ ସୁନିଶ୍ଚିତ କରେ । ଜମି ଅଧିଗ୍ରହଣ ଏବଂ ପୁନର୍ବାସ ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ଯଥାର୍ଥ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଜମି

ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ ର ଧାରା ୨୬ ରେ ବର୍ଣ୍ଣିତ ବ୍ୟବସ୍ଥା ଅନୁଯାୟୀ ଏହା ନିର୍ଣ୍ଣୟ କରାଯିବା ଉଚିତ । ତେଣୁ ପ୍ରସ୍ତାବିତ ହସ୍ତକ୍ଷେପଗୁଡ଼ିକ ହେଉଛି:

**ସାରଣୀ ୬.୧ : ସାମାଜିକ ପ୍ରଭାବ ପରିଚାଳନା ଯୋଜନା**

| ପ୍ରସ୍ତାବିତ ହସ୍ତକ୍ଷେପ | କାର୍ଯ୍ୟ ଯୋଜନା |
|---|---|
| ପରିବାର ଏବଂ ଗ୍ରାମଗୋଷ୍ଠୀ ସହିତ ଯୋଗାଯୋଗ ଏବଂ ସମ୍ପର୍କ ପ୍ରତିଷ୍ଠା କରନ୍ତୁ । | ▪ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କର ପ୍ରଭାବିତ ପରିବାରମାନଙ୍କ ସହିତ ସଠିକ୍ ଯୋଗାଯୋଗ ହେବା ଆବଶ୍ୟକ ଯାହାଦ୍ୱାରା ସେମାନଙ୍କୁ ଉପଯୁକ୍ତ ସହାୟତା ପ୍ୟାକେଜ୍ ସମ୍ପର୍କରେ ଅବଗତ କରାଯାଇପାରିବ ।<br>▪ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ନିୟମିତ ଯୋଗାଯୋଗ ରଖିବା ନିମନ୍ତେ ଏକ ସାମାଜିକ ପରିଚାଳନା ଦଳ ଗଠନ କରାଯାଇପାରେ । |
| ଆୟ ପୁନରୁଦ୍ଧାର, ଅବାଞ୍ଛିତ ପ୍ରଭାବ ପାଇଁ ପ୍ରଶମନ ପଦକ୍ଷେପ । | ▪ ଅଧ୍ୟୟନରେ କୁହାଯାଇଛି ଯେ ସମସ୍ତ ୪୯ ଟି ପରିବାର ସେମାନଙ୍କର ଜମି ହରାଉଛନ୍ତି ଫଳସ୍ୱରୂପ ସେମାନଙ୍କର ଫସଲ ଉତ୍ପାଦନରୁ ହେଉଥିବା ଆୟ ମଧ ହରାଉଛନ୍ତି । ଏହି ଅବାଞ୍ଛିତ ପ୍ରଭାବକୁ ପ୍ରଶମନ କରିବା ପାଇଁ ଏକାଧିକ ଫସଲ ପାଇଁ ଜଳସେଚନ ଯୋଗାଣ ସହିତ ଉନ୍ନତ କୃଷି ଅଭ୍ୟାସକୁ ପ୍ରଚଳନ କରିବାକୁ, ଅଧିକ ଉତ୍ପାଦନ ପାଇଁ ବିନିଯୋଗ ଏବଂ କୃଷି ଯନ୍ତ୍ରପାତିର ପ୍ରୟୋଗ କୁ ପ୍ରୋତ୍ସାହିତ କରାଯାଇପାରେ ।<br>▪ ରୋଜଗାରର ପ୍ରୋତ୍ସାହନ ପାଇଁ ବେରୋଜଗାରୀ ଯୁବକ ଏବଂ ସ୍ୱୟଂ ସହାୟକ ଦଳ କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇପାରେ । |
| ଉନ୍ନତ କୃଷି ଅଭ୍ୟାସ ଉପରେ ତାଲିମ | ▪ ଉତ୍ତମ ଆୟ ନିମନ୍ତେ ପନିପରିବା, ଡାଲି ଜାତୀୟ ଫସଲ, ଅର୍ଥକାରୀ ଫସଲ ଚାଷ କରିବାକୁ କୃଷକମାନଙ୍କୁ ଉତ୍ସାହିତ କରାଯିବ ଉଚିତ ।<br>▪ କୃଷକମାନଙ୍କୁ ତାଲିମ ଦେବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଏବଂ ସମଭାବାପନ୍ନ ସରକାରୀ ବିଭାଗ କୁ ଯୋଗାଯୋଗ କରି ଆଣିବା ଉଚିତ<br>▪ ମୂଲ୍ୟ ପ୍ରଦାନ ପ୍ରକ୍ରିୟାରେ ସାମାଜିକ ସହାୟତା ଦଳ ମାଧମରେ ବିହନ, ସାର, କୀଟନାଶକ କ୍ରୟ ପାଇଁ ସମସ୍ତ ସହାୟତା ପ୍ରଦାନ କରାଯିବ । |
| ସ୍ୱୟଂ ସହାୟକ ଦଳ ଗଠନ ଏବଂ ଆୟକାରି କାର୍ଯ୍ୟକଳାପର ଉନ୍ନତି | ▪ ସାମାଜିକ ପରିଚାଳନା ଦଳ ପ୍ରଭାବିତ ପରିବାରର ମହିଳା ସଦସ୍ୟମାନଙ୍କୁ ସ୍ୱୟଂ ସହାୟକ ଦଳ ଗଠନ ପାଇଁ ଉତ୍ସାହିତ କରିବା ଆବଶ୍ୟକ ।<br>▪ ଆୟକାରୀ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ ଆର୍ଥିକ ସହାୟତା ନିମନ୍ତେ ଗ୍ରେଡ୍ ଦୁଇ ସ୍ଥିତି ପାଇବାକୁ ଏବଂ ବ୍ୟାଙ୍କ ସହିତ ସଂଯୁକ୍ତ ହେବା ପାଇଁ ସେମାନଙ୍କୁ ପୁଷ୍ଟ କରାଯିବ ।<br>▪ ଅଣୁଉଦ୍ୟୋଗୀ କାର୍ଯ୍ୟକଳାପ ଯେପରିକି ଘରର ପଛପଟେ କୁକୁଡ଼ା ଚାଷ, ରୋଷେଇ ବଗିଚା ଏବଂ ସାମୂହିକ ବିକ୍ରୟ ବ୍ୟବସ୍ଥା ହୋଇପାରେ । |

| | |
|---|---|
| | ▪ ମହିଳା ସଦସ୍ୟମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିପାରନ୍ତି ଏବଂ ସେମାନଙ୍କ ପରିବାର ପାଇଁ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇପାରନ୍ତି । |
| ଯୁବକମାନଙ୍କ ନିମନ୍ତେ ଦକ୍ଷତା ବିକାଶ ତାଲିମ | ▪ ଯୁବକମାନଙ୍କୁ ତାଲିମ ପ୍ରଦାନ କରିବା ନିମନ୍ତେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ଵାରା ପ୍ରଚଳିତ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା କାର୍ଯ୍ୟକ୍ରମ ସହିତ ସଂଯୋଗ ।<br>▪ ଜମି ହରାଉଥିବା ପ୍ରଭାବିତ ପରିବାରର ଲୋକମାନଙ୍କୁ ଏକ ସାର୍ଟିଫିକେଟ୍ ପ୍ରଦାନ କରାଯାଇପାରେ । ଭବିଷ୍ୟତରେ ସମ୍ମୁଖୀନ ହେବାକୁ ଥିବା ସାକ୍ଷାତକାର ସମୟରେ ଏହା ସେମାନଙ୍କୁ ସାହାଯ୍ୟ କରିବ । |
| ମଜୁରୀରେ ପ୍ରାଥମିକତା, ପ୍ରଭାବିତ ଗୋଷ୍ଠୀ କୁ ସବ-କଣ୍ଟ୍ରାକ୍ଟ ଚୁକ୍ତିନାମା ସୁଯୋଗ ଦିଆଯିବ । | ▪ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ବିଭିନ୍ନ ମଜୁରୀ ଭିତ୍ତିକ କାର୍ଯ୍ୟରେ ପ୍ରାଥମିକତା ପ୍ରଦାନ, ପ୍ରଭାବିତ ସମ୍ପ୍ରଦାୟକୁ ସବ୍ କଣ୍ଟ୍ରାକ୍ଟ ଚାକିରି ପ୍ରଦାନ କରିବା ଆବଶ୍ୟକ । |
| ବୃକ୍ଷରୋପଣ | ▪ ସେମାନଙ୍କ ଗାଁ ଦେଇ ଯାଉଥିବା ପ୍ରକଳ୍ପକୁ ଦୃଷ୍ଟିରେ ରଖି ଗାଁର କିଛି ଗଛ ଏବଂ କୃଷକଙ୍କ ଫଳ ପ୍ରଦାନ କରୁଥିବା ଗଛ ମଧ୍ୟ ନଷ୍ଟ ହୋଇଯିବ । ତେଣୁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଖୋଲା ଜମିରେ ସଡ଼କ ପାର୍ଶ୍ଵରେ ଅଧିକ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଛି । ଏହା ଗ୍ରାମଗୁଡ଼ିକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ସହ ଫଳ ମଧ୍ୟ ପ୍ରଦାନ କରିଥାଏ |
| ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି | ▪ ଗ୍ରାମବାସୀଙ୍କ ଅନୁଯାୟୀ ରାସ୍ତାର ଉନ୍ନତି ହେତୁ ପାରମ୍ପରିକ ଜଳ ନିଷ୍କାସନ ବ୍ୟବସ୍ଥା ବ୍ୟାହତ ହେବ । ତେଣୁ ଗାଁ ଏବଂ କୃଷି କ୍ଷେତ୍ରରେ ଜଳବନ୍ଦୀ ସମସ୍ୟା ଯେପରି ସୃଷ୍ଟି ନହୁଏ ସେଥିପାଇଁ ଗ୍ରାମରେ ଏବଂ କୃଷି କ୍ଷେତ୍ରରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି \| |
| ଟ୍ରାଫିକ ନିୟମ ଉପରେ ଗ୍ରାମବାସୀ ଏବଂ ପିଲାମାନଙ୍କ ମଧ୍ୟରେ ସଚେତନତା | ▪ ରାସ୍ତାର ଉନ୍ନତି ହେତୁ ଗ୍ରାମ ନିକଟରେ ଅଧିକ ଟ୍ରାଫିକ୍ ଚଳାଚଳ ହେବ ଯାହା ଗ୍ରାମବାସୀ, ଛୋଟ ପିଲା ଏବଂ ଗୃହପାଳିତ ପଶୁମାନଙ୍କ ପାଇଁ ବିପଦ ହେବ । ତେଣୁ ଗ୍ରାମବାସୀ ଓ ପିଲାମାନଙ୍କ ମଧ୍ୟରେ ଟ୍ରାଫିକ୍ ନିୟମ ଉପରେ ନିୟମିତ ସଚେତନତା ସୃଷ୍ଟି |
| ଦୁର୍ଘଟଣା ଏଡାଇବା ନିମନ୍ତେ ପଦକ୍ଷେପ | ▪ ଗ୍ରାମ ନିକଟରେ ଅଧିକ ଯାନବାହାନ ଚଳାଚଳ ହେତୁ ଦୁର୍ଘଟଣା ଘଟିପାରେ ତେଣୁ ଦୁର୍ଘଟଣା ଏଡାଇବା ନିମନ୍ତେ ଆବଶ୍ୟକ ପରିମାଣର ସ୍ପିଡ ବ୍ରେକର , ସହିତ ଉଜ୍ଵଳ ଆଲୋକ ବ୍ୟବସ୍ଥା କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ପଡିବ । |
| ମହିଳା ଏବଂ କିଶୋରୀମାନଙ୍କ ପାଇଁ କାର୍ଯ୍ୟକ୍ରମ | ▪ ସମସ୍ତ ଆୟ ଉତ୍ପାଦନ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଇପାରେ ଯାହା ମହିଳାମାନଙ୍କୁ ଅର୍ଥନୈତିକ ସ୍ଵାଧୀନତା ହାସଲ କରିବାକୁ ସକ୍ଷମ କରିବ ।<br>▪ ନୂତନ ସ୍ୱୟଂ ସହାୟକ ଦଳଗୁଡିକ ଗଠନ କରାଯାଇପାରେ ଏବଂ |

| | |
|---|---|
| | କାର୍ଯ୍ୟକ୍ଷମ ନଥିବା ସ୍ୱୟଂ ସହାୟକ ଦଳଗୁଡିକୁ ପୁନର୍ଜୀବିତ କରାଯାଇପାରେ । |
| ଅନୁଷ୍ଠାନିକ ବ୍ୟବସ୍ଥା | ▪ ବିକାଶ ପ୍ରକଳ୍ପର ପୁନର୍ବାସ ଓ ଥଇଥାନ ହସ୍ତକ୍ଷେପକୁ ଦେଖିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ପ୍ରଶାସକ, ପୁନର୍ବାସ ଓ ଥଇଥାନ ନିଯୁକ୍ତ କରାଯାଇଛି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ଅନୁଯାୟୀ RDM-RRC-Policy-୦୦୧୪-୨୦୧୪ / ୩୪୧୬୦ ତାରିଖ ୧୭/୧୧/୧୪, ଅନୁଯାୟୀ ଜିଲ୍ଲାରେ କାର୍ଯ୍ୟ କରୁଥିବା ସବ୍-କଲେକ୍ଟରଙ୍କୁ ସେମାନଙ୍କ ଅଧୀନରେ ଥିବା ସମସ୍ତ ପ୍ରକଳ୍ପର ପ୍ରଶାସକ, ପୁନର୍ବାସ ଓ ଥଇଥାନ ଦାୟିତ୍ୱ ପ୍ରଦାନ କରାଯାଇଛି।<br>▪ ଏହା ସହିତ, ସାମାଜିକ ପ୍ରଭାବ ପରିଚାଳନା ଯୋଜନା କୁ କାର୍ଯ୍ୟ କାରି କରିବା ପାଇଁ ସାମାଜିକ ପରିଚାଳନା ଦଳ (SMT) ସର୍ବନିମ୍ନ ତିନି ବର୍ଷ ପାଇଁ କାର୍ଯ୍ୟ କରିପାରେ । ସାମାଜିକ ପରିଚାଳନା ଦଳ (SMT) ର ଦରମା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଏସ ଆଇ ଏମ ପି ବଜେଟରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । |

# ସପ୍ତମ ଅଧ୍ୟାୟ
# ମୂଲ୍ୟ ସହ ଲାଭର ବିଶ୍ଳେଷଣ

## ୭.୧ ଉପକ୍ରମ

ପ୍ରକଳ୍ପଗୁଡ଼ିକ ଲୋକଙ୍କ ପାଇଁ ସୁଯୋଗ ଏବଂ ଲାଭ ସୃଷ୍ଟି କରିପାରେ, କିନ୍ତୁ ସେହି ସମୟରେ ସେମାନେ ନକାରାତ୍ମକ ପ୍ରଭାବ ମଧ୍ୟ ସୃଷ୍ଟି କରିପାରନ୍ତି । ସାଧାରଣତଃ ପ୍ରକଳ୍ପଗୁଡ଼ିକ କେବେହେଲେ ସମାନ ଭାବରେ ଭଲ କିମ୍ବା ଖରାପ ହୋଇନଥାଏ, ପ୍ରଭାବିତ ସମ୍ପ୍ରଦାୟ ମଧ୍ୟରେ ଖର୍ଚ୍ଚ ଏବଂ ଲାଭର ବିଭିନ୍ନ ବଣ୍ଟନ ହୋଇଥାଏ । ପ୍ରକଳ୍ପର ଲାଭଗୁଡିକ ସର୍ବାଧିକ ହେବା ଏବଂ ନକାରାତ୍ମକ ପ୍ରଭାବକୁ ଏଡ଼ାଇ ଦିଆଯିବା କିମ୍ବା ପ୍ରକଳ୍ପର ଜୀବନକାଳ ମଧ୍ୟରେ କମ୍ କରିବା ନିଶ୍ଚିତ କରିବା ପାଇଁ ଉତ୍ତମ ପରିଚାଳନା ଆବଶ୍ୟକ । ସାମାଜିକ ପ୍ରଭାବ ଆକଳନ ହେଉଛି ଏକ ପ୍ରକ୍ରିୟା ଯାହା ଲାଭର ସଫଳତା ଏବଂ ଅସୁବିଧାକୁ ଏଡାଇବାରେ ବହୁ ସାହାଯ୍ୟ କରିଥାଏ । ଯେ କୌଣସି ବିକାଶ ପ୍ରକଳ୍ପର ପାରିବାରିକ ସ୍ତରରେ ତଥା ଗୋଷ୍ଠୀ କିମ୍ବା ଗ୍ରାମ (ପରିବାରର ଏକୀକରଣ) ସ୍ତରରେ ଏହାର ପ୍ରଭାବ ରହିଛି । ଏହାର ଲାଭ କିଛି ପ୍ରତ୍ୟକ୍ଷ ତଥା ପରୋକ୍ଷ ଲାଭ ଏବଂ ସେହିଭଳି ଖର୍ଚ୍ଚ ମଧ୍ୟ ପ୍ରତ୍ୟକ୍ଷ ତଥା ପରୋକ୍ଷ ଖର୍ଚ୍ଚ ଅନ୍ତର୍ଭୁକ୍ତ ।

ସମାଜ ପାଇଁ ଏକ ଭିତ୍ତିଭୂମି ପ୍ରକଳ୍ପର ଲାଭ ଏବଂ ମୂଲ୍ୟ ସେମାନଙ୍କର ବ୍ୟକ୍ତିଗତ ଖର୍ଚ୍ଚ ଏବଂ ଲାଭଠାରୁ ଭିନ୍ନ କାରଣ ବଜାର ଲୋକମାନଙ୍କର ଆପେକ୍ଷିକ ପସନ୍ଦ ଏବଂ ସେମାନଙ୍କ ଦ୍ୱାରା ଦିଆଯାଇଥିବା ସୁଯୋଗକୁ ଧରିବା ପାଇଁ ବଜାର ବେଳେବେଳେ ବିଫଳ ହୁଏ । ବର୍ତ୍ତମାନର ପ୍ରକଳ୍ପ କ୍ଷେତ୍ରରେ ଏହା ମଧ୍ୟ ସତ ଅଟେ । ଭବିଷ୍ୟତ ଅନିଶ୍ଚିତତା, ବିପଦ ପ୍ରକଳ୍ପ ଫଳାଫଳ ସହିତ ଜଡିତ ଏବଂ ଏହି ବିପଦ ଏବଂ ଅନିଶ୍ଚିତତା ମଧ୍ୟରେ କାରକ କରିବା କଷ୍ଟକର । ପରିବେଶ ବିଶ୍ଳେଷଣରେ ମୂଲ୍ୟ ଏବଂ ଲାଭ ଆକଳନ କରିବାବେଳେ ସମାନ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ । ବର୍ତ୍ତମାନର ପ୍ରକଳ୍ପର ବିଶ୍ଳେଷଣରେ ଧାରଣା ଅନ୍ତର୍ଭୁକ୍ତ, ଯାହା ନୀତି କାର୍ଯ୍ୟକାରୀ ପାଇଁ ସର୍ବୋତ୍ତମ ଅପାରଗ ହେବ । ଏହି ପ୍ରକଳ୍ପ ସହିତ ଜଡିତ ଲାଭ ଏବଂ ଖର୍ଚ୍ଚର ଆକଳନ ପାଇଁ ଏକ ପ୍ରାରମ୍ଭ ଭାବରେ, ସମସ୍ତ ପରିବାରଙ୍କୁ ପ୍ରଥମେ ଦୁଇଟି ପ୍ରଶ୍ନ ପଚରାଯାଇଥିଲା- (୧) ଏହି ପ୍ରକଳ୍ପ ସେମାନଙ୍କ ପରିବାର ସ୍ତରରେ ଲାଭଦାୟକ ହେବ କି ନାହିଁ ଏବଂ (୨) ଏହି ପ୍ରକଳ୍ପ ଗ୍ରାମସ୍ତରରେ / ଗୋଷ୍ଠୀସ୍ତରରେ  ଲାଭଦାୟକ ହେବ କି?

ଉପରୋକ୍ତ ଦୃଷ୍ଟିରୁ, ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ  ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣର ବିଶ୍ଳେଷଣ ପାଇଁ ପ୍ରୟାସ କରାଯାଇଛି ।

## ୭.୨ ଖର୍ଚ୍ଚ ଓ ଲାଭର ବିଶ୍ଳେଷଣ

ବିକାଶ ମୂଳକ ପ୍ରକଳ୍ପ ଓ ବିଶେଷ କରି କୌଣସି ରାସ୍ତାର ଉନ୍ନତିକରଣ ଯୋଜନାରେ ଜମି ଅଧିଗ୍ରହଣର ଆବଶ୍ୟକତା ପଡ଼ିଥାଏ । ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ସର୍ବସାଧାରଣଙ୍କ ନିମନ୍ତେ ଉଭୟ ସ୍ଥାନୀୟ ଏବଂ ବାହାରର ଲୋକମାନଙ୍କ ନିମନ୍ତେ ନୂତନ ସମ୍ଭାବନା ଏବଂ ସୁବିଧା ସୁଯୋଗ ସୃଷ୍ଟି କରିଥାଏ । ଅନ୍ୟ ପକ୍ଷରେ ପ୍ରଭାବିତ ହେଉଥିବା ବ୍ୟକ୍ତି ବା ପରିବାର ଓ ସମୟ ସମୟରେ ସ୍ଥାନୀୟ ଅଞ୍ଚଳ ଉପରେ ଖର୍ଚ୍ଚର ବୋଝ ସହିତ କିଛି ଅସୁବିଧା ସୃଷ୍ଟି କରିଥାଏ ।

ସେଥିପାଇଁ କେତେକ ଲୋକ  ଲୋକେ ଏହାର ବିରୋଧ କରିଥାନ୍ତି । ସ୍ଥାନୀୟ ବାସ୍ତବତାକୁ ଦୃଷ୍ଟିରେ ରଖି ସେମାନଙ୍କର ମତାମତ ଯୁକ୍ତିକୁ ମଧ୍ୟ ବିଚାରକୁ ନେବାକୁ ପଡ଼ିବ । ସମସ୍ତ ସୁବିଧା ଅସୁବିଧାକୁ ବିଚାରକୁ ନେଇ, ମତାମତକୁ ସମ୍ମାନ ଦେଇ ମୋଟାମୋଟି ଭାବରେ ଖର୍ଚ୍ଚ ସହିତ ଲାଭର ବିଶ୍ଳେଷଣ ମାଧ୍ୟମରେ ପ୍ରକଳ୍ପ ନିର୍ମାଣର ଯଥାର୍ଥତାକୁ ପ୍ରତିପାଦନ କରିବାକୁ ପଡ଼ିଥାଏ । ପ୍ରକଳ୍ପର ସାମ୍ଭାବ୍ୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବକୁ ସବୁ ଦୃଷ୍ଟିରୁ ବିଶ୍ଳେଷଣ କରିବାର କୌଶଳଟି ହେଉଛି ଖର୍ଚ୍ଚ ସହ ଲାଭର ବିଶ୍ଳେଷଣ (cost and benefit analysis) । ପ୍ରକଳ୍ପ ହେତୁ ପଡୁଥିବା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ତଥା ଏହାର ଆର୍ଥିକ ଓ ଅଣ-ଆର୍ଥିକ ସଂଘାତକୁ ଦୃଷ୍ଟିରେ ରଖି ଏହି ଖର୍ଚ୍ଚ ସହ ଲାଭର ବିଶ୍ଳେଷଣକୁ ପ୍ରସ୍ତୁତ କରାଯାଇଥାଏ । ଏହାରି ଆଧାରରେ ପ୍ରକଳ୍ପ ନିର୍ମାଣର ଯଥାର୍ଥତା ନିର୍ଭର କରେ ।

### ୭.୨.୧ ସାମାଜିକ ମୂଲ୍ୟ ଓ ଲାଭ

ଯେ କୌଣସି ଅଣଆର୍ଥିକ ଖର୍ଚ୍ଚ ଯେପରିକି ସାମାଜିକ ମୂଲ୍ୟବୋଧ, ସାମାଜିକ ସମ୍ପର୍କ, ସ୍ୱାସ୍ଥ୍ୟ, ପରିବେଶ ସମ୍ପର୍କିତ କ୍ଷତି ବା ପ୍ରଭାବ କୁ ଏଥିରେ ସାମିଲ କରାଯାଇପାରେ । ବର୍ତ୍ତମାନର ପ୍ରକଳ୍ପ କ୍ଷେତ୍ରରେ ଜମି ଅଧିଗ୍ରହଣ ହେତୁ ବାସସ୍ଥାନରୁ ବିସ୍ଥାପନ, ସଂସ୍କୃତ ମହାବିଦ୍ୟାଳୟ, ସାଧାରଣ ଭିତ୍ତିଭୂମି (ବିଦ୍ୟୁତ ଖୁଣ୍ଟ, ଟ୍ରାନ୍ସଫରମର), ଉଠା ଦୋକାନ କ୍ଲବ ଘର ଆଦିର ଅପସାରଣ ସହିତ ପ୍ରକଳ୍ପ ନିର୍ମାଣର ପରବର୍ତ୍ତି ପର୍ଯ୍ୟାୟରେ ବାୟୁ-ଧୂଳି-ଶବ୍ଦ ପ୍ରଦୁଷଣ, ଗାଡିମଟର ଭିଡ ହେତୁ ରାସ୍ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଶାନ୍ତିଭଙ୍ଗ, ରାସ୍ତାର ପ୍ରଶସ୍ତିକରଣ ଦ୍ୱାରା ମଣିଷ ଓ ଯାନବାହାନର ଗମନାଗମନ ବେଗ ଓ ପରିମାଣ ବୃଦ୍ଧି, ଯାନବାହାନଗୁଡ଼ିକର ଦୃତଗତି ଓ ବେପରୁଆ ଗାଡ଼ିଚାଳନା ହେତୁ ଦୁର୍ଘଟଣା କିମ୍ବା ଲୋକଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦର ଆଶଙ୍କା ବୃଦ୍ଧି ପାଇପାରେ ।

ପ୍ରଭାବିତ ପରିବାର ମଧ୍ୟରୁ ଅଧିକାଂଶ ପରିବାର ମତ ଦେଇଥିଲେ ଯେ, ପ୍ରକଳ୍ପ ହେତୁ ଉପରୋକ୍ତ ସାମାଜିକ ମୂଲ୍ୟ ଖୁବ୍ ଅଧିକ ହେବ, କାରଣ ପିତୃପୁରୁଷ ଅମଳର ଜମି ଓ ଘର ଗୁଡ଼ିକର ଯେଉଁ କ୍ଷତି ଘଟିବ, ତାହାକୁ କୌଣସି ପରିମାଣର ଆର୍ଥିକ ଭରଣା ପୂରଣ କରିପାରିବ ନାହିଁ । ୬୦ ପ୍ରତିଶତ ରୁ ଅଧିକ ପ୍ରଭାବିତ ଲୋକ ମତ ଦେଇଥିଲେ ଯେ, ଜମି ଅଧିଗ୍ରହଣ ପରେ ପରିବାରର ବିସ୍ଥାପନ ଓ ଥଇଥାନ ସମସ୍ୟାମାନ ଦେଖାଦେବ ।  ସେହିପରି ଅନୁଧ୍ୟାନ କରାଯାଇଥିବା ପରିବାର ମଧ୍ୟରୁ ୫୦ ପ୍ରତିଶତ ରୁ ଅଧିକ ପରିବାର ଲୋକଙ୍କର ମତ ଥିଲା ରାସ୍ତା ପ୍ରଶସ୍ତିକରଣ କାରଣରୁ ଯାନବାହାନ ମଧ୍ୟରେ ଧକ୍କା ଓ ରାସ୍ତା ଦୁର୍ଘଟଣା ଜନିତ କ୍ଷୟକ୍ଷତି ବୃଦ୍ଧିପାଇବ । ଏହିସବୁ କ୍ଷତି ଓ ସମସ୍ୟାଗୁଡ଼ିକୁ ଆର୍ଥିକ ଭାବରେ ଆକଳନ କରିବା ସମ୍ଭବ ନୁହେଁ । ଏହାର ପ୍ରତିବଦଳରେ ଲୋକମାନଙ୍କୁ ବିଭିନ୍ନ ସାମାଜିକ ଲାଭ ମଧ୍ୟ ମିଳିପାରିବ ।

କାର୍ଯ୍ୟ ସମାପ୍ତି ଘଟିଲେ, ଏହି ପ୍ରକଳ୍ପ ଦ୍ୱାରା କୁସୁମା ଜଳାଶୟ ଓ ପାର୍କ ଏବଂ ମହିଳା କଲେଜ ଛକ ନିକଟରେ ଭିଡ ହ୍ରାସ ପାଇବ, ରାସ୍ତାର ମାନରେ ଉନ୍ନତି ହେବ, ଯୋଗାଯୋଗ ଓ ଗମନାଗମନ ସୁବିଧା ହେବ, ଲୋକମାନଙ୍କର ଯାତାୟତ ଓ ମାଲ ପରିବହନରେ ଉନ୍ନତି ସାଧନ ହେବ,  ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ଆସିବାରେ ଲୋକଙ୍କର ବହୁତ ସୁବିଧା ହେବ, ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଘଟିବ, ରାସ୍ତା ପାର୍ଶ୍ୱ ନାଳର ନିର୍ମାଣ ଓ ଉନ୍ନତିକରଣ ହେତୁ ବର୍ଷା ଜଳ ସୁବିଧାରେ ନିଷ୍କାଶନ ହୋଇପାରିବ ।

### ୭.୨.୨ ଆର୍ଥିକ ଖର୍ଚ୍ଚ ଓ ଲାଭ

ରାସ୍ତା ବିକାଶ ପ୍ରକଳ୍ପର ଆର୍ଥିକ ଖର୍ଚ୍ଚ ମଧ୍ୟରେ ପ୍ରସ୍ତାବିତ ରାସ୍ତା ନିର୍ମାଣ ନିମନ୍ତେ ଯୋଜନା ପ୍ରସ୍ତୁତି, ଅଧିଗ୍ରହଣ ହେଉଥିବା ଜମି ଓ ଘରର ମୂଲ୍ୟ, ରାସ୍ତା ନିର୍ମାଣରେ ଖର୍ଚ୍ଚ ଓ ସମସ୍ତ ପ୍ରକାରର ପ୍ରଶାସନିକ ଖର୍ଚ୍ଚ ଆଦି ସାମିଲ ଅଛି । ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ହେଉଥିବା ଜମି ଓ ଅନ୍ୟାନ୍ୟ ସମ୍ପତ୍ତି ଏବଂ ରାସ୍ତା ନିର୍ମାଣର ଖର୍ଚ୍ଚ ବ୍ୟତୀତ ଅନ୍ୟାନ୍ୟ ସାର୍ବଜନୀନ ସମ୍ପତ୍ତିଗୁଡିକର ବାସ୍ତବ ଆର୍ଥିକ ଖର୍ଚ୍ଚ କୁ ଆକଳନ କରିବା କଷ୍ଟସାଧ୍ୟ । ସେହିପରି ଅର୍ଥନୈତିକ ଲାଭ କହିଲେ ପ୍ରକଳ୍ପ ହେତୁ ଯେଉଁ ସବୁ ଆର୍ଥିକ ଲାଭ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଉପଲବ୍ଧ ହେବ । ଏସବୁ ସୁବିଧା ବା ଲାଭକୁ ସଠିକ୍ ଭାବେ ଆକଳନ କରିବା ସମ୍ଭବ ନୁହେଁ । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଜମି ଅଧିଗ୍ରହଣ ପୁନର୍ବାସ ଓ ଥାଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ ଓ ଓଡିଶା ଆଇନ ୨୦୧୬ ଆଧାରରେ ଜମି ଓ ଅନ୍ୟ ସମ୍ପତ୍ତି ଗୁଡ଼ିକର ମୂଲ୍ୟାୟନ କରାଯିବ ଏବଂ ଓଡ଼ିଶା ସରକାରଙ୍କର ରାସ୍ତା ଓ କୋଠା ବିଭାଜନ ବିଭାଗ ଦ୍ୱାରା ନିର୍ମାଣ କାର୍ଯ୍ୟର ପରିବ୍ୟୟକୁ ହିସାବ କରାଯିବ। ଯୋଗ୍ୟ ଅଧିକାରୀଙ୍କ ସାହାଯ୍ୟରେ ଜିଲ୍ଲାପାଳ, ଘରବାଡ଼ି, ନିର୍ମାଣମାନ ଓ ସମ୍ପତ୍ତିର ମୂଲ୍ୟାୟନ କରିବେ । କେବଳ ଜମିର ପ୍ରଚଳିତ ମୂଲ୍ୟ ସଂପର୍କରେ ସାମାଜିକ ପ୍ରଭାବ ଆକଳନ ଦଳ (SIA Study Team) ନିକଟରେ ସୂଚନା ଅଛି। ତାହାକୁ ଆଧାର କରି ଜମିର ମୂଲ୍ୟ ଓ ଅଧିଗ୍ରହଣ ହେବାକୁ ଥିବା ଜମିର ଆନୁମାନିକ ମୂଲ୍ୟକୁ ସ୍ଥିର କରିଛନ୍ତି। ଏହାକୁ ସାରଣୀ ୭.୧ ରେ ଦର୍ଶାଇ ଦିଆଯାଇଛି।

**ସାରଣୀ ୭.୧ ଜମିର ମୂଲ୍ୟ**

| ବର୍ଗ | ପ୍ଲଟ୍ ନମ୍ବର | ପ୍ରକାର | ଅଧିଗ୍ରହଣ ହେଉଥିବା ଜମି ଏକରରେ | ବେଞ୍ଚମାର୍କ ମୂଲ୍ୟ (ଟଙ୍କା /ଏକର ପ୍ରତି ) | ଜମିର ମୋଟ ମୂଲ୍ୟ (ଟଙ୍କା) |
|---|---|---|---|---|---|
| ୧ | ୪୭୬, ୪୭୬/୧୪୪୮, ୧୨୬୧, ୧୨୮୮, ୧୨୮୦/୧୪୯୨, ୧୩୧୧ | ଘରବାରି-୧, ଘରବାରି -୨ | ୦.୩୦୯ | ୩,୪୨,୧୯,୬୮୮ | ୧୦୫୭୩୮୮୩ |
| ୨ | ୪୭୭, ୪୭୭/୧୪୪୯ , ୪୭୮/୧୩୯୫, ୪୮୧, ୪୮୧/୧୫୮୫ ,୪୮୨ , ୧୨୭୪, ୧୨୮୭ | ଜଳାଶୟ -୧, ଘରବାରି -୧, ଶାରଦ-୧, ଜଳାଶୟ -୨ | ୦.୫୨୫ | ୨,୨୮,୧୩,୧୨୫ | ୧,୧୯,୭୬,୮୯୦ |
| ୩ | ୩୮୯ | ଶାରଦ -୧ | ୦.୧୧୩ | ୨,୦୫,୩୧,୮୧୩ | ୨୩,୨୦,୦୯୪ |
| ୪ | ୪୮୩, ୮୩୯, ୮୪୧, ୪୦୬, ୪୦୬/୧୭୨୫ | ଶାରଦ -୧, ବଗାୟତ-୨ | ୦.୭୩୦ | ୯୧,୨୫,୨୫୦ | ୬୬,୬୧,୪୩୨ |
| ୫ | ୪୦୬/୧୪୪୭, ୪୦୬/୧୪୭୭, ୪୦୯ | ଘରବାରି -୧ ଶାରଦ -୧, ଘରବାରି -୨ | ୦.୧୦୦ | ୬୮,୪୩,୯୩୮ | ୬,୮୪,୩୯୩ |
| ୬ | ୧୨୭୬, ୧୨୬୫, ୧୨୬୬ | ଜଳାଶୟ -୨ | ୦.୨୩୩ | ୫୭,୦୩,୨୮୨ | ୧୩,୨୮,୮୬୪ |

| | | | | | |
|---|---|---|---|---|---|
| | , ୧୨୬୫/୧୪୨୪, ୧୨୬୨, ୧୨୮୦, ୧୨୮୧, ୧୨୬୦, ୧୨୮୨, ୧୨୫୯, ୧୩୦୬, ୧୩୦୭, ୧୨୭୬/୧୪୨୬, | | | | |
| | **ଅଧିଗ୍ରହଣ ହେଉଥିବା ଜମିର ମୋଟ ମୂଲ୍ୟ** | | | | **୩,୩୫,୪୫,୫୬୦** |

*ଉତ୍ସ- ବେଞ୍ଚମାର୍କ ମୂଲ୍ୟ ଆଧାରରେ ହିସାବ କରାଯାଇଛି*

ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ନିମନ୍ତେ କେବଳ ୧.୯୭୭୫ ଏକର ଜମି ଅଧିଗ୍ରହଣ ହେବାକୁ ଯାଉଛି ତାହାକୁ ଓଡ଼ିଶା ସରକାରଙ୍କର ବିଜ୍ଞପ୍ତି ***ଆର୍ ଡି ଏମ୍ – ଏଲ୍ ଏ ଏ – ଯେ ଏ ଯେ – ୦୦୦୧ -୨୦୨୨- ୧୦୨୧୨ ଆର୍ ଡି ଏମ୍ ତା ୩୧ ମାର୍ଚ୍ଚ ୨୦୨୨*** ପ୍ରକାଶିତ ହୋଇଛି, ସେହି ସବୁକୁ ବିଚାରକୁ ନେଇ ଅଧିଗ୍ରହଣ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ଏହାକୁ ନିମ୍ନ ସରଣୀରେ ଦର୍ଶାଯାଇଛି ।

**ସାରଣୀ ୭.୨ ଜମିର କ୍ଷତିପୂରଣ ହିସାବ**

| କ୍ର.ନଂ. | ବିଷୟ | ଟଙ୍କାର ପରିମାଣ (ଟ.) |
|---|---|---|
| (୧) | (୨) | (୩) |
| ୧ | ୧.୯୭୭୫ ଏକର ଜମିର ମୂଲ୍ୟ ବେଞ୍ଚମାର୍କ ମୂଲ୍ୟ ଅନୁଯାୟୀ | ୩,୩୫,୪୫,୫୬୦.୦୦ |
| ୨ | ଦୂରତ୍ୱ ଆଧାରରେ ଗୁଣନ (ଯେହେତୁ ପ୍ରକଳ୍ପ ଟି ସହରାଞ୍ଚଳ ମଧ୍ୟରେ ଅବସ୍ଥିତ ତେଣୁ ଗୁଣକ ୧ ହିସାବକୁ ନିଆଯିବ) | ୧ |
| ୩ | ମୋଟ | ୩,୩୫,୪୫,୫୬୦.୦୦ |
| ୪ | ଅନ୍ୟାନ୍ୟ ଭିତ୍ତିଭୂମିର (ଟେଲିଫୋନ, ବିଦ୍ୟୁତ ଖୁଣ୍ଟି, ଜଳ ଯୋଗାଣ ଷ୍ଟାଣ୍ଡ ପୋଷ୍ଟ, ସଂସ୍କୃତ ମହାବିଦ୍ୟାଳୟ କୋଠା ର ମୂଲ୍ୟ ) | ପ୍ରଦତ୍ତ ହୋଇନାହିଁ |
| ୫ | ମୋଟ | ୩,୩୫,୪୫,୫୬୦.୦୦ |
| ୬ | ୧୦୦% ଅନୁକମ୍ପା ରାଶି (ସୋଲାଟିଅମ୍) | ୩,୩୫,୪୫,୫୬୦.୦୦ |
| ୭ | ଆନୁମାନିକ ଦୁଇ ବର୍ଷ ପାଇଁ ୧୨% ହାରରେ ସୁଧ | ୮୦,୫୦,୯୩୪.୦୦ |
| ୮ | ମୋଟ | ୭,୫୧,୪୨,୦୫୪.୦୦ |

**ପ୍ରକଳ୍ପର ମୋଟ ପରିବ୍ୟୟ**

ପ୍ରକଳ୍ପ ହେତୁ ଆକଳନ କାରରଯାଇଥିବା ମୋଟ ଖର୍ଚ୍ଚ ଟଙ୍କା **୫୫,୭୯,୮୫,୦୧୩.୦୦** ଖର୍ଚ୍ଚ କରାଯିବ ବୋଲି ଆକଳନ କରାଯାଇଛି ।

## ସାରଣୀ - ୭.୩ ପ୍ରକଳ୍ପର ମୋଟ ଖର୍ଚ୍ଚ

| କ୍ର. ସଂ | ଖର୍ଚ୍ଚର ଶୀର୍ଷକ | ଆକଳନ କରାଯାଇଥିବା ମୋଟ ଖର୍ଚ୍ଚର ପରିମାଣ ଟଙ୍କାରେ |
|---|---|---|
| ୧ | ରାସ୍ତା ନିର୍ମାଣ ୦/୦୦୦ ଠାରୁ ୧/୮୭୫ ପର୍ଯ୍ୟନ୍ତ | ୨,୪୨,୭୦,୪୮୯.୦୦ |
| ୨ | ରାସ୍ତା ନିରାପତ୍ତା ଆସବାବ ପତ୍ର | ୭,୫୬,୦୪୪.୦୦ |
| ୩ | ବକ୍ସ ସେଲ କଲଭର୍ଟ (୧ * ୨.୦୦ ମିଟର *୨.୦୦ ମିଟର ୨ ଟି ) | ୧୭,୭୦,୬୬୫.୦୦ |
| ୪ | କଂକ୍ରିଟ ଡ୍ରେନ ୩୭୫୦ ମିଟର | ୧,୪୭,୯୪,୮୧୮.୦୦ |
|  | **ମୋଟ** | **୪,୧୫,୯୨,୦୧୬.୦୦** |
| ୫ | ସି ଜି ଏସ ଟି ୬ % | ୨୪,୯୫,୫୨୧.୦୦ |
| ୬ | ଏସ ଜି ଏସ ଟି ୬ % | ୨୪,୯୫,୫୨୧.୦୦ |
| ୭ | ଗୁଣବତ୍ତା ନିୟନ୍ତ୍ରଣ @ ୧% | ୪,୧୫,୯୨୦.୦୦ |
| ୮ | କଣ୍ଟିଜେନ୍ସି @ ୧% | ୪,୧୫,୯୨୦.୦୦ |
| ୯ | ଇଲେକ୍ଟ୍ରିକ ଖୁଣ୍ଟି , ପାଇପ ଲାଇନ ଉଠାଇବା ଖର୍ଚ୍ଚ (ମୋଟାମୋଟି) | ୧୦୦,୦୦,୦୦୦.୦୦ |
|  | **ମୋଟ** | **୫,୭୪,୧୪,୮୯୮.୦୦** |
|  | *(ଉତ୍ସ - ଚିଠି ସଂଖ୍ୟା ୪୨୯୦୬ ତା – ୧୭.୧୦.୨୦୧୯ ଇଞ୍ଜିନିୟର-ଇନ-ଚିଫ (ସିଭିଲ) ଓଡିଶା ଙ୍କ କାର୍ଯ୍ୟାଳୟ)* |  |
| ୧୦ | ପୂର୍ବରୁ କ୍ରୟ କରାଯାଇଥିବା ଏବଂ ଅଧିଗ୍ରହଣ କରାଯାଉଥିବା ୬.୨୮୭ ଏକର ଜମିର ମୂଲ୍ୟ ଆକଳନ *(ଉତ୍ସ - ଚିଠି ସଂଖ୍ୟା ୮୫୨୧ ତା – ୨୫.୦୨.୨୦୨୦ ଇଞ୍ଜିନିୟର-ଇନ-ଚିଫ (ସିଭିଲ) ଓଡିଶା ଙ୍କ କାର୍ଯ୍ୟାଳୟ )* | **୫୦,୦୫,୭୦,୧୧୫.୦୦** |
|  | **ସର୍ବ ମୋଟ ଆକଳନ କରାଯାଇଥିବା ଖର୍ଚ୍ଚ** | **୫୫,୭୯,୮୫,୦୧୩.୦୦** |

# ଅଷ୍ଟମ ଅଧ୍ୟାୟ

# ଜନଶୁଣାଣି ର ବିଶଦ ବିବରଣୀ

**ଯାଜପୁର ଜିଲ୍ଲାରେ ଯାଜପୁର ତହସିଲର ୟୁନିଟ ନମ୍ବର ୭ ଶୀତଳେଶ୍ୱର ଗ୍ରାମ ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ତା ୧୦ ଜୁନ ୨୦୨୨ ରିଖରେ ଅନୁଷ୍ଠିତ ହୋଇଥିବା  ଜନଶୁଣାଣି ସଭାର ବିବରଣୀ**

ଯେତେବେଳେ ବି ଏକ ସାମାଜିକ ପ୍ରଭାବ ଆକଳନ ଆବଶ୍ୟକ ହୁଏ, ତାହା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଏବଂ ଆର୍ ଆକ୍ଟ ୨୦୧୩ ର ଧାରା -୫ ଅଧୀନରେ ପ୍ରସ୍ତୁତ ହେବା ଆବଶ୍ୟକ । ଗେଜେଟ୍ ଅଫ୍ ଇଣ୍ଡିଆ ରେ ଉଲ୍ଲେଖ କରାଯାଇଛି ଯେ, ପ୍ରଭାବିତ ପରିବାରର ମତାମତ ଶୁଣିବା ନିମନ୍ତେ ବୈଧ ସରକାର ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କ ଶୁଣାଣି ପାଇଁ ତାରିଖ, ସମୟ ଏବଂ ସ୍ଥାନ ବିଷୟରେ ପର୍ଯ୍ୟାପ୍ତ ପ୍ରଚାର କରି ଏକ ଜନ ଶୁଣାଣି ର ଆୟୋଜନ ସୁନିଶ୍ଚିତ କରିବେ ଏହି ଜନଶୁଣାଣିର ବିବରଣୀ ଲିପିବଦ୍ଧ କରାଯାଇ ଏହାକୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଚୁଡାନ୍ତ  ବିବରଣୀରେ ସାମିଲ କରାଯିବ ।

ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଉପଯୁକ୍ତ ବିଜ୍ଞପ୍ତି ମାଧ୍ୟମରେ ଉପରୋକ୍ତ ଜନଶୁଣାଣି ସଭାର ଆୟୋଜନ କରିଥିଲେ । ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ରେ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ପରିଣତ କରିବା ପାଇଁ ଘରୋଇ ଜମି ଅଧିଗ୍ରହଣ ନିମନ୍ତେ କରାଯାଇଥିବା ସାମାଜିକ ପ୍ରଭାବ ଆକଳନ ସମ୍ବନ୍ଧୀୟ ତଥ୍ୟ ପ୍ରଭାବିତ ଲୋକଙ୍କୁ ପ୍ରଦାନ କରାଯାଇ ସେମାନଙ୍କ ଠାରୁ ଏହି ଜନଶୁଣାଣିରେ ମତାମତ ନିଆଯାଇଥିଲା ଏବଂ ସେମାନଙ୍କର ମତାମତ କୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଚୁଡାନ୍ତ ବିବରଣୀରେ ଅନ୍ତର୍ଭୁକ୍ତ କରାଯାଇଛି ।

**ଜନଶୁଣାଣିର ଉଦ୍ଦେଶ୍ୟ**

ଜନଶୁଣାଣିର ଉଦ୍ଦେଶ୍ୟ ନିମ୍ନରେ ଉଲ୍ଲେଖ କରାଯାଇଛି ।

- ⇒ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରୁ ଉପଲବ୍ଧ ତଥ୍ୟର ସଚ୍ଚୋଟତା ବିଷୟରେ ଏବଂ ସେମାନଙ୍କୁ ସେମାନଙ୍କର ଜମି ହରାଇବା ବିଷୟରେ ଅବଗତ କରାଇବା;
- ⇒ ଅଧ୍ୟୟନର ଫଳାଫଳ ଉପରେ ଅଞ୍ଚଳର ପ୍ରଭାବିତ ଲୋକଙ୍କ ମତାମତ ଏବଂ ପ୍ରତିକ୍ରିୟା ସଂଗ୍ରହ କରିବା ଏବଂ ଜମି ଅଧିଗ୍ରହଣ ଉପରେ ଅଧିକ ମତାମତ ଆଶା କରିବା;
- ⇒ ପ୍ରଭାବିତ ଲୋକଙ୍କୁ RFCTLARR ACT- ୨୦୧୩, ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ କାର୍ଯ୍ୟରେ ସରକାରଙ୍କ ଦ୍ୱାରା କୌଣସି ବିକାଶମୂଳକ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ମାମଲାରେ ସେମାନଙ୍କର ଅଧିକାର ଏବଂ ପ୍ରାପ୍ୟ ବିଷୟରେ ଅବଗତ କରାଇବା; ଏବଂ,

⇒ ଜନ ଶୁଣାଣି ସଭାରେ ପ୍ରଭାବିତ ଲୋକଙ୍କ ମତାମତକୁ ବିଶ୍ଳେଷଣ କରିବା ଏବଂ ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀରେ ଅନ୍ତର୍ଭୁକ୍ତ କରିବା ।

କୌଣସି ଅଞ୍ଚଳରେ ଅର୍ଥନୈତିକ ବିକାଶ, ସମୟ ସଞ୍ଚୟ ଏବଂ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସହଜରେ ଯାତାୟାତ କରିବା ନିମନ୍ତେ ଭିତ୍ତିଭୂମିର ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ମଧ୍ୟ ସୁଗମ ଗତିଶୀଳତା, ପ୍ରଭାବଶାଳୀ ଯୋଗାଯୋଗ ବ୍ୟବସ୍ଥା ଏବଂ ଉନ୍ନତ ସାମାଜିକ-ସାଂସ୍କୃତିକ ସ୍ଥିରତାକୁ ସୁନିଶ୍ଚିତ କରେ । ଏହି ପରିପ୍ରେକ୍ଷୀରେ ଆନ୍ତଃ ଜିଲ୍ଲା ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବା ନିମନ୍ତେ ତଥା ଯାଜପୁର ମୁନ୍ସିପାଲିଟି ର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଗ୍ରାମର ଲୋକମାନଙ୍କୁ ଗମନାଗମନ ସୁବିଧା ପ୍ରଦାନ କରିବାକୁ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ପରିଣତ କରିବା ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପ ନିମନ୍ତେ ଯାଜପୁର ଜିଲ୍ଲାର ୟୁନିଟ୍ -୭ ଶୀତଳେଶ୍ୱର ଗ୍ରାମ ରୁ ମୋଟ ୧.୯୭୭୫ ଏକର ଘରୋଇ ଜମି ଅଧିଗ୍ରହଣ କରିବାର ପ୍ରସ୍ତାବ ଥିଲା କିନ୍ତୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଙ୍କ ସୂଚନା ଅନୁଯାୟୀ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟକ୍ଷ କ୍ରୟ ଯୋଜନା ମାଧ୍ୟମରେ ୦.୨୨୭୭୫ ଏକର ଜମି କିଣାଯାଇସାରିଛି ତେଣୁ ବର୍ତ୍ତମାନ ଅବଶିଷ୍ଟ ୧.୭୫ ଏକର ଜମି ଆବଶ୍ୟକ ହେଉଛି ।

ଏହି ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉଦ୍ଦେଶ୍ୟରେ ପ୍ରକଳ୍ପ ପ୍ରଭାବିତ ପରିବାର (PAFs) ଙ୍କ ପରାମର୍ଶ ଏବଂ ଅଭିଯୋଗ ସମ୍ପର୍କରେ ଅବଗତ ହେବା ପାଇଁ, ଯାଜପୁର ଜିଲ୍ଲାପାଳଙ୍କ ସରକାରୀ ବିଜ୍ଞପ୍ତି ଅନୁଯାୟୀ ପ୍ରଭାବିତ ଅଞ୍ଚଳଗୁଡିକ ନିମନ୍ତେ ତା ୦୩.୦୬.୨୦୨୨ ରିଖର ବୈଧ ଚିଠି ସଂଖ୍ୟା ୭୪୬୪ ଅନୁଯାୟୀ ତା୧୦.୦୬.୨୨ରିଖ ରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧକ୍ଷତାରେ ଯାଜପୁର ଜିଲ୍ଲାର ଜିଲ୍ଲାପାଳଙ୍କ ସଭାଗୃହରେ ଏକ ଜନ ଶୁଣାଣି ସଭା ଅନୁଷ୍ଠିତ ହୋଇଥିଲା ।

ନିମ୍ନଲିଖିତ ସରକାରୀ ଅଧିକାରୀ, ପୌର ପରିଷଦ ସଦସ୍ୟ, ଜମି ହରାଉଥିବା ପ୍ରଭାବିତ ପରିବାରର ସଦସ୍ୟ ଏବଂ ଅଞ୍ଚଳର ଜଣାଶୁଣା ଶିକ୍ଷିତ ଜନସାଧାରଣ ଏହି ବୈଠକରେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲା ମାଜିଷ୍ଟ୍ରେଟ୍, ଯାଜପୁର; ଉପଜିଲ୍ଲାପାଳ, ଯାଜପୁର; ଭୂ-ଅର୍ଜନ ଅଧିକାରୀ (LAO), ଯାଜପୁର; ଅତିରିକ୍ତ ତହସିଲଦାର, ଯାଜପୁର ସଦର; ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଆର ଆଣ୍ଡ ବି, ପାଣିକୋଇଲି, ଯାଜପୁର; ପୌର ପରିଷଦ ସଭାପତି, ଉପସଭାପତି ଓ ପୌର ପରିଷଦର ପ୍ରତିନିଧୀ; ବେସରକାରୀ ସଂଗଠନର ସଦସ୍ୟ, ଅଞ୍ଚଳର ବୁଦ୍ଧିଜୀବୀ ଏବଂ ଜମି ହରାଉଥିବା ପ୍ରଭାବିତ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ବଜାୟ ରଖିବାକୁ ଅଡିଓ, ଭିଡିଓ କ୍ୟାମେରା ଦ୍ୱାରା ସମଗ୍ର ଆଲୋଚନା ରେକର୍ଡିଙ୍ଗ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ତାଲିକା ଅନୁସୂଚିରେ ସଂଲଗ୍ନ କରାଯାଇଛି ।

ଆମିଟି ହ୍ୟୁମାନିଟି ଫାଉଣ୍ଡେସନ, ଭୁବନେଶ୍ୱର ର ଗବେଷଣା ସହକାରୀ ଶ୍ରୀ ଦୀପକ କୁମାର ସାହୁ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହିତ ଅଧିକାରୀମାନଙ୍କୁ ପରିଚିତ କରାଇଥିଲେ । ଅଧ୍ୟୟନ ଦଳ ପ୍ରଭାବିତ ଗ୍ରାମରେ କିପରି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଥିଲା ସେ ବିଷୟରେ କିଛି ସୂଚନା ପ୍ରଦାନ କରିଥିଲେ । ସେ ଏହା ମଧ୍ୟ କହିଥିଲେ ଯେ ବ୍ୟସ୍ତବହୁଳ ରାସ୍ତାକୁ ସହଜ ଏବଂ ନିରାପଦରେ ପାର ହେବା ପାଇଁ ଏହି ଅଞ୍ଚଳରେ ପ୍ରସ୍ତାବିତ ପ୍ରକଳ୍ପ ଟି ଅତ୍ୟନ୍ତ ଜରୁରୀ ଅଟେ ।

ଏହା ପରେ, ବୈଠକର ଅଧ୍ୟକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମନୋରଞ୍ଜନ ମିଶ୍ରଙ୍କୁ ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ଏବଂ କେଉଁ ଆଧାରରେ ଜମି ହରାଉଥିବା ପରିବାର କ୍ଷତିପୂରଣ ପାଇବେ ସେ ସମ୍ବନ୍ଧରେ କିଛି କହିବାକୁ ଅନୁରୋଧ କରିଥିଲେ । ଶ୍ରୀଯୁକ୍ତ ମନୋରଞ୍ଜନ ମିଶ୍ର ତାଙ୍କ ବକ୍ତବ୍ୟରେ ଭାଗ ନେଇଥିବା ସମସ୍ତ ବ୍ୟକ୍ତିଙ୍କୁ ସ୍ୱାଗତ କରିଥିଲେ ଏବଂ କହିଥିଲେ ଯେ, ଭାରତ ଏବଂ ଓଡିଶା ସରକାର ମିଳିତ ଭାବେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥାଇଥାନରେ ସ୍ୱଚ୍ଛତା ଆଇନ, ୨୦୧୩ ଏବଂ ଓଡିଶା ନିୟମ ୨୦୧୬ " ନୀତି ପ୍ରସ୍ତୁତ କରିଛନ୍ତି । ସେ, ନୂତନ ପୁନର୍ବାସ ଓ ଥଇଥାନ ନୀତିର ବୈଶିଷ୍ଟ୍ୟ ଏବଂ ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ । ଏହାପୂର୍ବରୁ, ୧୮୯୪ ମସିହାର ଜମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ କରାଯାଉଥିଲା ଯାହାଦ୍ୱାରା ବିସ୍ଥାପିତ ପରିବାରଗୁଡିକ ଅତ୍ୟଧିକ ଦୂରାବସ୍ଥାର ଶିକାର ହେଉଥିଲେ ତେଣୁ ବିଭିନ୍ନ ଗୋଷ୍ଠୀଦ୍ୱାରା ଏହି ନୀତିକୁ ଦୃଢ ଭାବରେ ବିରୋଧ କରାଯାଇଥିଲା । ସେହି ଅନୁଯାୟୀ, ପ୍ରଭାବିତ ପରିବାରକୁ ଉତ୍ତମ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ପୂର୍ବ ନୀତିରେ ପରିବର୍ତ୍ତନ ଆଣିବା ପାଇଁ ସରକାର ବିଭିନ୍ନ ଗୋଷ୍ଠୀର ସଦସ୍ୟ, ରାଜ୍ୟ ପ୍ରତିନିଧୀ, ସକ୍ରିୟ ବେସରକାରୀ ସଂଗଠନର ମୁଖ୍ୟ, ଦେଶର ବୁଦ୍ଧିଜୀବୀମାନଙ୍କ ସହ ଅନେକ ଆଲୋଚନା କରି ଏହି ନୂତନ ଆଇନ ର ବ୍ୟବସ୍ଥା କଲେ ।

ବୈଠକର ଅଧ୍ୟକ୍ଷ ବୀରଜା ମହିଳା ମହାବିଦ୍ୟାଳୟର ପ୍ରିନ୍ସିପାଲଙ୍କୁ ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ତାଙ୍କ ମତାମତ ଜଣାଇବାକୁ ଅନୁରୋଧ କରିଥିଲେ । ପ୍ରିନ୍ସିପାଲ୍ କହିଥିଲେ ଯେ, ଏହି ପ୍ରକଳ୍ପ ଯୋଗୁଁ ମହିଳା ମହାବିଦ୍ୟାଳୟ ପ୍ରଭାବିତ ହେବ ଏବଂ ବର୍ତ୍ତମାନ ଅବସ୍ଥିତ ଥିବା ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହେବ । ତେଣୁ, ମୁଁ ବ୍ୟକ୍ତିଗତ ଭାବରେ ଏହି ବୈଠକରେ ଅନୁରୋଧ କରୁଛି ଯେ, କଲେଜଟି ଯାଜପୁର ଟାଉନସିପ୍ ଅଞ୍ଚଳ ନିକଟବର୍ତ୍ତୀ ଅଞ୍ଚଳକୁ ସ୍ଥାନାନ୍ତରିତ ହେବା ଉଚିତ ଯାହା ଦ୍ୱାରା ଏହା ସମସ୍ତ ଛାତ୍ରଛାତ୍ରୀଙ୍କୁ ସହଜରେ ଉପଲବ୍ଧ ହେବ । ସେ ଆହୁରି ମଧ୍ୟ ପରାମର୍ଶ ଦେଇଥିଲେ ଯେ, ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଠିକାଦାର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ସେବା ରାସ୍ତା (Service Road) ବିକାଶ କରିବା ଉଚିତ ଯାହା ରାସ୍ତା ପାର ହେବା ପାଇଁ ସହାୟକ ହେବ |

ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ତାଙ୍କ ଅଭିଭାଷଣରେ ଉପସ୍ଥିତ ଥିବା ସମସ୍ତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ପ୍ରସ୍ତାବିତ ପ୍ରକଳ୍ପ କୁ କାର୍ଯ୍ୟକାରୀ କରିବାରେ ସେ କିପରି ଭାବରେ ନିଜର ଉଦ୍ୟମ କରିଥିଲେ ତାହା ପ୍ରକାଶ କରିବା ସହ ପ୍ରସ୍ତାବିତ ପ୍ରକଳ୍ପରେ ସହଯୋଗ କରିବା ପାଇଁ ଜମି ହରାଉଥିବା ପରିବାର ଏବଂ ସରକାରୀ କର୍ମଚାରୀ ସହିତ ଯୋଗାଯୋଗ କରିଥିଲେ ସେ ବିଷୟରେ ତାଙ୍କର ଅଭିଜ୍ଞତା ସମ୍ପର୍କରେ କହିଥିଲେ । ସେ ଏହା ମଧ୍ୟ କହିଥିଲେ ଯେ, ଏହି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବର୍ଷା ଜଳ ସହିତ ସହରର ବ୍ୟବହୃତ ଅପରିଷ୍କାର ଜଳ ବର୍ଷସାରା ଜଳବନ୍ଦୀ ସମସ୍ୟା ସୃଷ୍ଟି କରୁଥିଲା । ଜଳ ନିଷ୍କାସନ ବ୍ୟବସ୍ଥା ସହ ରାସ୍ତାର ଡିଜାଇନ୍ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯିବା ଉଚିତ, ଯାହାଫଳରେ ଜଳବନ୍ଦୀ ସମସ୍ୟାକୁ ଏଡାଇ ଦିଆଯାଇପାରିବ । ସେ ମଧ୍ୟ ବୈଠକର ଅଧ୍ୟକ୍ଷଙ୍କୁ ପ୍ରସ୍ତାବ ଦେଇଥିଲେ ଯେ, ବର୍ଷା ଋତୁ ଆସିବା ପୂର୍ବରୁ ଆମେ ସହାରାଞ୍ଚଳରେ ମିଳିତ ଯାଞ୍ଚ କରିଥିଲୁ ଏବଂ ମାଷ୍ଟରପ୍ଲାନରେ ଥିବା ଜଳ ନିଷ୍କାସନ ସୁବିଧା ସମ୍ପର୍କରେ ମଧ୍ୟ ଯାଞ୍ଚ କରିଥିଲୁ, ଯଦି ଆବଶ୍ୟକ ହୁଏ ତେବେ ସେହି ଅନୁଯାୟୀ ମାଷ୍ଟରପ୍ଲାନର ପୁନଃବିଚାର ପାଇଁ ପ୍ରୟାସ କରାଯିବ । ପୁନର୍ବାର ସେ କହିଛନ୍ତି ଯେ, ଯେତେବେଳେ ନିର୍ମାଣ କାର୍ଯ୍ୟ ଚାଲିବ, କଲ୍ୟାଣପୁର ନିକଟରେ ଏକ ସେବା ରାସ୍ତା (Service Road) ଆବଶ୍ୟକ ହେବ । ଗୋବିନ୍ଦ ଜୀଉ ମନ୍ଦିର ପାଇଁ ଏକ ଟ୍ରଷ୍ଟ ବୋର୍ଡ ଗଠନ ବିଷୟରେ ସେ ମଧ୍ୟ ଆଲୋଚନା କରିଥିଲେ, ଯଦ୍ୱାରା କି କ୍ଷତିପୂରଣ ରାଶି ଟ୍ରଷ୍ଟ ବୋର୍ଡକୁ ସୁରୁଖୁରୁରେ ପ୍ରଦାନ କରାଯାଇପାରିବ ।

ନୂତନ ପ୍ରସ୍ତାବିତ ପ୍ରକଳ୍ପକୁ ଶୀତଳେଶ୍ୱର ଗ୍ରାମର ଗ୍ରାମବାସୀମାନେ ସ୍ୱାଗତ କରିଛନ୍ତି । କେତେକ ଗ୍ରାମବାସୀ ଜମି କ୍ଷତିପୂରଣ ରାଶି ବିଷୟରେ ଜାଣିବାକୁ ଚାହିଁଥିଲେ ଏବଂ କିଛି ଗ୍ରାମବାସୀ ପରାମର୍ଶ ଦେଇଛନ୍ତି ଯେ, କେତେକ ଗ୍ରାମ ଏବଂ ପଡାଗ୍ରାମ ଏହି ରାସ୍ତାର ଠିକ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ, ତେଣୁ ସେମାନେ ସନ୍ଦେହ କରୁଛନ୍ତି ଯେ ପ୍ରସ୍ତାବିତ ରାସ୍ତାଟି  ସମାନ୍ତରାଳ ଉଚ୍ଚତାରେ ନିର୍ମାଣ କରାଗଲେ ଗ୍ରାମର ବର୍ତ୍ତମାନ ପ୍ରବେଶ ରାସ୍ତା ନିମ୍ନ ଉଚ୍ଚତାକୁ ଖସିଯିବ ଏବଂ ବର୍ଷା ଜଳ ସହଜରେ ଗ୍ରାମ ମଧ୍ୟକୁ ପ୍ରବେଶ କରିବା ସହ ଗ୍ରାମବାସୀମାନେ ଗ୍ରାମ ରାସ୍ତାରୁ ନୂତନ ରାସ୍ତାକୁ ଯିବାନିମନ୍ତେ ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ନିର୍ମାଣକାରୀ ସଂସ୍ଥା ଗ୍ରାମ ମଧ୍ୟକୁ ଯେପରି ବର୍ଷାଜଳ ପ୍ରବେଶ ନକରିବ ଏବଂ ଗ୍ରାମବାସୀ ମାନେ ସହଜରେ ନୂତନ ରାସ୍ତାକୁ ଯାଇ ପାରିବେ ଏବଂ ସହଜରେ ଅତିକ୍ରମ କରିପାରିବେ ସେଥିପାଇଁ ବିହିତ ପଦକ୍ଷେପ ନେବା ଆବଶ୍ୟକ । ନୂତନ ରାସ୍ତା ସହିତ ଗ୍ରାମକୁ ଯାଉଥିବା ରାସ୍ତାର ରକ୍ଷଣାବେକ୍ଷଣ ମଧ୍ୟ ସମ୍ପୃକ୍ତ ସଂସ୍ଥା କରିବା ଉଚିତ୍ । ରାସ୍ତାର ଦୁର୍ଘଟଣାକୁ ଏଡାଇବା ପାଇଁ ଗ୍ରାମବାସୀମାନେ ଆବଶ୍ୟକ ଷ୍ଟ୍ରିଟ୍ ଲାଇଟ୍, ହାଇମାସ ଲାଇଟ, ଟ୍ରାଫିକ ସିଗନାଲ ଲାଇଟ ହମ୍ପ ଏବଂ ଆବଶ୍ୟକ ସଂଖ୍ୟକ ରାସ୍ତା ଅତିକ୍ରମଣ ସ୍ଥଳ (ରୋଡ ଡିଭାଇଡର) ଆଦି ନିର୍ମାଣ କରିବା ନିମନ୍ତେ ଦାବି ଜଣାଇଥିଲେ ।

ଶେଷରେ ଉପ ଜିଲ୍ଲାପାଳ ଯାଜପୁର କହିଛନ୍ତି ଯେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏକ ପ୍ରକ୍ରିୟା ଏବଂ ଏହି ପ୍ରକ୍ରିୟା ସମାପ୍ତ କରିବାକୁ ପ୍ରାୟ ୨ ବର୍ଷ ସମୟ ଲାଗିବ । ତେଣୁ, ସମସ୍ତ ହିତାଧିକାରୀଙ୍କୁ ସେ ଉତ୍ସାହିତ କରି କହିଲେ ଯେ, ଯଦି ଜମି ପ୍ରଭାବିତ ପରିବାର ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ସିଧାସଳଖ ସେମାନଙ୍କ ଜମି ବିକ୍ରୟ କରନ୍ତି ତେବେ ତାହା ଭଲ ହେବ ଏବଂ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସମାପ୍ତ ହୋଇପାରିବ ।  ସେ ଆହୁରି ମଧ୍ୟ ପରାମର୍ଶ ଦେଇଥିଲେ ଯେ, ଯଦି ପ୍ରସ୍ତାବିତ ଜମି ଉପରେ କୌଣସି ଅଦାଲତି ମାମଲା ଚାଲିଥାଏ, ତେବେ ସେମାନଙ୍କୁ ପାରସ୍ପରିକ ଆପୋଷ ବୁଝାମଣା କରି ନିମ୍ନ ଅଦାଲତରୁ କିମ୍ବା ଉଚ୍ଚନ୍ୟାୟାଳୟ ରୁ ମାମଲା ପ୍ରତ୍ୟାହାର କରି କ୍ଷତିପୂରଣ ରାଶି ସହଜରେ ଗ୍ରହଣ କରନ୍ତୁ । ଏହା ପରେ ସେ ଗ୍ରାମବାସୀଙ୍କୁ ଏକ ଉପଯୁକ୍ତ ପ୍ରକ୍ରିୟା ମାଧ୍ୟମରେ ଗୋବିନ୍ଦ ଜୀଉ ମନ୍ଦିର ପାଇଁ ଏକ ଟ୍ରଷ୍ଟ ବୋର୍ଡ ଗଠନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଏଥିରେ ସେ ସେମାନଙ୍କୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଜନ ଶୁଣାଣି ବୈଠକ ଶେଷ ହେବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ, ଯାଜପୁର ପୌରପାଳିକା ସମସ୍ତ ସରକାରୀ କର୍ମଚାରୀ, ପୌରପାଳିକା ସଦସ୍ୟ, ଅଣ ସରକାରୀ ସଂଗଠନର ପ୍ରତିନିଧୀ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଶୀତଳେଶ୍ୱର ଗ୍ରାମର  ପ୍ରଭାବିତ ପରିବାରଙ୍କୁ ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ମୂଲ୍ୟବାନ ପରାମର୍ଶ ଦେଇଥିବାରୁ ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ସଭା ସମାପ୍ତ କରିଥିଲେ ।

# ନବମ ଅଧ୍ୟାୟ

# ଉପସଂହାର ଓ ସୁପାରିଶ

ଯାଜପୁର ଜିଲ୍ଲାରେ ଯାଜପୁର ତହସିଲ ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ବିଶିଷ୍ଟ ରାସ୍ତାକୁ ଉନ୍ନତିକରଣ ନିଶ୍ଚିତ ଭାବରେ ଯାଜପୁର ସହରରେ ବାସ କରୁଥିବା ଲୋକ ତଥା ବାହାରୁ ଆସୁଥିବା ପରିଦର୍ଶକଙ୍କୁ ଲାଭଦାୟକ ହେବ । ପ୍ରଭାବିତ ଲୋକଙ୍କ ଦ୍ୱାରା ପ୍ରକାଶିତ ଆବଶ୍ୟକତା ଏବଂ ଇଚ୍ଛା ଅନୁଯାୟୀ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାକୁ ସେମାନଙ୍କର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପଡିବ । ଯେହେତୁ ଜନଗଣନା ଆଧାରରେ ଏହି ଅଧ୍ୟୟନ କରାଯାଇଥିଲା, ପ୍ରଭାବିତ ପରିବାର ତଥା ଗୋଷ୍ଠୀ ର ଭାବନା ଏବଂ ଧାରଣାକୁ ବୁଝିବା ଏବଂ ଲିପିବଦ୍ଧ କରିବାର ସୁଯୋଗ ରହିଥିଲା । ପ୍ରକଳ୍ପର କାର୍ଯ୍ୟକାରିତା ହେତୁ ସାମଗ୍ରିକ ଲାଭ ଏବଂ କ୍ଷତି ସମ୍ବନ୍ଧରେ ବ୍ୟକ୍ତିଗତ ମତ ବ୍ୟତୀତ; ଅନୁସନ୍ଧାନକାରୀ ଦଳ ମଧ୍ୟ ଦଳଗତ ଆଲୋଚନା ମାଧ୍ୟମରେ ଲୋକଙ୍କ ବିଭିନ୍ନ ବିଭାଗରୁ ସୂଚନା ସଂଗ୍ରହ କରିଥିଲେ ଯାହା ଏହି ବିବରଣୀରେ ପ୍ରତିଫଳିତ ହୋଇଛି । ପ୍ରକଳ୍ପ ହେତୁ ମୁଖ୍ୟ କ୍ଷତି ଏବଂ ନକାରାତ୍ମକ ପ୍ରଭାବକୁ ଧରିବା ପାଇଁ ସୁଗମ ପଦକ୍ଷେପଗୁଡିକ ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ରେ ଉଲ୍ଲେଖ କରାଯାଇଛି । ତେଣୁ କ୍ଷତି କେବଳ ଜମିଜମା ସମ୍ପତ୍ତି ଆକାରରେ ଅଛି ଯାହା ପ୍ରାୟତଃ ଉଦ୍ୟାନ କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ଅନୁସନ୍ଧାନକୁ ଦୃଷ୍ଟିରେ ରଖି ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଇପାରେ ।

- ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି ପାଇଁ କ୍ଷତିପୂରଣ ସଠିକ୍ ଭାବରେ ଯୋଜନା ଏବଂ କାର୍ଯ୍ୟକାରୀ କରାଯିବା ଉଚିତ୍
- ଧାରା ୧୧ (୧) ଏବଂ RoR ପ୍ରାମାଣି କରଣ ପ୍ରକ୍ରିୟା ସମାପ୍ତ ହେବା ପରେ ତୁରନ୍ତ ଦେୟ ପ୍ରଦାନ କରାଯିବା ଉଚିତ ।
- କ୍ଷତିପୂରଣର ଦେୟ ସୁଗମ ଏବଂ ଅସୁବିଧା ମୁକ୍ତ ହେବା ଉଚିତ ।
- ଯେଉଁମାନେ ନିଜ ଜମି ହରାଇବାକୁ ଯାଉଛନ୍ତି ସେମାନଙ୍କୁ ସେହି ପରିବାରକୁ ଅଗ୍ରାଧିକାର ଦିଆଯିବା ଉଚିତ୍ |
- କୌଣସି ଅଦାଲତ କିମ୍ବା ପାରିବାରିକ ସ୍ତରର ମକଦ୍ଦମା ପାଇଁ ପୃଥକ ବ୍ୟବସ୍ଥା ଏବଂ ଆଇନଗତ ପଦକ୍ଷେପ ଅନୁସରଣ କରାଯିବା ଉଚିତ ।
- ତୁରନ୍ତ ଏବଂ ଶୀଘ୍ର ସମାଧାନ ପାଇଁ ଏକ ପ୍ରଭାବଶାଳୀ ବିକେନ୍ଦ୍ରୀକରଣ ଅଭିଯୋଗର ସମାଧାନ ବ୍ୟବସ୍ଥା ଉପଲବ୍ଧ ହେବା ଉଚିତ
- ଏହି ଅଞ୍ଚଳର ବର୍ଷା ଜଳର ମୁକ୍ତ ପ୍ରବାହ ପାଇଁ ଯତ୍ନବାନ ହେବା ଉଚିତ୍ ।
- ରାସ୍ତା ଶେଷ ହେବା ପୂର୍ବରୁ ରାଜପଥରେ କିପରି ଗତି କରିବେ ସେନେଇ ସବୁ ସ୍ତରରେ ସଚେତନତା ସୃଷ୍ଟି କରାଯିବା ଉଚିତ୍ । ବିଭିନ୍ନ ଛକରେ ଆବଶ୍ୟକ ସ୍ପିଡ୍ ବ୍ରେକର୍ ଏବଂ ଟ୍ରାଫିକ୍ ସିଗନାଲ୍ ପ୍ରଦାନ କରାଯିବା ଉଚିତ | ପ୍ରତ୍ୟେକ ଗ୍ରାମ ଛକ ଠାରେ ଉଚ୍ଚମାନର ଆଲୋକ ପ୍ରଦାନ କରାଯିବା ଉଚିତ୍ । ଗ୍ରାମବାସୀଙ୍କ ସହିତ ଉପଯୁକ୍ତ ପରାମର୍ଶ ସହିତ ଡିଭାଇଡର୍ ସ୍ଥାନିତ କରାଯିବା ଉଚିତ୍ |

- ଅଧିଗ୍ରହଣ ପୂର୍ବରୁ ସଂସ୍କୃତ ମହାବିଦ୍ୟାଳୟ ନିମନ୍ତେ ନୂତନ କୋଠା ନିର୍ମାଣ କରାଯିବା ଉଚିତ୍ | ରାସ୍ତାର ଗାଁ ପାର୍ଶ୍ୱରେ ଇସ୍ପାତ ପ୍ରତିବନ୍ଧକ ଯୋଗାଇ ଦିଆଯିବା ଉଚିତ ଯେପରି ଗୋରୁମାନେ ରାସ୍ତାକୁ ଆସିବେ ନାହିଁ |
- ଦୁର୍ଘଟଣାକୁ ଏଡାଇବା ପାଇଁ ଟ୍ରାଫିକ୍ ପୋଲିସ୍ ଏବଂ ଟ୍ରାଫିକ୍ ସିଗନାଲ୍ ପୋଷ୍ଟ ସହିତ ଟ୍ରାଫିକ୍ ପୋଷ୍ଟ ଟିଭିଏସ୍ ଛକ ରେ ରହିବା ଉଚିତ୍ |
- ଗୋଷ୍ଠୀଭିତ୍ତିକ ସଂଗଠନ ଯେପରିକି ଯୁବକ ସଂଘ, ମହିଳା ମଣ୍ଡଳ, ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କ ସଂସ୍ଥା, ସ୍ପୋର୍ଟସ୍ କ୍ଲବ୍ ଏବଂ SHG ଗୁଡିକ ସାମାଜିକ ପୁଞ୍ଜି ପୁନରୁଦ୍ଧାର ଏବଂ ସୃଷ୍ଟି ପାଇଁ ଦୃଢ କରିବା ଉଚିତ୍ |
- ଶୀତଳ ଏବଂ ପ୍ରଦୂଷଣ ମୁକ୍ତ ପରିବେଶକୁ ପୁନଃସ୍ଥାପନ କରିବା ନିମନ୍ତେ ବୃହତ ବୃକ୍ଷରୋପଣ ଯୋଜନା କରାଯାଇପାରେ |

ଏହି ଅଞ୍ଚଳର ଲୋକମାନେ ଏହି ପ୍ରକଳ୍ପ ପାଇଁ ଆଶାବାଦୀ ଶୀତଳେଶ୍ୱର ଗ୍ରାମ (ଯାଜପୁର ମୁନ୍ସିପାଲିଟି) ଅନ୍ତର୍ଗତ ବିରଜା ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ଅପେକ୍ଷା କରିଛନ୍ତି ଯାହା ସହରର ଟ୍ରାଫିକ୍ ବ୍ୟବସ୍ଥାରେ ଅନୁକୂଳ ପରିବର୍ତ୍ତନ ଆଣିବ |  ତଥାପି, ଏହି ପ୍ରକଳ୍ପ ପ୍ରଭାବିତ ପରିବାର ଉପରେ କିଛି ଅବାଞ୍ଛିତ ପ୍ରଭାବ ପକାଇବ; କିନ୍ତୁ ଲୋକଙ୍କ ବିଶ୍ୱାସ ରହିଛି ଯେ ସରକାର ସେମାନଙ୍କର କ୍ଷତିର ଯତ୍ନ ନେବେ ଏବଂ ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି ପାଇଁ ଆନୁପାତିକ ଭାବରେ କ୍ଷତିପୂରଣ ଦେବେ।

ତେଣୁ, ସମସ୍ତେ ଆଶା କରିଥିଲେ ଯେ ଅଞ୍ଚଳ ତଥା ଲୋକଙ୍କ ବିକାଶକୁ ବିଚାରକୁ ନେଇ ଆଇନଗତ ତଥା ସରକାରୀ ବ୍ୟବସ୍ଥାକୁ କୁ ସଠିକ୍ ଭାବରେ ଅନୁସରଣ କରି କାର୍ଯ୍ୟ ଯେତେ ଶୀଘ୍ର ଆରମ୍ଭ ହେବ। ଏହି ଜମି ହରାଉଥିବା ପରିବାରର ଯୋଗଦାନ, ବଳିଦାନ ଏବଂ ଅବଦାନକୁ ଜିଲ୍ଲା ତଥା ରାଜ୍ୟ ସ୍ୱୀକୃତି ଦେବା ଉଚିତ୍ |

# ଅନୁସୂଚୀ

**ଅନୁସୂଚୀ- ୧**

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ବିଜ୍ଞପ୍ତି ଏବଂ ଭୂମି ଅନୁସୂଚୀ

ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

No. RDM-LAA-JAJ-0001-2022- 10212 /R&DM, Dated 31 MAR 2022

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, ଯାଜପୁର ଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଏବଂ ଗୃହ) ବିଭାଜନ, ପାଣିକୋଇଲି

୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ଭାୟା ଟିଭିଏସ ସୋ-ରୁମ ରାସ୍ତାକୁ ଚାରି ଥାକ ବିଶିଷ୍ଟ ରାସ୍ତା ଉନ୍ନତି ନିମନ୍ତେ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ: Amity Humanity Foundation, Bhubaneswar, an empanelled agency under Nabakrushna Choudhury Centre for Development Studies , Bhubaneswar.

୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା :- Nabakrushna Choudhury Centre for Development Studies, Bhubaneswar, Odisha, Phone No. 0674 2300471, 0674 2301094

୫. ପ୍ରକଳ୍ପ ପାଇଁ ଯାଜପୁର ଜିଲ୍ଲା ରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ ( ସରକାରୀ ଜମି) |
|---|---|---|---|---|
| ୧. | ଯାଜପୁର | ୟୁ. ନଂ-୦୭, ଶୀତଳେଶ୍ୱର | ଏ . ୧.୯୭୭୫ | - |

ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି ।

a. **ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ** :- ଯାଜପୁର ଜିଲ୍ଲା ଯାଜପୁର ତହସିଲ ଅନ୍ତର୍ଗତ ୧ ଗୋଟି ମୌଜା ରେ ଏ. ୧.୯୭୭୫ ପରିସୀମାରେ ମହିଳା ମହାବିଦ୍ୟାଳୟ ଛକ ଠାରୁ ଯୋଡିକୁଅ ଛକ ଭାୟା ଟିଭିଏସ ସୋ-ରୁମ ରାସ୍ତାକୁ ଚାରି ଥାକ ବିଶିଷ୍ଟ ରାସ୍ତା ଉନ୍ନତି ନିମନ୍ତେ ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଏବଂ ଗୃହ) ବିଭାଜନ, ପାଣିକୋଇଲି, ଯାଜପୁର ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b. **SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ** :- ଯାଜପୁର ଜିଲ୍ଲା ରେ ଉପରୋକ୍ତ ୧ ଗୋଟି ମୌଜା ରେ ଏକର ୧.୯୭୭୫ ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

c. **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ** :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ

ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ଭୂମି ଅଧିଗୃହୀତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ।

d. **ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?** ସହମତି ଆବଶ୍ୟକ।

e. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୩୦ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ। ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ସମ୍ପୃକ୍ତ ତହସିଲ ଏବଂ ପୌର ପାଳିକାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ।

ରାଜ୍ୟପାଳଙ୍କ ଆଦେଶାନୁସାରେ

( ଅଭୟ କୁମାର ନାୟକ)
ସ୍ୱତନ୍ତ୍ର ଶାସନ ସଚିବ

Memo No. 10213 Dated 31 MAR 2022

Copy along with the land schedule forwarded to the Director, Printing Stationary, Odisha, Cuttack for information and necessary action. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

31/03/2022
Joint Secretary to Government

Memo No. 10214 Dated 31 MAR 2022

Copy forwarded to Works Department/ Superintending Engineer, Panikoili(R&B) Division for information and necessary action.

31/03/2022
Joint Secretary to Government

Memo No. 10215 Dated 31 MAR 2022

Copy forwarded to RDC(CD), Cuttack /Collector, Jajpur / Land Acquisition Officer , Jajpur for information and necessary action.

31/03/2022
Joint Secretary to Government

Memo No. 10216 Dated 31 MAR 2022

Copy forwarded to the State Co-ordinator, Nabakrushna Choudhury Centre for Development Studies ,Bhubaneswar for information and necessary action.

31/03/2022
Joint Secretary to Government

Memo No. 10217 Dated 31 MAR 2022

Copy forwarded to the E-Governance Branch with a request to upload the notification in the website.

31/03/2022
Joint Secretary to Government

| | | | | | | |
|---|---|---|---|---|---|---|
| ୨୧ | ୪୦୩/ ୧୨୨ | ୧୨୬୬ | ୦.୦୪୦ | ୦.୦୦୩ | ଜଳାଶୟ ୨ | ପ୍ରମିଳା ବେହେରା ସ୍ୱା ମହେଶ୍ୱର ବେହେରା ଜା: ଚମାର ବା: ଖଣ୍ଡେଶ୍ୱର |
| ୨୨ | ୪୦୩/ ୨୯୫ | ୫୮୧/ ୧୪୮୪ | ୦.୦୨୩ | ୦.୦୨୩ | ଶାରଦ ୧ | ଆସମା ଖାତୁନ ସ୍ୱା ସେକ ଜାକିର ହୋସେନ ଜା: ମୁସଲମାନ ବା: ନିଜଗାଁ |
| ୨୩ | ୪୦୩/ ୩୦୪ | ୫୦୬/ ୧୫୦୨ | ୦.୦୫୦ | ୦.୦୩୦ | ଘରବାରି ୧ | କୋରେଶା ବିବି ସ୍ୱା ନେସବାର ଅଲ୍ଲି ଖାଁ ଜା: ମୁସଲମାନ ବା: ଶାସନ ଥା. ବିଂଝାରପୁର |
| ୨୫ | ୪୦୩/ ୩୮୮ | ୧୩୦୨ | ୦.୦୪୨ | ୦.୦୫୪ | ଜଳାଶୟ ୧ | ରାମଚନ୍ଦ୍ର ସୁତାର ପି: ପ୍ରଫୁଲ ଚନ୍ଦ୍ର ସୁତାର ଜା: କମାର ବା: ଗୋପାଳପୁର, ସ୍ୱପନ କୁମାର ଚକ୍ରବର୍ତ୍ତୀ, ସିମନ୍ତ କୁମାର ଚକ୍ରବର୍ତ୍ତୀ, ହେମନ୍ତ କୁମାର ଚକ୍ରବର୍ତ୍ତୀ, ସନ୍ଦିପ କୁମାର ଚକ୍ରବର୍ତ୍ତୀ ପି: ନନିଗୋପାଳ ଚକ୍ରବର୍ତ୍ତୀ ଜା: ବ୍ରାହ୍ମଣ ବା: ୟୁନିଟନଂ -୨ ଭୁବନେଶ୍ୱରନଗର |
| ୨୪ | ୪୦୩/ ୦୬୨ | ୫୮୧ | ୦.୦୨୩ | ୦.୦୨୩ | ଶାରଦ ୧ | ସେକ୍ ରହିମୁଦ୍ଦ ପି: ସେକ୍ ବାବୁଜାନ ଜା: ମୁସଲମାନ ବା: ତାରାମଦନ |
| ୨୬ | ୪୦୩/ ୦୬୩ | ୮୦୧ | ୦.୦୨୦ | ୦.୦୪୦ | ଜଳାଶୟ ୨ | ଦାମୋଦର ଦଳେଇ, ବାବାଜି ଦଳେଇ ପି: ପଠାଣି ଦଳେଇ ଜା: ବାଘୁତି ବା. ନିଜଗାଁ |
| ୨୭ | ୪୦୩/ ୫୯୪ | ୫୦୬/ ୧୨୨୪ | ୦.୦୫୦ | ୦.୦୫୦ | ଶାରଦ ୧ | ଜୀତେନ କୁମାର ମହାନ୍ତି ପି: ଜୟକୃଷ୍ଣ ମହାନ୍ତି ଜା: କରଣ ବା: ଝାଡଳା, ହା. ବା. ନିଜଗାଁ |
| ୨୮ | ୪୦୩/ ୦୯୮ | ୫୦୬/ ୧୦୬୭ | ୦.୦୫୦ | ୦.୦୫୦ | ଶାରଦ ୧ | ଶାନ୍ତିଲତା ମହାନ୍ତି ସ୍ୱା ଜୟକୃଷ୍ଣ ମହାନ୍ତି ଜା: କରଣ ବା: ନିଜଗାଁ |
| ୨୯ | ୪୦୩/ ୪୬୪ | ୮୩୯ | ୦.୦୨୪ | ୦.୦୨୪ | ଶାରଦ ୨ | ସେକ୍ କମିରୁଦ୍ଦିନ ପି: ସେକ୍ ମନିରୁଦ୍ଦିନ ଜା: ମୁସଲମାନ ବା: ତାରାମଦନ, ତପନ କୁମାର ନନ୍ଦ ପି: ମହେଶ୍ୱର ନନ୍ଦ ଜା: ବ୍ରାହ୍ମଣ ବା: ଆଙ୍କୁଲା |
| ୩୦ | ୪୫୩ | ୧୨୮୭ | ୦.୦୪୦ | ୦.୦୨୦ | ଘରବାରି ୧ | ଶ୍ରୀ ଗୋବିନ୍ଦ ଜିଉ ଠାକୁର ମାରଫତ ଟ୍ରଷ୍ଟି ବୋର୍ଡ |
| ୩୧ | ୪୫୩ | ୧୨୮୮ | ୦.୨୮୩ | ୦.୧୦୦ | ଘରବାରି ୧ | |
| ୩୨ | ୪୪୩ | ୧୨୪୯ | ୦.୦୧୪ | ୦.୦୦୪ | ଜଳାଶୟ ୨ | ରାଧାକାନ୍ତ ବେହେରା, ଆର୍ତ୍ତବନ୍ଧୁ ବେହେରା ପି: ବୈଦ୍ୟନାଥ ବେହେରା, ମହେଶ୍ୱର ବେହେରା, ଗୟାଧର ବେହେରା ପି: ଚୁଂକି ବେହେରା ଜା: ଶିଆଳ ବା: କଲ୍ୟାଣ ପୁର |
| ୩୩ | ୪୪୩ | ୧୨୮୨ | ୦.୦୧୪ | ୦.୦୦୪ | ଜଳାଶୟ ୨ | |
| ୩୫ | ୪୦୩/ ୨୭/୧ | ୧୨୨୭/ ୧୦୨୨ | ୦.୦୧୪ | ୦.୦୧୪ | ଜଳାଶୟ ୨ | ସୁକାନ୍ତ କୁମାର ବେହେରା ପି: ଗୋବିନ୍ଦ ଚନ୍ଦ୍ର ବେହେରା ଜା: ଶିଆଳ ବା: କଲ୍ୟାଣପୁର, ବିନ୍ଦୁରେଖା ନନ୍ଦ ସ୍ୱା: ତରୁଣ କୁମାର ନନ୍ଦ ଜା: ବ୍ରାହ୍ମଣ ବା: ଆଙ୍କୁଲା |
| ୩୪ | ୪୦୩/ ୨୩୫ | ୧୩୦୬ | ୦.୦୫୦ | ୦.୦୩୦ | ବନ୍ଧ | ମିନାକ୍ଷୀ ମିଶ୍ର ସ୍ୱା: ଉମେଶ ଚନ୍ଦ୍ର ମିଶ୍ର ଜା: ବ୍ରାହ୍ମଣ ବା: ଭୀମକଲପୁର ହା. ସା. ୟୁନିଟନଂ - ୬ ଭୁବନେଶ୍ୱର |
| ୩୬ | ୪୦୩/ ୩୦୮ | ୧୨୬୪/ ୧୦୨୫ | ୦.୦୫୪ | ୦.୦୦୨୪ | ଜଳାଶୟ ୨ | ବିନ୍ଦୁରେଖା ନନ୍ଦ ସ୍ୱା: ତରୁଣ କୁମାର ନନ୍ଦ ଜା: ବ୍ରାହ୍ମଣ ବା: ଆଙ୍କୁଲା |

ଭୂ-ଅର୍ଜନ ଅଧିକାରୀ (ଜିଲ୍ଲା)
ଯାଜପୁର

# ଅନୁସୂଚୀ- ୨
## ସର୍ବେକ୍ଷଣ କରାଯାଇଥିବା ପରିବାରର ତାଲିକା

| କ୍ର. ସଂ | ରେକର୍ଡଧାରୀ ଙ୍କ ନାମ | ଦାବିଦାରଙ୍କ ନାମ | ସମ୍ପର୍କ | ଲିଙ୍ଗ | ବୟସ | ମାଲିକାନା ରେ ଥିବା ଜମି | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ପ୍ରଭାବିତ ହେଉଥିବା ସମୁଦାୟ ଜମି | ଅଧିଗ୍ରହଣ ହେଉଥିବା ସମୁଦାୟ ଜମି | ପ୍ରଭାବିତ ଜମି ମାଲିକାନାରେ ଥିବା ଜମିର କେତେ ପ୍ରତିଶତ | ଅଧିଗ୍ରହଣ ହେଉଥିବା ଜମି ପ୍ରଭାବିତ ଜମିର କେତେ ପ୍ରତିଶତ |
|---|---|---|---|---|---|---|---|---|---|---|---|---|---|
| ୧ | ସାହାଜାଦ୍ ଖାନ୍ | ସାହାଜାଦ୍ ଖାନ୍ | ଗୃହକର୍ତ୍ତା | ୧ | ୪୬ | ୦.୨୮ | ୫୦୩/୪୯ | ୪୭୬/୧୪୪୮, ୪୭୭/୧୪୪୯ | ଘରବାରି , ଜଳାଶୟ | ୦.୦୬ | ୦.୦୬ | ୨୧.୪୩ | ୧୦୦ |
| ୨ | | ମହମଦ ଇସାକ୍ ଖାନ୍ | ପୁଅ | ୧ | ୨୦ | | | | | | | | |
| ୩ | | ଖଦିତା ଫତେମା | ଝିଅ | ୨ | ୧୯ | | | | | | | | |
| ୪ | | ଆଲ୍ଲାଉଦ୍ଦିନ୍ ଖାନ | ବାପା | ୧ | ୭୫ | | | | | | | | |
| ୫ | କମଲଉଦ୍ଦିନ ଖାନ | କମଲଉଦ୍ଦିନ ଖାନ | ଗୃହକର୍ତ୍ତା | ୧ | ୭୪ | ୦.୨୩ | ୫୧ | ୪୭୮/୧୩୯୫ | ଘରବାରି -୨ | ୦.୦୮ | ୦.୦୮ | ୩୪.୭୮ | ୧୦୦ |
| ୬ | | ସାହାନୱାଜ୍ ଖାନ୍ | ପୁଅ | ୧ | ୩୭ | | | | | | | | |
| ୭ | | ଆରିଫ ଖାନ | ପୁଅ | ୧ | ୩୨ | | | | | | | | |
| ୮ | | ତାସିମା ଖାତୁନ୍ | ଝିଅ | ୨ | ୩୦ | | | | | | | | |
| ୯ | | ନଜମା ଖାତୁନ୍ | ଝିଅ | ୨ | ୩୫ | | | | | | | | |
| ୧୦ | ଶେକ ରହୀମାଦ୍ | ଶେକ ରହୀମାଦ୍ | ଗୃହକର୍ତ୍ତା | ୧ | ୬୨ | ୦.୧୨ | ୫୦୩/୪୬୨ | ୪୮୧ | ଶାରଦ-୧ | ୦.୦୨୩ | ୦.୦୨୩ | ୧୯.୧୭ | ୧୦୦ |
| ୧୧ | | ମହମଦ ଆସଫା କଲାମ | ପୁଅ | ୧ | ୨୫ | | | | | | | | |
| ୧୨ | | ଜାହିର ଆଲାମ | ପୁଅ | ୧ | ୨୦ | | | | | | | | |
| ୧୩ | | ସୁହାନା ପର୍ବିନ | ଝିଅ | ୨ | ୩୦ | | | | | | | | |
| ୧୪ | | ଅଞ୍ଜନା ପର୍ବିନ | ଝିଅ | ୨ | ୨୮ | | | | | | | | |
| ୧୫ | | ସିସ୍ତା ପର୍ବିନ | ଝିଅ | ୨ | ୨୬ | | | | | | | | |
| ୧୬ | ଆସମା ଖାତୁନ୍ | ଆସମା ଖାତୁନ୍ | ଗୃହକର୍ତ୍ତା | ୨ | ୪୪ | ୦.୪ | ୫୦୩/ | ୪୮୧/୧ | ଶାରଦ-୧ | ୦.୦୨୩ | ୦.୦୨୩ | ୫.୭୫ | ୧୦୦ |

| କ୍ର. ସଂ | ରେକର୍ଡଧାରୀ ଙ୍କ ନାମ | ଦାବିଦାରଙ୍କ ନାମ | ସମ୍ପର୍କ | ଲିଙ୍ଗ | ବୟସ | ମାଲିକାନାରେ ଥିବା ଜମି | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ପ୍ରଭାବିତ ହେଉଥିବା ସମୁଦାୟ ଜମି | ଅଧିଗ୍ରହଣ ହେଉଥିବା ସମୁଦାୟ ଜମି | ପ୍ରଭାବିତ ଜମି ମାଲିକାନାରେ ଥିବା ଜମିର କେତେ ପ୍ରତିଶତ | ଅଧିଗ୍ରହଣ ହେଉଥିବା ଜମି ପ୍ରଭାବିତ ଜମିର କେତେ ପ୍ରତିଶତ |
|---|---|---|---|---|---|---|---|---|---|---|---|---|---|
| ୧୭ | | ଶେକ ଜାକିର ହୁସେନ୍ | ସ୍ୱାମୀ | ୧ | ୫୬ | | ୨୯୪ | ୫୮୫ | | | | | |
| ୧୮ | | ଆସିଫା ନାଜିମ୍ | ଝିଅ | ୨ | ୨୩ | | | | | | | | |
| ୧୯ | | ଶେକ ସବିର ହୁସେନ୍ | ପୁଅ | ୧ | ୨୦ | | | | | | | | |
| ୨୦ | ଶେକ ସିକନ୍ଦର | ଶେକ ସିକନ୍ଦର | ଗୃହକର୍ତ୍ତା | ୧ | ୬୨ | ୦.୬୭ | ୧୬୩ | ୪୮୨ | ଶାରଦ-୧ | ୦.୨୪ | ୦.୨୨ | ୩୫.୮୨ | ୯୧.୬୭ |
| ୨୧ | | ଅଫ୍ରାନ୍ | ଝିଅ | ୨ | ୨୮ | | | | | | | | |
| ୨୨ | ଶେକ ତସଲିମ | ଶେକ ତସଲିମ | ଗୃହକର୍ତ୍ତା | ୧ | ୫୫ | | ୧୬୩ | ୪୮୨ | | | | | |
| ୨୩ | | ଗୋଲାମ ଜିଲାରୀ | ପୁଅ | ୧ | ୨୭ | | | | | | | | |
| ୨୪ | | ବାଲୁ ଶେକ | ପୁଅ | ୧ | ୨୩ | | | | | | | | |
| ୨୫ | ଶେକ ହସିମ | ଶେକ ହସିମ | ଗୃହକର୍ତ୍ତା | ୧ | ୫୩ | | ୧୬୩ | ୪୮୨ | | | | | |
| ୨୬ | | ଶେକ ଗୁଲାମ କାଦର | ପୁଅ | ୧ | ୨୭ | | | | | | | | |
| ୨୭ | | ଶେକ ଗୁଲାମ ହାଇଦ୍ରୀ | ପୁଅ | ୧ | ୨୫ | | | | | | | | |
| ୨୮ | | ଶେକ ମାନା | ପୁଅ | ୧ | ୨୩ | | | | | | | | |
| ୨୯ | ଶେକ ମୋସିମ | ଶେକ ମୋସିମ | ଗୃହକର୍ତ୍ତା | ୧ | ୫୭ | | ୧୬୩ | ୪୮୨ | | | | | |
| ୩୦ | | ଶେକ ମସରତ ଅହତାର | ଝିଅ | ୨ | ୨୨ | | | | | | | | |
| ୩୧ | | ଜାମିନା ଅଖତର | ଝିଅ | ୨ | ୧୯ | | | | | | | | |
| ୩୨ | ଶେକ ନସିମ ଅକତାର | ଶେକ ନସିମ ଅକତାର | ଗୃହକର୍ତ୍ତା | ୧ | ୪୮ | | ୧୬୩ | ୪୮୨ | | | | | |
| ୩୩ | | ଶେକ ମୁରଜଫର ହୁସେନ | ପୁଅ | ୧ | ୨୨ | | | | | | | | |

| କ୍ର. ସଂ | ରେକର୍ଡଧାରୀ ଙ୍କ ନାମ | ଦାବିଦାରଙ୍କ ନାମ | ସମ୍ପର୍କ | ଲିଙ୍ଗ | ବୟସ | ମାଲିକାନାରେ ଥିବା ଜମି | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ପ୍ରଭାବିତ ହେଉଥିବା ସମୁଦାୟ ଜମି | ଅଧିଗ୍ରହଣ ହେଉଥିବା ସମୁଦାୟ ଜମି | ପ୍ରଭାବିତ ଜମି ମାଲିକାନାରେ ଥିବା ଜମିର କେତେ ପ୍ରତିଶତ | ଅଧିଗ୍ରହଣ ହେଉଥିବା ଜମି ପ୍ରଭାବିତ ଜମିର କେତେ ପ୍ରତିଶତ |
|---|---|---|---|---|---|---|---|---|---|---|---|---|---|
| ୩୪ | | ରିଫତ୍ ନସିମ | ଝିଅ | ୨ | ୨୧ | | | | | | | | |
| ୩୫ | | କୁଲସୁମ୍ ଅଖତାର | ଝିଅ | ୨ | ୧୯ | | | | | | | | |
| ୩୬ | ଶେକ ମୁସାଫିର ଅହମଦ | ଶେକ ମୁସାଫିର ଅହମଦ | ଗୃହକର୍ତ୍ତା | ୧ | ୪୬ | | ୧୬୩ | ୪୮୨ | | | | | |
| ୩୭ | | ଶେକ ମୁସ୍ତାଫିଜ ଅହମଦ | ପୁଅ | ୧ | ୧୮ | | | | | | | | |
| ୩୮ | ଶ୍ରୀ ଅଖିଳ ରଞ୍ଜନ ପାଢୀ | ଶ୍ରୀ ଅଖିଳ ରଞ୍ଜନ ପାଢୀ | ଗୃହକର୍ତ୍ତା | ୧ | ୫୭ | ୦.୭୧ | ୪୮୬ | ୪୮୩ | ଶାରଦ-୧ | ୦.୬୦୫ | ୦.୬୦୫ | ୮୫.୨୧ | ୧୦୦ |
| ୩୯ | ତପନ କୁମାର ନନ୍ଦ | ତପନ କୁମାର ନନ୍ଦ | ଗୃହକର୍ତ୍ତା | ୧ | ୪୬ | ୧୫.୧୦୫ | ୫୦୩/ ୫୬୫ | ୮୩୯ | ଶାରଦ-୨ | ୦.୦୨୫ | ୦.୦୨୫ | ୦.୧୭ | ୧୦୦ |
| ୪୦ | ଦାମୋଦର ଦଳେଇ | ଦାମୋଦର ଦଳେଇ | ଗୃହକର୍ତ୍ତା | ୧ | ୮୪ | ୦.୩୫ | ୫୦୩/ ୪୬୩ | ୮୪୧ | ଜଳାଶୟ-୨ | ୦.୦୭ | ୦.୦୫ | ୨୦.୦୦ | ୭୧.୪୩ |
| ୪୧ | | ଜତିନ୍ଦ୍ର ଦଳେଇ | ପୁଅ | ୧ | ୪୬ | | | | | | | | |
| ୪୨ | ମହେନ୍ଦ୍ର ଦଳେଇ | ମହେନ୍ଦ୍ର ଦଳେଇ | ଗୃହକର୍ତ୍ତା | ୧ | ୫୦ | | | | | | | | |
| ୪୩ | ଉପେନ୍ଦ୍ର ଦଳେଇ | ଉପେନ୍ଦ୍ର ଦଳେଇ | ଗୃହକର୍ତ୍ତା | ୧ | ୩୯ | | | | | | | | |
| ୪୪ | ରାଜେନ୍ଦ୍ର ଦଳେଇ | ରାଜେନ୍ଦ୍ର ଦଳେଇ | ଗୃହକର୍ତ୍ତା | ୧ | ୩୪ | | | | | | | | |
| ୪୫ | କୋରେଶ ବିବି | କୋରେଶ ବିବି | ଗୃହକର୍ତ୍ତା | ୨ | ୪୪ | ୦.୦୮ | ୫୦୩/ ୩୦୫ | ୪୦୬/୧ ୪୪୭ | ଘରବାରି -୧ | ୦.୦୪ | ୦.୦୩ | ୫୦.୦୦ | ୭୫ |
| ୪୬ | | ମୁସ୍ତକୀନ ଅଲ୍ଲୀଖାନ | ସ୍ୱାମୀ | ୧ | ୪୪ | | | | | | | | |
| ୪୭ | | ଖାଲିଲ ପରୱିନ୍ \| | ଝିଅ | ୨ | ୨୪ | | | | | | | | |
| ୪୮ | ଗୋଦାବରୀଶ ମିଶ୍ର | ଗୋଦାବରୀଶ ମିଶ୍ର | ଗୃହକର୍ତ୍ତା | ୧ | ୭୦ | ୦.୪୧୨ | ୧୨୩ | ୪୦୯, ୩୮୯ | ଶାରଦ-୧, ଘରବାରି -୨ | ୦.୩୩୬ | ୦.୧୩୩ | ୮୧.୫୫ | ୩୯.୫୮ |
| ୪୯ | | ସୁଧାରଞ୍ଜନ ମିଶ୍ର | ପୁଅ | ୧ | ୩୮ | | | | | | | | |

| କ୍ର. ସଂ | ରେକର୍ଡଧାରୀ ଙ୍କ ନାମ | ଦାବିଦାରଙ୍କ ନାମ | ସମ୍ପର୍କ | ଲିଙ୍ଗ | ବୟସ | ମାଲିକାନାରେ ଥିବା ଜମି | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ପ୍ରଭାବିତ ହେଉଥିବା ସମୁଦାୟ ଜମି | ଅଧିଗ୍ରହଣ ହେଉଥିବା ସମୁଦାୟ ଜମି | ପ୍ରଭାବିତ ଜମି ମାଲିକାନାରେ ଥିବା ଜମିର କେତେ ପ୍ରତିଶତ | ଅଧିଗ୍ରହଣ ହେଉଥିବା ଜମି ପ୍ରଭାବିତ ଜମିର କେତେ ପ୍ରତିଶତ |
|---|---|---|---|---|---|---|---|---|---|---|---|---|---|
| ୫୦ | | ଜ୍ୟୋତିରଞ୍ଜନ ମିଶ୍ର | ପୁଅ | ୧ | ୩୭ | | | | | | | | |
| ୫୧ | | ବିଶ୍ୱରଞ୍ଜନ ମିଶ୍ର | ପୁଅ | ୧ | ୩୫ | | | | | | | | |
| ୫୨ | ଚକ୍ରଧର ସାହୁ | ଚକ୍ରଧର ସାହୁ | ଗୃହକର୍ତ୍ତା | ୧ | ୫୩ | ୦.୧୯୨ | ୨୮୪ | ୧୨୭୪ | ଜଳାଶୟ-୨ | ୦.୦୭୨ | ୦.୦୭୨ | ୩୭.୫୦ | ୧୦୦ |
| ୫୩ | | ଚିନ୍ମୟୀ ସାହୁ | ଝିଅ | ୨ | ୧୯ | | | | | | | | |
| ୫୪ | ହଳଧର ସାହୁ | ହଳଧର ସାହୁ | ଗୃହକର୍ତ୍ତା | ୧ | ୪୨ | | ୨୮୪ | ୧୨୭୪ | | | | | |
| ୫୫ | କଢ ସାହୁ | କଢ ସାହୁ | ଗୃହକର୍ତ୍ତା | ୨ | ୭୩ | ୦.୫୪ | ୧୮୬ | ୧୨୭୬ | ଜଳାଶୟ-୨ | ୦.୨୨୫ | ୦.୦୮ | ୪୧.୬୭ | ୩୫.୫୬ |
| ୫୬ | | ଗୋଲଖ ସାହୁ | ପୁଅ | ୧ | ୫୧ | | | ୧୨୬୫ | | | | | |
| ୫୭ | | ଆରକ୍ଷିତ ସାହୁ | ପୁଅ | ୧ | ୪୦ | | | ୧୨୬୬ | | | | | |
